ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ ୨୦୨୩ ସଂଖ୍ୟା

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଶିବରାତ୍ରୀ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ସମସ୍ତ ଶୁଭେଚ୍ଛୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସଂପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୯ |
| **ଗଳ୍ପ ବିଭାଗ** | | **୨୧** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୮ | ଅଶୋକ ବିଶ୍ୱାଳ | ୨୨ |
| ତୁମେ ଯେତେବେଳେ ଚାହିଁବ - ୨ | ଦୀପକ ଷଡ଼ଙ୍ଗୀ | ୩୪ |
| ବିଶ୍ୱସ୍ତ ବିଶ୍ୱର ବାଦଶା | କିଶୋର ଆକାଶ | ୩୭ |
| ଧକା | ଦେବାର୍ଚ୍ଚନ ମେହେର | ୫୦ |
| ମଙ୍ଗଳବାଦ୍ୟ ଅନ୍ତରାଳେ | ସୁନନ୍ଦା ମହାନ୍ତି | ୫୨ |
| ଅକୁହା କଥା | ସୁବ୍ରତ କୁମାର ପ୍ରଧାନ | ୫୬ |
| ଅସହଜ | ସରୋଜ କୁମାର ସାହୁ | ୫୯ |
| ସୁଟୁନା | ସିଦ୍ଧାନ୍ତ ପଲେଇ | ୬୧ |
| କ୍ଲାନ୍ତ ବରଗଛ - ୧ | କିଷାନ ମହାକୁର | ୬୫ |
| **କବିତା ବିଭାଗ** | | **୭୦** |
| ଜିଜ୍ଞାସା | ଶିବ ନାରାୟଣ ଦାଶ | ୭୪ |
| ଶ୍ମଶାନ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୭୬ |
| ଦିନ ଗଡ଼େ, ରାତି ପୁଣି ଆସୁଛି | ତାରା ପ୍ରସାଦ ଜେନା | ୮୦ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆଜିର ଯୁବପୀଢ଼ି ଓ ଭ୍ୟାଲେଣ୍ଟାଇନ୍ ଡେ | ଅମୃତ ନାରାୟଣ ଶତପଥୀ | ୮୧ |
| କୋଳ | ସୁହଂସ ଭୋଇ | ୮୩ |
| ଗଢ଼ି ଜାଣିଲେ ସବୁ ସୁନ୍ଦର | ବାସନ୍ତୀ ଲତା ଜେନା | ୮୫ |
| ଜୀବନ | ଲକ୍ଷ୍ମୀପ୍ରିୟା ଧରୁଆ | ୮୬ |
| ଓଡ଼ିଆ ବୀର ପାଇକ | କୁନା ସେଠୀ | ୮୭ |
| ଶେଷ ଉପହାର | ନୀଳମଣି ଚାନ୍ଦ | ୮୯ |
| ମନ ପ୍ରଜାପତି | ନିରୁପମା ପାଣି | ୯୦ |
| ଅକଲ ମକଲ ଟକଲ ଟିଆଁ | ପ୍ରକାଶ କୁମାର ଚାନ୍ଦ | ୯୧ |
| ସଂକ୍ରାନ୍ତି ବିଶେଷ ମକର | ଦୀନବଂଧୁ ବେଜ | ୯୨ |
| ବାକି କଥା ହେବି ପରେ | ଲକ୍ଷ୍ମୀପ୍ରିୟା ପରିଡ଼ା | ୯୪ |
| ମାଁ ଗଙ୍ଗା | ଅଲେଖ ମେହେର | ୯୫ |
| ପଙ୍କଜ ଯୋନି ତନୁଜା | ରାମ ଚନ୍ଦ୍ର ପ୍ରଧାନ | ୯୬ |
| ଜାଗର | ଲକ୍ଷ୍ମୀପ୍ରିୟା ମହାରଣା | ୯୭ |
| ନାରୀ | କୁନାଳ ମଲ୍ଲିକ | ୯୮ |
| ଏ ମନ ଦର୍ପଣ | ନିରଞ୍ଜନ ସାହୁ | ୯୯ |
| ପ୍ରିୟା | ଦିବାକର ନାୟକ | ୧୦୦ |
| ମୃତ୍ୟୁ | ଲକ୍ଷ୍ମଣ ଭୋଇ | ୧୦୧ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ବିଜ୍ଞାପନ | ମୃତ୍ୟୁଞ୍ଜୟ ପାତ୍ର | ୧୦୪ |
| ସ୍ମୃତି | ଜ୍ୟୋତି ରଞ୍ଜନ ଯତି | ୧୦୫ |
| କରିବୁ ନାହିଁ ଅନର୍ଥ | ନରେନ୍ଦ୍ର ପ୍ରସାଦ ବେହେରା | ୧୦୭ |
| ମୋର କଣ ହେବ | ବନବିହାରୀ ମିଶ୍ର | ୧୦୯ |
| ବିଶ୍ୱ କଲ୍ୟାଣ | ମନୋରଞ୍ଜନ ସୁରୁଜାଳ | ୧୧୧ |
| ବେଳାଭୂମି ଚିହ୍ନ | ଆଶୁତୋଷ ମେହେର | ୧୧୩ |
| ଜୀବନ ହିଁ ଏକ ବ୍ୟାକରଣ | ରଞ୍ଜିତା ରାଉଳ | ୧୧୪ |
| ପ୍ରେମ ଦର୍ପଣ | ସୁନନ୍ଦା ମହାନ୍ତି | ୧୧୬ |
| ତୁମରି ମହିମା | ରାମ ପ୍ରସାଦ ସିଂହ | ୧୧୮ |
| ସନ୍ଦେହର ନୀଡ଼ | ଆଦରମଣି ପ୍ରଧାନ | ୧୧୯ |
| ଦେଖାଦିଅ ଚନ୍ଦ୍ରମୁଖୀ | ବାଲାଜୀ ସେଠୀ | ୧୨୦ |
| ଲୁହ | ବର୍ଷାରାଣୀ ମହାମଲ୍ଲିକ | ୧୨୧ |
| ମନର ମଣିଷ | ସରୋଜ କୁମାର ସାହୁ | ୧୨୩ |
| ବନ୍ଦେ ଭାରତ ମାତା | ସରୋଜିନୀ ମିଶ୍ର | ୧୨୪ |
| କଳଙ୍କ | ପ୍ରଶାନ୍ତ କୁମାର ନାଥ | ୧୨୬ |
| ଜୀବନ ସାଥୀ | ରାକେଶ ଭୋକ୍ତା | ୧୨୭ |
| ସଂସାରକୁ ମୋର ତମେ ହିଁ ଭରସା | ପଙ୍କଜ କୁମାର ମଙ୍ଗଳ | ୧୨୮ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ତୁମେ | ଦିନେଶ ମେହେର | ୧୩୧ |
| ବିକଳାଙ୍ଗ | ଆୟୁଷ ବଢ଼ାଇ | ୧୩୩ |
| ଅଭୁଲା ପ୍ରେମ | ସତ୍ୟବ୍ରତ ବାରିକ | ୧୩୫ |
| ସ୍ମିତ ହାସ୍ୟ | ପ୍ରଗନ୍ କୁମାର ପାତ୍ର | ୧୩୬ |
| ତୁମ ପ୍ରତୀକ୍ଷାରେ | ସିଦ୍ଧେଶ୍ୱର ତ୍ରିପାଠୀ | ୧୩୭ |
| ଦିବ୍ୟ ସୃଜନୀ | କିଷାନ ମହାକୁର | ୧୩୮ |
| ଭାଷା ଆନ୍ଦୋଳନ | ସୁରେଶ ଚନ୍ଦ୍ର ପାଢ଼ୀ | ୧୩୯ |
| କେ ବୁଝିବ ଚାଷୀ ଦୁଃଖ | ଶାନ୍ତନୁ କୁମାର ରାଉତ | ୧୪୧ |
| ମାଆ ବୀଣାପାଣି | ପ୍ରହ୍ଲାଦ ସାହୁ | ୧୪୨ |
| ଆଖି | କଲ୍ୟାଣୀ ଦାଶ | ୧୪୪ |
| ତମ ଦେହ | ଡା ନୀଳମାଧବ କର | ୧୪୫ |
| ମାଗଣା ଖିଆଙ୍କୁ ଦୂରୁ ଜୁହାର | ରାଧାମୋହନ ପୂଜାହାରୀ | ୧୪୬ |
| ମାତା ପ୍ରଣୋଦେବୀ ସରସ୍ୱତୀ | ଦଣ୍ଡାସି ପ୍ରଧାନ | ୧୪୯ |
| ମୋ ଜନ୍ମଦିନ | ରାକେଶ ମୁଦୁଲି | ୧୫୩ |
| **ଲୋକଭାଷା ବିଭାଗ** | | **୧୫୪** |
| ଲକ୍ଷ୍ମୀ ପୁରାନ୍ | ସତ୍ୟ ନାରାୟଣ ମିଶ୍ର | ୧୫୫ |
| ନୂଆଁ ସକାଲ୍ | ସତ୍ୟ ନାରାୟଣ ମିଶ୍ର | ୧୫୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମୁନୁଷ୍ ଜୀବନର୍ ନିଦାନ୍ | ସୁନୀଲ କୁମାର ଅଗସ୍ତି | ୧୬୦ |
| ସୋର୍ ଲାଗୁଛେଁ ମୋର୍ ଗାଁ | ବର୍ଷାରାଣୀ ମହାମଲ୍ଲିକ | ୧୬୨ |
| **ପ୍ରବନ୍ଧ ବିଭାଗ** | | **୧୬୫** |
| ମାଘ ସପ୍ତମୀ | ପ୍ରହ୍ଲାଦ ସାହୁ | ୧୬୬ |
| ସାମ୍ପ୍ରତିକ ସମୟବୋଧ | ଡଃ ମନୋରଞ୍ଜନ ବିଷୋୟୀ | ୧୭୦ |
| ଜାତୀୟ ଯୁବ ଦିବସ | ଅସିତ ମହାନ୍ତି | ୧୭୩ |
| ଉତ୍କଳମଣୀ ଗୋପବନ୍ଧୁ | ପବିତ୍ରା ଧଳ ମଲ୍ଲିକ | ୧୭୮ |
| ବିପ୍ଲବୀ ଭଗତ ସିଂ | ଅକ୍ଷୟ କୁମାର ରାଉତ | ୧୮୮ |
| ସତ୍ୟ ହୋଇଥିଲେ ସାଂଘାତିକ | ଶଙ୍କର ବିଶ୍ୱାଳ | ୧୯୩ |
| ଆମେ କଣ ସତରେ ସ୍ୱାଧୀନ ? | ଅନନ୍ତ କୁମାର | ୧୯୬ |
| ରହସ୍ୟମୟ ଇତିହାସ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୯୯ |
| **ବିଶେଷ ସୂଚନା** | | **୨୦୨** |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲ୍ ଆଜି ହିଁ ସବସ୍କ୍ରାଇବ୍ କରନ୍ତୁ । ଏବଂ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ସୁନିର୍ବାଚିତ କଥା କାହାଣୀ ସବୁ ଶୁଣିବାକୁ ପାଆନ୍ତୁ ।

**https://www.youtube.com/@aahwaan**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



# ସମ୍ପାଦକଙ୍କ କଲମରୁ...

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଫେବୃଆରୀ ୨୦୨୩ ସଂସ୍କରଣ ସହିତ ମୁଁ ଉପସ୍ଥିତ । ବର୍ଷ ୨୦୦୬ ଫେବୃଆରୀରେ ଆହ୍ୱାନ ଇ-ପତ୍ରିକାର ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା । ଅର୍ଥାତ ଆହ୍ୱାନ ଇ-ପତ୍ରିକା ପୁଣି ବର୍ଷଟିଏ ପୁରୁଣା ହୋଇଗଲା । ଅବଶ୍ୟ ଅଷ୍ଟାଦଶ ବର୍ଷରେ ଆହ୍ୱାନ ବର୍ତ୍ତମାନ ଯୁବସୁଲଭ ଉଦ୍ଦାମତାକୁ ଗ୍ରହଣ କରିଛି । ଅନେକ ଅନେକ ନୂତନ ସାହିତ୍ୟିକଙ୍କ ଉପସ୍ଥିତି ଏହାକୁ ଆହୁରି ସମୃଦ୍ଧ କରିବା ନିଶ୍ଚିତ । ପ୍ରତ୍ୟେକ ସଂସ୍କରଣ ସହ ଅନେକ ନବୀନ ସାହିତ୍ୟ ସୃଷ୍ଟିକର୍ତ୍ତାଙ୍କ ଆଗମନ ଆମ ପତ୍ରିକାକୁ ପୁନଶ୍ଚ ନୂତନ ଉର୍ଜାରେ ଭରି ଦେଉଛି । ଆପଣ ସମସ୍ତଙ୍କ ଭଲପାଇବା ହିଁ ଏହି ପତ୍ରିକାର ଦୀର୍ଘଜୀବନର ରହସ୍ୟ ।

ବିଦେଶରେ ରହୁଥିବା ଓଡ଼ିଆ ଭାଷାଭାସୀ ବନ୍ଧୁଙ୍କୁ ପ୍ରତ୍ୟେକ ମାସରେ ଓଡ଼ିଆ ଭାଷାରେ ପତ୍ରିକାଟିଏ ଉପଲବ୍ଧ କରାଇବାର ପ୍ରଚେଷ୍ଟାର ଫଳ ସ୍ୱରୂପ ଜନ୍ମ ନେଇଥିଲା, ଆହ୍ୱାନ ଯାହା ଅଦ୍ୟବଧି ଅଠର ବର୍ଷ ଅନବରତ ପ୍ରକାଶିତ ହୋଇ ଏକ ରେକର୍ଡ୍ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଆମ ଭାଷା କେତେ ସମୃଦ୍ଧ ତାହା ପ୍ରମାଣ ଆହ୍ୱାନ ଇ-ପତ୍ରିକାର ପ୍ରତ୍ୟେକ ସଂସ୍କରଣ । ଅସଂଖ୍ୟ ଉଦୀୟମାନ ତଥା ପ୍ରବୀଣ ସାହିତ୍ୟିକଙ୍କ କୃତିକୁ ନିଜ ମଧ୍ୟରେ ବାନ୍ଧି ରଖିବାର ସଫଳ ଉଦ୍ୟମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରେ ଆହ୍ୱାନ ଇ-ପତ୍ରିକା । ସର୍ବଦା ନବୀନ ଲେଖିକା ଓ ଲେଖକ ମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟ ଏହି ପତ୍ରିକାକୁ ସର୍ବବ୍ୟାପୀ ଏବଂ ଲୋକପ୍ରିୟ କରିଛି । ଜଣେ ସାହିତ୍ୟିକ ପ୍ରାରମ୍ଭିକ ପର୍ଯ୍ୟାୟରେ ବିଭିନ୍ନ ପତ୍ରପତ୍ରିକାକୁ ନିଜସ୍ୱ କୃତି ପଠାଇବା ସତ୍ତ୍ୱେ ଯେତେବେଳେ କୌଣସି ସକାରାତ୍ମକ ପ୍ରତିକ୍ରିୟା ପାଆନ୍ତି ନାହିଁ, ଅଧିକାଂଶ ଲେଖକଙ୍କ କଲମ ସେତେବେଳେ ସ୍ଥାଣୁ ହୋଇଯାଏ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ଜଗତ ଜଣେ ସାହିତ୍ୟିକଙ୍କୁ ହରାଏ, ସେଇଥିପାଇଁ ଆହ୍ୱାନକୁ ଲେଖା ପଠାଉଥିବା ସମସ୍ତ ଲେଖକଙ୍କ କୃତିକୁ ଆମେ ସମ୍ମାନ ଦେଇଥାଉ ଏବଂ ଅତି ଅଶୋଭନୀୟ ବା ସମାଜ ପରିପନ୍ଥୀ ନ ହୋଇଥିଲେ ଆପଣଙ୍କ ସମସ୍ତ ଲେଖାକୁ ଆମେ ଆମ ପତ୍ରିକାରେ ସ୍ଥାନ ନିଶ୍ଚୟ ଦେଇଥାଉ । ନିଜର କୃତିକୁ ପ୍ରକାଶିତ ପତ୍ରିକାର ପୃଷ୍ଠାରେ ଦେଖିବାର ଦୁର୍ବାର କାମନା ଅନେକ ନବୀନ ଲେଖକଙ୍କୁ ଆହ୍ୱାନ ପ୍ରତି ଆକର୍ଷିତ କରେ । ଅନେକ ସାମ୍ପ୍ରତିକ ସମୟରେ ଚର୍ଚ୍ଚିତ ସାହିତ୍ୟିକ ନିଜର ସାହିତ୍ୟପ୍ରୀତି ପ୍ରଥମେ ଆହ୍ୱାନର ଫର୍ଦ୍ଦରେ ପ୍ରକାଶିତ କରାଇବା ପରେ ଅନ୍ୟ ସ୍ଥାନରେ ମଧ୍ୟ ସଫଳ ହୋଇଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରୋତ୍ସାହନ ଦେଇ ଆମେ ସାହିତ୍ୟ କର୍ମୀଙ୍କୁ ଉତ୍ସାହିତ କରୁ । କିଏ ଜାଣେ ସେମାନଙ୍କ ମଧ୍ୟରେ କିଏ ଆଗାମୀ ଦିନରେ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ନ ହେବ ? ଆପଣ ମଧ୍ୟ ଯଦି ଓଡ଼ିଆ ଭାଷାରେ କିଛି ଲେଖାଲେଖି କରୁଥାନ୍ତି, ତା ହେଲେ ନିଃଶଙ୍କୋଚ ନିଜର କୃତି ଆମ ପତ୍ରିକାକୁ ପ୍ରେରଣ କରନ୍ତୁ ।

ଅନେକ ବନ୍ଧୁ ଏହି ପତ୍ରିକା ସହ ଅନେକ ବର୍ଷରୁ ସଂଶ୍ଳିଷ୍ଟ ଅଛନ୍ତି, ଅଥଚ ସେମାନେ ସାହିତ୍ୟ ସୃଷ୍ଟି କରନ୍ତି ନାହିଁ । ସେମାନେ ପାଠକ ଏବଂ ସମାଲୋଚକ ହୋଇପାରନ୍ତି । କିନ୍ତୁ ସେମାନେ ନିଜସ୍ୱ ମତାମତ ଦ୍ୱାରା ଅନେକ ଲେଖକଙ୍କୁ ଅଧିକ ଉତ୍ସାହିତ କରିଛନ୍ତି । ସେମାନଙ୍କ ସ୍ନେହ, ଶ୍ରଦ୍ଧା ଆହ୍ୱାନର ଦୀର୍ଘଜୀବନର ଏକ ଅନ୍ୟ କାରଣ । ସମସ୍ତଙ୍କୁ ମୁଁ ହୃଦୟରୁ ଧନ୍ୟବାଦ ଦେଉଛି । ଆଶା କରୁଛି ଆହ୍ୱାନ ଇ-ପତ୍ରିକା ଏହାର ମୂଳ ଉଦ୍ଦେଶ୍ୟରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେବେ ବି ବିଚ୍ୟୁତ ନ ହୋଇ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଅନବରତ କାର୍ଯ୍ୟ କରୁଥିବ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତ ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ସଦସ୍ୟଙ୍କୁ ଆଶୀର୍ବାଦ ନିଶ୍ଚୟ କରିବେ ବୋଲି ମୋର ପ୍ରାର୍ଥନା ।

ଆମ ରାଜ୍ୟ ଓଡ଼ିଶା ସଦ୍ୟ ସମାପନ ହୋଇଥିବା ହକି ବିଶ୍ୱକପର ଉତ୍ସବ ମୁଖର ସମୟରୁ ବିରତି ନେବାପୂର୍ବରୁ ରାଜ୍ୟର ଜଣେ ଶାସକ ଦଳର ପ୍ରମୁଖ ସଦସ୍ୟଙ୍କ ହତ୍ୟାରେ ସ୍ତବ୍ଧ ହୋଇ ଯାଇଥିଲା । ଓଡ଼ିଶା ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ନବ ଦାସଙ୍କୁ ତାଙ୍କର ଜଣେ ସୁରକ୍ଷାକର୍ମୀ ଅତି ନିକଟରୁ ଗୁଳି ଚଳାଇ ହତ୍ୟା କରିଥିଲେ । ଏହି ଘଟଣା ଅପ୍ରତ୍ୟାଶିତ ଭାବରେ ଘଟିଥିଲା ଯାହା କେହି ଆଦୌ ସ୍ୱପ୍ନରେ ସୁଦ୍ଧା ଭାବି ନଥିବେ । କୁହାଯାଉଛି, ଯେ ହତ୍ୟା ପଛରେ ଥିବା ପୁଲିସ କର୍ମଚାରୀଙ୍କ ମାନସିକ ଅବସ୍ଥା ସ୍ଥିର ନଥିଲା । ଏବଂ ଏହାକୁ ନେଇ ଅଧିକ ତଦନ୍ତ ଚାଲିଛି । ବିଭିନ୍ନ ମହଲରୁ ଏହି ହତ୍ୟାକାଣ୍ଡର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ଚର୍ଚ୍ଚା ବି ହେଉଛି, ହେଲେ ପ୍ରକୃତ କାରଣ କଣ, ତାହା କେବେଳ ତଦନ୍ତ ସମାପ୍ତ ହେବା ପରେ ଜଣା ପଡ଼ିବ । ଏହିଭଳି ଘଟଣା ଆଗରୁ ଓଡ଼ିଶାରେ ବିରଳ ଥିଲା, ଅବଶ୍ୟ ରାଷ୍ଟ୍ରୀୟ ସ୍ତରରେ ଶ୍ରୀମତି ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ସୁରକ୍ଷାକର୍ମୀ ହତ୍ୟା କରିଥିଲେ, ରାଜେଶ ପାଇଲଟ ଏବଂ ଆହୁରି କିଛି ପ୍ରମୁଖ ନେତାଙ୍କୁ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ହତ୍ୟାର ଶୀକାର ହେବାକୁ ପଡ଼ିଥିଲା । ଏହି ହତ୍ୟାକାଣ୍ଡ ପରେ କିଛି ନେତା ନିଜର ସୁରକ୍ଷା ବଳୟ ହଟାଇଦେବା ପାଇଁ ଅନୁରୋଧ କରୁଥିବା ଜଣାଯାଇଛି ।

ଗତକାଲି ଭୁବନେଶ୍ୱର ସ୍ଥିତ ବାଣୀବିହାର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ସଂଗୋଷ୍ଠୀରେ ଜନୈକ ଜେଏନୟୁର ପ୍ରଧ୍ୟାପକଙ୍କୁ ବିରୋଧ ଏବଂ ଜନ ଆକ୍ରୋଶର ଶୀକାର ହେବାଭଳି ଘଟଣା ଖବରରେ ପ୍ରକାଶିତ ହୋଇଛି । "ଭାରତୀୟ ସମ୍ବିଧାନ ଏବଂ ଶିକ୍ଷାବ୍ୟବସ୍ଥା" ବିଷୟରେ ସିଟିଜେନ୍ ଫୋରମ ତରଫରୁ ପିଜି କାଉନସିଲ ହଲଠାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆୟୋଜିତ ଏହି ସମାରୋହରେ ଜବାହାର ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଧ୍ୟାପକ ସୁରଜିତ ମଜୁମଦାର ନିଜର ବକ୍ତବ୍ୟ ଉପସ୍ଥାପନ କରୁଥିବା ସମୟରେ କିଛି ଛାତ୍ର ତାଙ୍କ ବକ୍ତବ୍ୟର ବିରୋଧ କରିଥିଲେ ଏବଂ କଥା କଟାକଟି ପରେ ଉତ୍ତ୍ୟକ୍ତ ଅବସ୍ଥା ଆଡ଼କୁ ଗତି କରିବାପରେ କାର୍ଯ୍ୟକ୍ରମକୁ ଅଧାରୁ ହିଁ ବନ୍ଦ କରିବାକୁ ପଡ଼ିଥିଲା । ଉଭୟ ପକ୍ଷ ଶହୀଦନଗର ଥାନାରେ ପରସ୍ପର ବିରୋଧରେ ମାମଲା ରୁଜୁ କରିଛନ୍ତି । ଶୁଣାଯାଉଛି ଯେ ପ୍ର. ମଜୁମଦାର ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତୀୟ ଗଣତନ୍ତ୍ର ବର୍ତ୍ତମାନ ବିପଦରେ ରହିଛି । ଉଚ୍ଚ ବର୍ଗର ବ୍ୟକ୍ତିମାନେ ଦେଶକୁ ଶାସନ କରୁଛନ୍ତି, ଏବଂ ଏହାକୁ ଆମେ ସମସ୍ତେ ମିଳିମିଶି ବିରୋଧ କରିବା ଉଚିତ ହେବ । ଏହାପରେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ନେତା ମାନସ ସାହୁ ଏହି ବକ୍ତବ୍ୟର ବିରୋଧ କରିଥିଲେ ଏବଂ ପରେ ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା ।

ପାଣିପାଗ ବିଭାଗ ରାଜ୍ୟପାଇଁ ବିପଦ ସଙ୍କେତ ଜଣାଇଛନ୍ତି । ନିକଟରେ ଭାରତୀୟ ପାଣିପାଗ ବିଭାଗ ତରଫରୁ ପ୍ରକାଶିତ ସୂଚନାରେ କୁହାଯାଇଛି ଯେ ସମ୍ଭବତଃ ଭୁବନେଶ୍ୱର ସହର ଚଳିତ ଗ୍ରୀଷ୍ମ ଋତୁରେ ବିଗତ ଚାଳିଶି ବର୍ଷର ସର୍ବାଧିକ ତାପମାତ୍ରାର ରେକର୍ଡକୁ ପାର କରିଯିବ । ଫେବୃଆରୀ ୧୯୬୩ରେ ସର୍ବାଧିକ ୪୨.୭ ଡିଗ୍ରୀ ରେକର୍ଡ୍ ହୋଇଥିଲା । ବର୍ତ୍ତମାନ ରାଜଧାନୀର ତାପମାତ୍ରା ୩୫.୪ ଡିଗ୍ରୀ ପହଞ୍ଚି ସାରିଲାଣି । ଏବଂ ଏହି ପାଣିପାଗ ବଦଳିବାର କୌଣସି ପୂର୍ବାନୁମାନ ନାହିଁ ।

ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଓଡ଼ିଶାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଥିବା ବେଳେ ଏହିଭଳି ସଙ୍କେତ ରାଜ୍ୟ ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି ନିଶ୍ଚୟ ।

ଆତଙ୍କବାଦୀ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ଥିବା ସନ୍ଦେହରେ ଓଡ଼ିଶାର କଟକରୁ ଗିରଫ ହୋଇଥିବା ଅବଦୁର୍ ରହମାନ ସମେତ ଚାରିଜଣ ବ୍ୟକ୍ତିଙ୍କୁ ଭାରତୀୟ ଉପଦ୍ୱୀପ ଅଞ୍ଚଳରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅଲ କାଏଦାର କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିବା ଦର୍ଶାଇ ଦିଲ୍ଲୀର ଏକ ଅଦାଲତ ଦୋଷୀ ବୋଲି ସାବ୍ୟସ୍ତ କରିଛନ୍ତି । ସେମାନେ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବିସ୍ତାର କରିବା ସହ ଅଲ କାଏଦା ପାଇଁ ନୂତନ ସଦସ୍ୟ ଯୋଡ଼ିବା କାର୍ଯ୍ୟରେ ନ୍ୟସ୍ତ ଥିଲେ ବୋଲି ତଦନ୍ତରୁ ଜଣା ପଡ଼ିଛି ।

ଯଦି ଏହି ମାମଲାରେ ଦଣ୍ଡବିଧାନ ହୁଏ ସର୍ବାଧିକ ଆଜୀବନ ସଶ୍ରମ କାରାଦଣ୍ଡ ଆଦେଶ ମିଳିପାରେ । ଅବଶ୍ୟ ଏହାପରେ ଅଭିଯୁକ୍ତମାନେ ଉଚ୍ଚ ଅଦାଲତରେ ପୁନଶ୍ଚ ଆବେଦନ କରି ପାରିବେ । ପୋଲିସ ସୂଚନା ଦେଇଛନ୍ତି ଯେ ରହମାନର ସଂପର୍କ ସୁଦୂର ସାଉଦୀ ଆରବ ସମେତ ପାକିସ୍ତାନ ଏବଂ ଦୁବାଇ ସହିତ ଥିଲା । ଏବଂ ଏହି ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବିଦେଶରୁ ପ୍ରଚୁର ଅର୍ଥ ପାଇଥିଲା ।

ଚଳିତ ମାସର ଛଅ ତାରିଖ ଦିନ ମଧ୍ୟ ପ୍ରାଚ୍ୟର ଦୁଇଟି ଦେଶ ତୁର୍କୀୟେ ଏବଂ ସିରିଆରେ ଆସିଥିବା ଭୟାବହ ଭୂକମ୍ପ ଦ୍ୱାରା ବର୍ତ୍ତମାନ ସୁଦ୍ଧା ତେତିଶି ହଜାରରୁ ଅଧିକ ଜନ ସାଧାରଣ ନିଜ ପ୍ରାଣ ହରାଇ ସାରିଥିବା ବେଳେ ଲକ୍ଷାଧିକ ଆହତଙ୍କ ଚିକିତ୍ସା ଚାଲିଛି । ସୂଚନା ଯୋଗ୍ୟ ଯେ ରିକ୍ଟର ସ୍କେଲରେ ସାତରୁ ଅଧିକ ଅଙ୍କର ଏକ ବିଶାଳ ଭୂମିକମ୍ପ ତୁର୍କୀୟେ ଦେଶର ମଧ୍ୟ ଭାଗକୁ ଛଅ ତାରିଖ ପ୍ରାତଃ କାଳରେ ଥରାଇ ଦେଇଥିଲେ । ଅଧିକାଂଶ ଲୋକ ନିଜ ଘରେ ଶୋଇଥିବା ବେଳେ ଏହି ପ୍ରଚଣ୍ଡ ଭୂମିକମ୍ପ ଫଳରେ ପାଖାପାଖି ଅଠେଇଶି ଶହରୁ ଅଧିକ ପ୍ରାସାଦ ଧରାଶାୟୀ ହୋଇଗଲେ । ଭୂମିକମ୍ପର ଭୟାବହତା ଏତେ ଅଧିକ ଥିଲା ଯେ ବର୍ତ୍ତମାନ ସୁଦ୍ଧା ଭାଙ୍ଗି ପଡ଼ିଥିବା ବହୁତଳ ପ୍ରାସାଦର ଭଙ୍ଗା ଅଂଶକୁ ସଫା କରିବା କାର୍ଯ୍ୟ ସରୁନାହିଁ, ଏବଂ ଅନେକ ଲୋକ ସେହି ଭଙ୍ଗା ପ୍ରାସାଦ ତଳେ ଏବେ ମଧ୍ୟ ବଞ୍ଚି ରହିଥିବା ଜଣା ପଡିଛି । ଏଭଳି ଭୟାବହ ତୀବ୍ରତାର ଭୂମିକମ୍ପ ବିଶ୍ୱ ଇତିହାସରେ ବିରଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୂମିକମ୍ପ ହେବାର କିଛି ସମୟ ମଧ୍ୟରେ ସମଗ୍ର ବିଶ୍ୱରେ ଏହି ଖବର ବ୍ୟାପୀ ଯାଇଥିଲା । ଭାରତ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ କରି ଜାତୀୟ ବିପଦ ପ୍ରଶମନ ସଂସ୍ଥାର ସଦସ୍ୟ ସମେତ ଡାକ୍ତର ଏବଂ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ସହ ଯୁଦ୍ଧକାଳୀନ ଭିତ୍ତିରେ ସହାୟତା ଯୋଗାଇ ଦେଇଥିଲେ । ଭାରତର ସ୍ୱେଚ୍ଛାସେବୀ ମାନେ ବର୍ତ୍ତମାନ ତୁର୍କୀୟେ ଏବଂ ସିରିଆରେ ଦିନରାତି କାର୍ଯ୍ୟ କରୁଛନ୍ତି । ଏହା ସହ ଅନେକ ମାନବୀୟ ସହାୟତା ମଧ୍ୟ ଭାରତ ତରଫରୁ ଯୋଗାଇ ଦିଆଯାଇଛି । ଏହି ବିପତ୍ତିରୁ ଉଦ୍ଧାର ପାଇବା ଏବଂ ଦେଶର ଅର୍ଥବ୍ୟବସ୍ଥା ତଥା ଜନମାନସକୁ ସ୍ଥିର କରିବାକୁ ଏକ ଦଶନ୍ଧୀରୁ ବି ଅଧିକ ସମୟ ଲାଗିପାରେ ବୋଲି ଅନୁମାନ ଲଗାଯାଉଛି ।

ସୂଚନାଯୋଗ୍ୟ ଯେ ତୁର୍କୀୟେ ସର୍ବଦା ଭାରତ ବିପକ୍ଷରେ ମନ୍ତବ୍ୟ ଦେଇ ଆସିଛି । ବିଶ୍ୱସ୍ତରରେ ଅନେକ ରାଜନୈତିକ ତଥା କୁଟନୈତିକ ମାମଲାରେ ସେ ସମଧର୍ମୀ ପାକିସ୍ତାନ ସରକାରଙ୍କୁ ସମର୍ଥନ କରୁଥିବା ବେଳେ କାଶ୍ମୀର ମାମଲାରେ ମଧ୍ୟ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛି । ବିଶ୍ୱ ଜାଣେ ଯେ ତୁର୍କୀୟେ ଭାରତ ମିତ୍ର ରାଷ୍ଟ୍ର ନାହିଁ । ସର୍ବଦା ଶତ୍ରୁଙ୍କ ଭଳି ବ୍ୟବହାର କରି ଆସୁଥିବା ଏହି ଦେଶର ଜନ ସାଧାରଣଙ୍କ ଦୁଃଖକୁ ଦେଖି ଭାରତ ସରକାର ଯେଉଁଭଳି ତ୍ୱରିତ ପଦକ୍ଷେପ ନେଇଛନ୍ତି ତାହା ବିଶ୍ୱ ସ୍ତରରେ ଭାରତର ଛବିକୁ ଅଧିକ ପ୍ରଶଂସନୀୟ କରିଛି । ବିପଦ ସମୟରେ ଶତ୍ରୁ ପାଇଁ ମଧ୍ୟ ସହାୟତା ଯୋଗାଇ ଦେବା ସନାତନ ହିନ୍ଦୁ ଧର୍ମର ପରମ୍ପରା ରହିଛି ଏବଂ ଭାରତ ସରକାର ଏହି ନୀତିକୁ ଆପଣାଇ ନିଜର ବଦାନ୍ୟତା ଦେଖାଇଛନ୍ତି ।

ଭାରତର ସହାୟତା ପାଇବା ପରେ ତୁର୍କୀୟେ ସରକାର ଭାରତକୁ ମିତ୍ର ରାଷ୍ଟ୍ର ବୋଲି ଘୋଷଣା କରି ସମାଚାର ପତ୍ରକୁ ମନ୍ତବ୍ୟ ଦେଇଥିବା ବେଳେ ପାକିସ୍ତାନ କିନ୍ତୁ ଭାରତର ଏତାଦୃଶ ସହାୟତା ଦେଖି ରକ୍ତ ଚାଉଳ ଚୋବାଉଛି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେଉଁଭଳି ପରିସ୍ଥିତି ବର୍ତ୍ତମାନ ପାକିସ୍ତାନରେ ଦେଖାଯାଇଛି, ତାହା ଅକଳ୍ପନୀୟ । ଦେଶର ସର୍ବସାଧାରଣଙ୍କ ଅତି ସାମାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ସେମାନଙ୍କୁ ମିଳୁନାହିଁ । ଖାଉଟୀ ସାମଗ୍ରୀ, ବିଦ୍ୟୁତ ଦର, ପେଟ୍ରୋଲିୟମ୍ ପଦାର୍ଥ ସବୁକିଛି ଦୁଇଗୁଣରୁ ଅଧିକ ଦାମରେ ସୁଦ୍ଧା ମିଳୁନାହିଁ । ଏହି ସମୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବନିମ୍ନ ସ୍ତରର ଅଧାରେ ପହଞ୍ଚି ସାରିଛି । ତେଣେ ଦେଶର ପ୍ରଧାନମନ୍ତ୍ରୀ ସହାୟତା ପାଇଁ ନିଜର ଚିରପରିଚିତ ମିତ୍ର ଦେଶ ମାନଙ୍କୁ ଯାତ୍ରା କରି ବିଫଳ ହେବାପରେ ଅନ୍ତରାଷ୍ଟ୍ରୀୟ ଆର୍ଥିକ ଫଣ୍ଡ (ଆଇଏମଏଫ୍) ପାଖରେ ହାତ ପତାଇବାକୁ ବାଧ୍ୟ ହେଇଥିଲେ ।

ଆଇ ଏମ୍ ଏଫର କର୍ମକର୍ତ୍ତାମାନେ ପାକିସ୍ତାନରେ ନଅଦିନ ରହିବା ମଧ୍ୟରେ ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବାକୁ ଯେଉଁ ସବୁ ପ୍ରସ୍ତାବ ଦେଇଥିଲେ ସେଥିରେ ପାକିସ୍ତାନର ସର୍ବସାଧାରଣ ଅଧିକ ହଇରାଣ ହୋଇଥାନ୍ତେ । କିନ୍ତୁ ଅନ୍ୟ ଉପାୟ କିଛି ନଥିବା ହେତୁ ସରକାର ସବୁ ପ୍ରସ୍ତାବକୁ ଆଖି ମୁଦିଦେଇ ଅନୁମୋଦନ ଦେଇ ଚାଲିବା ସତ୍ତ୍ୱେ ଶେଷରେ ଆଇ ଏମ୍ ଏଫ୍ ମଧ୍ୟ ଋଣ ଦେବାକୁ ମନା କରିଦେଇ ଚାଲିଯାଇଛି । ତେଣେ ଦେଶରେ ଗୃହଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇଗଲାଣି । ବ୍ୟବସାୟୀ ଗୋଷ୍ଠୀ ସରକାରଙ୍କୁ ଧାର୍ଯ୍ୟ ସମୟ ଦେଇଛନ୍ତି, ଯଦି ସେଇ ସମୟ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ଦେଶରେ ଶ୍ରୀଲଙ୍କା ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଧମକ ଦେଇ ସାରିଛନ୍ତି ।

ନିଜ ଦେଶରେ ବେଇଜ୍ଜତ ହେବାପରେ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ସହବାଜ୍ ସରିଫ୍ ତୁର୍କୀୟେରେ ହୋଇଥିବା ଭୂମିକମ୍ପ ପରେ ସହାନୁଭୂତି ଜଣାଇବା ପାଇଁ ଏକ ମନ୍ତ୍ରୀମଣ୍ଡଳ ସ୍ତରୀୟ ଦଳ ଧରି ତୁର୍କୀୟେ ଗସ୍ତ କରିବେ ବୋଲି ଘୋଷଣା କରିଦେଲେ । କିନ୍ତୁ ଅତ୍ୟନ୍ତ ହାସ୍ୟାସ୍ପଦ କଥା, ସବୁ କଥାରେ ଆମର ମିତ୍ର ଦେଶ ବୋଲି ଝୁରି ହେଉଥିବା ତୁର୍କୀୟେ ସରକାର କଡ଼ାକଡ଼ି ଭାବରେ ଏହି ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରି ଗସ୍ତ ବାତିଲ୍ କରିବାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିର୍ଦ୍ଦେଶ ଦେଇଥିଲେ । ବିପଦର ଏଇ ସମୟରେ ଯେତେବେଳେ ତୁର୍କୀୟେ ସରକାର ଲୋକଙ୍କୁ ଖୋଜିବା ଏବଂ ଚିକିତ୍ସା ସେବା ଯୋଗାଇ ଦେବାପାଇଁ ବ୍ୟସ୍ତ ଥିବା ବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ସମବେଦନା ଦେବାପାଇଁ ଯିବା କଥା ଚିନ୍ତା ବି କେମିତି କରୁଥିଲେ କେଜାଣି । ଅବଶ୍ୟ ଏତେ ବୁଦ୍ଧି ଥିଲେ ସେ ଦେଶକୁ ଦେବାଳିଆ କରି ଥାଆନ୍ତି କି? ଜନସାଧାରଣଙ୍କ ଦୁଃଖକୁ ଅନ୍ଧ ଆଖିରେ ଦେଖିବା ସମସ୍ତ ପାକିସ୍ତାନୀ ଶାସକ ମାନଙ୍କ ପ୍ରଥମ ଗୁଣ ବୋଲି ଜନତା ମନ୍ତବ୍ୟ ଦେଇଛନ୍ତି । ଦେଖାଯାଉ ଆଉ କିଛି ଦିନ ପରେ ଦେଶର ଅବସ୍ଥା କଣ ହେଉଛି ।

ଚଳିତ ବର୍ଷର ଆର୍ଥିକ ବଜେଟ ଘୋଷଣା ହୋଇଯାଇଛି । ଫେବୃଆରୀ ପ୍ରଥମ ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିଜର ଚିରପରିଚିତ ଶୈଳୀରେ ବଜେଟକୁ ସଂସଦର ପଟଳରେ ଉପସ୍ଥାପନ କରିଥିଲେ । ଏହି ବଜେଟରେ ଅନେକ ନୂଆ ଜିନିଷ ଦେଖିବାକୁ ମିଳିଥିଲା, ଯେମିତି ଆୟକର ସୀମାକୁ ପାଞ୍ଚ ଲକ୍ଷରୁ ସାତ ଲକ୍ଷ ପର୍ଯ୍ୟନ୍ତ କରମୁକ୍ତ କରିବା । ଅବଶ୍ୟ ଏହାକୁ ସମ୍ପୂର୍ଣ୍ଣ କରମୂକ୍ତ କରାଯାଇ ନାହିଁ, କେବଳ୍ ସାମୟିକ କର ଛାଡ଼ କରାଯାଇଛି । କିନ୍ତୁ ଜଣେ ସାଧାରଣ ମଧ୍ୟବିତ୍ତ ପରିବାରର ସଦସ୍ୟ ପାଇଁ ଏହି କର ଛାଡ଼ କିଛି ଶାନ୍ତି ଆଣି ଦେଇଥିବ ନିଶ୍ଚୟ ।

ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ଦେଇଥିବା କିଛି ସୂଚନା ଏହି ପ୍ରକାର;

- ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡପିଛା ଆୟ ବିଗତ ନଅ ବର୍ଷରେ ଦୁଇଗୁଣ ହୋଇ ୧.୯୭ ଲକ୍ଷରେ ପହଞ୍ଚିଛି ।
- ଭାରତର ଅର୍ଥନୀତି ବିଶ୍ୱସ୍ତରରେ ଦଶମ ସ୍ଥାନରୁ ପଞ୍ଚମ ସ୍ଥାନକୁ ପହଞ୍ଚିଛି ।
- ଇପିଏଫଓ ସଦସ୍ୟତା ଦୁଇଗୁଣରୁ ଅଧିକ ହୋଇ ୨୭ କୋଟିରେ ପହଞ୍ଚିଛି ।
- ସ୍ୱଚ୍ଛ ଭାରତ ଅନ୍ତର୍ଭୁକ୍ତ ୧୧.୭ କୋଟି ପରିବାର ପାଇଖାନା ନିର୍ମାଣ କରିଛନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଉଜ୍ଜ୍ୱଳା ସ୍କିମ୍ ଅନ୍ତର୍ଭୁକ୍ତ ୯.୬ କୋଟି ପରିବାରକୁ ନିଃଶୁଳ୍କ ଗ୍ୟାସ ସଂଯୋଗ ମିଳିଛି ।
- ୨୨୦ କୋଟି କୋଭିଡ୍ ଟୀକାକରଣ କରାଯାଇଛି ।
- ୪୭.୮ କୋଟି ପ୍ରଧାନମନ୍ତ୍ରୀ ଜନଧନ ବ୍ୟାଙ୍କ ଖାତା ଖୋଲାଯାଇଛି ।
- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଏବଂ ଜୀବନ ଜ୍ୟୋତି ବୀମା ୪୪.୬ କୋଟି ବ୍ୟକ୍ତିଙ୍କୁ ଦିଆଯାଉଛି ।
- ୨.୨ ଲକ୍ଷ କୋଟି ଟଙ୍କା ସିଧାସଳଖ ୧୧.୪ କୋଟି କୃଷକଙ୍କ ବ୍ୟାଙ୍କ ଖାତାକୁ ପଠାଯାଇଛି ।
- ୧୫୭ଟି ନୂଆ ନର୍ସିଂ କଲେଜ ଖୋଲାଯିବ ।
- ଆତ୍ମନିର୍ଭର ବନୀକରଣ କାର୍ଯ୍ୟକ୍ରମ ପାଇଁ ୨୨୦୦ କୋଟି ବ୍ୟୟ ଅଟକଳ ହୋଇଛି ।
- ଏକଲବ୍ୟ ମଡେଲ୍ ବିଦ୍ୟାଳୟ ପାଇଁ ୩୮୮୦୦ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ।
- ରେଳବାଇର ଉନ୍ନତି ପାଇଁ ୨.୪ ଲକ୍ଷ କୋଟି ବ୍ୟୟବରାଦ ହୋଇଛି ।

ଆହୁରି ଅନେକ ତଥ୍ୟ ଆପଣ ଗୁଗୁଲ ଏବଂ ଖବରକାଜଗରୁ ଜାଣି ପାରିବେ ।

ବିଗତ ଦିନର ଆଉ ଏକ ଉଲ୍ଲେଖନୀୟ ଖବର ହେଉଛି, ଆଦାନୀ ସମୁହ ବନାମ ହିଣ୍ଡେନବର୍ଗ୍ ଗବେଷଣାଲବ୍ଧ ତଥ୍ୟ । ଆମେରିକାର ଏକ ବଜାର ସମ୍ପର୍କିତ ଗବେଷକ ଗୋଷ୍ଠୀ ଭାରତୀୟ ବ୍ୟବସାୟୀ ଆଦାନୀଙ୍କ ବିରୋଧରେ ଅର୍ଥ ହେରଫେର କରିବା ନେଇ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଖବର ପ୍ରସାର ହେବାପରେ ଭାରତୀୟ ଶେୟାର ବଜାରରେ ବ୍ୟାପକ ପରିବର୍ତ୍ତନ ଦେଖାଗଲା ଏବଂ ଅଦାନୀ ସମୁହଙ୍କ ଶେୟାରର ଦର କମ ହେବାକୁ ଲାଗିଲା । ଏହି ତଥ୍ୟକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଅଧିକ ତଦନ୍ତ କରିବା ଏବଂ ଅଦାନୀ ଗୋଷ୍ଠୀଙ୍କୁ ଦଣ୍ଡବିଧାନ କରିବା ପାଇଁ ଦାବୀ କରିବାକୁ ଲାଗିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବଶ୍ୟ କିଛି ଦିନ ପରେ ପୁଣିଥରେ ଅଦାନୀ ସମୁହଙ୍କ ଶେୟାର ଦର ବଢ଼ିବାକୁ ଲାଗିଲା । କିନ୍ତୁ କିଛି ଦିନପାଇଁ ଏହା ନିବେଶକ ମାନଙ୍କ ମନରେ ଅନେକ ଆଶଙ୍କା ସୃଷ୍ଟି କରିବାକୁ ସକ୍ଷମ ହେଲା । ସୂଚନାଯୋଗ୍ୟ ଯେ ଅଦାନୀ ସମୁହଙ୍କ ବ୍ୟବସାୟରେ ରାଷ୍ଟ୍ରାୟତ ଜୀବନ ବୀମା ନିଗମ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମେତ ଅନେକ ସଂସ୍ଥା ଅର୍ଥ ଲଗାଇଛନ୍ତି । ଲୋକଙ୍କୁ ଜଣାଇ ଦିଆଗଲା ଯେ ସେମାନେ ଜୀବନ ବୀମାରେ ଏବଂ ବ୍ୟାଙ୍କରେ ସଞ୍ଚୟ କରିଥିବା ଅର୍ଥ ଆଉ ସେମାନେ ଫେରି ପାଇବେ ନାହିଁ । ଲୋକଙ୍କୁ ବ୍ୟଥିତ କରିବା ଏବଂ ସାମୁହିକ ଭୟ ସୃଷ୍ଟିକରି ଭାରତୀୟ ସମାଜରେ ଅସ୍ଥିରତା ସୃଷ୍ଟି କରିବା ମନସ୍କ ଏହି ତଥ୍ୟକୁ ନେଇ ବିରୋଧୀ ଦଳ ସଦସ୍ୟ ସମେତ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଧ୍ୟ ପାର୍ଲିଆମେଣ୍ଟରେ ପ୍ରବଳ ହଟଗୋଳ ସୃଷ୍ଟି କରିଥିଲେ । ସାତ ତାରିଖରେ ସେ କରିଥିବା ଅନେକ ଅଭିଯୋଗକୁ ପରେ ଶାସକ ଦଳର ଅନେକ ସଦସ୍ୟ ଖଣ୍ଡନ କରିଥିଲେ ସୁଦ୍ଧା କିଛି ସମୟ ପାଇଁ କଂଗ୍ରେସ ଦଳରେ ଆନନ୍ଦର ପରିବେଶ ଦେଖିବାକୁ ମିଳିଥିଲା, ସତେ ଯେମିତି ରାହୁଲ ଗାନ୍ଧୀ ମୋଦୀଙ୍କୁ ଚୁପ କରାଇ ଦେଲେ । ଏହାକୁ ଦର୍ଶାଇ ଅନେକ ଟ୍ୱିଟ୍ ଏବଂ ସୋସିଆଲ୍ ମିଡ଼ିଆ ପ୍ରସାର ହେଲା । ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିବା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସମସ୍ତ ଅଭିଯୋଗକୁ ପରୋକ୍ଷରେ ଖଣ୍ଡନ କରିଦେଲେ । ବିନା ସଠିକ ସାକ୍ଷପ୍ରମାଣରେ କୌଣସି ଅଭିଯୋଗ କେତେ ଚିତ୍କାର କରି ଉପସ୍ଥାପନ କଲେ ସୁଦ୍ଧା ତାହା ମିଥ୍ୟା ବୋଲି ପ୍ରମାଣିତ ହେବ । ବର୍ତ୍ତମାନ ଭାରତ ବିଶ୍ୱରେ ଏକ ସମ୍ମାନଜନକ ସ୍ଥାନ ହାସଲ କରି ପାରିଛି । ସଦ୍ୟପ୍ରାପ୍ତ ଖବର ଅନୁସାରେ ଯୁକ୍ତରାଷ୍ଟ୍ର ଆମେରିକା ନିଜର ବକ୍ତବ୍ୟରେ ଜଣାଇଛନ୍ତି ଯେ ଯଦି ଭାରତ ଚାହୁଁଛି ତ ସେ ଋଷିଆଠାରୁ ଅଶୋଧିତ ତୈଳ ଆମଦାନୀ କରି ପାରିବ ଏଥିପାଇଁ ଆମେରିକା ସରକାର କୌଣସି ପ୍ରକାର ପ୍ରତିବନ୍ଧ ଲଗାଇବେ ନାହିଁ । ଅର୍ଥାତ ବିଶ୍ୱର ସର୍ବୋଚ୍ଚ ଶକ୍ତିଶାଳୀ ଦେଶ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମଧ୍ୟ ଭାରତ ସରକାରଙ୍କ ପ୍ରାଧାନ୍ୟ ବୁଝିବାକୁ ଲାଗିଲେଣି ହେଲେ ଭାରତରେ ହିଁ ମୁଷ୍ଟିମେୟ ବ୍ୟକ୍ତି ମୋଦିଙ୍କ ବିରୋଧରେ ଅନ୍ଧ ହୋଇ ଦେଶ ବିରୋଧ କରିବା ଆରମ୍ଭ କରିଦେଲେଣି । ଭଗବାନ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ ।

ଆଶା କରୁଛି ପୂରାତନ ସମସ୍ତ ଆହ୍ୱାନ ସଂସ୍କରଣ ପରି ଏହି ସଂସ୍କରଣକୁ ମଧ୍ୟ ଆପଣ ମାନଙ୍କ ସ୍ନେହ ମିଳିବ । ଯଦି ଆପଣମାନେ ୟୁଟ୍ୟୁବରେ ଆହ୍ୱାନ ଇ--ପତ୍ରିକାରେ ପ୍ରକାଶିତ ଆଲେଖ୍ୟ ସବୁ ଶୁଣିବାକୁ ଚାହୁଁଛନ୍ତି ତା ହେଲେ ଆମ ଚାନେଲ୍ (@aahwaan)କୁ ସବସ୍କ୍ରାଇବ୍ କରନ୍ତୁ । ଖୁବ୍ ଶୀଘ୍ର ଆମେ ଆମର ଏହି ଚ୍ୟାନେଲରେ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ କିଛି କିଛି ଆଲେଖ୍ୟକୁ ଅଡ଼ିଓ ରେକର୍ଡ଼ିଂ କରି ପ୍ରକାଶିତ କରିବୁ । ବର୍ତ୍ତମାନ ମଧ୍ୟ ଟେଲିଗ୍ରାମ୍ ଭୁତ ବୋଲି ଗୋଟିଏ କ୍ଷୁଦ୍ର ଗଳ୍ପ ଚାନେଲରେ ରହିଛି । ଆଜି ହିଁ ଦେଖନ୍ତୁ ଏବଂ ଲାଇକ୍ ତଥା ସବସ୍କ୍ରାଇବ୍ କରନ୍ତୁ । ବନ୍ଧୁମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ

ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୮



ଅଶୋକ ବିଶ୍ୱାଳ

ସପନବାବୁଙ୍କ ମତିଭ୍ରମ

ପାଓଲି ଦୁନିଆରୁ ଚାଲିଯିବାର ଏ ଭିତରେ ଅନେକ ଦିନ ହୋଇ ଗଲାଣି । ସପନବାବୁ ସେମିତି ସୁନ୍ଦରବନରେ ଘୁରି ବୁଲୁଛନ୍ତି । ଜୀବନର ଆରମ୍ଭରୁ ସେ ଏକ କବି ଥିଲେ । କିଛିଦିନ ପାଇଁ କବିତା ଲେଖିବା ଛାଡି ଦେଇଥିଲେ । ପାଓଲି ଚାଲିଯିବା ପରେ ସେ କେମିତି ଭାବୁକ ହୋଇଗଲେ । ତାଙ୍କର କଣ୍ଠରେ କବିତାର ଭାଷାଥିଲା । ପ୍ରେମ ଆଉ ବିରହର ଭାଷା, ପ୍ରକୃତିର ଭାଷା । ଗାଁକୁ ଚାଲିଯାଆନ୍ତି । ଆଲୋଚନା କରୁକରୁ ତାଙ୍କ ମୁହଁରୁ କବିତାର ଧାର ଛୁଟୁଥାଏ । ଲୋକମାନେ ତାଙ୍କୁ ଆଉ ତାଙ୍କ କବିତାକୁ ଭଲ ପାଆନ୍ତି । କିଛି ଦେଖୁ ଦେଖୁ ତାଙ୍କ ତୁଣ୍ଡକୁ କବିତା ଚାଲିଆସେ ।

ସେ କବିତାର ଖିଅ ଖୋଜିବାପାଇଁ ଏକାକୀ ବାହାରି ଯାଆନ୍ତି । ସବୁଠାରେ ତାଙ୍କୁ କବିତାର ଉତ୍ସ ଦେଖାଯାଏ । କିଏ ଯେମିତି ସଳିତାର ଶିଖାରେ ଜଳୁଛି । ସେ ଆଜିକାଲି ନିଜର ଖିଆପିଆ, ରହିବାରେ କିଛି ଦେଖୁନାହାନ୍ତି । ଯାହା ମିଳିଲା ଖାଇ ନେଉଛନ୍ତି, ଯେଉଁଠି ମିଳିଲା ଶୋଇ ଯାଉଛନ୍ତି । କେଉଁ ବନ୍ଧୁଙ୍କ ସହ ସଂମ୍ପର୍କ ରଖୁନାହାନ୍ତି । ନଦୀରେ ଜୁଆର ଉଠି ଭଙ୍ଗା ଆସୁଛି । କିନ୍ତୁ ତାଙ୍କ ମନରେ କିଛି ପରିବର୍ତ୍ତନ ଘଟୁନି ।

ସେଦିନ ନଦୀରେ ବହୁତ ଡଙ୍ଗା ଥିଲା । ଅନେକ ପ୍ରକାରର ଡଙ୍ଗା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିଛି ବଡ, କିଛି ଚଉଡା ତ କିଛି ଛୋଟ । ଦିନ ଅନେକ ନଇଁ ଆସିଥିଲା । ଆକାଶରୁ କଳାହାଣ୍ଡିଆ ମେଘ ତଳକୁ ଓହ୍ଲାଇବ ଓହ୍ଲାଇବ ହେଉଥିଲା । କିଛି ହାଲୁକା ଅସ୍ପଷ୍ଟ ପ୍ରତିଫଳନ ପାଣିରେ ପଡିଥିଲା । ସେ ସେଇ ପ୍ରତିଫଳନକୁ ଭଲଭାବେ ଅନାଇଲେ । ଏକ ରେଖା ଯେମିତି ଆକାଶରୁ ତଳକୁ ପଡିଥିଲା । ସେଇ ରେଖାଦେଇ ଝରି ଆସୁଥିବା ଆଲୋକରେ ଏକ ଡଙ୍ଗାର ପ୍ରତିଛବି ପାଣିରେ ନାଚୁଥିଲା ।

"ଡଙ୍ଗାଟା ସୁନାରେ ବଦଳି ଯାଆନ୍ତା । ସୂର୍ଯ୍ୟ ଓହ୍ଲାଇ ଆସନ୍ତା ପାଣିକୁ ଆଉ ଡଙ୍ଗା ଭାସି ଯାଆନ୍ତା ଆକାଶକୁ । କଅଣ ଭାବୁଥାନ୍ତା ସେ ଡଙ୍ଗାର ମାଝି ?"- ସେ ନିଜକୁ ନିଜେ କହି ହେଉଥିଲେ । ତଳୁଆ କିରଣରେ, ସେହି ରେଖା ଦେଇ ଝରିଆସୁଥିବା ଆଲୋକରେ ନଦୀରେ ଏକ ତରଳ ସୁନାର ଧାର ତିଆରି ହୋଇଥିଲା ।

ମାଝିମାନେ କିଛି ଗୀତ ଗାଉ ନଥିଲେ । ସୂର୍ଯ୍ୟ ତ ଏତେ ତଳକୁ ଓହ୍ଲାଇ ନାହିଁ । ମାଝିର ମନରେ ଗୀତ କେମିତି ଆସିବ, ଏଇ ସମୟ ଗୀତପାଇଁ ନୁହେଁ । କିନ୍ତୁ ତାଙ୍କ ମନ ଥୟ ଧରୁ ନଥିଲା । ସେ ମାଝିର ଗୀତକୁ ଗୁଣୁଗୁଣୁ କରି ଗାଉଥିଲେ । ମାଝିମାନେ ତରଳ ସୁନାର ପାଣିରେ ଡଙ୍ଗା ବାହି ନେଉଛନ୍ତି । ଚାରିଆଡେ ଏତେ ଦ୍ୱୀପ ଉପଦ୍ୱୀପ । ଏକ ଛୋଟ ଡଙ୍ଗା ବୋହି ଯାଉଛି । ମଙ୍ଗପଟ ପଟା ତଳେ ବାଡେଇ ହୋଇଯାଉଛି । ପାଣିରେ ଲମ୍ବା ରେଖା ତିଆରି ହୋଇଯାଉଛି । ଆଗରେ ଅନେକ ଅନେକ ବଡ଼ ଡଙ୍ଗାମାନ ଭାସୁଛି । ସେ ଭିତର ଦେଇ ଏ ଛୋଟ ଡଙ୍ଗାପାଇଁ ଏକ ତରଳ ସୁନାର ପ୍ରବାହ ତିଆରି ହୋଇଛି ।

ଆଗରେ କେତେ ଛୁଆ ପାଣିକୁ ଡେଇଁ ପଡିଲେ । ପିଲାଗୁଡା କିଛି ପିନ୍ଧି ନାହାନ୍ତି । ପୁରା ଲଙ୍ଗଳା । ଅଣ୍ଟାରେ ପ୍ୟାଣ୍ଟ ମଧ୍ୟ ନାହିଁ । ସବୁ ପୁଅଙ୍କର ପତଳା ଶରୀର । ହାତ ଗୋଡଗୁଡା ସରୁ ଡାଙ୍ଗପରି ହୋଇଛି । ସେମାନଙ୍କର ପତଳା ଶରୀର ରବର ଭଳି ଟାଣି ହୋଇଯାଉଛି । ସେମାନେ ଜଣଙ୍କ ପରେ ଜଣେ ପାଣିରେ ଖସି ପଡୁଛନ୍ତି । ପାଣି ସେମାନଙ୍କର କୁଦିବାର ଛବି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧରି ରଖୁଛି । ବଡ଼ ତରଙ୍ଗମାନ ଖେଳିଯାଉଛି । ସେମାନେ ପାଣି ଭିତରେ ବୁଡୁଛନ୍ତି ଉଠୁଛନ୍ତି । ସେମାନଙ୍କର ଶରୀରେ ଅସରନ୍ତି ଶକ୍ତିର ଭଣ୍ଡାର ଅଛି ।

ଡଙ୍ଗାଟା ପ୍ରାୟ ଶବ୍ଦ ନକରି ଆଗକୁ ଚାଲି ଯାଉଛି । ସବୁଆଡ ସବୁଜ । ଘାସ, ଗଛର ଗହଳିର ବର୍ଣ୍ଣ ଗାଢ ସବୁଜ । ଆକାଶ କଳା ପଡି ଆସିଛି । ପାଣି ଗାଢ ସବୁଜ ହୋଇଯାଉଛି । ପାଣିରେ ଅନେକ ଢଙ୍ଗର ସବୁଜ ରଙ୍ଗ । ସପନବାବୁ ଆଗକୁ ଅନାଇଲେ । ପାଓଲି ଆକାଶରୁ ଅନାଇଲା ପରି ଲାଗୁଥିଲେ । ପାଓଲିଙ୍କର ଆଖି ଯେମିତି ବନ୍ଦ ହୋଇଯାଇଛି । ଖୋଲା ବାଳକୁ ସୁନ୍ଦରଭାବେ ପଛରେ ଗଣ୍ଠିକରି ଦିଆଯାଇଛି । ପାଣି ଠୋପା ଠୋପା ହୋଇ ଦେହରେ ଖସି ପଡୁଛି । ସେ ପାଣି ଭିତରୁ ଯେମିତି ବାହାରି ଆସୁଛନ୍ତି । ତାଙ୍କର ଶରୀର ଯେମିତି ଜଳୁଛି । ଅଣ୍ଟାରେ ଏକ ଗରା । ଏକ ନାରଙ୍ଗୀ ରଙ୍ଗର ଶାଢୀ ଶରୀରକୁ ଢାଙ୍କି ଦେଇଛି । ସେ ରୂପରେ ପାଓଲି ଯେମିତି ଚମକୁଛନ୍ତି ।

ସପନବାବୁ ଆଶ୍ଚର୍ଯ୍ୟ ହୋଇଗଲେ । ସେ ତରୁଣୀ ଯେମିତି ତାଙ୍କୁ ପାଓଲି ଲାଗୁଥିଲା । ଏତେ ତାରୁଣ୍ୟ, ଏତେ ଲାବଣ୍ୟ ପାଓଲିଙ୍କ ଭିନ୍ନ କାହା ଶରୀରରେ ସମ୍ଭବ ନୁହେଁ । ସବୁ ଗଠନ ପୂର୍ଣ୍ଣ, ସବୁ ସୌନ୍ଦର୍ଯ୍ୟ ଯେମିତି ଏକ ଶରୀରରେ ସମାହିତ । ସପନ କିଛି ଭାବି ପାରୁ ନଥିଲେ । ନିଜ ଭିତରେ ଏକ ସମ୍ମୋହନର ପ୍ରଭାବ ଅନୁଭବ କରିବାକୁ ଲାଗିଲେ । ନବ ତରୁଣୀଟି ତା'ର ଆଖିକୁ ବନ୍ଦ କରି ଦେଇଥିଲା । ଲମ୍ବା ନାକରେ ଏକ ରୂପାର ନୋଥି ଲାଗିଥିଲା । କାନରେ ବଡ଼ ରୂପାର ରିଙ୍ଗ ଲାଗିଥିଲା । ତା'ର ମୁଣ୍ଡ ଯେମିତି ଆକାଶକୁ ଛୁଉଁଥିଲା । ଆକାଶ ଆଉ ପୃଥିବୀ ଭିତରେ ଏକ ପତଳା ସବୁଜ ଚାଦରର ପ୍ରଭେଦ ଥିଲା ।

ତରୁଣୀଟି ହସିଦେଲା । ବନ୍ଦ ହୋଇଯାଇଥିବା ଆଖି ଖୋଲିଗଲା । ପଛରେ ଥିବା ଡଙ୍ଗା ନଦୀର ସୁଅରେ ଆଉ ଆଗକୁ ଭାସିଗଲା ।

ସେ ପିଲାମାନେ ପାଣିରୁ ବାହାରିଆସି ନଦୀ କୂଳକୁ ଆସିଗଲେ । କୂଳରୁ ଉପରୁଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲା । କାଦୁଅ ପତଳା ଥିଲା । ପିଲାମାନେ କାଦୁଅରେ ଖସିବାକୁ ଆରମ୍ଭ କଲେ । ସେମାନେ କୂଳରୁ କାଦୁଅରେ ଖସି ନଇ ପାଣିରେ ପଡିବେ । ଡଙ୍ଗା ଗଲାପରେ ଏକ ପତଳା କାଦୁଅର ଧାର ତିଆରି ହୋଇଯାଏ । ସେ ପିଲାମାନେ ସେଇ ଧାରଦେଇ ତଳକୁ ଖସିଯିବେ । ସେମାନେ ଉପରୁ ଆସି ଜଣକ ପରେ ଜଣେ ତଳକୁ ଖସି ଯାଉଥିଲେ । ଶୈଶବର ଚପଳାମୀ ସେମାନଙ୍କୁ ନୂଆ କିଛି ଖୋଜିବାର ଉତ୍ସାହ ଦେଉଥିଲା ।

ତରୁଣୀଟି ନଦୀ କୂଳରେ ଠିଆହୋଇ ପାଣିକୁ ଖସିଯାଉଥିବା ପିଲାମାନଙ୍କୁ ଅନାଇଥିଲା । ସେମାନେ ତା'ର ଭାଇ ହୋଇ ପାରନ୍ତି ।

"ପାଓଲି !"- ସପନବାବୁଙ୍କ କଣ୍ଠରୁ ଏକ ଶବ୍ଦ କିଛି ବାଧା ନମାନି ବାହାରିଗଲା । ସେ ଶବ୍ଦ ଆଉ କାହା ପାଖରେ ପହଞ୍ଚିନଥିବ ।

ପାଓଲି ! ନା ଏହା ସମ୍ଭବ ନୁହେଁ । ପାଓଲି ସୁନ୍ଦରବନର ଆଲେୟାର ଆଲୋକ ପାଖରେ ହଜି ଯାଇଛନ୍ତି । ସପନବାବୁଙ୍କ ଆଖିରୁ ଲୁହ ଝରି ପଡିଲା ।

ସଂନ୍ଧ୍ୟା ହୋଇ ଆସୁଥିଲା । ସୁନ୍ଦରବନର ପାଣିରେ କିଛି ଡଙ୍ଗା ଦିଶୁ ନଥିଲା । ଦୁଇଟା ଡଙ୍ଗା ପାଖାପାଖି ଥିଲା । ଗୋଟାଏ ବଡ଼ ଡଙ୍ଗା । ଆରଟା ଏକଦମ ଛୋଟ ଡଙ୍ଗା । ମାଝିମାନେ ଦିନସାରା ଆହୁଲା ମାରି ଚାଲିଥିଲେ । ସମସ୍ତେ କ୍ଳାନ୍ତ ହୋଇ ଯାଇଛନ୍ତି । କିନ୍ତୁ ସଂନ୍ଧ୍ୟା ହେଲାପରେ ସବୁ ଶାନ୍ତ । ଏକ ଭିତରର ଗାଁ ପରି ଜୀବନ ଏକଦମ ଶାନ୍ତ ହୋଇଯାଇଛି । ପାଣି ଭିତରେ ପଦ୍ମାସନରେ ଡଙ୍ଗାମାନ ଋଷିଙ୍କ ଭଳି ଧ୍ୟାନମଗ୍ନ ଅଛନ୍ତି ।

ଆସିବ କେବେ ପାଖକୁ ମୋହର
ସଂନ୍ଧ୍ୟାର ତାରା ଉଇଁଲାଣି
କୁହୁଡି ଚାଦରରେ ଢାଙ୍କିଯିବ ଏ ଦୁନିଆ
ଆସିବ ତୁମେ କେତେବେଳେ

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକାଳର ତାରାରେ ଫୁଟିବ ତ ତୁମେ
କଥା ତୁମ ଭାସି ଆସୁଥିବ ତାରା କିରଣରେ
ଆସିବ କେବେ ପାଖକୁ ମୋହର
ଅନାଇ ରହିଛି ମୁଁ ଚାତକର ପ୍ରାୟେ ।।

ତାଙ୍କୁ ଲାଗୁଥିଲା ଯେମିତି ପାଓଲିଙ୍କ ଏକତାରା ଧରି ଗୀତ ଗାଉଛନ୍ତି । କିଏ ଯେମିତି ଏ ଗୀତକୁ ଦୁର ଡଙ୍ଗାରୁ ଦୋହରାଉଛି । ସେ ଆଖି ବନ୍ଦକରି ସେ ଗୀତକୁ ଗୁଣୁଗୁଣୁ କରୁଥିଲେ । ଲାଗୁଥିଲା ଯେମିତି ତାଙ୍କର ପାଦ ନାଚୁଛି । ତାଙ୍କ ହାତ ଉପରକୁ ହୋଇଯାଇଛି । ପାଓଲି ମଝିରେ ଠିଆ ହୋଇଛନ୍ତି ଆଉ ସେ ତାଙ୍କ ଚାରିପାଖରେ ଏକତାରା ଧରି ଗୀତ ଗାଉଛନ୍ତ, ନାଚୁଛନ୍ତି ।

ଧୀର ପବନ ବୋହି ଆସୁଥିଲା । ସବୁ ଗଛର ପତ୍ରମାନ ଥରି ଯାଉଥିଲା । ନଦୀର ପାଣିରେ ଦେଖା ଯାଉନଥିବା ଅସଂଖ୍ୟ ଢେଉ । ତାଙ୍କ ଶରୀର ହାଲୁକା ହୋଇ ଯାଉଥିଲା । ମନରେ କିଛି ଭାବନା ନଥିଲା । ପବନର ଶବ୍ଦ ସବୁଠି । ଭାସି ଆସୁଥିଲା ସେ ଶବ୍ଦ- "ଆସିବ ତୁମେ କେବେ ପାଖକୁ ମୋହର, ସଂନ୍ଧ୍ୟାର ତାରା ଉଇଁଲାଣି" । ସେହି ହାଲୁକା ପବନ ଯେମିତି ତାଙ୍କର ମନ ଆଉ ଶରୀରରକୁ ପବନରେ ଉଡାଇ ନେଉଥିଲା ।

ସପନବାବୁ ଆଉ ଫେରି ପାରିଲେନି । ଏ ଗାଁରୁ ସେ ଗାଁ ହୋଇ ବୁଲିଲେ । ଧିରେ ତାଙ୍କର ପ୍ରକୃତ ପରିଚୟ ସମସ୍ତେ ଭୁଲିଗଲେ । ବେଳେ ବେଳେ କେଉଟମାନେ ତାଙ୍କୁ ମାଛଧରା ଡଙ୍ଗାରେ ନେଇଯାଆନ୍ତି । ସେ ସମସ୍ତଙ୍କୁ ଆଲେୟା ବିଷୟରେ ପଚାରନ୍ତି । କିନ୍ତୁ କେହି କିଛି କୁହନ୍ତି ନାହିଁ । ଆଲେୟା ଯେ ନାହିଁ । ସେ ଜାଣି ମଧ୍ୟ ବୁଝନ୍ତିନି ।

ଦିନେ ସଂନ୍ଧ୍ୟାରେ ନିଜ ରହିବା ଯାଗାକୁ ବାହାରିଲେ । ସମୟ ୭ଟାରୁ ଉର୍ଦ୍ଧ୍ୱହେବ । ବଜାରରୁ ତାଙ୍କ ରହିବା ଗାଁଟା ରାସ୍ତାରେ ଚାଲିଗଲେ ଦେଢ ଘଣ୍ଟାର ରାସ୍ତା । କିଛି ଭିତରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ଗଲେ ୩୦ ମିନିଟ ଖଣ୍ଡେ ଲାଗିବ । ହାତରେ କିଛି କାମ ତ ନଥିଲା । ମନ ବି ଭଲ ନଥିଲା । ସେ ଧୀରେ ଧୀରେ ଆସୁଥିଲେ । କିଛି ଡରିବାର ନଥିଲା । ବାଘ ଏତେ ଭିତର ଗାଁକୁ ଆସେନି । ସୁନ୍ଦରବନର ଜଙ୍ଗଲ ଅନେକ ଅନେକ ଦୂରରେ । ଆକାଶରେ ଖଣ୍ଡି ଜହ୍ନ ଉଇଁ ଆସିଥିଲା । ପବନ ଧିରେ ବୋହୁଥିଲା । ଟିକେ ଶୀତୁଆ ଶୀତୁଆ ଲାଗୁଥିଲା । ସେ ମନରେ ମନରେ ଗୁଣୁଗୁଣୁ ହୋଇ ଗୀତଗାଇ ଚାଲୁଥିଲେ । ବାହାର ଦୁନିଆ ପ୍ରତି ତାଙ୍କର ଧ୍ୟାନ ନଥିଲା । ଚଲା ରାସ୍ତା ହିଡେ ହିଡେ ହୋଇଯାଇଛି । ଧାନ ଜମି ।

ତାଙ୍କୁ ଲାଗିଲା କିଏ ଆଗେ ଆଗେ ଯାଉଛି । ସେ କିଛି ମନେ କଲେନି । ତାଙ୍କ ଭଳି କିଛି ଲୋକ ଛୋଟ ରାସ୍ତାରେ ଘର ପହଞ୍ଚିବାକୁ ଚାହୁଁଛନ୍ତି । ସେ କିଛି ନଭାବି ନିଜ ରାସ୍ତାରେ ଚାଲୁଥିଲେ । ସେ ଲୋକମାନଙ୍କ ସ୍ୱର ତାଙ୍କୁ ଭଲ ଭାବେ ଶୁଣାଯାଉଥିଲା । ଆଗରେ ଲୋକମାନଙ୍କ ଆକାର କିଛି ସ୍ପଷ୍ଟ ଭାବେ ଜଣା ପଡୁନଥିଲା । ଯେମିତି କିଛି କୁହୁଡି ଭିତରେ ପହଁରିଯାଉଛି । ସେ ନିଜ ଆଖି ମଳିଲେ । ରାତିର କୁହୁଡି ଜଲଦି ଓହ୍ଲାଇ ଆସିଲାଣି ଭାବିଲେ । କିଛି ଦୂରରେ ହଠାତ୍ ଏକ ଆଲୁଅ ଜଳି ବନ୍ଦ ହୋଇଗଲା । ଆରେ ଘର ପାଖ ହେଲାଣି ଭାବି ସେ ସେ ଆଡକୁ ଚାଲିଲେ । କିନ୍ତୁ ଯେତେ ଗଲେବି ତାଙ୍କୁ କେବଳ କୁହୁଡି ଆଉ ଜମି ଦେଖାଯାଉଥିଲା । ଆଗରେ ଜଙ୍ଗଲ ଦେଖାଯାଉଥିଲା । ଗାଁର ରାସ୍ତାରେ ତ ଜଙ୍ଗଲ ଆସେନି । ସେ ଦିଗ ବଦଳାଇଲେ । ଅନ୍ୟପଟୁ ସେମିତି କିଛି କଥାବାର୍ତ୍ତା ଶୁଣାଯାଉଥିଲା । ସେ ସେହି କଥାହେଉଥିବା ଲୋକଙ୍କ ପାଖକୁ ଯିବାପାଇଁ ଜୋରରେ ଚାଲିଲେ । କିନ୍ତୁ ଶବ୍ଦ ସେମିତି ଦୂରରେ ଥିଲା । କିଛି ଆକାର କୁହୁଡିରେ ପହଁରି ଯାଉଥିବା ଭଳି ଲାଗୁଥିଲା । ସେ ପ୍ରାୟ ଫର୍ଲଙ୍ଗେ ଚାଲିଲେ । ପୁଣି ଆଗରେ ଆଲୁଅ ଜଳି ଉଠିଲା । ସେଠି ପହଁଚି ଦେଖନ୍ତି ତ ଆଗରେ ପୋଖରୀ । ଆରେ ରାସ୍ତା ଭୁଲ ହୋଇଗଲା ଭାବି ପୁଣି ଦିଗ ପରିବର୍ତ୍ତନ କରି ଚାଲିଲେ । ଆଗରେ ସେଇ କଥାବର୍ତ୍ତା ଆଉ ପୁଣି ଆଲୋକ ଜଳି ଉଠି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲିଭି ଯାଉଥିଲା । ସେ କିଛି ବୁଝିପାରୁ ନଥିଲେ । ରାସ୍ତା ଭୁଲ ହୋଇଯାଇଛି । ସେ ସେମିତି ଚାଲୁଥିଲେ । ଆଉ ଲୋକଙ୍କର କଥାବାର୍ତ୍ତା ଆଉ ଆଉ ଆଲୁଅ ଜଳିବାଟା ବାରବାର ଘଟିଲା । ତାଙ୍କ ମୁଣ୍ଡ ଭିତରେ କିଛି ପଶୁନଥିଲା । ସେ ଟାଣିହୋଇ ସେମିତି ଚାଲିଥିଲେ ।

ଆଉ ହଠାତ୍ ବିଲ ଭିତରେ ଅସିତ ତାଙ୍କୁ ଧରି ପକାଇଲା । ଅସିତ ସାଙ୍ଗରେ ତା'ର ସାଙ୍ଗମାନେ ଥିଲେ । ସେମାନେ କେଉଁ ବନ୍ଧୁଘରୁ ଭୋଜିଖାଇ ଡେରିରେ ବିଲେ ବିଲେ ଫେରୁଥିଲେ । ସେ ନିଜର କଥା କହିଲେ । କେମିତି ସେ ତିନିଘଣ୍ଟା ହେଲା ବୁଲୁଛନ୍ତି ଆଉ ନିଜ ଯିବା ରାସ୍ତାରୁ ଅନେକ ଦୂରରେ ଅଲଗା ଦିଗରେ ଅଛନ୍ତି । ଏତେ ବେଳ ହେଲା ସେ ଖାଲି ବିଲ ଭିତରେ ବୁଲୁଛନ୍ତି ।

"ତମେ ଭେଟଣା ହୋଇଯାଇଥାନ୍ତ । ଆଜି ଏଇଠି ରୁହ ।"- ଅସିତ ତାଙ୍କୁ ଏତିକି କହି ନିଜ ଘରକୁ ନେଇ ଆସିଲା । ସପନାବାବୁ କିଛି କହି ନାହାନ୍ତି । ଦୁଇଗ୍ଲାସ ପାଣି ପିଇ ପକାଇଲେ ଆଉ ଦିଆଯାଇଥିବା ସପ ପକାଇ ଘର ବାହାରେ ଶୋଇ ପଡିଲେ । ରାତିରେ ସେ ପାଓଲିଙ୍କୁ ସ୍ୱପ୍ନ ଦେଖିଲେ । ପାଓଲି ପାଖରେ ଠିଆହୋଇ ତାଙ୍କୁ ହଲାଇ ଦେଉଥିଲେ ।- "ମୋ ପାଖକୁ ଆସ ସପନବାବୁ । ମୁଁ ତୁମର ପ୍ରତୀକ୍ଷା କରି ବସିରହିଛି" । କେହି ଯେମିତି ତାଙ୍କର କାନ ପାଖରେ ବାରବାର କହୁଥିଲା । ସେ ଚମକି ପଡି ଆଖି ଖୋଲିଲେ । କୁହୁଡି ବହୁତ ତଳକୁ ଓହ୍ଲାଇ ଆସିଥିଲା । ଆକାଶରେ ସକାଳର ତାରା ଥିଲା । କେତେ ଉଜ୍ଜ୍ୱଳ ଦେଖାଯାଉଥିଲା ସେ ତାରା । ସେଇ କଣ ପାଓଲି ? ତାରାରୁ ଏକ କ୍ଷୀଣ ଆଲୋକର ଧାରା କୁହୁଡି ଭିତରକୁ ଓହ୍ଲାଇ ଆସିଥିଲା । ଏକ ରାସ୍ତା ତିଆରି ହୋଇଛି ସେ ତାରାର ପର୍ଯ୍ୟନ୍ତ । ସପନବାବୁ ଯେମିତି ଚାଲିଚାଲି ପହଞ୍ଚିଯିବେ । ସପନବାବୁ ସକାଳର ତାରାକୁ ବହୁତ ସମୟ ଅନେଇ ରହିଲେ ।

ସକାଳେ ଅସିତ ତାଙ୍କୁ ପଚରା ପଚରି କଲା ଆଉ ଚିହ୍ନି ଆଶ୍ଚର୍ଯ୍ୟ ହୋଇଗଲା । ଏ ଯେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ପୁରୁଣା ସପନବାବୁ ସେ ବିଶ୍ୱାସ କରିପାରୁ ନଥିଲା । ବନବିବିଙ୍କ ଉପରେ ତଥ୍ୟ ସଂଗ୍ରହ କଲାବେଳେ ଅସିତ ସହ ସେମାନଙ୍କ ଦେଖା ହୋଇଥିଲା । ଅସିତ ମୋଟେ ପୁରୁଣା ବିଶ୍ୱାସ ନେଇ ବଞ୍ଚିବାକୁ ମନ କରୁ ନଥିଲା । ତା'ର ପ୍ରଗାଢ ବିଶ୍ୱାସ ମା କାଳୀଙ୍କ ଉପରେ । ସେ ଲୁଚି ଛପି ସୁନ୍ଦରବନ ଭିତରକୁ ଯିବାରେ ଓସ୍ତାଦ ଥିଲା । ତା'ର ସବୁ ସାଙ୍ଗ ବହୁତ ଭିତରକୁ ଯାଇ ମାଛ ବା କଙ୍କଡା ଧରନ୍ତି । ଏତେ ଭିତରକୁ ଯିବାକୁ ସମସ୍ତଙ୍କୁ ନିଷେଧ । କିନ୍ତୁ ଏମାନେ ସବୁ ନଦୀନାଳକୁ ଭଲଭାବେ ଚିହ୍ନିଥିଲେ । ଏଣୁ ଜଙ୍ଗଲରକ୍ଷୀମାନେ ଏମାନଙ୍କୁ ଲକ୍ଷ୍ୟ କରିପାରନ୍ତି ନାହିଁ ।

"ମୋତେ ଭିତରକୁ ନେଇଯିବ ?"- ସପନବାବୁ କରୁଣ କଣ୍ଠରେ ନେହୁରା ହୋଇ କହୁଥିଲେ । ସେ ଯେମିତି ଭିତରକୁ ଯିବାକୁ ଭିକ ମାଗୁଥିଲେ ।

ଅସିତକୁ ସପନବାବୁଙ୍କ ଏମିତି କାକୁତି ବିନତି କରି ଅନୁରୋଧ କରିବାର ଦେଖି ଦୁଃଖ ଲାଗୁଥିଲା । କୁଆଡେ ଗଲା ସେ ଆକର୍ଷଣୀୟ ବ୍ୟକ୍ତିତ୍ୱ ଆଉ ଗଭୀର ସ୍ୱର । କଅଣ ଘଟିଛି ? ସପନବାବୁ ସବୁ କହିଲେ । ଅସିତ ଭଳି ଦୃଢ ଲୋକର ଛାତିରୁ ମଧ୍ୟ ହାବୁକାଏ ଶ୍ୱାସ ବାହାରି ଆସିଲା । ସେ ତାଙ୍କୁ ବହୁତ ଭିତରକୁ କାହାରିକୁ ନଜଣାଇ ନେଇଯିବ ।

ଦିନେ ସେମାନେ ଗାଁରୁ ବହୁତ ଦୂରକୁ ଚାଲିଗଲେ । ଏତେ ଭିତରକୁ ଯିବାକୁ ନିଷେଧ । ଡଙ୍ଗାରେ କେଉଟମାନେ ସମସ୍ତେ ଟୋକା । ତେଣୁ କିଛି ଖାତିର ନକରି ଭିତରକୁ ଡଙ୍ଗା ନେଇଗଲେ । କେହି କିଛି ଜାଣିପାରିଲେନି । ସେମାନଙ୍କ ପାଖରେ ଦୁଇଟା ଡଙ୍ଗାଥିଲା । ଏକ ବଡ଼ ଡଙ୍ଗା ଆଉ ଏକ ବହୁତ ଛୋଟ ଡଙ୍ଗା । ସେମାନେ ଛଅଜଣ ଲୋକ । ସପନବାବୁଙ୍କୁ ମିଶାଇଲେ ସାତ ଜଣ । ଏପଟକୁ କେହି ଆସନ୍ତିନି । ବାଘ ଆଉ କୁମ୍ଭୀରର ଭୟବହୁତ ବେଶି । କିନ୍ତୁ ଏ ଭିତରର ଖାଲ ବା ନାଳମାନଙ୍କରେ ମାଛ ଆଉ କଙ୍କଡା ମିଳିବା ସମ୍ଭାବନା ବେଶି । ସେମାନେ ଦିନସାରା ଡଙ୍ଗା ଚଲାଉଥିଲେ । ବଡ଼ ନଦୀରୁ କରେଇ ଏକ ଛୋଟ ନାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୂଳେ କୂଳେ ଯାଉଥିଲେ । କେହି ସେମାନଙ୍କୁ ଲକ୍ଷ୍ୟ କରିପାରିଲେନି । କଥାଥିଲା ଦେଢଦିନ ବା ଦୁଇଦିନ ଯାତ୍ରାପରେ ମାଛ ଆଉ କଙ୍କଡା ଧରିବେ । ତେଣୁ ବେଶ ଜୋରରେ ସେମାନେ ତଳକୁ ଆସିଗଲେ ।

ଏ ଲୋକମାନଙ୍କର ମନରେ କିଛି ଡର ଭୟ ନଥିଲା । ମାଛ ମାରିବାର ନିଶାରେ ସବୁ ଭୁଲିଯାଇଥିଲେ । କିନ୍ତୁ ଗୋନା ନଦୀର ଧାରରୁ ଭିତରକୁ ଯାଇଥିବା ସେ ନାଳରେ ପଶୁପଶୁ ମନଟା କାହିଁ ଭାରି ଲାଗିଲା । ଅସିତ ଭଳିଆ ଲୋକକୁ ଦେହଟା ଓଜନିଆ ଲାଗୁଥିଲା । ଶରୀରକୁ କିଏ ଯେମିତି ମାଡି ବସିଛି ।

"କିଛି ଗୋଟାଏ ହେଉଛି । ଶରୀରଟା କାହିଁକି ଭାରି ଭାରି ଲାଗୁଛି ।"- ଅସିତ କହିଲା । ସମସ୍ତଙ୍କ ଏକା ଦଶା । ଲାଗୁଥିଲା ଯେମିତି କିଏ ଅଶରୀର ସେମାନଙ୍କ ଉପରେ ନାଉ ହୋଇଛି । ବାଘ ମୁହଁରେ ଲୋକମଲେ ତା'ର ଆତ୍ମା ମୁକ୍ତି ପାଏନି । କେହି ସେ ଯାଗା ପାଖକୁ ଆସିଲେ ଆତ୍ମା ଯେମିତି ସେ ଲୋକ ଉପରେ ସବାର ହୋଇଯାଏ । ସବୁ ଭାରି ଭାରି ଲାଗେ ।

ଜଙ୍ଗଲରୁ କାଠ କାଟିବାର ଶବ୍ଦ ଆସୁଥିଲା । ଆଖ ପାଖରେ କିଛି ଡଙ୍ଗା ନଥିଲା । ଏ ଘନ ଅରଣ୍ୟରେ କିଏ କାଠ କାଟୁଛି ?

"କିଏ ?"- ଅସିତ ଜୋରରେ ପାଟିକଲା । ସେ କାଠକଟା ଶବ୍ଦ ଦୂରକୁ ଚାଲିଗଲା । କିନ୍ତୁ ଶବ୍ଦ ଶୁଣାଯାଉଥିଲା । କେହି କେଉଁଠି ଦେଖାଯାଉ ନଥିଲେ ।

ଯାଗାଟା ଭଲ ନୁହେଁ । ଏଠି କିଏ ମରିଛି । ତା'ର ଅତୃପ୍ତ ଆତ୍ମା ବୁଲୁଛି । ଅନ୍ୟଯାଗା ଦେଖିବା । ସେମାନେ ଏମିତି ଆସୁଆସୁ ଲୁଥିଦୁହାନୀ ଖାଲ ପର୍ଯ୍ୟନ୍ତ ଆସିଗଲେ । ଯାଗାଟା ବହୁତ ଦୂର । ଚାମଟା ଆଉ ଗୋନା ବ୍ଲକ ପାଖାପାଖି । ଏ ଯାଗା ଅତି ଅପଖ୍ୟାତ । ସର୍ପାଘାତ ହେବା ପୂର୍ବରୁ ପାଓଲି ସେ ଅଞ୍ଚଳକୁ ଶେଷଥର ପାଇଁ ଆସିଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସପନବାବୁ ବହୁତ ହାଲୁକା ଅନୁଭବ କରୁଥିଲେ । ତାଙ୍କର ଦେହ, ମୁଣ୍ଡ ଗୋଡ ଯେମିତି ଲମ୍ବା ହୋଇଯାଉଥିବା ଭଳି ଲାଗୁଥିଲା । ସେ ଯେମିତି ପବନ ଭଳି ହାଲୁକା ହୋଇଯାଉଛନ୍ତି । ତାଙ୍କର ଦେହ ଯେମିତି ଗୋଟାଏ ବାଦଲ ଭଳି ଭାସି ଯାଉଛି । ସେ ନିଜକୁ ତଳେ ଶୋଇଥିବାର ଦେଖୁଥିଲେ । ଅନ୍ୟ ଲୋକମାନେ ଡଙ୍ଗାରେ ଶୋଇଯାଇଛନ୍ତି । ରାତିରେ କିଛି କରିବାର ନାହିଁ । ଏକ ବିରାଟ ବଡ଼ ଧୂଆଁଳିଆ ଆକାର ଆକାଶରୁ ଓହ୍ଲାଇ ଆସିଲା ଭଳି ଲାଗୁଥିଲା । ଗୋଟାଏ ଗୋଡ ଏପଟ ନାଳର ଗଛରେ, ଅନ୍ୟଗୋଡ ଆର ଦ୍ୱୀପକୁ ଲମ୍ବି ଯାଇଛି । ଆକାଶକୁ ମୁଣ୍ଡ ଛୁଉଁଛି ।

ବାହାରେ ହରିଣମାନେ କେଜାଣି କାହିଁକି ଡାକି ଚାଲିଥିଲେ । ବାଘ ପାଖରେ ଥିଲେ ସାଧାରଣତଃ ହରିଣମାନେ ଏମିତି ଡାକନ୍ତି । ଡଙ୍ଗାର ଲୋକମାନେ ସେ ଶବ୍ଦଆଡକୁ ଧ୍ୟାନ ଦେଇନଥିଲେ । କେତେବେଳୁ ସେମାନେ ବଡ଼ ଡଙ୍ଗାରେ ନିଘୋଡ ନିଦରେ ଶୋଇଗଲେଣି । ଡଙ୍ଗା ନଦୀ ମଝିରେ ଥିଲା । ବାଘ ପହଁରି ଆସି ମଣିଷ ଧରିବା ସମ୍ଭାବନା କମ । ସପନବାବୁଙ୍କ ହାତରେ ଏକ ଲମ୍ବା ଟର୍ଚ୍ଚଥିଲା । ଟର୍ଚ୍ଚରୁ ଆଲୁଅ ଏକ ଅର୍ଦ୍ଧବୃତ୍ତ ଆକାରରେ ଜଙ୍ଗଲ ଉପରେ ଖେଳାଇ ହୋଇ ପଡିଲା । ଦୁଇଟା ଆଖି ବୁଦା ଧାରରୁ ଜଳୁଥିଲା । ଆଲେଯ୍ଆ ଟର୍ଚ୍ଚ ଆଲୁଅରେ ଦେଖାଯିବନି । ଅନ୍ଧାରରେ ନିଜକୁ ନିଜେ ଆଲେଯ୍ଆର ଆଲୁଅ ଜଳିବ । ତା' ପାଇଁ କୃତ୍ରିମ ଆଲୋକର ଆବଶ୍ୟକତା ନାହିଁ । ସେ ପାଣିରେ ଟର୍ଚ୍ଚକୁ ଫାପାଡି ଦେଲେ ।

ଆକାଶରୁ ଏକ ଉଲ୍କା ଖସି ଆସିଲା । ଯେମିତି ଏକ ତାରା କଳା ଆକାଶରୁ ଛିଣ୍ଡି ପାଣିକୁ ଛୁଇଁ ଯାଉଛି । ସପନବାବୁ ନିଜ ଭିତରେ ଏକ ଲମ୍ବା ଡାକକୁ ଅନୁଭବ କରୁଥିଲେ । କିଛି ଶବ୍ଦ ତାଙ୍କର ଭିତରେ ପ୍ରବେଶ କରିଯାଇଥିଲା । ଶରୀରର ପ୍ରତିଟି କନ୍ଦି କନ୍ଦିରେ ସେହି ଶବ୍ଦ । ସେହି ଧ୍ୱନୀ । ସେ ଆଉ ନିଜକୁ ଅଟକାଇ ପାରୁନଥିଲେ । ଆଗରେ ନଦୀର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେପଟ ଦୂର କୂଳରେ କିଛି ହଲୁନଥିବା ନୀଳ-ସବୁଜ ଆଲୋକ ଦେଖାଗଲା । ଜଳି ପୁଣି ଲିଭି ଯାଉଥିଲା । ସେପଟେ କିଛି ଡଙ୍ଗା ନଥିଲା । ପଛରେ ଜଙ୍ଗଲ ଅଛି କି ପାଣି ଅଛି କିଛି ଜଣା ପଡୁନଥିଲା । ସେଇ ଆଲୋକ ଆଡକୁ ତାଙ୍କର ମନ ଟାଣି ହୋଇଯାଉଥିଲା । ସେ କାହାରିକୁ ନ ଉଠାଇ ଛୋଟ ଡଙ୍ଗାରେ ବସି ବାହାରିଗଲେ । କେହି କିଛି ଲକ୍ଷ୍ୟ କରି ପାରିଲେନି । ସମସ୍ତେ କେବେଠୁ ନିଦରେ ଶୋଇ ଗଲେଣି । ସପନବାବୁଙ୍କ ଆଖିରେ ଟିକିଏ ନିଦ ନଥିଲା । ସେ ସେଇ ଜଳି ଲିଭି ଯାଉଥିବା ଆଲୁଅ ଆଡକୁ ନିଜର ଡଙ୍ଗା ଆହୁଲା ମାରି ନେଇଗଲେ ।

"ପାଓଲି, ପାଓଲି ଅପେକ୍ଷା କର । ଜଳି ପୁଣି ଲିଭି ଯାଅନି ।"- ସପନବାବୁ ନିଜକୁ ନିଜେ କହିହେଲେ ।

ବାହାରେ ସବୁ ଶାନ୍ତ ହୋଇଯାଇଥିଲା । କେଉଁଠି କିଛି ଶବ୍ଦ ନଥିଲା । କୁହୁଡି ନଦୀଉପରକୁ ଓହ୍ଲାଇ ଆସିଥିଲା ।

ସକାଳ ହେଲା । ଡଙ୍ଗାର ଲୋକେ ଉଠିଲେ । ସେମାନେ ନିଜ ନିଜ ଭିତରେ କଥା କୁହାବୋଲା ହେଉଥିଲେ । ନୂଆ ଲୋକଟା ନିଜକୁ ବଡ଼ ଚାଲାକ ଭାବୁଥିଲା । ଅନ୍ଧାରୁ ଅନ୍ଧାରୁ ଜାଲକୁ ତଳକୁ ଖସାଇଥାନ୍ତା । ଏକଦମ କୂଳକୁ ଡଙ୍ଗା ନେଇ ଆସିଥିଲା । ଭଟ୍ଟା ସମୟ । ପାଣି ବହୁତ ଖସି ଯାଇଥିଲା । ଲୋକଟା ତାପରେ ଚାଲି ଚାଲି କୂଳକୁ ଆସିଛି । ବାଘ କୂଳରେ ଅନେଇ ରହିଥିଲା । ଏକ କ୍ଷେପାରେ ବେକ ଧରି ନେଇଛି ଆଉ ଝୁଣି ମାରିଦେଇଛି ।

ସବୁଠାରୁ ବଡ଼ କଥାହେଲା ବେକରେ କେତେଟା ବଡ଼ କଣାଛଡା ଶରୀରରେ ଆଉ କିଛି ଖଣ୍ଡିଆ ନଥିଲା । ବାଘ ମଣିଷକୁ ମାରିଦେଇ ନଦୀ କୂଳରେ ଫୋପାଡି ଚାଲିଯାଇଥିଲା ।

ଏମିତଆ ଲୋକକୁ ସାଙ୍ଗରେ ଆଣିଥିବାରୁ ଅନ୍ୟ ସାଥିମାନେ ଅସିତଙ୍କୁ ବହୁତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗାଳିଦେଲେ । ଅନ୍ୟମାନଙ୍କ ଅଜାଣତରେ ଅସିତ ଆଖିରୁ କିନ୍ତୁ ଦୁଇ ବିନ୍ଦୁ ଲୁହ ଝରି ପଡିଲା । ସେ ସପନବାବୁଙ୍କ କଥା କାହାକୁ କହିଲାନି । ଅନ୍ୟମାନେ ବୁଝିପାରିବେନି ।

ଗାଁକୁ ଶବ ଆଣିଲେ ଖବର ଚାଲିଯିବ ଆଉ କିଏ କ୍ରିୟା କର୍ମ କରିବ ? ଏତେ ଜଞ୍ଜାଳ କାହିଁକି ? ଅସିତର ସାଥିମାନେ ଶବକୁ ଏକ ଭେଳାରେ ଭସାଇଦେଲେ । ଅସିତ କିଛି କହି ପାରିଲାନି, ମନା କରିପାରିଲାନି । ଭଟ୍ଟା ସମୟ । ପାଣି ଜୋରରେ ଖସୁଥିଲା । ବହୁତ ଜଲଦି ଭେଳା କୁଆଡେ ଭାସିଗଲା । କିଛି ଖୋଜ ଖବର ରହିଲାନି ।

ଦୁଇଦିନ ପରେ ଗାଁରେ ଖବର ପହଞ୍ଚିଲା । ଏକ ଲୋକକୁ ବାଘ ମାରିଦେଇଛି । ଆଗକୁ କେହି ସପନବାବୁଙ୍କର ଖବର ନେଲେନି । କେହି ଖୋଜିଲେନି ଲୋକଟା କିଏ ? ସରକାରୀ କଳର ଡରରେ ଗାଁ ଲୋକେ ବାହାରେ ଖବର ବି ଦେଲେନି ।

ସମାପ୍ତ -

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଯେତେବେଳେ ଚାହିଁବ...



ଦୀପକ ଷଡ଼ଙ୍ଗୀ

ଭାଗ - ୨

ମୂଳଲେଖା : ଷ୍ଟେଫିନି ଭ୍ୟାନ୍ ଓରମାନ୍

ଭାବାନୁବାଦ : ଦୀପକ ଷଡ଼ଙ୍ଗୀ

ଖ୍ରୀଷ୍ଟିନା ନୂଆବର୍ଷ ପାଇଁ ନିଜକୁ ଖୁବ ସୁନ୍ଦର ଭାବରେ ସଜେଇ ଥିଲା । ମିଣ୍ଡୀ ଠାରୁ ଉଧାର କରି ଆଣିଥିବା ଡ୍ରେସକୁ ସେ ନିଜକୁ ସୁନ୍ଦର ଦେଖାଯିବା ଭଳି ପିନ୍ଧିଥିଲା । ଡ୍ରେସ୍ ସହିତ ଖାପ ଖାଇଲା ଭଳି କାନରେ ଓ ନାକରେ କାନ ଝୁମୁକା ଓ ନାକର ନୋଥମଣି ପିନ୍ଧିଥିଲା । ସେଦିନ ତା'ର ଗରାଖ ଥିଲା ମାର୍କ ଲୁଇସ । ଯାହାକୁ କି ସେ ଗ୍ରାଣ୍ଡ ମୋର୍ଟନ୍ ହୋଟେଲରେ ଭେଟିବାର ଥିଲା । ସେଥିପାଇଁ ସେ ହୋଟେଲ ଭିତରକୁ ଗଲା । ହୋଟେଲର ରିସେପସନ୍ ରେ ତାକୁ କହିଲେ ଯେ ପାର୍ଟି ହୋଟେଲର ଲନ୍ ଭିତରେ ଚାଲିଛି ବୋଲି ତେଣୁ ସେ ସେଠାରେ ଆଉ ଅପେକ୍ଷା ନ କରି ଲନ୍ ଭିତରକୁ ଗଲା । ଦେଖିଲା ବହୁତ ଗୁଡିଏ ଲୋକ ନିଜର ପାର୍ଟନର୍ ମାନଙ୍କ ସହିତ ପାର୍ଟିରେ ମସଗୁଲ ଥାଆନ୍ତି । ହାଲକା ହାଲକା ପିଆନୋ ସହିତ କିଛି ଲୋକ ନିଜ ପାର୍ଟନରଙ୍କ ସହିତ ଅଣ୍ଟାରେ ହାତ ଦେଇ ନାଚୁଥାଆନ୍ତି । ଖ୍ରୀଷ୍ଟିନା ଯାଇ ଲନରେ ଗୋଟେ କଡରେ ଛିଡା ହେଲା । ଏହି ସମୟରେ ଜଣେ ସୁଢଳ ସୁଠଳ ଯୁବକ ଆସି ତା ସହ ଜବରଦସ୍ତି କଥା ହେବାକୁ ଚେଷ୍ଟା କଲା । ଖ୍ରୀଷ୍ଟିନାକୁ ଏ ସବୁ ଭଲ ଲାଗୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନଥାଏ । ତେଣୁ ସେ ତାକୁ ତା ଠାରୁ ଦୂରରେ ରହିବା ପାଇଁ ଚେଷ୍ଟା କରୁଥାଏ । ଠିକ ଏହି ସମୟରେ ସେ ଯୁବକକୁ ଆଉ ଜଣେ ଯୁବତୀ ପଛରୁ ମାର୍କ ବୋଲି ଡାକିଲା । ସେ ଯୁବତୀର ଡାକିବା ଶୁଣି ଖ୍ରୀଷ୍ଟିନା ବୁଝି ଯାଇଥିଲା ଯେ ସେ ଯୁବକ ହିଁ ସେଦିନ ରାତି ପାଇଁ ତା'ର ଗ୍ରାହକ ମାର୍କ । ଖ୍ରୀଷ୍ଟିନାକୁ ମାର୍କ ସେ ଯୁବତୀ ସହିତ ପରିଚିତ କରେଇ ଦେଲା ଓ କହିଲା ଯେ "ଏ ହଉଛି ମୋ ସାଙ୍ଗ ଲାଉରା" । ଲାଉରା ମାର୍କକୁ ଖ୍ରୀଷ୍ଟିନା ସହିତ ଦେଖି ଈର୍ଷାନ୍ବିତ ହୋଇ କହିଲା "ମାର୍କ ତୋର ତ ସବୁବର୍ଷ ନୂଆ ହିଁ ଦରକାର" । ମାର୍କ ତା କଥାକୁ ଗୁରୁତ୍ବ ନ ଦେଇ ଖ୍ରୀଷ୍ଟିନାର ଅଣ୍ଟାରେ ହାତ ଦେଇ ନେଇଗଲା ଲନ୍ ଆଡକୁ । ସେଠି ସେମାନେ ନାଚିବା ସହିତ କିଛି ହ୍ବିସ୍କି ବି ପିଇଲେ । ନିଶାରେ କିଛି ସମୟ ମତୁଆଲା ହେବା ପରେ ତାଙ୍କ ଭିତରେ ଘନିଷ୍ଠତା ବଢିଗଲା ଓ ଯାହାକି ଏକ ଚୁମ୍ବନର ରୂପ ନେଲା । ଖ୍ରୀଷ୍ଟିନା ନିଜକୁ ସଂଜତ କଲା ଓ ମାର୍କ ଠାରୁ ନିଜକୁ ଅଲଗା କରି ନିଜର ଭାବାବେଗକୁ ସମ୍ଭାଳି ନେଲା; କିନ୍ତୁ ମାର୍କର ମୁହଁରେ କିଛି ବି ଲଜ୍ଜାର ଲକ୍ଷଣ ନ ଥିଲା ଯେମିତି କି ସେ ଏ ସବୁ କାମ ସବୁ ବେଳେ କରେ । ଖ୍ରୀଷ୍ଟିନାକୁ ଟିକେ ଲଜ୍ଜା ଲାଗୁଥିଲେ ବି ଏ ସବୁ ଜିନିଷ ତା କାମର ଗୋଟେ ଅଂଶ ବୋଲି ଭାବି ସେ ନିଜକୁ ଆଶ୍ବାସନା ଦେଲା । ସେ ମାର୍କକୁ କହିଲା ଯେ ହୋଟେଲର ବାହାରକୁ ଯିବା ପାଇଁ । ମାର୍କ ଓ ଖ୍ରୀଷ୍ଟିନା ଦୁହେଁ ହୋଟେଲ ବାହାରକୁ ଗଲେ ଓ ରାସ୍ତା କଡରେ ଥିବା ଗୋଟେ ରେଷ୍ଟୋରାଣ୍ଟରେ ବସି କଫି ପିଇବାକୁ ଲାଗିଲେ । ସେତେବେଳକୁ ରାତି ପ୍ରାୟ ୧୨ଟା ହୋଇ ଯାଇଥିଲା । ସେତିକିବେଳେ ଆଉ ଜଣେ ଯୁବତୀ ମାର୍କକୁ ପଛରୁ ଆସି ମାଡି ବସିଲା ଆଉ ଖ୍ରୀଷ୍ଟିନାକୁ ଦେଖେଇଲା ଭଳି କହିଲା "ନୂଆବର୍ଷରେ ମାର୍କକୁ କିସ୍ ନ କଲେ ନୂଆବର୍ଷ ଟା ଏକଦମ ଅଧୁରା ଲାଗେ" ଏତିକି କହି ସେ ଚାଲିଗଲା । ମାର୍କକୁ ଖ୍ରୀଷ୍ଟିନା ଗୋଟେ ସନ୍ଦେହ ଭରା ଚାହାଣିରେ ଦେଖି ତା ଠାରୁ ସେଦିନ ସେ ବିଦାୟ ନେଲା ।

ନୂଆ ବର୍ଷ ପରେ, ଖ୍ରୀଷ୍ଟିନା ନିଜର ଜାନୁଆରୀ ମାସର ଭରଣ ପୋଷଣ ପାଇଁ ନିଜ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପୁଣି ସେଇ ହୋଟେଲକୁ ଯାଇଥିଲା ବାସନ ମାଜିବା ପାଇଁ । ବାସନ ମାଜିବା ବେଳେ ସେ ଭାବୁଥିଲା ଯେ ଏଇ ଏସକର୍ଟ ଭାବରେ କାମ କରିବାରେ ସେ କ'ଣ ହରାଉଛି ଓ ଏଥିରୁ ସେ କଣ ପାଉଛି । ସେ ଭାବୁଥିଲା ଯ ସେଇ ସୁନ୍ଦର କିଛି ମୁହୂର୍ତ୍ତ ସବୁକୁ ଯାହା କି ସେ ମାର୍କ ସହିତ କଟେଇଥିଲା ।

କାମ ସରିବା ପରେ ଖ୍ରୀଷ୍ଟିନା ନିଜ ରୁମ୍ କୁ ଆସିଲା ବେଳକୁ ଦେଖିଲା ମିଣ୍ଡୀ ଗୋଟେ ମାଗାଜିନ ବସି ପଢୁଥିଲା ଓ କାନରେ ହେଡଫୋନ ଲଗେଇ ଗୀତ ଶୁଣୁଥିଲା । ଖ୍ରୀଷ୍ଟିନାକୁ ଦେଖି ସେ ମାଗାଜିନ ପଢା ବନ୍ଦ କରି ହେଡଫୋନକୁ କାନରୁ ବାହାର କରି ଖ୍ରୀଷ୍ଟିନାକୁ ପଚାରିଲା, "ତେବେ, ତୋର କାମ କିପରି ଥିଲା ? ତୁ ଦରମା ପାଇଛୁ କି ନାହିଁ ? ଏମିତି ଅନେକ ପ୍ରଶ୍ନରେ ସେ ଖ୍ରୀଷ୍ଟିନାକୁ ବ୍ୟତିବ୍ୟସ୍ତ କରି ପକେଇଲା । ଖ୍ରୀଷ୍ଟିନା ଅଳ୍ପ ହସି କି କହିଲା "ମୁଁ ପାରିଶ୍ରମିକ ପାଇଲି ମାତ୍ର ସେତିକି ପଇସା ମୋ ପାଇଁ ଯଥେଷ୍ଟ ନୁହେଁ ?"

ମିଣ୍ଡୀ ପୁଣି କହିଲା "ଦେଖ ଖ୍ରୀଷ୍ଟିନା ! ଗତ ମାସର ରୁମ ଭଡା ମୁଁ ତୋ ପାଇଁ ଦେଇ ଦେଇଛି, କିନ୍ତୁ ଏ ମାସ ପାଇଁ ରୁମର ଭଡା ତତେ ହିଁ ଯୋଗାଡ କରିବାକୁ ପଡିବ ଆଉ ମୁଁ ଚାହୁଁନି ଯେ ଏ ସବୁ କଥା ମୁଁ ତୋ ଘରକୁ ଜଣାଏ ଯେ ସେମାନେ ତୋ ପାଇଁ ଘର ଭଡା ପଠାନ୍ତୁ ବୋଲି ।" ଖ୍ରୀଷ୍ଟିନା ବିରକ୍ତ ହୋଇ କହିଲା "ତୋ ପଇସା ମୁଁ ଶୀଘ୍ର ସୁଝି ଦେବି ଖାଲି ମୋର ଗ୍ରାଜୁଏସନଟା ଟିକେ ସରି ଯାଉ ।" ମିଣ୍ଡୀ କହିଲା "ତୋର ଯଦି ପଇସା ରୋଜଗାର କରିବାକୁ ଇଚ୍ଛା ଅଛି ତେବେ ଆମ ଏଜେନେସୀ ତରଫରୁ ଆଗକୁ ଗୋଟେ ବହୁତ ଭଲ ଅଫର୍ ଅଛି "ଭଲେଣ୍ଟାଇନ୍ ଡେ" ପାଇଁ ତୁ ଯଦି କହିବୁ ମୁଁ ତୋ ପାଇଁ ସରି ! ମାନେ ଟିନା ପାଇଁ ମୁଁ ଆମ ଏଜେନେସୀକୁ କହି କିଛି କରେଇପାରିବି ।

କ୍ରମଶଃ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱସ୍ତ ବିଶ୍ୱର ବାଦଶା



କିଶୋର ଆକାଶ

ରାତି ପାହିବାକୁ ଢେର ଡେରି ଅଛି ଆହୁରି । ସମୟ ଜାଣିବାକୁ ଇଚ୍ଛା ନାହିଁ ଜମା । ଅଚାନକ ନିଦ ଭାଙ୍ଗିଗଲା ତୁଷାରର । ଯେମିତି କିଏ ହାତ ମାରି ଉଠେଇଦେଲା ତା'କୁ ।

- ଆରେ ଉଠ । ଉଠ । ଦେଖ ତୋ ପ୍ରିୟ ରାଜା'ର (ତା' ଛଡା ଘରେ ଓ ବାହାରେ ସମସ୍ତେ ତା'କୁ ହେରୀ ନାମରେ ହିଁ ଡାକୁଥିଲେ) ଅବସ୍ଥା... !

ଧଡପଡ ହୋଇ ଉଠି ଧାଇଁ ଯାଇ ମାଷ୍ଟର ବେଡ୍‌ରୁମ୍‌ରେ ଶାୟିତ ରାଜାକୁ ଦେଖିଲା ପାଖକୁ ଯାଇ । ନା ପେଟ ପିଠି ଆଉ ହଲଚଲ ହେଉ ନାହିଁ । ସ୍ଥିର । ନିଶ୍ଚଳ । ମାନେ... ରାଜା ଚାଲିଗଲା ସବୁଦିନ ପାଇଁ । ପାଖକୁ ଲାଗି ଖଟ ଉପରେ ଶୋଇଛି ସାନ ପୁଅ ରିକି । ସେ ଜାଣିଲେ ତା'କୁ ଆଉ ସମ୍ଭାଳିବା ଭୀଷଣ କଷ୍ଟ । ତେଣୁ ତୁଷାର ସ୍ତ୍ରୀ ତନିମାକୁ ଧିରେ ଚୁପଚାପ୍ ଉଠାଇ,ଠାରରେ କହିଦେଲା ଯେ ହେରୀ ଆଉ ନାହିଁ ।

ତନିମା ବି ଠାରରେ କହିଦେଲା କିଚେନ୍ ବାଲକୋନୀକୁ ଚାଲ । ଏବେ ଆମେ କନ୍ଦାକଟା କଲେ ରିକିକୁ ସମ୍ଭାଳି ହେବ ନାହିଁ ଜମା । ବର୍ତ୍ତମାନ ସମସ୍ତଙ୍କୁ ଜଣାଇ ଦିଅ ଏ ଦୁଃସମ୍ବାଦ । ଅନ୍ତତଃ ଯେଉଁମାନେ ରହୁଛନ୍ତି ଏ ସହରରେ ।

ତନିମା ଏତିକି କହି ଦେଇ କାନ୍ଦି କାନ୍ଦି ବାଥ୍‌ରୁମ୍ ଚାଲିଗଲା କୋହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ଲୁହକୁ ଚାପି ଦେଇ ।

ତୁଷାର କହିଲା ମନେ ମନେ - ରାଜା ତ ମୋ ପାଇଁ ମୋର ତୃତୀୟ ପୁତ୍ର ଥିଲା ନା.... । ଚାଲିଗଲା ଭସେଇ ଦେଇ ମତେ ଅଥଳ ସାଗରେ । ଏକା କରି ଦେଇ ମତେ ଏକା ଥରେ । ଦୀର୍ଘ ନିଶ୍ୱାସ ଛାଡି ଛାତିକୁ ଚାପି ଧରିଲା ଜୋରରେ ।

ସେହି ସହରରେ ରହୁଥିବା ତିନୋଟି ଶଳା, ଜଣେ ଶାଳୀ, ଷଢୁଙ୍କ ପୁଅ ଝିଅ (ପୁତୁରା/ଝିଆରୀ) ସମେତ କିଛି ଖାସ୍ ବଂଧୁଙ୍କୁ ଏ ଖବର ମୋବାଇଲରେ ଜଣାଇ ଦେଇ ଆସିବାକୁ ଅନୁରୋଧ କଲା । ସମସ୍ତେ ଆସି ଠିଆ ହେବାକୁ ପ୍ରତିଶ୍ରୁତି ଦେଇ ଫୋନ୍ କାଟିଲେ । ସୁଦୂର ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ରହୁଥିବା ବଡ଼ ପୁଅ ପ୍ରକାଶକୁ ଜଣାଇ ଦେଇ ପ୍ଲେନ୍‌ରେ ତୁରନ୍ତ ପହଞ୍ଚିବାକୁ ତାଗିଦ୍ କଲା ତୁଷାର ।

ଘଣ୍ଟାଏ ପରେ ଅଚାନକ ଉଠିଲା ରିକି ।

ହେରୀକୁ ନିର୍ଜୀବ ଦେଖି କାନ୍ଥରେ ଢୋ ଢୋ ମୁଣ୍ଡ ପିଟି ଚଟାଣରେ ହାତ କଚାଡି "ମୋ ହେରୀ ଆଉ ନାହିଁ ମାମା ! ମୋ ହେରୀ ମତେ ଏକା ଛାଡ଼ି ଚାଲିଗଲା" ବଡ଼ ପାଟିରେ ଚିତ୍କାର କରି କାନ୍ଦିବାକୁ ଲାଗିଲା ଛୋଟ ଛୁଆଟିଏ ଭଳି ରାହା ଧରି । ତୁଷାର ତନିମା କେତେ ସାନ୍ତ୍ୱନା ଦେଲେ ବି ତା'କୁ କଣ୍ଟ୍ରୋଲ କରିବା ମୁସ୍କିଲ ହୋଇ ଉଠିଲା । ସେ ଏତେ ଜୋରରେ ଏଡେ ବିକଳରେ କାନ୍ଦୁଥାଏ ଯେ ଗଛପତ୍ର, କାନ୍ଥ ବାଡ଼, ଛାତଚଟାଣ ବି ଯେମିତି ଏ ଅଜବ ଦୃଶ୍ୟରେ ମୁହ୍ୟମାନ । ସାହିପଡିଶା ତ ଏ ଆପାର୍ଟମେଣ୍ଟରେ ଆତ୍ମୀୟତା ବିହୀନ ଆଉ ପ୍ରତିକ୍ରିୟାଶୂନ୍ୟ । ହେରୀ ଥିଲା ରିକିର ପୃଥିବୀ । ତା'ର କେହି ସାଙ୍ଗ ସାଥି ନ ଥିଲେ । ରିକି ହେରୀକୁ  ନିଜ ଜୀବନଠୁଁ ଅଧିକ ଭଲ ପାଉଥିଲା । ଚବିଶ ଘଣ୍ଟା ତା'ସହ ଏକାତ୍ମ ହୋଇ ରହୁଥିଲା । ଦୁହେଁ ଦୁହିଁଙ୍କୁ ପ୍ରଚୁର ପ୍ରେମୁଥିଲେ । ରିକି ନଭେମ୍ବରରୁ ଜାନୁଆରୀ ତିନି ମାସ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନେପାଳ ଚାଲିଗଲା ବୋଲି ତୁଷାର ସହ ଏତେ ଆତ୍ମୀୟତା ବଢିଗଲା ।

ନା.. । ରିକିର ଦେହ ଖରାପ ଶୁଣି ତୁରନ୍ତ ଫେବୃଆରୀରେ ହିଁ ରିକି ହେରୀ ପାଖକୁ ଫେରି ଆସିଥିଲା ।

ପ୍ରାୟ ଘଣ୍ଟାଏ ପରେ ଶାଳୀର ତରୁଣୀ ଝିଅ ମିମି ଆସି ପହଞ୍ଚିଲା କାର୍‌ରେ । ସେ ନିଜେ ଗୋଟାଏ ପେଟ୍ ଲଭର୍ । ରାସ୍ତାକଡର ବୁଲା କୁକୁରମାନଙ୍କ ହେପାଜତ୍ ନିଏ । ଖାଇବାକୁ ପିଇବାକୁ ନିୟମିତ ଦିଏ । ସେବା ଶୁଶ୍ରୁଷା କରେ । ତା'ଘରେ ଚାରୋଟି ବୁଲା କୁକୁର ପାଳିଛି ସିଏ ।

ମିମି ସମ୍ଭାଳିଲା ରିକିକୁ । ଆପର୍ଟମେଣ୍ଟର କିଛି ପେଟ୍ ଲଭର୍ ଆସି କାନ୍ଦି କାନ୍ଦି ସମବେଦନା ଜଣାଇ ଶେଷ ଦର୍ଶନ କରି ଫେରିଗଲେ । ଆଉ କେହି ବଂଧୁପରିଜନ କି ଆତ୍ମୀୟସ୍ୱଜନ ପହଞ୍ଚିଲେ ନାହିଁ ।

ପ୍ରାୟ ନଅଟା ବେଳକୁ ଶ୍ମଶାନଘାଟକୁ ନିଆଗଲା ହେରୀକୁ । ସେଠାକାର ସମସ୍ତ ଆୟୋଜନ ଖୁବ୍ ବ୍ୟବସ୍ଥିତ ଢଙ୍ଗରେ କରିଦେଇଥିଲା ମିମି ଫୋନ୍‌ରେ । ତା'ର ଏ ଦିଗରେ ଯଥେଷ୍ଟ ଅଭିଜ୍ଞତା ଥିଲା ତ ଆଗରୁ । ତନିମା ସିନା ଟଙ୍କା ପେମେଣ୍ଟ କଲା ଆଉ କୌଣସି ଝମେଲା ନ ଥିଲା ।

ଘରଠୁଁ ପ୍ରାୟ ଦଶ/ବାର କିଲୋମିଟର ଦୂରରେ ଶ୍ମଶାନଘାଟ । ନିଜ କାର୍‌ରେ ବସିଲା ତୁଷାର ହେରୀକୁ କୋଳରେ ଧରି । କାର୍ ଚଳାଇବା ପାଇଁ ପ୍ରକାଶର ବଂଧୁ ରଂଜନ ଆସିଥିଲା । ରିକି ସେମିତି ମୁଣ୍ଡ ପିଟି ଏମିତି ବିକଳରେ କାନ୍ଦୁଥାଏ ଯେ ବର୍ଣ୍ଣନା କରିବା ଅସମ୍ଭବ । ସେ ଡ୍ରାଇଭର ସାଇଡ୍‌ରେ ଆଗରେ ବସିଲା ତ ତନିମା ଆଉ ନାତୁଣୀ ରିନି ବସିଲେ ମିମିର କାର୍‌ରେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ମଶାନଘାଟରେ ସାନ ଶଳା ନରେଶ୍ ଅପେକ୍ଷା କରିଥିଲା । ସମସ୍ତେ ମିଶି ହେରୀର ଦାହ ସଂସ୍କାର କରିବା ପାଇଁ ପ୍ରୟାସ କଲେ । ହେରୀକୁ ମାଟିରେ ପୋତି ଦେବାକୁ ସେଠାକାର କିଛି ଲୋକ ପ୍ରସ୍ତାବ ଦେବାରୁ ରିକି ଆଉ ତୁଷାର ଦୃଢ଼ ବିରୋଧ କଲେ । ନାତୁଣୀ ବିନିକୁ ମିମି ଆଉ ରିକିକୁ ନରେଶ୍ ସମ୍ଭାଳୁଥାନ୍ତି । ମଣିଷ ଭଳି କାଠରେ ଜୁଇ ପ୍ରସ୍ତୁତ କରି ହେରୀକୁ ସେଥିରେ ଶୁଆଇ ଦେଇ ନୂତନ ବସ୍ତ୍ର ଆଚ୍ଛାଦିତ କରି ଦିଆଗଲା । ବ୍ରାହ୍ମଣ ମନ୍ତ୍ର ପଢିଲେ । ସମସ୍ତେ କଳାରାଶି ପକାଇଲେ । ମଧୁ ଦିଆଗଲା ମୁଖରେ ।

ମୁଖାଗ୍ନି ଦେଲା ରିକି ପ୍ରଦକ୍ଷିଣ କରି ହେରୀ ଚାରିପଟେ । ଚାହୁଁ ଚାହୁଁ ଜଳିଗଲା ଘୃତ ଆଉ ଚନ୍ଦନ କାଷ୍ଠର ମିଳିତ ଅଗ୍ନିରେ ପ୍ରିୟ ହେରୀର ସୁନ୍ଦର ସୁଢଳ ଶରୀର । ପଛକୁ ନ ଚାହିଁ ସମସ୍ତେ ଫେରିଲେ କାନ୍ଦି କାନ୍ଦି ପ୍ରିୟ ଜନର ଚିର ଅବର୍ତ୍ତମାନରେ ମୁହ୍ୟମାନ ହୋଇ ।

ତା'ପର ଦିନ ତୁଷାର ବଡ଼ପୁଅ ପ୍ରକାଶ ସହିତ ଯାଇଥିଲା ଶ୍ମଶାନଘାଟକୁ ଦିବଂଗତ ହେରୀର ଅସ୍ଥି ଶୀତଳେଇବା ପାଇଁ । ଗୋଟାଏ ନାଲି କନାରେ ଅସ୍ଥି ସବୁ ଗୁଡ଼ାଇ ଧରି ଯମୁନାରେ ବିସର୍ଜନ ପାଇଁ ଗଲା ବଡ଼ କଷ୍ଟରେ ।

ଭୋ ଭୋ କାନ୍ଦି କାନ୍ଦି କହୁଥିଲା

-ରାଜାରେ ମୋ ରାଜା ବାବା ! ମତେ ଏମିତି ଏକା ଛାଡ଼ି ଚାଲିଗଲୁ । ସାରା ଜୀବନ ମୋ ଆଖିର ଲୁହ ହୋଇ ରହିଗଲୁ । ଛାତି ଫାଟି ଯାଉଛିରେ ରାଜା ! ନିଜକୁ ଜମା ସମ୍ଭାଳି ପାରୁନି । ନା ନା ଜମା ସମ୍ଭାଳି ହେଉ ନାହିଁ ଏ ମରଣ ତୋର ।

ପ୍ରକାଶ ତୁଷାରକୁ ସାନ୍ତ୍ୱନା ଦେଉ ଦେଉ ନିଜେ ଭାଙ୍ଗିପଡିଲା । ତୁଷାରକୁ ଜାବୁଡ଼ି ଧରିଲା । ବାପ ପୁଅ ଦୁହେଁ କାନ୍ଦିଲେ ଢେର ସମୟ । ଏ ଅଭାବନୀୟ ଦୃଶ୍ୟ ଅବଲୋକନ କରି ଉପସ୍ଥିତ ବ୍ରାହ୍ମଣ ଓ ସହାୟକ ତରୁଣ ତାଜୁବ । ଓଃ କି ପାଳିତ ପଶୁ ପ୍ରେମରେ ବାବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଟାନ୍ତର ନାହିଁ ।

ହୁଏତ ସେମାନେ ଭାବୁଥାଇ ପାରନ୍ତି--ସାମାନ୍ୟ କୁକୁରଟେ ପାଇଁ ଏତେ ମୋହ ମାୟା, କାନ୍ଦବୋବାଳି, ଦୁଃଖ ଶୋକ ଆଉ ଲୁହ କୋହର କୋରସ୍ ।

ଅସ୍ଥି ବିସର୍ଜନ ବେଳେ ତୁଷାର ଅବସ୍ଥା ଅସମ୍ଭାଳ । କୋହ ଆଉ ଲୁହରେ ସ୍ନାନ କଲାବେଳେ ଖୋଦ୍ ରାଜା ଯେମିତି ସଶରୀରେ ଆବିର୍ଭାବ ହୋଇଗଲା ସାମ୍ନାରେ । ଲୁହ ପୋଛି ଦେଇ କହିଲା--ଭାଇଆ ! ତମେ ପରା ଘରର ମୁରବୀ । ତମେ ଏମିତି ଭାଙ୍ଗି ପଡିଲେ ମୋ ରିକି ଭାଇକୁ ଆଉ ସମ୍ଭାଳିବ କିଏ ? ମୁଁ ତ ଏତିକି ଦିନ ପାଇଁ ହିଁ ସଂସାରକୁ ଆସିଥିଲି । ମୋର ଆୟୁଷ ସରିଲା ମୁଁ ଚାଲିଗଲି । ତମେ ଧୈର୍ଯ୍ୟ ଧର । ଆଉ ଅନ୍ୟମାନଙ୍କୁ ସାନ୍ତ୍ୱନା ଦିଅ ।

ତୁଷାର କାନ୍ଦି କାନ୍ଦି କହିଲା--ମୁଁ ପାରୁନିରେ ରାଜା ପାରୁନି ଜମା । ଯେତେ ଦୃଢ଼ ହେଲେ ବି କୋହର ବନ୍ୟାରେ ଭାସିଯାଉଛି ମୋର ଧୈର୍ଯ୍ୟର ସିମେଣ୍ଟ ବନ୍ଧ ।

ତଥାପି ଯଥା ସମ୍ଭବ ଶକ୍ତ ହୋଇ ଘରକୁ ଫେରିଲା ତୁଷାର । ଏ ଘରେ ବି ରାଜାର ସ୍ମୃତି ମହଜୁଦ୍ । ସାରା ଘର ଖାଁ ଖାଁ ଶୂନଶାନ୍ । ସବୁଠି ତା'ର ଉପସ୍ଥିତି । ଖଟ, ସୋଫା, ବାଲକୋନୀ, ଚେୟାର, ବାଥ୍‌ରୁମ୍ ସବୁଠି ସିଏ । ଲାଞ୍ଜ ହଲାଇ ହଲାଇ ଏ ମୁଣ୍ଡରୁ ସେ ମୁଣ୍ଡ ଘୁରିବୁଲୁଛି ଖୁସିରେ ଆତ୍ମହରା ହୋଇ । ସମ୍ଭାଳି ହେଉନି ନିଜକୁ । ହାବୁକା ହାବୁକା କୋହ ଉଠୁଥିଲା ଛାତିରୁ । କାହାକୁ କହିବ ଏ ଦୁଃଖ ? ସାନପୁଅ ରିକିର ଅବସ୍ଥା ତ ସଂଗୀନ । ତା' ମାମା ବାହୁନି ବାହୁନି କାନ୍ଦୁଥିଲା ସଦ୍ୟ ପୁତ୍ରହରା ଶୋକରେ ମୁହ୍ୟମାନ ହୋଇ ।

ସବୁଠୁଁ ବେଶୀ ବାଧିଲା ଷଢୁଙ୍କ ପୁଅ ଝିଅ, ଶଳା ଶାଳୀଙ୍କ ପରିବାର ତୁଷାରକୁ ପରିହାସ - ଟିକଲ କରି ଫୋନ୍‌ରେ ତନିମାକୁ କହିଥିବା କଟୁ ଶାଣିତ ବକ୍ତବ୍ୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

—ଓଃ ସାମାନ୍ୟ କୁକୁରଟାଏ ମରିଗଲା ଯେ କେତେ ତୁମ୍ଭି ତୋଫାନ କରିଦେଲା ତୋ ବର ତୁଷାର । ସମସ୍ତଙ୍କୁ ଭୋରୁ ଭୋରୁ ନିଦ ଭଙ୍ଗେଇ ଦେଇ ହଟଚମଟ ସୃଷ୍ଟି କରି ଆସି ପହଞ୍ଚିବାକୁ ତାଗିଦ୍ କରିଦେଲା । ଓଃ ହୋ ଅସହ୍ୟ । ଅଥଚ ଆମ ଘରେ ଆମ ବାପ ମା ଶଯ୍ୟାଶାୟୀ ହୋଇ ମାସ ମାସ ଦିନ ଦିନ ଧରି ପଡିଛନ୍ତି ଯେ ଥରୁଟେ ବି ଦେଖିବାକୁ ଆସିଲା ନା କେମିତି ଅଛନ୍ତି ବୋଲି ଫୋନ୍‌ରେ ପଚାରିଲା ? ଧେତ୍ ନିହାତି ଅଭଦ୍ର ଛୋଟ ଲୋକଟେ । ପରମ ସ୍ୱାର୍ଥପର ମତଲବି ମଣିଷଟେ ତୋ ବର । ଛି ଛି ଛି ।

ଏ ସବୁ ଘୃଣିତ ଆବର୍ଜନା ବ୍ୟଞ୍ଜନା ତୁଷାର ଶୁଣୁଥିଲା ପାଖରେ ବସିଥିବା ତନିମାର ମୋବାଇଲରୁ ଯାହାର ସ୍ପିକର ଅନ୍ ହୋଇଯାଇଥିଲା ଅଜାଣତରେ ।

ତୁଷାର ରାଗିପାଚି ଲାଲ୍ । ପାଟି କରି ଚିଲ୍ଲେଇଲା-ଆମ ହେରୀ କୁକୁରଟାଏ ହେଲେ ବି ତମମାନଙ୍କ ଭଳି ମତଲବି ମଣିଷଠାରୁ କୋଟିଏ ଗୁଣରେ ଗରୀୟାନ୍ ଥିଲା । ତା'ର ଆସନ ତୁମ ମାନଙ୍କ ଠାରୁ ଢେର ଉଚ୍ଚରେ । ତା'ର ବିଶ୍ୱସ୍ତ ବିଶ୍ୱରେ ସେ ଥିଲା ବାଦଶା । ଆପଣା ପଣରେ ବାନ୍ଧି ରଖିଥିଲା ଆମ ସମସ୍ତଙ୍କୁ ଗୋଟିଏ ରଜ୍ଜୁରେ । ଦୁଇଖଣ୍ଡ ରୁଟି, ମୁଠାଏ ଭାତ ଆଉ ଦି'ଟା ବିସ୍କୁଟ ଖାଉଥିଲା ହେଲେ କେତେ ଖୁସିରେ ରହୁଥିଲା ସିଏ । ନ ଦେଖିଲା ଲୋକ ବିଶ୍ୱାସ କରିବା ମୁସ୍କିଲ । କେତେ ଆପଦ ବିପଦରୁ ଆମକୁ ସେ ରକ୍ଷା ନ କରିଛି କୁହ ତ... ! ଆମ ପାଇଁ ଜୀବନ ଦେବାକୁ ବି ପଛେଇନି କେବେ ।

ଆରେ ସେ ନମକସଚ୍ଚା ଥିଲାରେ ତୁମମାନଙ୍କ ଭଳି ନମକହାରାମ ନ ଥିଲା । ତମମାନଙ୍କ ପରି ଆଗରେ ହସି ହସି ମିଠା କଥା କହି ପଛରୁ ଚାକୁ ଚଳେଇବା ଶିଖି ନ ଥିଲା । ମିଛ, ଅହଂକାର, ସ୍ୱାର୍ଥପର, ଛଳନା, କପଟ ଆଉ ଅଭିନୟ ଭଳି ଘୃଣ୍ୟ ଆଦବକାଇଦା ଆପଣେଇ ନ ଥିଲା କେବେ । ସତରେ ଖୁବ୍ ସଚ୍ଚା ଆଉ ନିର୍ଭେଜାଲ୍ ଥିଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ର ପ୍ରେମ । ଘରେ କାହାର ଦେହ ଖରାପ ହେଲେ ଘଣ୍ଟା ଘଣ୍ଟା ଧରି ଖଟ ପାଖରେ ବସି କାନ୍ଦୁଥିଲା । ଖାଉ ନ ଥିଲା । କିଏ କୁଆଡେ ବାହାରକୁ କିଛି ଦିନ/ମାସ ପାଇଁ ଗଲାବେଳେ ପ୍ୟାକିଂ ଜିନିଷ ପାଖରେ ମନ ଦୁଃଖରେ ମୁହଁ ମାରି ବସି ରହୁଥିଲା ଚୁପଚାପ୍ । ପୁଣି କିଛି ଦିନ/ମାସ ପରେ ଫେରି ଆସିଲେ ତା'ର କି ଖୁସି ଜାହିର କରୁଥିଲା ଯାହା ଅବର୍ଣ୍ଣନୀୟ । ଦେହ ମୁହଁ ଚାଟି ତା'ର ଆନନ୍ଦ ଆମକୁ  ଜଣାଇଦେଉଥିଲା ।

ଶୀତଦିନେ ତିନି ବାଇ ଛଅ ଫୁଟ ଖଟରେ ତୁଷାର ସହ ଶୋଇ ପଡୁଥିଲା ଗୁଂଜିଗାଂଜି ହୋଇ । କାରଣ ତନିମା ତା'ର ଡନଲପ୍ ଗଦିଦିଆ ଡବଲ୍ ଖଟରେ ଶୁଆଇବାକୁ ରାଜି ହେଉ ନ ଥିଲା । ସକାଳ ସଂଜରେ ତୁଷାର ହିଁ ତା'କୁ ବାହାରକୁ ବୁଲେଇ ନେଉଥିଲା ଗଗି ଆଉ ଶିଶି କରିବା ପାଇଁ । ସକାଳ ହେଲେ କେଡେ ସୁନ୍ଦର ତୁଷାରର ମୁହଁ ପାଖରେ ଚାଟି ଉଠାଇ ଦେଇ କହୁଥିଲା -ଉଠ ବାବା ମତେ ଶିଶି /ଗଗି ଲାଗିଲାଣି । ଧଡପଡ ହୋଇ ଉଠି ତା'କୁ ବାହାରକୁ ବୁଲେଇ ନେଉଥିଲା ସିଏ ।

ନା ଆଉ ସମ୍ଭାଳି ହେଉ ନାହିଁ ରାଜା'ର ଅନୁପସ୍ଥିତି । ଏ ଘରେ ଆଉ ମୁହୂର୍ତ୍ତେ ବି ରହି ହେବ ନାହିଁ । ଛଟପଟେଇ ମରିଯିବେ ସମସ୍ତେ । ବଡ଼ପୁଅ ପ୍ରକାଶ ତ ପ୍ଲେନ୍‌ରେ ପହଞ୍ଚି ଯାଇଥିଲା ତା'ପୂର୍ବ ଦିନ ବାରଟାରେ । ତା'ସହ ସମସ୍ତେ ସେ ହାଲ୍‌କୁ ରହୁଥିବା ହିମାଚଳ ପ୍ରଦେଶର କାଂଗ୍ରା ନିକଟସ୍ଥ ଧର୍ମଶାଳାକୁ ବାହାରି ପଡିଲେ କାର୍‌ରେ ସେହି ମୁହୂର୍ତ୍ତରେ । ଦୁଇ ଦିନ ହେଲା ତ ଖାଇବା ପିଇବା ନାହିଁ କାହାର । ପାଣି ପଣା ବ୍ରେଡ ବିସ୍କୁଟରେ ଚଳିଯାଉଛି ଯେନତେନ ପ୍ରକାରେ ।

କାର୍ ଚଲେଇଲା ବଡ଼ ପୁଅ ପ୍ରକାଶ ତ ଡ୍ରାଇଭର ସିଟ୍ ପାଖରେ ଆଗରେ ବସିଲା ତୁଷାର । ଦୀର୍ଘ ଆଠ ଶହ କିଲୋମିଟର ରାସ୍ତା । ଢୁଙ୍କୁରେଇଲେ ଡ୍ରାଇଭରକୁ ବିପଦ । ତେଣୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଖି ଖୋଲା ରଖି ସଂଯତରେ ବସିବାକୁ ହେଲା ସାରା ରାସ୍ତା ତା'କୁ । ସେ ଦେଖୁଥିଲା ଗାଡ଼ି ଆଗରେ ତା'ରାଜା ଦୌଡ଼ୁଥିଲା ତ ବେଳେ ବେଳେ ପଛକୁ ଚାହିଁ ଦେଇ ପୁଣି ଦୌଡ଼ୁଥିଲା ପ୍ରବଳ ବେଗରେ । କାହାକୁ କହିବ ଏ ବିରଳ ଏକାନ୍ତ ଅନୁଭବ । ରିକି, ତା'ମମି, ନାତୁଣୀ ଝିନି ପଛ ସିଟରେ ପ୍ରାୟ ଶୋଇପଡ଼ିଥିଲେ ଚୁପଚାପ୍ ।

ଧର୍ମଶାଳା ପହଞ୍ଚିଲା ପରେ ବି ରାଜା'ର ସ୍ମୃତିର ଜୁଇରେ ଜଳିବାରୁ ମୁକ୍ତି ମିଳିଲାନି ବରଂ ବେଶୀ ବେଶୀ ଅଥୟ ଅସ୍ଥିର କଲା ଅହରହ । ଦୀର୍ଘ ନିଃଶ୍ୱାସ ଛାଡି ଚିଠିଟିଏ ଲେଖିବାକୁ ସ୍ଥିର କରି କାଗଜ କଲମ ଧରି ବସିଲା ତୁଷାର ।

ରାଜାରେ ! ମୋ ପ୍ରାଣଠୁଁ ବଳି ଭଲ ପାଉଥିଲି ତୋତେ । ହୃଦୟରେ ସଂଚିତ ସବୁ ଅକପଟ ନିର୍ଭେଜାଲ ସ୍ନେହ ମମତା, ରାଗ ଅନୁରାଗ, ପ୍ରେମ ଶ୍ରଦ୍ଧା ତୋ ଉପରେ ଅଜାଡି ଦେଇଥିଲି । ତୁ ବି ମତେ ଆହୁରି ବେଶୀ ଭଲପାଉଥିଲୁ । ହେଲେ ପାଟି ଖୋଲି କହିପାରୁ ନ ଥିଲୁ । ତାହା କିନ୍ତୁ ତୋ ଆଖିର ମୋହଗ୍ରସ୍ତ ଚାହାଣୀରେ ଜଣାଇ ଦେଉଥିଲୁ ସେ ପ୍ରେମର ପରାଭବ ଆଉ ପରିଭାଷା । ଯାହା ପାଇ ମୁଁ ଧନ୍ୟ ହୋଇଥିଲିରେ ରାଜା ଭାଗ୍ୟବାନ ମଣୁଥିଲି ନିଜକୁ ମନେ ମନେ ।

ହେଲେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି ତୋ ପାଇଁ ଦିନେ ମତେ ଏ ଅଶ୍ରୁସିକ୍ତ ଚିଠି ଲେଖିବାକୁ ପଡ଼ିବ ତୋ ଅବର୍ତ୍ତମାନରେ ମୋ ଜୀବନରେ ବରଂ ଭାବିଥିଲି ତୋ ଆଗରୁ ମୁଁ ଏ ଦୁନିଆରୁ ବିଦାୟ ନେଇ ଚାଲିଯିବି ।

ସତରେ ଏ ମଣିଷ ଯାହା ଚାହେଁ, ତା' କେବେ ପାଏ ?ଆଉ ଯାହା ପାଏ ତାହା କେବେ ବି ଚାହିଁ ନ ଥାଏ । ଏଇ ତ ଜୀବନ ନାଟକର ପରମ ସତ୍ୟର ସଂଳାପ । ଚରମ ବାସ୍ତବତାର ଅଭିନୟ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯଦି ଇଶ୍ୱର ସତରେ ଅଛନ୍ତି ଏ ଦୁନିଆରେ । ତାଙ୍କୁ ମୋର ଏଇ ଗୋଟିଏ ପ୍ରଶ୍ନ --ପ୍ରଭୁ ! ଗୋଟିଏ ପାଟି ଫିଟୁ ନ ଥିବା ପ୍ରାଣୀକୁ, ତା' ଆୟୁଷର ଅଧାରୁ ଅଧିକ ଭୋଗି ନ ଥିବା ବେଳେ ଅଚାନକ ନେଇଗଲ କାହିଁକି ? ତମକୁ ତ ମୁଁ ହାତ ଯୋଡ଼ି ନେହୁରା ହୋଇ ମାଗି ନ ଥିଲି ହୀରା ମୋତି ମାଣିକ, କୋଠା ବାଡି, ଘୋଡା ଗାଡି କି ସୁଖ ସଉକର ରାଜଭୋଗ । କେବଳ ମାଗୁଥିଲି ମୋ ରାଜାକୁ ବଂଚେଇ ଦିଅ । ପ୍ରଭୁ ମୋ ଆୟୁଷ ନେଇ ତା' ଦେହ ସୁସ୍ଥ କରିଦିଅ । କେତେ ପ୍ରାର୍ଥନା -ଧ୍ୟାନ-ଧାରଣା କରିଛି । ପ୍ରତିଦିନ ମନ୍ଦିର ଯାଇ ଶିବଲିଙ୍ଗରେ ଖିର ଜଳ, ଫୁଲ ଚନ୍ଦନ, ଧୂପ ଦୀପ ନୈବେଦ୍ୟ ଦେଇ ଅଦଉତି ଜଣାଇଛି । ଖାଲି ମାଗିଛି ମୋ ରାଜାକୁ ବଂଚେଇ ଦିଅ । ବଂଚେଇ ଦିଅ । ବଂଚେଇ ଦିଅ । ହେଲେ ତମେ ନିଷ୍ଠୁର ପାଷାଣ ହୃଦୟ ନେଇ ମୋ ରାଜାକୁ ଛଡେଇ ନେଇଗଲ ଅକସ୍ମାତ୍ ଦିନେ ରାତିରେ । ବାହାରକୁ ଜିଭ ବାହାର କରି ନୀରବିଗଲା ସିଏ ସବୁଦିନ ପାଇଁ ।

କୁହ ଭଗବାନ କୁହ । କି ପାପ କରିଥିଲା ସିଏ ତୁମର ପାପ ପୁଣ୍ୟର ପ୍ରତ୍ୟୟଭରା ବେଦୀରେ ? ତା'ର ଅପରାଧ କଣ ଥିଲା କହିପାରିବ ? ଏଠି ଶହ ଶହ ହଜାର ହଜାର ମଣିଷ ଦୁର୍ନୀତିର ଦାନବ ସାଜି ଶୋଷି ଚାଲିଛନ୍ତି ଅଗଣିତ ନିରୀହ ନିଷ୍ପାପ ଗରିବ ଖଟିଖିଆ ମେହନତି ସରଳ ମଣିଷମାନଙ୍କୁ ଅହରହ । ନିଜେ କୋଟି କୋଟି କମେଇ କମର କଷି କୌତୁକ ଦେଖୁଛନ୍ତି କଳାକଉଶଳ କରି । କେଉଁଠି ଯନ୍ତ୍ରୀ ତ କେଉଁଠି କନଷ୍ଟେବଲ ତ ଆଉ କେଉଁଠି ଶିକ୍ଷକ ତ ଅନ୍ୟ କେଉଁଠି ଅଙ୍ଗନବାଡ଼ି ଦିଦି । ଏ ଅନ୍ୟାୟ ଉପାର୍ଜିତ ଧନରେ କୁବେର ସାଜି ଲୁଟୁଛନ୍ତି ନିରୀହ ଜନତାଙ୍କୁ ଭକୁଆ ବନେଇ ଦେଇ ।

ସତରେ କଣ ତମେ ଦେଖିପାରୁନ ଏତେ ବଡ଼ ବଡ଼ ଚକା ଆଖିରେ ନା ସବୁ ଦେଖି ଶୁଣି ନିଶ୍ଚୁପ ହୋଇ ବସିଛ । ଅବା କହୁଛ -ମଣିଷ ତା'ର ପ୍ରାରବ୍ଧ ହିଁ ଭୋଗିଥାଏ । ସେଥିରେ ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସ୍ତକ୍ଷେପ କରିପାରିବିନି । ମୁଁ ନାଚାର । ମୋର କରିବାର କିଛି ନାହିଁ । ମଣିଷ ନିଜ ନିଜର ଭାଗ୍ୟର ଅଧିନ । ତା'ହେଲେ ମଣିଷ ବିଚାରା ତମକୁ କାହିଁକି ତା'ର ଦୁଃଖ ଶୋକ ଜଣାଇବ ? ଆକୁଳ ପ୍ରାର୍ଥନା ବିକଳ ନିବେଦନ କରିବ ତା'ର ବେଦନା ଯାତନା ବିମୋଚନ ପାଇଁ କୁହ ତ.... ! ! !

ଏବେ ମୋ କଥା ଦେଖାଯାଉ । ଏତେ ଭଲପାଉଥିବା ନିରୀହ ମୁକ ପ୍ରାଣୀ ମୋ ରାଜାକୁ ନେଇ ଯାଇ କଣ ବଡ଼ କାମଟେ କରିଦେଲ ଯେ... ! ସିଏ ଆଉ ଆଠ ବର୍ଷ ବଂଚିଯାଇଥିଲେ ତମର ବା ତମର ପୃଥିବୀର କଣଟେ କ୍ଷତି ହୋଇଯାଇଥାନ୍ତା ? ଅଥଚ ଆମେ ତିନିଜଣ, ମୋ ସାନ ପୁଅ ରାକେଶ -ତା'ର ରିକି ଭାଇ, ମୋ ସ୍ତ୍ରୀ ତନିମା -ତା'ର ମାମା, ଆଉ ଏ ଅକିଞ୍ଚନ ତା'ର ବାବା ଆନନ୍ଦରେ କାଳାତିପାତ କରିପାରିଥାନ୍ତୁ ତ । ହୁଏତ ତମେ କହିଦେଇପାର ସହଜରେ ସେ ଯେତିକି ଆୟୂଷ ନେଇ ଆସିଥିଲା ଏ ପୃଥିବୀକୁ, ସେ ସେତିକି ହିଁ ଭୋଗ କରି ସାରି ଫେରିଗଲା । ମୁଁ କଣ କରିପାରିଥାନ୍ତି କହ ? ତା'ହେଲେ ପୁରାଣରେ ବର୍ଣ୍ଣିତ ଅନେକ ଅଲୌକିକ କାହାଣୀମାନଙ୍କରେ ଆୟୂଷ ପ୍ରଦାନ/ମୃତ୍ୟୁଲୋକରୁ ପ୍ରତ୍ୟାବର୍ତ୍ତନ କଣ ତାହା ମିଛ । ସୁଦ୍ଧୁ ମନଗଢ଼ା କାଳ୍ପନିକ । ଅଡୁଆ ଅଡୁଆ ଅବୁଝା ଅବୁଝା ଲାଗୁଛି ସବୁ । ମୁଣ୍ଡ ଗୋଳମାଳ ହୋଇଯାଉଛି ।

ତମେ ବିଶ୍ୱାସ କରିବନି, ଯୋଉଦିନ ସଂଜରେ ରାଜା ନୀରବି ଗଲା, ସେ ଦିନ ସକାଳେ ମୁଁ ପୂଜା ଘରେ ପୂଜା କଲାବେଳେ ଅଚାନକ ମୋ କୋଳକୁ ଆସି ଜଗନ୍ନାଥଙ୍କ ଫଟୋକୁ ଚାହିଁ କାନ୍ଦିଥିଲା । ସେ କେବେ ପୂଜା ଘରକୁ ଆସେନାହିଁ ।

ହଁ, ରାଜା ଯିବା ପରଠାରୁ ମୁଁ ନାସ୍ତିକ ପାଲଟିଯାଇଛି । ଘଣ୍ଟା ଘଣ୍ଟା ପୂଜା କରୁଥିବା ଲୋକଟା ପୂଜା କରୁନାହିଁ ଜମା । ଅବଶ୍ୟ କାଳିଆକୁ ମନେ ମନେ ସୁମରଣା କରେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫଟୋକୁ ଦେଖି ଲୁହ ଝରାଇଥାଏ ।

ରାଜାରେ ତୋତେ ଲେଖୁଥିବା ଚିଠି ଦେଖ କେମିତି ଈଶ୍ୱରଙ୍କୁ ବି ଲେଖି ହୋଇଗଲା ମୋ ଅଜାଣତରେ । ମୋର ବିଶ୍ୱାସ ତୁ ତ ନିଶ୍ଚୟ ଭଗବାନଙ୍କ ପାଖକୁ ଯାଇଥିବୁ । କହିଦେବୁ ମୋର ତାଙ୍କ ପ୍ରତି ଅଭିମାନର ଅନ୍ତରାଳେ ଥିବା କ୍ଷୋଭ ଓ ପ୍ରତିବାଦ ।

ରାଜାରେ ତୁ ତ ପୁରାପୁରି ସୁସ୍ଥ ସବଳ ଥିଲୁ ଫେବୃଆରୀ ସାତ ତାରିଖ ଯାଏଁ । ପଶୁ ଡାକ୍ତରକୁ ଘରକୁ ଡାକି ବାର୍ଷିକ ଟୀକା ଦିଆଗଲା ଯେ କାଳ ହେଲା । ଧଳା ଧଳା ବାନ୍ତି ହେଲା ତ ସିଟି ସ୍କାନ୍‌ରେ ବାହାରିଲା ଲିଭର୍ ପ୍ରୋବଲ୍‌ମ । ଖାଲି ବାନ୍ତି ଆଉ କଳା ଝାଡ଼ା । ଜମା କିଛି ଖାଇ ପାରିଲୁନି କି ଶୋଇପାରିଲୁନି । ପେଟରେ ପାଣି ଜମି ଭାରୀ ହୋଇଗଲା । ରିକି, ମାମା ଆଉ ମୁଁ ବଡ଼ ବ୍ୟସ୍ତ ବିବ୍ରତ ହୋଇପଡିଲୁ । ସହରର ସବୁ ବଡ଼ ବଡ଼ ପଶୁ ଚିକିତ୍ସାଳୟକୁ ନେଇକି ଗଲୁ । ମେଡ଼ିସିନ୍, ଇଞ୍ଜେକସନ, ସାଲାଇନ୍ ସବୁ ରୀତିମତ ଦିଆଚାଲିଲା । ତୋ ମାମା ଅକାତରରେ କ୍ରେଡିଟ୍ କାର୍ଡରୁ ଚାଳିଶ ପଚାଶ ହଜାର ଟଙ୍କା ଖର୍ଚ୍ଚ କରିଦେଲା ସିନା ତୋତେ ବଂଚେଇ ପାରିଲୁନି । ଦେଢ଼ମାସ କାଳ ତୁ ଖୁବ୍ ଯନ୍ତ୍ରଣା ଭୋଗିଲୁ । ଜମା ଉଠି ଚାଲିପାରୁ ନ ଥିଲୁ । ନ ଖାଇ ନ ପିଇ ଶୁଖି କଣ୍ଟା ହୋଇଯାଇଥିଲୁ ।

ଦୀର୍ଘ ଆଠ ବର୍ଷ ତଳେ ଆମ ଘରକୁ ଆସିଥିଲୁ ଛଅ ମାସର କୁନି ଛୁଆଟିଏ ହୋଇ । ଥୁକୁଲୁ ଥୁକୁଲୁ ଚାଲୁଥିଲୁ କି ସୁନ୍ଦର । ବାଦାମୀ ରଂଗର ଦେହରେ ଧଳାର ଟିକିଏ ହାଲ୍‌କା ଛିଟା । ବେଶ୍ ମନମୋହିଆ ଚମତ୍କାର ଦେଖାଯାଉଥିଲୁ । କି ସୁନ୍ଦର ଖେଳୁଥିଲୁ ଆମମାନଙ୍କ ସହ । ଦେଖିଲେ ପେଟ ପୁରିଯାଉଥିଲା । ମନ ଭରିଯାଉଥିଲା ।

ନା ଏଇ ଆଠ ବର୍ଷର ସଜଳ ମଧୁର ବିଧୂର ସ୍ମୃତି କେମିତି ଭୁଲିବିରେ ରାଜା ! କେମିତି ଚାଲିବି ତୋ ବିନା ଏ ଅବଶିଷ୍ଟ ଜୀବନ ସରଣୀ । ପାରୁନିରେ ଆଉ ପାରୁନି ରାଜା ମତେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୋ ପାଖକୁ ଶୀଘ୍ର ନେଇଯା । ମତେ ମୁକ୍ତି ଦେ ଏ ଯମ ଯନ୍ତ୍ରଣାରୁ ସବୁଦିନ ପାଇଁ ।

ମାର୍ଚ୍ଚ ଛବିଶି ତାରିଖ ସଂଧ୍ୟାରେ ମୋ କୋଳକୁ ଆସି ଗେଲା ହେଲୁ । ତା'ପରେ ମାମାର ଖଟକୁ ଯାଇ ତା କୋଳରେ କିଛି ସମୟ ଶୋଇଲୁ । ରିକି ଭାଇ ଖଟକୁ ଯାଇ ତା କୋଳରେ ବି ଗେଲା ହେଲୁ । ନାତୁଣୀ ଢ଼ନି କୋଳକୁ ଗଲୁ । ସମସ୍ତଙ୍କୁ ଚାଟିଲୁ ବହୁ ଦିନ ପରେ । ଯେମିତି କି ସମସ୍ତଙ୍କୁ ବିଦାୟ ମାଗିନେଲୁ । ତୁ ବୋଧେ ତୋର ମୃତ୍ୟୁ ହେବ ବୋଲି ଜାଣିନେଲୁ । ତା'ପରେ ବାହାରକୁ ନେବାକୁ କହିଲୁ ତ ମୁଁ ଆଉ ରିକି ନେଇକି ଗଲୁ । ଶିଶି କି ଗଗି କିଛି କଲୁନି । ଥରେ ଆମ କାର୍ ଚାରିପଟେ ଘେରାଏ ବୁଲି ଘରକୁ ଫେରି ଶୋଇପଡିଲୁ ସୋଫାରେ ଜିଭ ବାହାର କରିଦେଇ । ଡାକ୍ତର ଡାକି ସାଲାଇନ୍ ଆଉ ଇଞ୍ଜେକସନ୍ ଦିଆଗଲା ସିନା ସବୁ ବୃଥା ଗଲା । ଚୁପଚାପ୍ ଶୋଇଗଲୁ ସକାଳ ଯାଏ ।ତା'ପରେ...

ରାଜାରେ କ୍ଷମା ଦେବୁ ଆମମାନଙ୍କୁ । ବେଶୀ ଖାଉଥିଲୁ ବୋଲି ବେଳେ ବେଳେ ପାଟିରୁ ବାହାରି ପଡୁଥିଲା - ଏମିତି ଖାଇଲେ ଖାଇ ଖାଇ ମରିଯିବୁରେ । କେତେ ବେଳେ ପୁଣି ବଡ ପୁଅ ପ୍ରକାଶକୁ ଆକ୍ଷେପ କରି - ଏ ଲାବ୍ରଡଏର୍ କୁକୁରକୁ ଆଣି ବେକରେ ଆମର ବାନ୍ଧିଦେଲା ଯେ ଘର ତାଲା ପକାଇ ମଣିଷ କୁଆଡେ ଯାଇପାରୁନି । ଅଥଚ ଏବେ ତୁ କହୁଥିବୁ -ଯା ଏବେ ପୁରା ଫ୍ରି କରିଦେଲି ତୁମମାନଙ୍କୁ । ଯୁଆଡ଼େ ଇଛା ସେଆଡେ ଯାଇପାର । ମୁଁ କଣ୍ଟା ଥିଲି ନା ତୁମମାନଙ୍କ ଜୀବନରେ । ନୁହଁ... ! ! ? ?

ବେଳେବେଳେ ରାଗରେ ଗୋଇଠା କି ବାଡି ମାଡ଼ ବି କରିଛୁ ତୋ ଦେହରେ । ତୁ ଚୁପଚାପ୍ ସହିଯାଇଛୁ । ଥରେ ବି କୁଁ କାଁ ହୋଇନୁ କେବେ ।

ରାଜାରେ ତୁ ଏବେ ଯେଉଁଠି ବି ଥାଆ-ଭଲରେ ଥାଆ । ଏ ଚିଠି ତୋତେ ମିଳିବ କି ନା ଜାଣେନା । ଠିକଣା ମୋ ରାଜା ମାର୍ଫତ ସ୍ୱର୍ଗପୁର ଲେଖି ପ୍ରେରକ ଠିକଣା ନ ଲେଖି ପୋଷ୍ଟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେଉଛି ।

ତୁ ତ ଏମିତି ମୋର ଦେହର ଶ୍ୱାସ ପ୍ରଶ୍ୱାସ ଭଳି ଅହରହ ବଂଚିରହିଥିବୁରେ ରାଜା ମୋ ଭିତରେ । କାରଣ ତୋର ବିକଳ୍ପ ନାହିଁ । ତୋର ପ୍ରେମର ପଟାନ୍ତର ନାହିଁ । ତୁ ଅମର । ତୁ ମୃତ୍ୟୁଞ୍ଜୟୀ । ତୁ ଶ୍ରେଷ୍ଠ । ତୁ ଅନନ୍ୟ ।

--ତୋର ଅସହାୟ ଅସମର୍ଥ ବାବା

ଢୋ ଢୋ ମୁଣ୍ଡ ପିଟୁଥିଲା ତୁଷାର କାନ୍ଥରେ ତ ଅବିଶ୍ୱାସ ଆଉ ଆଚମ୍ବିତ ହୋଇ ଦେଖୁଥିଲା ସମୟର ଚକ୍ର ।

ମୋ:୯୮୧୦୭୬୨୯୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧକା



ଦେବାର୍ଚ୍ଚନ ମେହେର

ଭାଇ ଏ ଦୁନିଆଁ ରେ ଧକା ଦେବା ଶସ୍ତା ହୋଇଗଲାଣି । ଏ ଦୁନିଆଁ ରେ ବିଶ୍ୱାସ ଭଳି ଯୋଉ ଶବ୍ଦ ଥିଲା ତାହା ଆସ୍ତେ ଆସ୍ତେ କମିବାରେ ଲାଗିଛି । ଆଉ ନାହିଁ ଆଗ ପରି ଭଲ ପାଇବା । ସେ ପୁଅ ହେଉ ଅବା ଝିଅ ଟଙ୍କା ପଇସା ଏବଂ ମୋହ ମାୟା ରେ ହେଲେଣି ବାୟା । ନିଜ ସ୍ୱାର୍ଥ ହାସଲ ପାଇଁ ଏଠି ଲୋକେ ପାଆନ୍ତି ଭଲ । ସ୍ୱାର୍ଥ ପାଇଁ ଲୋକେ ହସି ହସି କଥା ଲାଗନ୍ତି । ଗୋଟେ ମିନିଟ୍ ରେ ପରିବର୍ତ୍ତନ ହୋଇଯାଆନ୍ତି । ମାଙ୍କଡ଼ମାନେ ଯେପରି ଗୋଟିଏ ଡାଳ ରୁ ଅନ୍ୟ ଡାଳ କୁ ଡିଆଁ ମାରନ୍ତି ଏ ମଣିଷ ସମାଜ ମଧ୍ୟ ସେପରି କରନ୍ତି । ଏ ସବୁ ଘଟଣା ଆଜି କାଲିର ଦୁନିଆଁରେ ସାଧାରଣ ହୋଇଗଲାଣି । ନ ଜାଣିଲା ପରି ସବୁ କଥା ହୁଅନ୍ତି, କିନ୍ତୁ ହଠାତ୍ ପରିବର୍ତ୍ତନ ହୋଇ ନିଜ ବିଷ ଗୁଣ ରୂପ ଦେଖାନ୍ତି । ଅତୀତ ଘଟଣା ଭୁଲି କ୍ଷଣକେ ସମ୍ପର୍କ ଭାଙ୍ଗି ଦିଅନ୍ତି । ସାବଧାନ ଭାଇ ସାବଧାନ ଖେଳ ଖେଳିବା ପରି ଏ ମଣିଷ ସମାଜ ହୃଦୟ ଓ ମନରେ ଖେଳି ଦିଅନ୍ତି । ଗରିବ ପିଲା ଏବଂ ଅନ୍ୟ ଜାତି ର ହୋଇଥିବା ପୁଅ ଝିଅ ଜାଣି ସାରିବା ପରେ ଯେଉଁ ମୁହଁରେ କହିଥାନ୍ତି ଦିନେ ମୁଁ ତୁମକୁ ଭଲପାଏ ବୋଲି ସେହି ମୁହଁରେ ସେହି କ୍ଷଣି ପରିବର୍ତ୍ତନଶୀଳ ହୋଇ ଯାଆନ୍ତି । ଏହାଠୁ ବଡ ଦୁଃଖ ଆଉ କଣ ? ? ? ମଣିଷର ଚିନ୍ତାଧାରା କେତେ ନିମ୍ନ ମାନରେ ପହଞ୍ଚି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଲାଣି । ଭାବିଲା ବେଳକୁ ବହୁତ ଦୁଃଖ ଲାଗୁଛି । ଏ ଦୁନିଆଁ ରେ ଧକା ଦେବା ପାଇଁ କେହି ପଛାଉ ନାହାନ୍ତି ।

ଏଡ଼େ ବଡ଼ ଦୁନିଆଁ ରେ ବିଶ୍ୱାସ ଆଉ କାହାକୁ କରି ହେଉନି । ନିଜକୁ ଜନ୍ମ କରିଥିବା ପିତା ମାତାଙ୍କୁ ଛାଡ଼ି ଦେଲେ ଆଉ ଏଠି କେହି ବି ଜଣେ ବିଶ୍ୱାସୀ ନାହାନ୍ତି । ଆଜିର ଦୁନିଆଁ ରେ ସବୁ ମଣିଷ ନିଜ ସ୍ୱାର୍ଥ ହାସଲ ପାଇଁ ବ୍ୟସ୍ତ ରହିଲେଣି ।

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମଙ୍ଗଳ ବାଦ୍ୟ ଅନ୍ତରାଳେ



ସୁନନ୍ଦା ମହାନ୍ତି

ରାମୁ ଦେଖିଲା ତା ବାପା ମଙ୍ଗଳୁ ଭୋଇ, ଲାଗିପଡି ଢୋଲ ଭଳି ବାଦ୍ୟ ଯନ୍ତ୍ରରେ ଲାଗିଥିବା ଚମଡା ସେକି ଚାଲିଛି ଶୀତ ଦିନିଆଁ ନିଆଁ ପୁଆଁ ଆଞ୍ଚରେ । ରାମୁ ବି ମାଘ ମାସର ଏ ବାଘ ଭଳି ଶୀତରେ ନିଆଁ ପୁଇଁବା ବେଳେ ପଚାରିଲା ବାଆକୁ, କାଲି କୁଆଡେ ଯିବୁକି ବାଇଦ ବଜାଇବାକୁ ? ଘଡିଏ ତୀର୍ଯକ ଆଖିରେ ପୁଅକୁ ଚାହିଁ ମଙ୍ଗଳୁ କହିଲା ହଁ କାଲି ଆମ ଦଳ ବବୁଘର ଝିଅ ବାହାଘର ଭୋଜିରେ ମଙ୍ଗଳ ବାଦ୍ୟ ବଜାଇବାକୁ ବାବୁ ଘରକୁ ଯିବୁ । ହେଲେ ତୁ ପାଠ ପଢ଼ ପୁଅ । ସ୍କୁଲରେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆଯାଉଛି, ଖାଇ ପିଇ ମନମୁଣ୍ଡ ଠିକ କରି ପାଠ ମନେରଖ । ବାବୁ ହେବୁ ବାବୁ ।

ପୁଅ ରାମୁ ଶୁଣିଲା ଏହି ଯୋଉ ବବୁଘରକୁ, ବାଆ ଓ ତା ସାଥି ପେଁକାଳୀ ଫୁଙ୍କିବା ମଉସା ଓ ଅନ୍ୟମାନେ ଯାଉଛନ୍ତି, ପରା କହୁଥିଲେ, କଥା ଛିଡ଼ିଛି ପଇସା ସହ ଭୋଜି ବି ମିଳିବ । ରାମୁର ଭାରି ମନ, ଚିକେନ ପକୋଡା ପୁଣି ତନ୍ଦୁର ସାଙ୍ଗକୁ ଚୁଙ୍ଗୁଡ଼ିରେ କାଠି ପୁରେଇ ଛଣା ଯାଇଥିବା ସେଇ ଖାଦ୍ୟଟା, ଯାହା ନାମ ସେ ଭୁଲି ଯାଇଛି, ପୁଣି ମଟନ ଇତ୍ୟାଦି ତା ପାଟିରେ ଏଯାଏଁ ବାଜିନି ତ ବାଆ ପାଖକୁ ଲାଗିଯାଇ ଶୋଇବା ବେଳେ କହିଲା କାଲି ଥରଟେ ମତେ ନେ ବାଆ । ଆଉ କେବେ ଜିଦ କରିବିନି.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସନ୍ତା ବର୍ଷ ପରା ଜାନୁଆରି ଛବିଶ ଓ ସରସ୍ୱତୀ ପୂଜା ଗୋଟିଏ ଦିନରେ ପଡୁଛି, ଦେଖିବୁନି ବାଆ ଜାତୀୟ ପତାକା ତଳେ ଓ ମାଆ ସାରସ୍ୱତୀଙ୍କ ପାଦ ପଦ୍ମ ତଳେ ମୁଇଁ ଶପଥ ନେଇ ଖୁବ ଭଲ ପଢି ବାବୁ ହେବି ।

ମାଆ, ବାଆର ଆରପଟ କତିରେ ଶୋଇ କହୁଥିଲା ହ ବାଆ ତୋର ମହୁଲ ହାଣ୍ଡିଆ ଆଉ ଖଜୁରୀ ତାଡି ପିଇ ପିଇ ଥିବ ଯେ ତୋ ବାବୁ ହେବା ଦେଖିବ । ସତରେ ବାଆ ପାଟିରୁ ଗନ୍ଧ ବାହାରୁଥିଲା । ସେଇ ଘଡାରୁ ନିଶ୍ଚୟ ଟାଙ୍କି ଦେଇଛି ବାଆ । ନିଦ ଆସୁ ଆସୁ ରାମୁ କହୁଥିଲା ଜାଣିଛୁ ବୋଉ ସାର କହୁଥିଲେ ମହୁଲ ଫୁଲ ରସ ଆଉ ଖଜୁରୀ ରସ, କଣ ତା ନାଁ ଟା ତ, ହଁ ହଁ ନୀରା ପିଇଲେ ସ୍ୱାସ୍ଥ୍ୟ ପ୍ରତି ହିତ ହେଲେ ରହଣିଆ ହେଲେ ବିଷ ପାଲଟି ମଦ ହୁଏ । ମାଆ କିଛି କହିବା ପୂର୍ବରୁ କଣ କହିଲୁ ବଜାତ ମାଇକିନିଆ କହି ବାଆ ବୁଲି ପଡିଲା ବୋଉ ଆଡକୁ । ବୋଉଟା ହୁଁ ହୁଁ କରି କୁନ୍ଥାଉ ଥିଲା ତ ରାମୁକୁ ନିଦ ଆସିଗଲା, ଆସନ୍ତା କାଲିର ଭୋଜି ବାସନାରେ, ବୋଉ ପାଇଁ ଦୁଇଖଣ୍ଡ କୁକୁଡ଼ା ମାଉଁଶ ଗାମୁଛାରେ ଗୁଡେଇ ଆଣିବ ଭାବୁଥିଲା ରାମୁ । ବାଆ କଣ କରେ କେଜାଣି ବୋଉଟାକୁ, କଷ୍ଟରେ କୁନ୍ଥେଇ କୁନ୍ଥେଇ ଶୋଇପଡ଼େ ବୋଉ । ପୁଣି ସକାଳୁ ଉଠି ବାସି ପାଇଟି କରୁଥାଏ । ତା ପାଇଁ ଦାନ୍ତକାଠି ସଜାଡି ପାଣିଢାଳ ସଜାଡିବା ସହ ବାଆ ପାଇଁ ବି ଥୋଇଥାଏ । ରାତିରେ ବାଆ ଦେଉଥିବା କଷ୍ଟ ସକାଳୁ ଭୁଲିଯାଏ ବୋଉ । ସେ ବାବୁ ହେଲେ ବୋଉ ପାଇଁ ଭଲ ଶାଢ଼ୀ କିଣି ଦେବ. ବୋଉତ ହାଣ୍ଡିଆ ପିଏ ନାହିଁ । ସେ ନିଶ୍ଚୟ ବଞ୍ଚିଥିବ ।

କେତେ ବଡ଼ କୋଠା । କେତେ ସାଜସଜ୍ଜା, କୋଳାହାଳ, ଯିବା ଆସିବା ଲାଗିଛି ବବୁଘର । ରାମୁ, କୁକୁର, ଛେଳି, ଗାଇ ଘଉଡ଼େଇ ନିଜ ପାଇଁ ଜାଗା ପରିସ୍କାର କରି ରଖିଛି । କେତେ ମାଇକି, ଆଧୁନିକ ଗୀତ, ରେକର୍ଡ ଡ୍ୟାନ୍ସ ଭିତରେ ଆମ ଦଳଙ୍କ ମହୁରୀଆ ବାଜା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁଆଡେ ଭାରି ଶୁଭ, ସେଇଥିପାଇଁ ଝିଅ ବୋହୁମାନେ ମନ୍ଦିର ଗଲାବେଳେ ଠାକୁରାଣୀ ଗାଧେଇବାକୁ, ଆମ ଦଳ ପେଁକାଳି, ତେଲିଙ୍ଗିବାଜା ବଜେଇ ବଜେଇ ପଛରେ ଗଲୁ । ସବୁ କାମ ସାରି ପୁଣି ଆମ ଶୁଭ ବାଜା ବଜେଇ, ଫୁଙ୍କି ଫେରିଲୁ ।

ଦିଅଁ ମଙ୍ଗୁଳାକୁ ମଧ୍ୟ ସମସ୍ତେ ବନ୍ଦ, ପୁଣି ଦିନ ସାରା ଡିଜେ ନୁହେଁ, ଆମ ବାଜା ବାଜୁଥାଏ ରାମ୍ପୁ ରାମ୍ପୁ, ରାମ୍ପୁ ରାମ୍ପୁ ହୋଇ । ପୁଣି ଟିକି ପିଲା ସବୁ ବଢିଆ ବଢିଆ ଡ୍ରେସ ପିନ୍ଧି ଆମ ବାଜା ତାଳେ ତାଳେ, ଡମ ଡମ ଡିଗା ଡିଗା ଗୀତ ଗାଇ ନାଚୁଥାଆନ୍ତି, ହେଲେ ସମସ୍ତେ କିଛି କିଛି ଖାଦ୍ୟ ଯଥା ଉପମା, ମଟର, ଡ଼ାଲମା, ବୁନ୍ଦି, ଝିଲାପୀ, ଲଡ୍ଡୁ ଖାଉଥିଲା ବେଳେ ଆମେ ଖଇ ଉଖୁଡା ସାଙ୍ଗରେ ଦିଟା ବୁନ୍ଦି ପାଇଥିଲୁ । ସେତିକିମାତ୍ର ।

ଏ ଭିତରେ ଦିନ ଯାଇ, ସନ୍ଧ୍ୟା ସରି ରାତି କେତେ ହେଲାଣି । କେତେ ବାବୁ ଭାୟା ଖାଇ ପିଇ ପଲିଥିନରେ ନେଉଛନ୍ତି । ବାଆ ବି ଦୁଇ ଚାରି ଜଣଙ୍କୁ କହିଲାଣି । ସମସ୍ତେ କହୁଛନ୍ତି ଅପେକ୍ଷା କର । କେତେ ଆଉ ଅପେକ୍ଷା ? ? ତା ପେଟରେ ମୂଷା ଦୌଡିଲେଣି । ସ୍କୁଲ ଯାଇଥିଲେ ଖାଇ ପିଇ ଫେରି, ବୋଉ ଯାହା ରଖିଥାଆନ୍ତା ତାକୁ ଖାଇ ପଢିଥାଆନ୍ତା । ବାଆକୁ, ଭାରି ଭୋକ କହିବାରୁ ବାଆ କାହାକୁ ଜଣଙ୍କୁ ଗୁହାରି କଲା ତ କର୍କଶ ସ୍ୱରରେ କଣ ନାହିଁ କଣ ଶୁଣେଇଦେଲେ ବାଆକୁ ସିଏ । ବାଆ ନିଜେ ଘଡାରୁ ବୋତଲେ ତାଡି ପିଇ ତା ମୁହଁରେ ଲଗାଇଦେଲା । ଆଉ ସ୍ଫୁର୍ତ୍ତି ଓ ଫୁର୍ତ୍ତିରେ ସେ ବଜେଇ ଚାଲିଥିଲା ରାମ୍ପୁ ରାମ୍ପୁ ଓ ଡମ ଡମ ଡିଗା ଡିଗା ।

ସକାଳୁ ନିଜ ଘରେ ନିଜକୁ ଆବିଷ୍କାର କରି, ଟୁନା ମୁନା ମାମିଙ୍କ ସହ ସ୍କୁଲ ଯାଇଥିଲା । ସରସ୍ୱତୀ ଦେବୀଙ୍କ ପୂଜା ପରେ ଚାନ୍ଦା ଦେଇନଥିବାରୁ ସେମାନେ ଫେରି ଆସୁଥିଲେ ହେଲେ ସାର, ସମସ୍ତଙ୍କୁ ଡାକି ଭୋଜି ଖୁଆଇଲେ, ଟୁନା ପଚାରିଲା କାଲି ଭୋଜି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେମିତି ଲାଗୁଥିଲା ରାମୁ, ନିଶ୍ଚୟ ଭଲ ଲାଗିଥିବ, ମାଛ, ମାଂସ, ଚିକେନ, ଅଣ୍ଡା ସବୁ ଖାଇଥିବୁ । ରାମୁ କହୁଥିଲା ହଁ ଯେ ଏ ଭୋଜି କିନ୍ତୁ ଖୁବ ଭଲ । ଆମ ଜାତୀୟ ଦିବସ ଓ ସରସ୍ୱତୀ ପୂଜା ଭୋଜି ଟି । ସବୁଠୁ ନିଆରା । ବାଟରେ ରାମୁ ଦେଖିଥିଲା, ବବୁଘର କୁଢ଼ କୁଢ଼ ବାସି ଖାଦ୍ୟ କୁକୁର ବି ଛୁଁ ନଥିଲେ ।

ସାକ୍ଷୀଗୋପାଳ, ପୁରୀ
୭୦୦୮୯୪୨୨୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅକୁହା କଥା



ସୁବ୍ରତ କୁମାର ପ୍ରଧାନ

ମୋ ହୃଦୟର ସ୍ପନ୍ଦନ ତୁମେ, ପୃଥିବୀ ପୃଷ୍ଠରେ ବରଷା ରାଣୀ ତାର କମଳ ଶିଶିର ବିନ୍ଦୁମାନେ ଘାସ ଗାଲିଚା ମଧ୍ୟରେ ଶିଶିରାକ୍ତ ଭାବେ ପରିଣତ ହେବାର ବିମୋହିତ ହୋଇ ତୁମ ପାଖକୁ ମୋ ଅନ୍ତରର ବେଦନା ଟିକିକ ଅଙ୍କାବଙ୍କା ହସ୍ତରେଖା ବର୍ଣ୍ଣମାଳାରେ ପରିଣତ କରି ଅନେକ ଆଶା ଅଭିପ୍ସା ସମର୍ପଣ କରୁଛି ଖଣ୍ଡିଏ ସାଧା କାଗଜ ରେ ।

ଜୀବନର ଷୋହଳଟି ବସନ୍ତ ଅତିକ୍ରମ କରିସାରିଛି ହେଲେ ଯେଉଁ ଚିନ୍ତା କେବେ ବି ତାର ମନକୁ ସ୍ପର୍ଶ କରିନଥିଲା, ଆଜି ସେହି ଚିନ୍ତାରେ ମନ ତାର ନିରନ୍ତର ଅସ୍ଥିର । ବାମନ ହୋଇ ଚାନ୍ଦକୁ ହାତ ବଢାଇବାର ସ୍ୱପ୍ନ ଦେଖିଛି । ଏହିପରି ଅନେକ ମିଠା ମିଠା ଭାଷା ପ୍ରୟୋଗ କରି ଗୋଟିଏ ପ୍ରେମ ଚିଠି ଲେଖିଛି ପରଦେଶୀ ବେପାରୀ ଜଣେ ଯୁବକ । ନାଁ ତାର ବୀରେନ୍ । ଦେଖିବାକୁ ଖୁବ ସୁନ୍ଦର ଓ ସ୍ୱାସ୍ଥ୍ୟବାନ । ବାହାରର ଦ୍ରବ୍ୟ ଆଣି ଗାଁ ଗାଁରେ ବିକ୍ରି କରିବା ତାର ନିତିଦିନିଆ ବେଉସା । ଏହିପରି ପ୍ରତିଦିନ ସକାଳୁ ଉଠି ଗାଧୋଇ ପାଧୋଇ କଣ ଦିଟା ଖାଇଦେଇ ବାହାରି ପଡିଛି ବେପାରକୁ । ସାଇକେଲଟି ଖତରା ହେଲେ ମଧ୍ୟ ତା ଜିନିଷ ଗୁଡିକ ସଜାଇ ଦେଇଥିବାରୁ ସାଇକେଲଟି ଚିକ୍କଣ ଓ ଉଜ୍ଜ୍ୱଳ ଜଣାପଡୁଛି । ଦଶ ଖଣ୍ଡ ଗାଁ ବୁଲି ସାରି ଆସି ପହଞ୍ଚିଛି କାଶୀପୁରରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶେଷ ବସନ୍ତର ନିର୍ଦ୍ଧୁମ ଖରାରେ ବୁଲି ବୁଲି ଦେହ ତାର ସିଝି କଳାକାଠ ପଡିଯାଇଛି । ଦେହ ତାର ଝାଳରେ ସରସର । ସେ ବିକ୍ରି କରିବା ପାଇଁ ଆଣିଛି ବିଭିନ୍ନ ପ୍ରକାରର ଚୁଡି, ଟିକିଲି, ସିନ୍ଦୂର, ଅଳତା ଓ ବିଭିନ୍ନ ନାରୀପକୋରଣ ଜିନିଷ । ତା ଡାକରେ ଧାଇଁ ଆସିଛନ୍ତି ଗ୍ରାମ୍ୟ କୁମାରୀମାନେ । ନିତିଦିନର ବେପାର ଭିତରେ ଗୀତା ନାମକ ଯୁବତୀ ସହିତ ତାର କଥୋପକଥନ ହୋଇଛି । ଚୋରାଚାହାଣି ଭିତରେ ଆଖିକୁ ଆଖି ମିଶି ଯାଇଛି । ପ୍ରେମର ସପ୍ତରଙ୍ଗରେ ରଙ୍ଗାୟିତ ହୋଇଛନ୍ତି ଉଭୟେ । ଗୀତାର ପ୍ରେମରେ ବାନ୍ଧି ହୋଇ ପଡିଛି ବୀରେନ୍ । ବୀରେନ ଏହିପରି ମାସକୁ ପ୍ରାୟ ଆଠ ଦଶ ଥର କାଶୀପୁର ଗାଁକୁ ନ ଆସିଲେ ତାକୁ ଭଲ ଲାଗେନି । ଶୟନେ ସପନେ ଖାଲି ଗୀତାର ମୁହଁ ତା ମନ ପରଦାରେ ଭାସି ଆସେ । ଗୀତାକୁ ଦେଖିବା ବାହାନାରେ ସେ ପାଞ୍ଚ ଛ ଥର କାଶୀପୁର ଆସି ଫେରିଛି । ଗୀତାର ଚନ୍ଦ୍ର ଉଦିଆ ମୁହଁଟି ଦେଖିବା ପାଇଁ ତାକୁ ସ୍ୱପ୍ନ ହୋଇପଡିଛି । ସେ ବେଳେ ବେଳେ ବିଭିନ୍ନ ବାହାନା କରି ଗୀତାର ଘର ମୁହଁରେ ଆସି ଡାକ ଦେଲେ ମଧ୍ୟ କେହି ଆସନ୍ତିନି ତା ପାଖକୁ ।

ବେପାରର କଷାଘାତରେ ଶରୀର ହୋଇ ପଡିଛି ଅବଶ ଓ ଜରାଜୀର୍ଣ୍ଣ । ରୋଗ ବ୍ୟାଧିରେ ପିଡିତ ହୋଇଛି ବୀରେନ । ଦୀର୍ଘ ଦୁଇ ମାସ ହେବ ବେପାର ବନ୍ଦ । ଗୀତା ମଧ୍ୟ ମନେମନେ ବୀରେନ୍ କୁ ଖୋଜୁଛି । ଡାକ୍ତରଙ୍କ ପରାମର୍ଶ କ୍ରମେ କିଛି ଔଷଧ ଖାଇବା ପରେ ରୋଗରୁ ମୁକ୍ତ ହୋଇ ବେପାରକୁ ବାହାରିଛି ବୀରେନ୍ । ବେପାର ପ୍ରତି ନିଘା ନାହିଁ, ବେଶୀ ମନେ ପଡିଛି ତା ହୃଦୟର ସ୍ପନ୍ଦନ ଗୀତା କଥା । ଅବଶ ଶରୀରରେ ବାହି ନେଇଛି ତାର ଦ୍ୱି ଚକ୍ର ଯାନକୁ କାଶୀପୁର ଅଭିମୁଖେ ।

ବେପାର ସମୟରେ ଗୀତାର ଅନ୍ୟ ସାଥିମାନଙ୍କ ଠାରୁ ବୁଝିଛି, ଗୀତା କଥା । ଯାହା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣିଛି ତା ହୃଦୟର ଅନ୍ତସ୍ୱର ସ୍ତବ୍ଧ ହୋଇଯାଇଛି । ଦୀର୍ଘ ଦେଢମାସ ହେବ ଗୀତା ବିବାହ କରିଛି । ବାପ ଘରକୁ ପ୍ରଥମ ଥର ମଧ୍ୟ ଆସିନାହିଁ । କେତେ ଆଶା ନେଇ ବୀରେନ ବାହାରି ଆସିଥିଲା, ଗୀତାକୁ ଦେଖିବା ପାଇଁ କିନ୍ତୁ ସବୁ ଆଶା ପାଣି ଫୋଟକା ପରି ମିଳେଇଗଲା ।

ତଥାପି ଧୈର୍ଯ୍ୟ ନହରାଇ ନିଜର ଅକୁହା କଥାକୁ ଭଙ୍ଗା ହୃଦୟରେ ଧରି ସାହାସ ସଞ୍ଚୟ କରିଛି ଗୀତାର ଶାଶୁଘରକୁ ଯିବା ପାଇଁ । ସେହି କ୍ଷଣିକ ସମୟ ମଧ୍ୟରେ ଗୀତାର ପ୍ରତିଛବି ବୀରେନ ଆଗରେ ନାଚି ଉଠିଲା । ଦୀର୍ଘ ଦଶ କିଲୋମିଟର ଅତିକ୍ରମ କରି ପହଞ୍ଚିଲା ଗୀତାର ଶାଶୁଘର ଗାଆଁରେ । ପଚାରି ପଚାରି ଗୀତାର ଶାଶୁଘର ଆଗରେ ପହଞ୍ଚିଲା ବୀରେନ । ଗୀତାକୁ ଡାକିଦେବା ପାଇଁ ଘରର ଲୋକଙ୍କୁ କହିବାରୁ, ନୂଆଁ ବୋହୂ ଡାକରେ ଗୀତା ଧିରେ ଧିରେ ବାହାରକୁ ଆସିଲା । ଗୀତାକୁ ବଧୂବେଶରେ ପଦ୍ମ ଫୁଲିଆ ମୁହଁକୁ ଦେଖି ବୀରେନର ଅତୀତ ସବୁ ମନେ ପଡ଼ିଲା ଦୁଇ ନୟନରୁ ନିର୍ଗତ ହେଲା ଅଶ୍ରୁଧାର । ବୀରେନ ଶେଷରେ ଏତିକି କହିଲା ଗୋଟିଏ ଭଙ୍ଗା ହୃଦୟର ନିଭୃତ କୋଠରୀକୁ ଜାଳିପୋଡି ପାଉଁଶ କରିଦେବ ବୋଲି, ମୁଁ ଜାଣି ନଥିଲି । ଏତେ ଦିନର ସମ୍ପର୍କ ଭିତରେ ମୋର ଗୋଟିଏ ଅକୁହା କଥା ବାକି ରହିଯାଇଛି । କିଛି ଖରାପ ଭାବିବ ବୋଲି କହିନଥିଲି । ମୁଁ ତୁମକୁ ଭଲପାଏ ।।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ, ୭୫୯୧୩୦
ମୋ - ୯୮୬୧୯୭୦୪୧୮

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅସହଜ



ସରୋଜ କୁମାର ସାହୁ

କଲେଜରେ ଗୋଟିଏ କ୍ଲାସରେ ପଢ଼ିଲା ବେଳେ ମୋ ଆଖିରେ ଥରୁଟିଏ ବି ଆଖି ମିଶାଇ ପାରୁ ନଥିଲା ପ୍ରିୟା । ଶହେ ମିଟର ଦୂରରୁ ବି ତା ନଜର ପଡିବା କ୍ଷଣି ସେ ସଯତ୍ନରେ ସଜାଡି ନେଉଥିଲା ତାର ଅନବ୍ୟସ୍ତ କେଶ ହାଲକା ଓଢଣୀକୁ । ପାଦକୁ ଚିପିଚିପି ଭାରୀ ନମ୍ର ଭାବରେ ଲାଜ ଜରଜର ଆଖିରେ ମୋତେ ଅତିକ୍ରାନ୍ତ କରି ଯାଉଥିଲା ଲାଇବ୍ରେରୀ ଆଡକୁ ।

ହେଲେ ଆଜିକାଲି ମୋର ଅତି ପାଖରେ ଥିଲେ ବି ସେ ଶାଢୀ ପିନ୍ଧାରେ ଏତେ ଖୁଲମଖୁଲା ହୋଇପଡେ ଯେ ଭାରି ଅସହଜ ଲାଗେ ମୋତେ । ଯାହା ପାଇଁ ନିତି ଶରବ୍ୟର ଶିକାର ହେବାକୁ ପଡେ ପାଖ ଭାଉଜମାନଙ୍କ ନିକଟରେ । ସେ କିନ୍ତୁ ସଭିଙ୍କୁ ହସହସ ତାର ଚମ୍ପାଫୁଲିଆ ମୁହଁରେ ମେଞ୍ଚାଏ ଲାଜ ଫିଙ୍ଗିଦେଇ ଉଭାନ୍ ହୋଇଯାଏ ମୋତେ ତାଙ୍କ ଗହଣରେ ଏକା ଛାଡିଦେଇ ।

ଗୋଟାଏ ବର୍ଷ ଭିତରେ ଅଚାନକ ତାର ଏ ପରିବର୍ତ୍ତନକୁ ଦେଖି ଯଦି କେବେ ପଚାରେ ସେଇ ଗୋଟିଏ କଥା କୁହେ "ତମେ କେଡେ ବୋକା ସତରେ..? ସେତେବେଳେ ପରା ମୁଁ ଅପରିଚିତ ଥିଲି । ଆଉ ଏବେ ବିବାହିତା । ତୁମ ସ୍ତ୍ରୀ ପ୍ରେମିକା ବାନ୍ଧବୀ ସବୁକିଛି..? ତାର ଜୀବାଣ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତର ମାଂସଳ ବାହୁକୁ ମୋର ଛାତିରେ ଲେସି ଦେଇ କାନ ପାଖରେ ଫିସ୍ ଫିସ୍ କରି କୁହେ "ପୁରୁଷଟେ ହେଇ ଏତେ ଲାଜ କଲେ କଣ ଚଳିବ..? ପ୍ରେମ ଯଦି ଫିକା ପଡିଯିବ ନାଁ ପୁଣିଥରେ ବାନ୍ଧି ରଖିବା ଭାରି କଷ୍ଟ । ତାର ଏଇ ପ୍ରଶ୍ନର କିଛି ବି ଉତ୍ତର ନ ଦେଇ ଖାଲି ବଲବଲ କରି ଚାହିଁ ରହିଥାଏ ତାର ମୁଚୁକୁନ୍ଦ ହସକୁ... ।

ଆଠଗଡ଼ .କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁଟୁନା



ସିଦ୍ଧାନ୍ତ ପଲେଇ

ସୁଟୁନା ବୋଲି ପାଞ୍ଚ ବର୍ଷର ଛୋଟ ପିଲାଟିଏ । ତାକୁ ଯିଏ ବି ଦେଖିବ ସିଏ କହିବ ଠିକ୍ ରାଜା ଘରର ପୁଅଟିଏ କାରଣ ସେ ଦେଖିବାକୁ ଭାରି ଡଉଲ ଡାଉଲ ସିଏ । ତାର ଜେଜେ ମାଆ ସହ ତାର ପ୍ରେମ କହିଲେ ନସରେ । ଜେଜେ ମାଆ ମଧ୍ୟ ତିଳେ ନ ଦେଖିଲେ ସତେ ଯେପରି ପାଗଳ ପ୍ରାୟ ହୋଇପଡେ । ଯାହା କହିଲେ ସିଏ ହେଉଛି ଜେଜେ ମାଆ ନିଧିଙ୍କ ରଙ୍କରତନ ବିଶି କେସନ ଏକୋଇର ବୋଳା । ଜେଜେମା ତାଙ୍କ ଜୀବନ ଠୁ ବଳି ଭଲ ପାଆନ୍ତି । ଜେଜେ ମା'ର ହାତ ଧରି ଧରି ନାତିଆ ବାଟ ମଧ୍ୟ କଢେଇ ଦିଏ । କାରଣ ଜେଜେ ମା ବାର୍ଦ୍ଧକ୍ୟ ଜନିତ କାରଣ ହେତୁ ଆଖିକୁ ଟିକେ କମ୍ ଦିଶେ ସିନା କିନ୍ତୁ ସୁଟୁନା ନିଧି ମାଆର ଦୁଇ ଆଖି କହିଲେ ଅତ୍ୟୁକ୍ତି ହେବନାହିଁ । ଜେଜେ ମାଆ ସହ ଖାଇବା ପିଇବା ଠାରୁ ଆରମ୍ଭ କରି ଗପ ଶୁଣିବା ଜେଜେ ମା ସହ ଗେଲ ହେବା ଇତ୍ୟାଦି ଦୁହିଁଙ୍କ ନିତି ଦିନିଆ କଥା ।

ଗାଁର ଲୋକ ମଧ୍ୟ ଦୁହିଁଙ୍କ ମଧ୍ୟରେ ଏତାଦୃଶ ପ୍ରେମ ଦେଖି ଭାରି ଖୁସି । ନାତିଆ ବୋଲି ଆଉ କିଛି ବି ବୁଢ଼ି ଜେଜେ ମାଆଙ୍କୁ କିଛି ଦିଶେ ନାହିଁ ନାତି ପ୍ରେମରେ ଅନ୍ଧପ୍ରାୟ ସେ ଯଦି ସୁଟୁନା କିଛି ଦୁଷ୍ଟାମୀ କରେ ତାର ବୋଉ ଅହଲ୍ୟା ଦେବୀ ଯଦି ଗାଳି କିମ୍ବା ମାଡ଼ ଦିଅନ୍ତି ଜେଜେ ମାଆ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କିଛି ସେ ଦିନ ଖାଆନ୍ତି ନାହିଁ ଏକଥା ଜାଣି ସେଥିପାଇଁ ସେ ମଧ୍ୟ ସୁଟୁନାଙ୍କୁ କିଛି କୁହନ୍ତି ନାହିଁ । ଏମିତି ସମୟ ଅତିକ୍ରାନ୍ତ ହେବା ସହ ସୁଟୁନା କୁ ୬ ବର୍ଷ ବୟସ ହେଲା ସମୟର ଗତି ସହ ଯେମିତି ଯେଜେ ମାଆର ପ୍ରେମ ନାତିଆ ପ୍ରତି ଟିକେ ବି କମିନାହିଁ ତାହା ଆହୁରି ଦ୍ୱିଗୁଣିତ ହୋଇଯାଇଛି କମିବ ବା କିପରି ନାତି ମଧ୍ୟ ଜେଜେ ମାଆର ଭାରି ଯତ୍ନ ନିଏ । ସୁଟୁନାର ବାପା ଭିମା ମଧ୍ୟ ତାକୁ ବହୁତ ଭଲ ପାଆନ୍ତି ଯୁଆଡ଼େ ଯାଆନ୍ତି ଯାନିଯାତରାକୁ ତାର ପାଇଁ ବିଭିନ୍ନ ଖେଳନା ଆଣନ୍ତି ସୁଟୁନା ମଧ୍ୟ ବାପାକୁ ଭାରି ଭଲ ପାଏ ଏମିତି ଭାବରେ ହସ ଖୁସୀରେ ତାଙ୍କ ପରିବାର ଚାଲିଥାଏ ।

ଦିନକର କଥା ସୁଟୁନାର ଝାଡ଼ା ଓ ବାନ୍ତି ହେଲା ସୁଟୁର ବୋଉ ଭାରି ବ୍ୟସ୍ତ ହେଲେ ଜେଜେମା' ମଧ୍ୟ ଭାରି ଦୁଃଖୀ ସୁଟୁନାର ବାପା ସୁଟୁର ଅବସ୍ଥା ଦେଖି ସେ ଔଷଧ ଆଣିଦେବା ସତ୍ତ୍ୱେ କିଛିବି ଶରୀର ଅବସ୍ଥାରେ ପରିବର୍ତ୍ତନ ଆସିଲା ନାହିଁ ଦେହ ଭଲ ହେବା ପରିବର୍ତ୍ତେ ଆହୁରି ଖରାପ ହେଲା ସେ ସମୟରେ ଗାଁରେ କିମ୍ବା ଆଖ ପାଖରେ ଭଲ ଡାକ୍ତରଟିଏ ବି ନଥାଏ  ଗାଁ ଠାରୁ ଅନେକ ଦୂର ମଧ୍ୟ ସହର ତେଣୁ ଗ୍ରାମର କିଛି ଦୂରରେ ଗୋଟେ ଲୋକ ଯିଏକି ଓଷଧ ଦିଏ ସୁଟୁର ବାପା ନିଜର ପତ୍ନୀଙ୍କ ବ୍ୟସ୍ତତାକୁ ଦେଖି ତାଙ୍କୁ ଯାଇ ଡାକି ଆଣିଲେ ।

ସୁଟୁନା ଦେହ ଖରାପ ଖବର ପାଇ ଲୋକ ମଧ୍ୟ ଜମା ହୋଇଥାନ୍ତି ଘର ସମ୍ମୁଖରେ ସେ ବଇଦ ଜଣକ ସେଠାରୁ ସମସ୍ତଙ୍କୁ ବାହାର କରିଦେଲେ ତତ୍ କ୍ଷଣାତ ସାଲାୟନ୍ ସୁଟୁନା'ର ଦେହରେ ଲଗେଇ ଦେଲେ କିଛି ସମୟ ପରେ ସୁଟୁ ଆହୁରି ଚିତ୍କାର କରିବାକୁ ଲାଗିଲା ବୋଉ ଲୋ... ମରିଗଲି... ବାପା ଲୋ ମରିଗଲି.... ଜିଜେ ମାଲୋ ମରିଗଲି... ତାର ବୋଉ ତାର ଏ କରୁଣ ଚିତ୍କାର ଶୁଣି ଆଉ ରହିପରିଲେନି ... ଆସି ପଚାରିଲେ ସେ ବଇଦ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣକୁ କଣ ହେଲା ଯେ  ହାରା ମୋ ପୁଅ ଏମିତି କାଇଁ କହୁଚି କଣ ହେଲା ଯେ ତାର କ୍ରନ୍ଦନରତ ମୁଖରେ ସତେ ଯେପରି ମାଆର ହୃଦୟ ଫାଟି ପଡୁଛି ମାଆ ବାରମ୍ବାର ପଚାରୁଥାଏ ! ସେପଟେ ସୁଟୁନାର କରାଳ ଚିତ୍କାର ବୋଉ ଲୋ.... ବାପା ମୁଁ ମରିଗଲି ବୋଲି ସେ ଚିତ୍କାର ସତେ ଯେପରି ଶତ୍ରୁର ଚକ୍ଷୁର ମଧ୍ୟ ଲୁହ ଝରିଯିବ ।

ପୁନଶ୍ଚ ସୁଟୁନାର ବୋଉ ପଚାରିବା କ୍ରମେ ହାରା ବଇଦଟି ରାଗର ସହ କହିଲା, "ତୁମେ ମାଇପି ଜାତି କିଛି ଜାଣିନାହିଁ ଯାଅ ସବୁ ବୋଲି କହି ଗୃହର ଭିତର ପଟୁ କବାଟ ଟି ଦେଇଦେଲେ ବାସ କିଛି ସମୟ ପରେ ଆଉ ସୁଟୁର ଚିକାର ଶୁଭିଲା ନାହିଁ ସେଠି ଶୁଭା ଯାଉଥିଲା ଗୋଟେ କୋଳ ଶୂନ୍ୟ ମାଆର କରୁଣ ଛାତି ଫଟା ସ୍ୱର ଗୋଟେ ବାପର କୋହ ଆଉ ଜେଜେ ମାଆର ଭୂମିରେ ଶିର ପିଟିବାର ଶବ୍ଦ ଆଉ ନିରବଚ୍ଛିନ୍ନ ଭାବରେ କୁଆଡେ ଗଲୁକିରେ ମୋର ଶୁଟୁ, କୁଆଡେ ଗଲୁ କିରେ ମୋ ଧନ, କୋଉଠି ଅଛୁ କିରେ ଶୁଟୁ ତୁ ଚାଲି ଆ ତୋ ବିନା ମୁ ଅନ୍ଧରେ ମୋ ଅନ୍ଧ ଲଉଡି ମୋ ରଙ୍କ ରତନ ... କିନ୍ତୁ ସୁଟୁର ସେ ସ୍ନେହ ଭରା ଡାକ ଜେଜେ ମାଆ ବୋଲି ଡାକିବାକୁ କେହି ନଥିଲେ କି ବାପା ବାପା ବୋଲି ଡାକି ଦଉଡ଼ି ଆସି ବାପାଙ୍କ କୋଳକୁ ପୂର୍ଣ୍ଣ କରିବା ପାଇଁ ସେ ନଥିଲା ଗ୍ରାମରେ ଶୋକର ଛାୟା ସତେ ଯେପରି ଗ୍ରାମ ଟି ଗ୍ରାମ ଶୂନ୍ୟ ।

ପରବର୍ତ୍ତୀ ସମୟରେ ଜଣା ପଡ଼ିଲା ଛାତିରେ ଅତ୍ୟଧିକ ପାଣି ଜମା ହେବା ହେତୁ ଶୁଟୁର ମୃତୁ ଘଟିଛି ଅଳ୍ପବିଦ୍ୟା ଭୟଙ୍କର ପରି ବୈଦର ମୂର୍ଖାମି ପାଇଁ ଫୁଲଟି ଫୁଟି ମହକିବା ଆଗରୁ ଝଡି ପଡ଼ିଗଲା ।

ଶୁଟୁ ସିନା ଚାଲିଗଲା ନିଧି ମାଆ ନାତିକୁ ମନେ ପକାଇ ସଦା କାନ୍ଦୁଥାଏ ଅତ୍ୟଧିକ କାନ୍ଦିବା ଯୋଗୁ ଆଖିକୁ ବି ଆଉ ଦେଖାଗଲା ନାହିଁ ଖୁବ୍ କମ୍ ଦିନ ମଧ୍ୟରେ ସେ ବି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆରପାରିକୁ ଚାଲିଗଲେ ।

ବାସ୍ତବରେ, ବୋଉଲୋ ମୁଁ ମରିଗଲି... ବାପା ଲୋ ମୁଁ ମରିଗଲି ଚିତ୍କାର ଶୁଣି ଦଶ ମାସ ଦଶ ଦିନ ଗର୍ଭରେ ଧରିଥିବା ମାଆର କଣ ଛାତି ଫାଟି ଯାଇ ନଥିବ ବାପା କୋହ ବ୍ୟକ୍ତ ନ କଲେ ମଧ୍ୟ ଆପଣ ମାନେ ଅନୁଭବ କରି ପରୁଥିବେ ସେ ଛାତିକୁ କଠୋର କରିଥିବା ମଣିଷର ଦୁଃଖ କୁ ।

ଗୋଟେ ସଠିକ୍ ଡାକ୍ତର ଅଭାବ ଯୋଗୁଁ କିପରିଭାବେ ଗୋଟେ ହସ ଖୁସିର ପରିବାର ନଷ୍ଟ ହୋଇଗଲା ।

ଜିଲ୍ଲା ପୁରୀ, ସ୍ନାତକୋତ୍ତର ରାଜନୀତି ବିଜ୍ଞାନର ଛାତ୍ର
ଦୁରଭାଷା : ୬୩୭୨୪୩୫୯୫୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କ୍ଲାନ୍ତ ବରଗଛ



କିଷାନ ମହାକୁର

ସମୟ ସହିତ ତାଳ ଦେଇ ଚାଲୁଥିବା ଜଣେ ହିତଙ୍କାକ୍ଷୀ ବିରଳ ବନ୍ଧୁ କେବଳ ସେଇ ବାପା, ଅନେକ ଘାତ ପ୍ରତିଘାତ ସହି, ଖରା ତରାରେ ବୁଲିବୁଲି ଶୀତଳ ସମୀରଣ ପ୍ରଦାନ କରୁଥିବା ମାଟିର ମଣିଷ ଥକି ପଡେ ଏକ ମହା ଦ୍ରୁମ ସଦୃଶ ।

ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ପରମ ତପ ।

ପିତରି ପ୍ରିତୀମାପର୍ଣ୍ଣେ ପ୍ରୀୟନ୍ତେ ସର୍ଵ ଦେବତା ।।

ଅନତି ଦିନର କାହାଣୀ, ସୂର୍ଯ୍ୟ ବାବୁ ବୋଲି ଜଣେ ବିଶିଷ୍ଟ ଗଣିତ ଶିକ୍ଷକ ରୁଦ୍ରପୁର ଗ୍ରାମରେ ରହୁଥିଲେ । ଜୀବନରେ ଅନେକ ଘାତ ପ୍ରତିଘାତ ସହି ପିଲାମାନଙ୍କୁ ବଡ ମଣିଷ କରିବା ପାଇଁ ବହୁତ୍ ସଂଘର୍ଷ କରୁଥଲେ । ସବୁ ବାପମାଙ୍କ ଭଳି ମନରେ ଅନେକ ସ୍ୱପ୍ନ ଥାଏ । ବିବାହର କିଛି ବର୍ଷପରେ ସ୍ତ୍ରୀ ବସନ୍ତ ଦେବୀ ସାନ ପୁଅ ବାବୁଲାକୁ, ସୂର୍ଯ୍ୟ ବାବୁଙ୍କ ହାତରେ ଟେକି ଦେଇ, ଡାକ୍ତରଖାନାର ମୃତ୍ୟୁ ଶଯ୍ୟାକୁ ଆଲିଙ୍ଗନ କରି ସବୁଦିନ ପାଇଁ ଆର ପାରିକୁ ଚାଲିଗଲେ, ସେତେବେଳକୁ ବଡ଼ ପୁଅ ଧୂଳିଆକୁ ବୟସ ୧୨ ଓ ସାନ ପୁଅ ବାବୁଲାକୁ ୧ ଦିନ ହେଇଛି । ପତ୍ନୀଙ୍କ ବିୟୋଗରେ ସଂପୂର୍ଣ୍ଣ ଭାଙ୍ଗି ପଡିଲେ ସୂର୍ଯ୍ୟ ବାବୁ ।

ପିଲାମାନଙ୍କ ଲାଳନ ପାଳନ ଓ ଅଫିସ୍ କାର୍ଯ୍ୟ ତୁଲାଇ ଜୀବନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହିତାହି ଭାବରେ କଟି ଯାଏ । ସେଦିନ ବିଜ୍ଞାନ ମେଳା ପଡ଼ିଥାଏ ଜିଲ୍ଲା ସଦର ମହକୁମାରେ । ଶଗଡ଼ ଗାଡ଼ିରେ ବସେଇ ଦୁଇ ପୁଅଙ୍କୁ ନେଇଗଲେ ବିଜ୍ଞାନ ମେଳା ଦେଖିବା ପାଇଁ, ହଠାତ୍ କେଉଁଠାରେ ଏକ ଘନ କଳା ବାଦଲ ଖଣ୍ଡ ଭାସି ଭାସି ଆସି ଅଦିନ ମେଘ ତୁହାକୁ ତୁହା ବରଷି ଗଲା । ସାଥିରେ ବିଜୁଳି ଘଡଘଡି ପର୍ଯ୍ୟାପ୍ତ ପରିମାଣରେ ମାରୁଛି । କ୍ଲାନ୍ତ ହେଇ, ବର୍ଷାରୁ ମୁକ୍ତି ପାଇବା ପାଇଁ, ବଳଦ କାଳିଆ, ବଳିଆଙ୍କୁ ଯୁହାଳିରୁ ଫିଟାଇ ଦେଲେ ଓ ସେ ଦୁଇ ଛୁଆଙ୍କୁ ନେଇ ବସିଗଲେ ସେଇ ବରଗଛ ମୂଳରେ ।

"ଦଇବ ଦଉଡ଼ି ମଣିଷ ଗାଇ
ଯେଣିକି ଟାଣିବ ସେଣିକୁ ଯାଇ ।।"

ଦାଉ ସାଧିଲା ବର୍ଷା ତା ସହିତ ଘଡ଼ଗଡି ବିଜୁଳି, ଏକ ବିଜୁଳୀ ଆଘାତରେ ବରଗଛର ଗୋଟିଏ ଡାଳ ଛିଡି ପଡ଼ିଲା, ଗଛର ଡାଳ ଖଣ୍ଡିକ ସୁର୍ଯ୍ୟ ବାବୁଙ୍କ ମୁଣ୍ଡରେ ପଡ଼ିବା ଦ୍ବାରା ସେହିଠାରେ ସେ ପରଗତି ସୁଧାରି ପତ୍ନୀ ବସନ୍ତଙ୍କ ପାଖକୁ ଚାଲିଗଲେ, ଯିବା ପୂର୍ବରୁ କହିଗଲେ ଧୂଳିଆରେ ତୁ ମୋ ଜ୍ୟେଷ୍ଠପୁତ୍ର, ଆଉ ଏଇ ବାବୁଲା ମାତ୍ର ଛଅ ମାସର ଶିଶୁ ପୁତ୍ର । ତୋ ପାଇଁ ମୁଁ କିଛି କରିପାରିଲି ନାହିଁ, ଜୀବନରେ ଯାହା କିଛି ରୋଜଗାର କରିଥିଲି ସବୁ ତୋ ମାଆର ବେମାରୀ ପାଇଁ ଖର୍ଚ୍ଚ ହେଲା ତା ସହିତ ପୁରାତନ୍ ପୈତୃକ ସଂପତ୍ତି ସବୁ ବିକ୍ରି ହେଇ ଯାଇଛି, ଘର ଡିହ ଭିଟା ମାଟି ଖଣ୍ଡିକ ଅଛି ଆଉ ସେଇ ବରଗଛଟି ଅଛି । ତୁ ଯେତେବେଳେ ଥକି, କ୍ଳାନ୍ତ ହେଇ ଆସିବୁ ସେଇଠି ବିଶ୍ରାମ ନେବୁ, ତାକୁ ବିକ୍ରି କରିବୁ ନାହିଁ । ଏବେ ମୋ ସମୟ ସରି ଆସିଲାଣି, ମୋତେ ନେଇ ସେଇ ବରଗଛ ପାଖରେ ପୋଡ଼ି ସମାଧି ଦେଇ ଦେବୁ । ବାବୁଲା ତୋତେ ଲାଗିଲା..... ତୁ ତାର ଆଜିଠାରୁ ବାପା ଓ ବୋଉ । ବାବୁଲାକୁ ଜଣେ ବଡ଼ ଗଣିତଜ୍ଞ, କି ବୈଜ୍ଞାନିକ କରିବୁ । ଏବେ ବିଦାୟ ଦିଏ ମୋ ପୁଅ, ଏଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୁଢ଼ା ବରଗଛ ଏବେ କ୍ଲାନ୍ତ ହେଇଗଲାଣି କହି ପ୍ରାଣ ବାୟୁ ଉଡିଗଲା ।

ଶୋକର ଦରିଆରେ ଭସାଇ ସୂର୍ଯ୍ୟ ବାବୁ ଚାଲିଗଲେ, ଖାଇବାକୁ ଫୁଟି କଉଡ଼ିଏ ନାହିଁ । ଶବ ସଂସ୍କାର କରିବ ପୁଣି ବାବୁଲା ଖାଇବା ପାଇଁ କ୍ଷୀର ଯୋଗାଡ କରିବ । କିପରି ପାରିବ ଏହି କୋମଳମତି ୧୩ ବର୍ଷର ବାଳକ ଧୂଳିଆ... ! ! ଝରି ପଡୁଛି ଧାର ଧାର ଅଶ୍ରୁ । ବାପ୍ ମାଆ ଛେଉଣ୍ଡ ପିଲା ଖୋଜୁଛି ମାଆର କୋଳ, ବାପର ଆଶ୍ରୟ କିନ୍ତୁ କିଏ ସେଇ ଶୂନ୍ୟ ସ୍ଥାନ ପୁରଣ କରିବ । ପିତାମାତାଙ୍କ ଉପକାର, ଶୁଝି ପାରଇ କେଉଁ କୁମର । ସୌଭାଗ୍ୟ ପ୍ରାପ୍ତି ହେଇଛି ଆଜି ସେ ପିତାଙ୍କ ଋଣ ଶୁଝିବାକୁ ଯାଇ ପିତାଙ୍କୁ ଦେଇଥିବା ବଚନ ପାଇଁ ନିଜେ ପ୍ରଣ କରି ବସି ପଡିଲେ " କ୍ଲାନ୍ତ ବରଗଛ" ମୂଳରେ ... ।

ଦିନକୁ ଦିନ ବାବୁଲା ବଡ଼ ହେବାକୁ ଲାଗିଲା, ଏହା ମଧ୍ୟରେ ଧୂଳିଆ ବିବାହ ଯୋଗ୍ୟ ହେଲେ, ଧୂଳିଆ ପାଇଁ ବିବାହ ପ୍ରସ୍ତାବ ଆସିଛି । ମନ ପଡୁଛି ବାପାଙ୍କର କେଇ ପଦ କଥା, ଧୂଳିଆରେ ବାବୁଲା ଛଅ ମାସର ଶିଶୁ ପୁତ୍ର, ଆଜିଠାରୁ ତୁ ତାର ବାପ୍ ଆଉ ମାଆ, ତାକୁ ହତାଦର କରିବୁ ନାହିଁ, ବଡ଼ ମଣିଷ କରିବୁ । ବିବାହ ସ୍ଥିର ହେଲା ଧୂଳିଆ ବାବୁଙ୍କର । ସମୟାନୁକ୍ରମେ ବିବାହ ହେଇଗଲା । ବାସର୍ ରାତି, ଜଣେ ପୁରୁଷ ଆଉ ସ୍ତ୍ରୀର ଜୀବନର ଅପେକ୍ଷିତ ରାତ୍ରୀ । ଧୂଳିଆ ବାବୁ ସ୍ତ୍ରୀ ସୁଲୋଚନାଙ୍କୁ କହିଲେ ଏଇ ନିଅ ଦେବୀ ତୁମ ପୁତ୍ର ବାବୁଲାକୁ । ଏଇ ଛଅ ବର୍ଷର ବାଳକ ହେଉଛି ଆମ ଚତୁର୍ଥୀ ରାତ୍ରିର ତୁମ ପାଇଁ ଭେଟ ସ୍ୱରୂପ । ବାପା, ବୋଉ ମରିଯିବା ପରେ ୟାକୁ ମୋ ହାତରେ ଧରାଇ କହିଲେ ଏଇ ତୋର ପୁଅ । ହତାଦର କରିବୁ ନାହିଁ । ଏବେ ଏଇ ମୋର ପୁଅକୁ ମୁଁ ତୁମକୁ ସମର୍ପଣ କରୁଛି ୟାକୁ ତୁମେ ମାଆର ସ୍ନେହ, ପ୍ରେମ, ଶ୍ରଦ୍ଧା ଓ ଆଦରର ଖୋରାକ ଦେଇ ଗଢି ତୋଳିବ ।

ସ୍ୱାମୀଙ୍କ ଆଦେଶ ଶିରୋଧାର୍ଯ୍ୟ କହି ସୁଲୋଚନା ଦେବୀ, ଧୂଳିଆ ବାବୁଙ୍କୁ ପ୍ରଣାମ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଲେ, ପ୍ରିୟେ ବାବୁଲାର ବାପା, ଆମେ ଦୁହେଁ ଆଜିଠାରୁ ବାବୁଲାର ବାପା ଓ ବୋଉ । ଆଜିର ଏହି ପବିତ୍ର ତିଥିରେ ମୁଁ କିଛି ମାଗି ପାରିବି ତୁମକୁ । କେମିତି ବା ମନା କରିବେ ଧୂଳିଆ ବାବୁ, କହିଲେ, ମନା ତ କରିବି ନାହିଁ କିନ୍ତୁ ତୁମକୁ ଦେବା ଭଳି କିଛି ସମ୍ପତି ମୋ ପାଖରେ ନାହିଁ । କଣ୍ ଦେଇ ପାରିବ ଏଇ ଖଟିଖିଆ ଦିନ ମଜୁରିଆ ଚିତ୍ରକାର । ତଥାପି ମାଗ, ଚେଷ୍ଟା କରିବି ନିଶ୍ଚିତ କିମ୍ବା ବିଳମ୍ବ ହେଲେ ମଧ୍ୟ ଜୀବନ କାଳ ମଧ୍ୟରେ ଦେବି ।

ସୁଲୋଚନା ଦେବୀ କହିଲେ, ବୁଝିଲ ବାବୁଲା ବାପା ତୁମେ କଣ ଥକି ଯାଇଛ କି, ତୁମେ "କ୍ଲାନ୍ତ ବରଗଛ" ନୁହଁ । ତୁମେ ମୋ ବାବୁଲାର ବାପା, ମୁଁ ଏତିକି ମାଗୁଛି, ଆମେ ଦୁଇଜଣ ଆଉ ଛୁଆପିଲା ଜନ୍ମ ନକରି ଏଇ ବାବୁଲାକୁ ବଡ ମଣିଷ କରିବା । ବାପା ଓ ବୋଉଙ୍କ ସନ୍ତକକୁ ଖୁବ୍ ବଡ ମଣିଷ କରିବା, ଦିନରେ ତାକୁ ମୁଁ କିଛି ଶିକ୍ଷ୍ୟା ପ୍ରଦାନ କରିବି ଆଉ ରାତ୍ରୀରେ ତୁମେ । ତା ପରେ ଦେଖିବ ଆମ୍ ବାବୁଲା ଦିନେ ଆମ ନାଁ କରିବ । ବାଟରେ ଯେତେବେଳେ ସେ ଚାଲିଯିବ, ଲୋକେ କହିବେ ଏଇ ଦେଖ ବାବୁଲା ବାପା ବାବୁଙ୍କ ପୁଅ ବାବୁଲା ଯାଉଛି । କଣ ଏତିକି କରିବ ନାହିଁ ମୋ ପାଇଁ ?? କଣ୍ ଏତିକି ପ୍ରତିଶ୍ରୁତି ଦେଇ ପାରିବ ନାହିଁ ।

ହସ ଖୁସିରେ, ଘର୍ ଉଚ୍ଛୁଳି ପଡ଼ିଲା । ବାବୁଲା ମଧ୍ୟ ନୂଆ ବୋଉପାଇ ବେଶ୍ ଖୁସି । ପାଠ ପଢିବାରେ ସେ ବେଶ୍ ମନ୍ ନିବେଶ କରିଲା । ଗଣିତ, ଜ୍ୟାମିତି, ବିଜ୍ଞାନ, ଭୂଗୋଳରେ ଯଥେଷ୍ଟ ଭଲ ଅଙ୍କ ରଖି ଉତ୍ତୀର୍ଣ୍ଣ ହେଲା । ଦେଖୁ ଦେଖୁ ବାବୁଲା ବଡ଼ ହେଇ ଚାଲିଲା । ଟାଟା ସହରରେ ଯାଇ ଆଇ.ଆଇ.ଟି କରିଲା । ପ୍ରଥମ ପର୍ଯ୍ୟାୟରେ ପ୍ରଥମ ଶ୍ରେଣୀରେ ପାସ କରି ବିଦେଶ ଚାକିରୀ କରିବା ପାଇଁ ଗଲା ।

ଦିନ ପରେ ଦିନ ଗଡି ଚାଲିଲା, ଧୂଳିଆ ବାବୁ ଓ ସୁଲୋଚନା ଦେବୀ ଜୀବନର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟାହ୍ନରୁ ଅପରାହ୍ନରେ ପହଁଞ୍ଚିଲେ । ବିଭିନ୍ନ ରୋଗ ବ୍ୟଧିରେ ଆକ୍ରାନ୍ତ ହେଲେ । ଏଣେ ମନରେ ଚିନ୍ତା ୨ ବର୍ଷ ହେଲା ବାବୁଲା ସୁଦୂର ଆମେରିକା ଯାଇଛି ଚାକିରୀ କରିବା ପାଇଁ । କେବେ ଫେରିବ କିଏ ଜାଣେ, ଯୋଗାଯୋଗ କିଛି ହେଇ ପାରୁନି । ସୁବିଧା କିଛି ନାହିଁ । ନାଁ ପଇସା ମିଳୁଛି ନା ଖବର । ପିଲାଟା ବିବାହ ଉପଯୋଗି ହେଇ ଯାଇଛି । ଆସିଲେ ଭଲ ପାତ୍ର ଦେଖି ହାତକୁ ଦିହାତ କରି ଶାନ୍ତିରେ ନିଃଶ୍ୱାସ ତ୍ୟାଗ କରିବେ । କିନ୍ତୁ ଦିନକୁ ଦିନ ଆଶାର ଆଲୋକ ମରି ମରି ଯାଉଥାଏ । ଚିନ୍ତାରେ ବାରମ୍ବାର ଦେହ ଖରାପ୍ ହେଉଥାଏ । ଜୀବନର ଯାହା ପୁଞ୍ଜି ରୋଜଗାର କରିଥିଲେ, ଶେଷରେ ସବୁ ବିକ୍ରି କରି ତାକୁ ଗାଡ଼ି ଖର୍ଚ୍ଚ ଦେଇ ବିଦେଶ ପଠାଇଲେ, ଏବେ କିନ୍ତୁ ଔଷଧ ଖାଇବାକୁ ଟଙ୍କାଟିଏ ନାହିଁ, କରିବେ କଣ ? ?

ଡାକ ବିଭାଗ ମାଧ୍ୟମରେ, ଗୋଟିଏ ତାର କରିଲେ, ଧୂଳିଆ ବାବୁ । ବାପଧନ ବବୃବାହାନ (ବାବୁଲା) ଆମର ଆଉ ଟଙ୍କା ଦରକାର ନାହିଁ । ସମସ୍ତଙ୍କୁ ଛାୟା ପ୍ରଦାନ କରି କରି ଶେଷରେ ବୃଦ୍ଧ ବରଗଛ ଆଜି ଥକି ଯାଇଛି । କ୍ଳାନ୍ତ ହେଇ ପଡିଛି । ଏବେ ଏହି ପରିଣତ ବୟସରେ ତୁ ଆମର ସାହାଭରସା । ତୁମ ବିନା ବଞ୍ଚିବା କଷ୍ଟ ହେଇ ଗଲାଣି । ତୋ ମାଆ ଆଉ ଆଧାର ଗ୍ରହଣ କରୁନି, ସଦାବେଳେ କହୁଛି ମୋ ବାବୁଲା ଆସିଲେ ସାଙ୍ଗ ହେଇ ଖାଇବା ବାବୁଲା ବାପା । ଏବେ ତୋ ମାଆକୁ ତୁ ବୁଝା..... ।

ଡାକ ବିଭାଗରୁ ଫେରି ଆସିଛନ୍ତି ଧୂଳିଆ ବାବୁ । ସୁଲୋଚନା ଦେବୀଙ୍କୁ ଡାକ୍ତରଖାନା ନେଇ ଯାଇଛନ୍ତି ......

କ୍ରମଶଃ......

ନୂଆଁପାଲି, ବୀରମହାରାଜପୁର, ସୋନପୁର, ଯୋଗାଯୋଗ -୮୨୭୦୭୨୭୨୭୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜିଜ୍ଞାସା



ଶିବ ନାରାୟଣ ଦାଶ

ମାଆ ପାଖେ ବସି ଅଲିଅଳ ଏକ ସରଳ ଶିଶୁ
ଅଳିକରେ ଆଜି ଶୁଣିବାପାଇଁ ସେ ମାଆ'ର ପାଖୁ,
ଦୁନିଆର ଯେତେ ନିତିଦିନିକିଆ ଘଟଣା ସୂଚୀ
ହୃଦୟେ ତାହାର ଜଗାଇଛି ଏକ ପ୍ରଶ୍ନବାଚୀ -

"ସକାଳ ହୋଇଲେ ପୂରୁବ ଦିଗରେ ସୂରୁଜ ଉଏଁ
କାଇଁକି କହ,
କୁଆଡେ ସେ ପୁଣି ହଜିଯାଏ ଯେବେ ସଞ୍ଜ ନଏଁ
ଲୁଚାଇ ମୁହଁ ?
ଦିନ ପରେ ଦିନ ଏପଟ ସେପଟ ହେଉଛି କେତେ
ଥକି ପଡୁନି କି ସୂରୁଜ ଶିଶୁଟା କହ ମା ମୋତେ ?"

"ଥକିବ କାହିଁକି ଧନରେ ସେ ଯେ ତାହାରି ଖେଳା,
କରି କରାଉଛି ସବୁ ସେ ଯେତେ ଜଗତ ଲୀଳା । "
କୋଳରେ ବସାଇ ଧନକୁ ତାହାର କହଇ ମା' -
"ସେଇ ଯେ ନାବିକ ଚଳାଉଛି ତା'ର ନିଖିଳ ନାଆ । "

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାଆ'ର କଥାରେ ବୁଝେ କିବା ସତେ ପୁଅର ମନ,
ପଚାରି ବସଇ ମାଆକୁ ପୁଣି ସେ ପ୍ରଶ୍ନମାନ -
"ଦୁନିଆ ଯାକରେ ଜାତି ଜାତି ଫୁଲ କାହୁଁ ଅଇଲା,
ଏତେ ରଙ୍ଗ, ଏତେ ସୁବାସ ତହିଁ କିଏ ଭରିଲା ?
କାହୁଁ ଆସି ପୁଣି ପରଜାପତିଟା ତହିଁରେ ବସେ,
ଡେଣାରେ ତାହାର ଝିକିମିକି ରଙ୍ଗ କିମିତି ଦିଶେ ? "

ହସି ହସି କହେ ମାଆ ଟି ଏଥର ପୁଅକୁ ତା'ର
ଜୀବନର ସେହି ଚିର-ସୁନ୍ଦର ସତ୍ୟସାର -
"ରଙ୍ଗ ଯାହାର ଅଙ୍ଗରେ ବୋଳା ସେ ଶ୍ୟାମଘନ
ଦୁନିଆ ଭିତରେ ହଜାଇ ଦେଇଛି ତା ଅପଘନ,
ସେହି ରଙ୍ଗରେ ରଙ୍ଗୀନ ଏହି ସୃଷ୍ଟି ଯେତେ,
ଛୋଟିଆ କଥାଟା ବୁଝିପାରୁନୁ କି ପଚ୍ଛରୁ ଏତେ ?"

କ୍ଷୁଦ୍ର ଶିଶୁ ସେ ବୁଝିବ କିପରି ଗହନ କଥା,
ମଥାରେ ତାହାର ବସା ବାନ୍ଧେ କେତେ ଅଡୁଆ ସୁତା ।
ତୋଳି ଧରେ ପୁଣି ଜିଜ୍ଞାସା ଏକ ମାଆ'ର ଆଗେ,
କହ ମା' କହ ତୁ ଏଇ ଏ କଥାଟା କେମିତି ଲାଗେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଏଇ ଏ ଗଗନେ ଅସୁମାରୀ ମେଘ କେଉଁଠୁ ଆସେ,
ନେଳିଆ ଆକାଶ କଳାରଙ୍ଗ ପୁଣି କେମିତି ଦିଶେ ?
କେମିତି କହ ଲୋ ଝରିପଡ଼େ ପୁଣି ବରଷା ପାଣି,
ଆକାଶେ କାହିଁ ତ ନଈ-ନାଳ କିଛି ଦିଶଇ ନାହିଁ ?
ବରଷା ଥମିଲେ ସୂରୁଜ ଉଇଁଲେ କେମିତି ସତେ,
ଇନ୍ଦ୍ରଧନୁଟା ରଙ୍ଗୀନ ହୋଇ ଆକାଶେ ଉଠେ ?"

ପୁଲକରେ ଭରା ମାଆ'ର ନୟନ ସ୍ୱପ୍ନାତୁର,
ଦିଶେ ତାକୁ ଖାଲି ଚଉଦିଗେ ଆଜି ଶ୍ୟାମସୁନ୍ଦର -
"ଆକାଶ କାହିଁରେ ଆକାଶ ବୋଲିତ କିଛି ବି ନାହିଁ,
ଆକାଶ ନୁହେଁ ସେ ଶୋଇଅଛି ସେଇ କଳା-କହ୍ନାଇ ।
କାହିଁ ପୁଣି ଆରେ ଇନ୍ଦ୍ରଧନୁର ରଙ୍ଗମାଳ-
ନନ୍ଦସୁତର କେଶରେ ବନ୍ଧା ସେ ମୟୁରଚୂଳ ।"

ମାଆ କଥା ଶୁଣି ଅଝଟ ଶିଶୁଟା ଥମକି ଚାହେଁ,
ଲାଗେ ତାକୁ ସତେ ପରି-ରାଇଜର କାହାଣୀ ଇଏ ।
କିଏ ସେ ସ୍ରଷ୍ଟା କିଏ ପୁଣି ସେହି ନାବିକ ସତେ !
କିଏ ଶ୍ୟାମଘନ ଭିଆଉଛି ଏହି କୁହୁକ ଏତେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଚାରେ ମାଆକୁ - "କିଏ କହ ସେଇ ଜଗତପତି,
କିଏ ସେ କହ୍ନାଇ କିଏ ପୁଣି ସେଇ ଅଗତି-ଗତି ?
ତାହାରି ଆଦେଶେ ମାଆ ଲୋ ଯେବେ ସୃଷ୍ଟି ଚଳେ,
ଲୁଚି ବସିଅଛି କିପରି ସିଏ ସୃଷ୍ଟି ତଳେ ?"

ଧନକୁ ଏଥର ଆଶ୍ଲେଷେ ଭରି କହଇ ମାଆ
ଗଭୀର କଥା ସେ ଅନ୍ତରୁ ତା'ର ପରାଣ-ଛୁଆଁ -
"ଲୁଚିବ କାହିଁକି ବାବୁରେ ସେ ଯେ ଜଗତ ସାଇଁ,
ତାହାରି ସୃଷ୍ଟି ଭିତରେ ସିଏ ରହିଛି ଚେଇଁ ।
ରହିଛି ପୁଣି ସେ ଆମରି ଏଇ ହୃଦୟ ତଳେ,
ହୃଦୟ ଖୋଲିଲେ ଦେଖିବୁ ତାହାର ଦୀପାଳି ଜଳେ ।"

ସରଳ ଅବୋଧ ଶିଶୁଟି ପୁଣି କହଇ କଥା -
"କହ ମାଆ କହ ଏ କିମିତି ବଡ ଲଗାଇ ବ୍ୟଥା,
ସେ ଯେବେ ସ୍ରଷ୍ଟା ସବୁରି ପୁଣି ସବୁରି ହେତୁ
ତାହାରି ସୃଷ୍ଟି ପଛରେ ଆମେ କାହିଁକି ମାତୁ ?
ପାଗଳ ହୋଇ ତା ଭେଳିକି ପଛେ କାହିଁକି ଧାଉଁ,
ତାହା ପାଇଁ ଅବା ପାଗଳ ଆମେ କିଆଁ ନ ହେଉ ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


"କେତେ ବଡ କଥା କହିଲୁ ଆରେ ବାବୁରେ ମୋ'ର
ପରାଣ-ପିତୁଳା ଦୁଃଖୀ-ରତନ ମୋ ନୟନ-ନୀର,"
"ଶୋଇପଡ ଏବେ ଗଣ୍ଠିଧନ ତୁହି" - କହଇ ମାଆ,
"ରାତି ଆସିଲାଣି ଘନେଇ ପୁଣି ବହୁଛି ବାଆ ।
ତୋହରି ଆଖିରେ ସପନ ହୋଇ ଆସିବ ସେଇ,
ଯାହାପାଇଁ ତୁ'ରେ କରୁଛୁ ଅଝଟ ହେଉଛୁ ବାଇ ।
ମୟୁର-ଚୁଳିଆ, ପୀତ-ଦୁକୂଳିଆ, ଲବଣି-ଚୋର,
ଆସିବ ସେଇରେ ମୁରଲୀ ବଜାଇ ସ୍ୱପନେ ତୋ'ର ।
ରାତି ପାହି ଯେବେ ସକାଳ ହୋଇବ ଦେଖିବୁ ତୁହି,
ଉଷାର ଆକାଶେ ଅଶାର ରବି ତୋ ଉଠିଛି ଉଇଁ ।
ଦେଖିବୁ ପୁଣି ତୋ ଭାଷାର ଶିଶିର ପଡିଛି ଝରି,
ହୃଦ-ବୃନ୍ଦାବନେ ବକୁଳ-ମୁକୁଳ ଯାଇଛି ଭରି ।
ତୋହରି ଆଖିରେ ଅଙ୍କାନ ମୋ'ର ଏ ଦୁଇ ଆଖି,
ରଖି ମୁଁ ଦେଖିବି ଜୀବନର ସେହି ନିତ୍ୟ ସାକ୍ଷୀ ।
ଲଗାଇ ତୋତେ ମୁଁ ଛାତିରେ ଶୁଣିବି ସେ ବେଣୁ ଗୀତି,
ହୃଦୟ ଯମୁନା କୂଳରେ ଯେ ସୁର ବାଜୁଛି ନିତି ।"

ଇମେଲ୍ : dasshibanarayan61@gmail.com
ଭ୍ରାମ୍ୟଭାଷୀ : ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ମଶାନ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଜୀବନର ପୁଷ୍ପ ଏଥି ଝରିଯାଇ ମିଶଇ ମାଟିରେ,

ନିର୍ବାଣର ପୁଣ୍ୟପୀଠ ଏହି,

କେତେ ପୁଣ୍ୟଜନ, ପାପୀ,

ଧନୀ, ମାନୀ, ଦୁଃଖୀ, ଦରିଦ୍ରଙ୍କୁ

ନିର୍ବିକାର ଆଲିଙ୍ଗନେ ନେଇଛି କୋଳେଇ,

ଏ ଶ୍ମଶାନ ମଣିଷର ମହାତୀର୍ଥ ଭୂଇଁ ।

ଜୀବାତ୍ମା ପାଲଟି ଦେହ ପଳିତ ଆଧାର,

ଅମୃତର ଦିବ୍ୟପଥେ ଯେବେ

ଜନମ ମରଣ ଚକ୍ରେ କର୍ମଫଳେ ହୁଏ ଅଗ୍ରସର,

ଜୀବନର ଅନ୍ତିମ ଏ ପାର୍ଥିବ ଶୟନ,

ପଞ୍ଚଭୂତେ ମିଶିଯାଇ ମୃତ୍ୟୁରୂପ ଲଭିଥାଏ ଏଥି,

ପରମ ପ୍ରାପ୍ତିର ଆଶେ ଜନ୍ମଜନ୍ମାନ୍ତରେ ଲଭିବାକୁ,

ଭାଗବତ ଚେତନାରେ ଅମୃତ ପ୍ରତୀତି ।

ଏ ଠାଇଁ ଜଳଇ ଚିତା ଦାଉ ଦାଉ

ମାନ, ଅଭିମାନ, ଦମ୍ଭ, ଗର୍ବ, ଗୌରବର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସକ୍ତିର ଘଟ ପୋଡି ଭସ୍ମ ହୋଇଯାଏ,
ଲିଭିଯାଏ ମଣିଷର ଦୃପ୍ତ ଅହଂକାର ।
ଏ ମାଟିକୁ ସିକ୍ତ କରି ଝରିପଡ଼େ ମମତାର ଅଶ୍ରୁ,
ଏକୋଇର ବଳା ଯେବେ ଅକାଳରେ
ବାତ୍ସଲ୍ୟର କୋଳ ଛାଡି ବୁଜିଦିଏ ଆଖି,
ମାଆର ମମତା ମଧୁ ଏ ମାଟିକୁ ରସାଣିତ କରେ,
ଶ୍ମଶାନର ପବିତ୍ର ବୁକୁରେ
ସ୍ନେହ, ପ୍ରେମ, କରୁଣାର ଫୁଟଇ କେତକୀ ।

ଏଠାଇଁ ତ ପଡିଛନ୍ତି ଶୋଇ ଅନ୍ତିମ ନିଦ୍ରାରେ
ରୋଗୀ, ଭୋଗୀ, କେତେ ତ୍ୟାଗୀଜନେ,
ପତିଛାଡି ପତିବ୍ରତା ଅହ୍ୟ ସୁଲକ୍ଷଣୀ,
ସେଦିନର ପ୍ରେମ ଆଉ ପ୍ରତାରଣାମାନେ,
ଲୋଭ, ମୋହ, ଆସକ୍ତିର ଅବିଦ୍ୟା ଅଙ୍କାନେ !
ଜୀବନ ଦହନ ଏଥି ନିର୍ବାପିତ ହୁଏ ସିନା,
ପ୍ରାଣର ପ୍ରପଞ୍ଚମାୟା କବଳିତ କର୍ମୁ
ଉପାର୍ଜିତ ଫଳଭୋଗ ହୁଏ ନାହିଁ ଶେଷ,
ଜୀବାତ୍ମାର ଲକ୍ଷପଥେ ସହସ୍ର ଜନମେ,
ସୁଠାମ ସୁନ୍ଦର ଚିର ବାଂଛିତ ଏ ଦେହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଳିପୋଡ଼ି ହୁଏ ଖାଲି ମୁଠାଏ ପାଉଁଶ !

କେତେ ସ୍ମୃତିର ଶୂନ୍ୟତା ହୋଇ ଅନ୍ତଃଚାରୀ,

ଉତ୍ତାନ ଏ ଭୂଇଁର ଗର୍ଭରେ ଯାଇଛି ସଞ୍ଚାରି,

ଭାସିବୁଲେ ଗଗନେ ପବନେ ହୋଇ ଅଶରୀରୀ ।

ନିର୍ଲିପ୍ତ ନିର୍ବାକ ଥୁଣ୍ଟା, ହଠଯୋଗୀ ସମ ସ୍ଥବିର ପିପ୍ପଳ,

ଶ୍ମଶାନର ଏକ କୋଣେ ଏକପାଦେ ନୀରବ ନିଶ୍ଚଳ,

ମୁକସାକ୍ଷୀ ଦେଖଇ ସେ ମହାଯାତ୍ରା

କାମନା ବାସନା ଲୁବ୍ଧ ଅଜ୍ଞ ମଣିଷର,

ଅତୀତ ହେଲାଣି ତା'ର ମହାକାଳ ଗର୍ଭେ କେତେ କାଳ !

ଏ ଦର୍ଶନ କ୍ଷଣକାଳ ମନେ ଆଣେ ଶ୍ମଶାନ ବୈରାଗ୍ୟ,

ସ୍ଥୂଳ ଚେତନାରେ ଦିଏ ଚିନ୍ମୟର ସୂକ୍ଷ୍ମ ଚେତାବନୀ,

ସଂସାର ନୁହଇଁ କେବେ ଉପଭୋଗ ପାଇଁ,

ଜୀବନର ଆଦିଲକ୍ଷ୍ୟପଥେ ଗଢିବାକୁ ଆପଣାର ଭାଗ୍ୟ ।

ଅନ୍ଧାର ଆସିଲେ ଘୋଟି

ଶ୍ମଶାନରୁ "ହୁକ୍କେ-ହୋ" ଡକାଇ ବିଲୁଆ,

ଚିରଗୁଣୀ ମଶାଣିରେ ନିଆଁଜାଳି,

ନିଶାର୍ଦ୍ଧରେ ଗୋଡ଼କୁ ଲମ୍ବାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁନିପୁଅ ସେକେ ବୋଲି କହେ ବୁଢୀମାଆ !

ଭୂତ, ପ୍ରେତ, ଡାହାଣୀର ରୂପକଥା

ମନରେ ସଂଚାର କରେ ଭୀତି ଅହେତୁକ,

ଗଭୀର ନିଶୀଥେ ପୁଣି ଶ୍ମଶାନରେ ବସି

ଶବସାଧନା କରଇ ନିର୍ଭୀକ ତାନ୍ତ୍ରିକ ।

ଶ୍ମଶାନର କୋମଳ ଛାତିରେ ପୁଣି

ଜୀବନର ଡିଣ୍ଡିମ ବଜାଇ

କଅଁଳଇ ଛନଛନ ସୃଜନର ଦୂବ,

ଭେଦଜ୍ଞାନଶୂନ୍ୟ ପୀଠ ପବିତ୍ର ଶ୍ମଶାନ,

ବ୍ରହ୍ମଜ୍ଞାନୀ ମହାଯୋଗୀ ସମ,

କହେ ଅବା ଦିନେ ଏହି ଜୀବ

ମହାଚେତନାରେ ଭବେ ଦିବ୍ୟଦେହେ ପାଲଟିବ ଶିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦିନ ଗଡ଼େ, ରାତି ପୁଣି ଆସୁଛି



ତାରା ପ୍ରସାଦ ଜେନା

ଦିନ ଗଡ଼େ, ରାତି ପୁଣି ଆସୁଛି ସେ ଆସିବ
ତୁମେ ନାହଁ ଜାଣିଦେଲେ ଘୋର ଅମା ଗ୍ରାସିବ...... ।୦ ।

ଜହ୍ନ ଭଳି ରାତି ମୁହଁ ପଡ଼ିଯିବ ଶେତା
ଚିହ୍ନ ବୋଲି କିଏ କହି ବଢ଼ାଇବ ଚିନ୍ତା
ଲୁହ ମୋର ଢଳ ଢଳ ଆଖି ତଳେ ଭାସିବ
.......ଦିନ ଗଡ଼େ, ରାତି ପୁଣି ଆସୁଛି ସେ ଆସିବ ।୧ ।

ରାତି ମୋର ଦେଇଥାନ୍ତା ଗଜରାର ଧୂପ
ଦିକ୍ ଦିକ୍ ଜଳିଥାନ୍ତା ତାରା ପରି ଦୀପ
ସବୁ ଏଇ ଅମାନିଆ, ରୁଷି ପୂରା ବସିବ
.......ଦିନ ଗଡ଼େ, ରାତି ପୁଣି ଆସୁଛି ସେ ଆସିବ ।୨ ।

ଭରସାର ବାଟ ମୋର ହଜିଯିବ କାଳେ
ହୃଦୟଟା ଭାଙ୍ଗିଯିବ ଆଜି କୌତୂହଳେ
ବଞ୍ଚିବାର ପ୍ରେମ ନାଆଁ ତୁଣ୍ଡେ କ'ଣ ପଶିବ
.......ଦିନ ଗଡ଼େ, ରାତି ପୁଣି ଆସୁଛି ସେ ଆସିବ ।୩ ।

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଜିର ଯୁବପୀଢ଼ି ଓ ଭ୍ୟାଲେଣ୍ଟାଇନ୍ ଡେ



ଅମୃତ ନାରାୟଣ ଶତପଥୀ

ଯୁବ ଅବସ୍ଥାରେ ଯୌବନର ଉନ୍ମାଦନା,
ନୂତନ ବିଚାରେ ଚେତନା ଓ ଅବଚେତନା,
ନୂତନ ଭଙ୍ଗୀ ଓ ନୂତନ ଶୈଳୀରେ,
ପାଶ୍ଚାତ୍ୟ ଭ୍ୟାଲେନଟାଇନ ଡେ ପାଳନ ହୁଏରେ ।(୧)

ପିତାମାତାଙ୍କ ପ୍ରତି ସ୍ନେହ ଭାବ ହ୍ରାସ,
ପରିବାରରେ ପୁଣି ପ୍ରେମ ଓ ସୌହାର୍ଦ୍ଦ୍ୟ ନାଶ,
ମାଦକତା ଆଉ ଉଦ୍ଧାମତା ଗ୍ରାସ,
ସେଥିରେ ନିଜର ସଂସ୍କୃତି ଆଦି ନାଶ ।(୨)

ବିଭିନ୍ନ ଦିବସେ ରଙ୍ଗ ବେରଙ୍ଗର ଶୈଳୀ,
ଉପହାର ଆଉ ଅନ୍ୟ ଚିଜେ ଅଳି,
ପତନ ସଂସ୍କୃତି ଆରମ୍ଭ ଚାଟଶାଳୀ,
ବ୍ୟକ୍ତି ବ୍ୟକ୍ତି ମଧ୍ୟେ ଅସୀମିତ କଳି ।(୩)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିପରି ଏ ସଂସ୍କୃତି କିପରି ବ୍ୟବସ୍ଥା,
ଆନନ୍ଦ ଠୁଁ ବେଶୀ ଏଠି ଯେ ହତାଶା,
ଯୁବପିଢ଼ି ମଧ୍ୟେ ଉନ୍ମାଦନା ଅବା ନିରାଶା,
ପ୍ରୌଢ଼, ବାର୍ଦ୍ଧକ୍ୟରେ ହୃଦୟ ଶ୍ମଶାନ ନିରବତା ।(୪)

ଏହି ସବୁଥିରୁ ବଞ୍ଚିବା ଉପାୟ,
ନିଜେ ହୁଅନାହିଁ ପୁଣି ନିରୁପାୟ,
ସଂଯମେ ସୁରମ୍ୟେ ନିଜ ସଂସ୍କୃତି ବଞ୍ଚାଅ,
ଉନ୍ନତିର ପଥେ ଅଗ୍ରସର ହୁଅ ହେ ନିର୍ଭୟ ।(୫)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋଳ



ସୁହଂସ ଭୋଇ

ସରଗଠୁ ଭଲ ସୁକୋମଳ କୋଳ
କୋଳରୁ ଜୀବନ ମୂଳ
ଅଚଳ ଚୂଳରୁ ନିର୍ଝରିଣୀ ମୂଳ
ବହିଆସେ ଧରାତଳ....

ପାଦପରୁ ଫୁଲ ଫୁଲ ରୁ ସେ ଫଳ
ମୂଳ ତାଙ୍କ ଚେରମୂଳ
ସବୁଜ ସୁନ୍ଦର କରି ଗଢିଅଛି
ଗଭୀରରୁ ଆଣି ଜଳ.....

ଶିଖେଇଛି ହସ ଦେଇଛି ପିୟୁଷ
ନିତି ନିଦ୍ରା ଯାଏ କୋଳେ
ଶୌଚ ମଳ ମୁତ୍ର କରିଛି ପ୍ରଭୁତ
ବିକାର ନ କରେ ତିଳେ....

ମୋ ନିରସ ମୁଖ ଦେଖି ସେ ବିରସ
ସଜ ମୁଖ ହୁଏ ବାସି
ହାତଠାରି ଥରେ ଡାକ ଦେଲେ ଥିରି
କୋଳକୁ ଓହ୍ଲାଏ ଶଶୀ......

ଦେହେ ପୀଡାକଷ୍ଟ କଲେ ହଲାକତ
ଅସହ୍ୟ ହୁଅଇ ଭାରି
ହାତର ପରସ ଲାଗିଲେ ଅଳପ
ଅପସରି ଯାଏ ଡରି....

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନେହର ପଣତ ଘେରି ଚଉପାଶ

ରହିଛି ଢାଳ ସଦୃଶ

ଅନଳ ଉତ୍ତାପ ଅବା ବର୍ଷାକାଳ

ସୁରକ୍ଷିତ ଅଙ୍ଗଦେଶ......

ପ୍ରେମ ଅନୁରାଗେ କୋଳେଇ ଶ୍ରୀରାଧା

କେଶବ ସହିତ ଭାବ

ଯଶୋମତି ମାତ କୋଳେଧରି ସୁତ

ଦେଖିଲେ ରୂପ ଅପୂର୍ବ....

ମାଆ କୋଳ ଶେଜ କମଳ ପାଖୁଡା

ସ୍ନେହପ୍ରୀତି ଅନାବିଳ

ଶିଶୁଟିଏ ହୋଇ ଶୋଇ ରହିଥାନ୍ତି

କୋଳରେ ମୁଁ କାଳ କାଳ.....

ପଦ୍ମପୁର, ବରଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଢି ଜାଣିଲେ ସବୁ ସୁନ୍ଦର



ବାସନ୍ତୀ ଲତା ଜେନା


କହି ଜାଣି ପାରୁ ଥିଲେ କଥା ସୁନ୍ଦର
ମଜ୍ଜା ମଜ୍ଜା କଥା ଲାଗେ ଭାରି ମଧୁର ।୧।
ଗଢି ତୋଳିବା ଜାଣିଲେ ଘର ସୁନ୍ଦର
ସେନେହ ମମତା ଲାଗେ ଭାରି ମଧୁର ।୨।
ହସିବା ଜାଣି ଶିଖିଲେ ଯାତନା ଦୂର
ଏ ଦୁନିଆ ଲାଗୁ ଥାଏ ଅତି ନିଜର ।୩।
ଚାଲିବା ଜାଣି ଶିଖିଲେ ପଥ ସୁନ୍ଦର
ପ୍ରଗତିର ରଥ ଚଳେ କର୍ମ ନିଜର ।୪।
ନାଚିବା ଜାଣି ଶିଖିଲେ ନାଚ ସୁନ୍ଦର
ପ୍ରଶଂସା ଗୁଞ୍ଜରି ଉଠେ ଶୃତି ମଧୁର ।୫।
ବାଦ୍ୟ ବଜାଇ ଜାଣିଲେ ବାଜା ସୁନ୍ଦର
ମନ ଲାଖି ଯାଏ ତାରେ କିମନୋହର ।୬।
ଗୀତ ଗାଇ ଜାଣି ଥିଲେ ଗୀତ ସୁନ୍ଦର
ତାଳ ଲୟ ସ୍ୱର ଲାଗେ ଅତି ନିଜର ।୭।
ବଂଶୀ ବଜାଇ ଜାଣିଲେ ସ୍ୱର ସୁନ୍ଦର
ମନ ହୃଦୟକୁ ଛୁଏଁ ପ୍ରୀତି ମଧୁର ।୮।
ଖେଳିବା ଜାଣି ଶିଖିଲେ ଖେଳ ସୁନ୍ଦର
ନୀତି ନିୟମ ଶୃଙ୍ଖଳା ଖେଳ ବେଭାର ।୯।
ସଫା ସୁତରା ରଖିଲେ ତନୁ ସୁନ୍ଦର
ଚର୍ମ ରୋଗ ଦୂର ହୁଏ ଯେ ନିରନ୍ତର ।୧୦।
ଗୁରୁ ଜନେ ଭକ୍ତି କଲେ ମିଳେ ଆଦର
ଆଦେଶ ପାଳନେ ମିଳେ ଶାନ୍ତିର ଝର ।୧୧।
ସତ କଥା କହୁ ଥିଲେ ନିର୍ମଳ ମନ
ବିଭୁ ଚର୍ଚ୍ଚା ଶୁଣୁ ଥିଲେ ଜୀବନ ଧନ୍ୟ ।୧୨।
ସଂଯମତା ଆଚରଣ ଚରିତ୍ର ଗୁଣ
ଇନ୍ଦ୍ରିୟ ସଂଯମେ ନର ସ୍ଥିରତା ମନ ।୧୩।
ପ୍ରଭୁଙ୍କ ଚରଣେ ରଖ ହୃଦୟ ମନ
ପ୍ରଭୁଙ୍କ ପ୍ରୀୟ ହୋଇବ ଶ୍ରଦ୍ଧା ଭାଜନ ।୧୪।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ



ଲକ୍ଷ୍ମୀପ୍ରିୟା ଧରୁଆ

ଜୀବନ ରାସ୍ତା ଚାଲିବା ନୁହେଁ ସହଜ
ଖାଲ ଢିପ ସାମ୍ନା କରିବାକୁ ହେବ
କଷ୍ଟ, ଦୁଃଖ ଜୀବନ ଆସିଥାଏ
ସହି କରି ବାଟ ଚାଲିବାକୁ ହୁଏ
କିଏ ବା ବୁଝିବ ଆମକୁ ଏଠି
ଏକା ଏକା ବାଟରେ ନୀଜେ ସାଥୀ
ଝଡ ଆସିବାର ନଥା ସୂଚନା
ହେଲେ ବି ନିଜକୁ ଲଢ଼ିବାର କେତେ ବାହାନା
ସମୟ ସାଥୀରେ ଚାଲିବାକୁ ହେବ
କେତେ ପଛରେ କେତେ ଜଣଙ୍କୁ ଛାଡ଼ିବାକୁ ହେବ
ଜୀବନ ଯୁଦ୍ଧ ଇଏ ନୁହେଁ ସହଜ
ନିଜର ଲୋକଙ୍କ ଛଳନା ଦେଖିବାକୁ ହେବ
ମାରିବାକୁ ଚାହିଁଲେ ବି ମରି ହୁଏ ନାହିଁ
ମରି ଗଲେବି ଏଦୁନିଆ କେବେ
ତାକୁ ଛାଡେ ନାହିଁ
ଚାଲି ଚାଲି ଜୀବନ ରାସ୍ତାରେ
ପାଦ ଥକି ଯିବ ତୋର
ଥକି ଯାଇଥିବା ପାଦକୁ ତେବେ ଶାନ୍ତି ମିଳିବ
ଗାଁ ଶେଷ ମଶାଣିରେ ଶେଷ ସଜା ହେଇଥିବ

ଡୁଷୁରା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଓଡ଼ିଆ ବୀର ପାଇକ



କୁନା ସେଠୀ

ପରିଚୟ ସେତ ଓଡିଶା ମାଟିର
ଓଡ଼ିଆ ପାଇକ ପୁଅ
ଲଢ଼ିଥିଲା ଦିନେ ବଢ଼ିଥିଲା ଦିନେ
ଛାଡି ନିଜ ପ୍ରାଣ ଭୟ
କରିଥିଲା ଯୁଦ୍ଧ ଜୟ
ସେହି ଜୟ ପୁଣି ଆଣିଦେଇଥିଲା
ଶତ୍ରୁ ମନରେ ଭୟ
ଓଡ଼ିଆ ପାଇକ ପୁଅ
ସେତ ଓଡ଼ିଆ ପାଇକ ପୁଅ ।

ଆଖଡାରେ ତାର ବାଡିର ଯାଦୁକୁ
ଦେଖିଲେ ଲାଗଇ ଭୟ
ଘୁରି ବୁଲୁଥାଏ ପଞ୍ଝାର ପରାଏ
ପାଇକ ରଖଇ ଲୟ
ଚାରିଆଡେ ଦୁଖଃମୟ
ବାଡ଼ି ଯଦି ଥରେ ବାଜିଯାଏ ଦେହେ
ମରଣ ନିଶ୍ଚୟ ପ୍ରାୟ
ଓଡ଼ିଆ ପାଇକ ପୁଅ
ସେତ ଓଡ଼ିଆ ପାଇକ ପୁଅ ।

ତୀର ତଲୁଆର କଥା କହେ ତାର
ବୀର ଦେଖାଏ ତା ଠାଣି
ରୂପ ପ୍ରକାଶଇ ବିରତା ଦେଖାଇ
ଥରାଇ ଦିଏ ତା ବାଣୀ
ଏ କଥା ପାରିବା ଜାଣି
ଓଡ଼ିଆ ପୁଅର ବିରତ୍ୱ ର ଗାଥା
କୀର୍ତ୍ତି ଦିଏ ତା ବଖାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖିବା ସେଥିରେ ଲୟ

ଓଡ଼ିଆ ପାଇକ ପୁଅ

ସେତ ଓଡ଼ିଆ ପାଇକ ପୁଅ ।

ଜୟୀ ରାଜଗୁରୁ କାହାଣୀ କହୁଛି

ଅତୀତ ଗୌରବ କଥା

ଦେଶ ମାତୃକାର ହିତ ସକାଶରେ

ନଇଁ ନାଇଁ ନିଜ ମଥା

ରହିଛି ରହିବ ପ୍ରଥା

ଓଡ଼ିଆ କାହାଣୀ ଓଡ଼ିଆ ର ବାଣୀ

ଶତ୍ରୁ ପାଇଁ ପରା ବ୍ୟଥା

ରଖିବନି ଜମା ଭୟ

ଓଡ଼ିଆ ପାଇକ ପୁଅ

ସେତ ଓଡ଼ିଆ ପାଇକ ପୁଅ ।

ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଶେଷ ଉପହାର



ନୀଳମଣି ଚାନ୍ଦ

ଚିତ୍ର ଆଙ୍କିବାର ବୟସ ଯାଇଛି
ଉପତ୍ୟକାଟିରେ ହଜି
ଆଙ୍କିଥିଲି ଯାହା ସିଏ ସବୁ ଗଲା
କା' ଲୁହ ବର୍ଷାରେ ଭିଜି ।

ନିଶି ସିନା ଥିଲା ହେଲେରେ ସପନ
ଦେଲାନି ନୟନେ ଧରା
ସୁନେଲି ସପନ ଆସି ଧରାଦେବ
ପ୍ରତୀକ୍ଷାରେ ଅଛି ପରା ।

ଚିତ୍ର ଆଙ୍କିସାରି ଫେରିବାକୁ ହେବ
ସେ ତାରିଖ ନାହିଁ ଜଣା
ତଥାପି ଚାଲିଛି ଭାବ ନାଇଁ ମୁହିଁ
ହୋଇଛିରେ ବାଟବଣା ।

ସପନ ବିକିଛି ସୌଦାଗର ହୋଇ
ଆଉ ସେ ସପନ ନାଇଁ
ଦିଗ୍ ବଳୟ ପାଶେ ରବି ରତରତ
ଅସ୍ତମିତ ହେବା ପାଇଁ ।

ମେଲାଣି ନେବାର ଆଗରୁ ଆଙ୍କିବି
ଶେଷ, ଶ୍ରେଷ୍ଠ ଚିତ୍ର ମୋ'ର
ରଖିବ ଗୋ ମନେ ତୁମ ପାଇଁ ହେବ
ଶେଷ ପ୍ରୀତି ଉପହାର ।

ଭୁବନେଶ୍ୱର-୨୯.ମୋ:୯୫୮୩୨୦୨୩୫୭
chandnm6@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନ ପ୍ରଜାପତି



ନିରୁପମା ପାଣି

ମନ ପ୍ରଜାପତି
ଖୋଜି ବୁଲେ ନିତି
ନୂଆନୂଆ ଫୁଲକଢି
ବୋଲ ମାନୁନାହିଁ
ଧରା ଦେଉନାହିଁ
ମନ ପଞ୍ଜୁରିକୁ ଛାଡି

ଡେଣା ମେଲି ସେତ
ଉଡେ ବନ କ୍ଷେତ
ଫୁଲର ମହକ ବାରି
କେଉଁ ଦିନ କିଏ
ଆଦର କରିବ
ରହିଯିବ ଘର କରି

ନୀଳ ଆକାଶରେ
ନୀଳିମା ବୁକୁରେ
ଆନନ୍ଦେ ଉଡେ ପକ୍ଷୀଟି
ଧରାଦେବ ଯିଏ
ହସହସ ମୁହେଁ
ପାଖକୁ ନେବ ପାଛୋଟି

ଆଶା ଭରସା ତ
ସେଦିନ ପୂରିବ
ପରଦେଶୀ କେହି ଜଣେ
ମୋ ମନ ପକ୍ଷୀକୁ
ବନ୍ଦୀ କରିନେବ
ନିଜର ଆପଣା ପଣେ

ଚାନ୍ଦବାଲି, ବିନ୍ଧତରା, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅକଲ ମକଲ ଟକଲ ଟିଆଁ



ପ୍ରକାଶ କୁମାର ଚାନ୍ଦ

ଅକଲ ମକଲ ଟକଲ ଟିଆଁ
ଖୁସିରେ ହରିଣ ମାରୁଛି ଡିଆଁ
ପୁଷି ନାନୀ ବାହାଘର
ବାଣ ରୋଶଣୀରେ ବଣ ଉଛୁଳୁଛି
ଭୂଆ ସାଜିଛିରେ ବର । । ।

ଅକଲ ମକଲ ଟକଲ ଟିଆଁ
ଭାଡିରୁ କହିଲା କୁକୁଡା ଚିଆଁ
ହେଲାରେ ସକାଳ ହେଲା
ଗଧିଆ କଟାସ ପାଠ ପଢି ଗଲେ
ଚାଟଶାଳୀ ଖୋଲାହେଲା । ।

ଅକଲ ମକଲ ଟକଲ ଟିଆଁ
ଠେକୁଆ ଖାଉଛି ଉଖୁଡାମୁଆଁ
ଆଣିଥିଲେ ବାଘମାମୁଁ
ମାମୁଁଘର ବାଡି ପଛପଟେ କେତେ
ଲାଗିଛିରେ ଲିଚୁ ଜାମୁ । ।

ଅକଲ ମକଲ ଟକଲ ଟିଆଁ
ବିଲୁଆର ଘରେ ଲାଗିଛି ନିଆଁ
ହୁତୁହୁତୁ ଘର ଜଳେ
ନିଆଁ ଲିଭିଗଲା ବିପଦ ଟଳିଲା
ହନୁବୁଢା ବୁଦ୍ଧି ବଳେ । ।

ଅକଲ ମକଲ ଟକଲ ଟିଆଁ
ମନେ ତୁମ ଖୁସି ନାହିଁତ କିଆଁ
ହାତୀକୁ କହିଲା ପାତି
ଦୃଢ ନକରିଲେ ନିଜ ମନୋବଳ
ଦୁଃଖରେ ପାହିବ ରାତି । ।

ଜୟପୁରଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂକ୍ରାନ୍ତି ବିଶେଷ ମକର



ଦୀନବଂଧୁ ବେଜ

ଢ଼େମସା ବାଜେ ମାଦଳ ବାଜେ
ଦୁଲୁକି ଉଠେ ଛାତି,
ସବକେ କରୁଛି ମକର ଜୁହାର
ପରବେ ଯିବା ମାତି ।

ଆସ ସଙ୍ଗାତ ପୂଜିବା ସୂର୍ଯ୍ୟ
ଅଭିଷ୍ଟ ହେବ ପୂର୍ଣ୍ଣ,
ନକରାତ୍ମକ ଉର୍ଜା ନଷ୍ଟ ହୋଇ
ଗର୍ବ ହୋଇବ ଚୂର୍ଣ୍ଣ ।

ଦେବୀ ସଂକ୍ରାନ୍ତି କରିବେ ବଧ
ସବୁ ଅସୁର ଶକ୍ତି,
ଆସ ମନରେ ଆଜି କରିବା
ନୂତନ ବନ୍ଧୁ ଚୁକ୍ତି ।

ସ୍ୱରଗ ପ୍ରାପ୍ତି ଆଜିର ଦିନ
ଦେହାନ୍ତ ଯିଏ ହୁଏ,
କେତେ ପବିତ୍ର ଅଟଇ ପରା
ସମୟ କଥା କହେ ।

ପ୍ରତ୍ୟୁଷ କାଳୁ ସ୍ନାନାଦି କରି
ଶିବ ସୂରୁଜ ପୂଜା,
ଏହି ଦିନରେ କରିଲେ ବାବୁ
ଉଡିବ ପୁଣ୍ୟ ଧ୍ୱଜା ।

ଆମ ସଂସ୍କୃତି ଆମ ବୈଶିଷ୍ଟ
ଆମ ମକର ପର୍ବ,
ଆସ ପାଳିବା ଟେକ ରଖିବା
ଆମ ଉତ୍କଳ ଗର୍ବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଦିନଟି ଅପୂର୍ବ ଦିନ
ଆମ୍ଭ ଓଡ଼ିଆ ପାଇଁ,
ଜନ୍ମିଥିଲେ ଫକୀର ମୋହନ
ଭାଷା ଜାଗ୍ରତ ପାଇଁ ।

ଏଣୁ ସଂକ୍ରାନ୍ତି ମକର କ୍ରାନ୍ତି
ଭାଷା ସାହିତ୍ୟ ଦିନ,
ଆଜି ମକର ହେବା ବକର
ଭାଷାରେ ହୋଇ ଲୀନ ।

ମାଲକାନଗିରି, ଓଡ଼ିଶା
ଭ୍ରାମ୍ୟଭାଷ :-୭୬୮୩୯୨୦୨୨୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାକି କଥା ହେବି ପରେ



ଲକ୍ଷ୍ମୀପ୍ରିୟା ପରିଡ଼ା

ବିଦାୟର ଛୋଟ ପ୍ରତିଶ୍ରୁତି ଦେଇ
ଲୋଡ଼ିବ କି ପଲକରେ,
ଏଇ ତ ଆରମ୍ଭ , ଶୁଣୁଚି, ଶୁଣିବି
ଚକ୍ରବ୍ୟୂହ ମୋତେ ଘେରେ

ଯାତନା ଯେତିକି ଭାବନା ସେତିକି
ମୁଁ ଯେ ବିନା ଆୟୁଷରେ ମରେ
ଶୂନ୍ୟ ଅଗଣାରେ ଧୂଳି ଛାଟିଦେଇ
ପରଖିବ ଧୀର ସ୍ଥିରେ

ଲଗନ ଖୋଜ ହେ ଲଗନ ଭିତରୁ
ଅନ୍ଧାରର ମୂଳକରେ
ପୁରୁଣା ପ୍ରଶ୍ନ କି କମ୍ପିତ ହୋଇବ
ଭେଦିବ କି ଶିରେ ଶିରେ

ଥାଉ ଏହି ଲୁହ, ଅଭିମାନୀ କୋହ
ନାଗଫାଶ ବନ୍ଧନରେ
ଚିରଞ୍ଜିବୀ ଯେବେ କରିବାକୁ ଇଚ୍ଛା
ଭାବନାକୁ ନିଅ ଥରେ

ଅଣାୟତ୍ତ ପିଲା ଆୟତ୍ତରେ ଅଛି
ଅଗ୍ନିଶିଖା ତାକୁ ଘାରେ
ଭାବ କଥା ଆଜି ସେତିକି ରଖିଲି
ବାକି କଥା ହେବି ପରେ.....

ଡେଲାଙ୍ଗ, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଁ ଗଙ୍ଗା



ଅଲେଖ୍ ମେହେର

ଭାଗୀରଥି ରତନ   ଅବଲୋକନେ ମନ
ମନ୍ଦିରେ  ବାଜେ ଘଣ୍ଟ କମ୍ବୁ,
ସୁଦ୍ଧ ମୋହିନୀ ବେଶ   ସ୍ୱଚ୍ଛ ଧବଳ ରସ
ଦେଖି ମୋହିତ ଦ୍ୱୀପ ଜମ୍ବୁ ସେ । ରଙ୍କନିଧି ।
ସ୍ପର୍ଶରେ  ପୁଲକିତ  ତନୁ,
ଆଲିଙ୍ଗନରେ ନତଜାନୁ ।
ପାଇଗଲେ ପରଷ   ବହେ ଭରେ ପୀୟୁଷ
କଳୁଶ ହଟଇ ଜୀବନୁ ।
ଜନ୍ମାଇ  ସପ୍ତସୁତ   କରି ହସ୍ତରେ ହତ
ଅଷ୍ଟମକୁ  ଛାଡିଲେ ହସି,
ପ୍ରଶ୍ନ ପୁଛିଲେ ଯେଣୁ   ସ୍ୱାମୀ ତେଜିଲେ ତେଣୁ
ହଜିଲା  ପ୍ରାଣନାଥ ଖୁସି ସେ । ମହାଦେବୀ ।

ଗମନେ ଘର୍ଘର ଗର୍ଜନ,
ଉଚ୍ଛନ୍ନ ରତୀର ସମାନ ।
କୋଟି ତପସ୍ୟା ଫଳେ   ମିଳନ୍ତି କର୍ମ ବଳେ
ହିରଣ୍ୟଗର୍ଭେ ମିଳେ ସ୍ଥାନ ।
ଚୁମ୍ବନରେ ବୃଜିନ   ହଟେ ଲକ୍ଷ ଯୋଜନ
ନିଶ୍ଚିନ୍ତେ ମିଳଇ ନିର୍ବାଣ,
ସଗର ପୁତ୍ର ଶତ   ଅଭିଶାପୁ ସମ୍ଭୂତ
ଜ୍ୱଳନରୁ ପାଇଲେ ତ୍ରାଣ ସେ । ସୁଧାମୟୀ ।
ସବୁଜ ଶ୍ୟାମଳା ଭାରତ,
ବିକ୍ଷଣରେ ବରଣ ସିତ ।
ବିଷ୍ଣୁ ପୟରେ ଜାତ   ଈଶ ଶିରେ ସମ୍ଭୂତ
ପାପନାଶିନୀ ଅଭିହିତ ।

ସୋହେଲା ବରଗଡ଼
ମୋ -୭୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଙ୍କଜ ଯୋନି ତନୁଜା



ରାମ ଚନ୍ଦ୍ର ପ୍ରଧାନ

ଘେନ ମୋ ପ୍ରଣତି ହେ ମା' ସରସ୍ୱତୀ
କରୁଅଛି ଆଜି ଅଳି
ଅଜ୍ଞାନ ତିମିର କରିଦିଅ ଦୂର
ତୁମ କୃପା ଦେଇ ଢ଼ାଳି ।

ବ୍ରହ୍ମାଙ୍କ ନନ୍ଦିନୀ ବିଦ୍ୟା ପ୍ରଦାୟିନୀ
ତୁମେ ଅଟ କାଦମ୍ବରୀ
ଜଗତ ଜନନୀ ସରୋଜ ବାସିନୀ
ମାଆ ତୁମେ ଶୁକ୍ଳାମ୍ବରୀ ।

ଚିର ସନ୍ୟାସିନୀ ତ୍ରିଲୋକବାସିନୀ
ଶ୍ୟାମଳାଙ୍ଗୀ ଚତୁର୍ଭୁଜା
ସୌମ୍ୟା ସ୍ୱରୂପିଣୀ ହଂସ ବିହରଣୀ
ପଙ୍କଜ ଯୋନି ତନୁଜା ।

ମରାଳ ବାହିନୀ  କଳୁଷ ନାସନୀ
ବୀଣାପାଣି ଭଗବତୀ
ଶ୍ୱେତ ପଦ୍ମାସନୀ ପୁସ୍ତକ ଧାରିଣୀ
ମହାଜ୍ଞାନୀ ଦୟାବତୀ ।

ଆସ ଅବତରି ଏ ମାୟା ମରତେ
ଜଳାଇ ଜ୍ଞାନର ଦୀପ
ହଟିଯାଉ ସବୁ ସଂସାରୁ କଳୁଷ
ଅଜ୍ଞାନତା ପାଉ ଲୋପ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ : ୯୮୬୧୭୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜାଗର



ଲକ୍ଷ୍ମୀପ୍ରିୟା
ମହାରଣା

ନିଃଶବ୍ଦ ଭିତରେ
ଶୂନ୍ୟ ଆକାଶକୁ ଚାହିଁ ଚାହିଁ
ତୁମ ହୃଦୟର ପ୍ରତିଟି ସ୍ପନ୍ଦନ
ଆଜି ମୁହିଁ ଅନୁଭବ କରୁଛି

ହୃଦୟରେ ମୋର,
ତୁମ ପ୍ରୀତିରେଖା
ଯେପରି ଧୀରେ ଧୀରେ
କମ୍ପନ ସୃଷ୍ଟି କରୁଛି

ତାହାକୁ ବ୍ୟକ୍ତ କରିବା
ମୋ ସାମର୍ଥ୍ୟର ବାହାରେ
ପ୍ରୀତିପାଇଁ ସ୍ମୃତି ବଞ୍ଚିଲା ପରି
ତୁମ ସହିତ କଟାଇଥିବା

ପ୍ରତିଟି ମୁହୂର୍ତ୍ତ
ମୋ ହୃଦୟରେ ସ୍ମୃତି
ହୋଇ ହୋଇ ଯାଉଛି
ଆଜି ମୁଁ ନିଜସ୍ୱ ସତ୍ତା
ହରେଇ ବସିଛି

ମନ ମହାନଦୀ ପଠାରେ
ଅନେକ ନୀଳ ସ୍ୱପ୍ନ ପରି
ଆମ ବିଶ୍ୱାସର ପୃଥିବୀରେ

ସବୁଦିନ ତୁମ ପ୍ରେମ ପାଇବାର
ବିଶ୍ୱାସକୁ ନେଇ
ଆଜି ମୁଁ ତପସ୍ୟାର
ଜାଗର ଜାଳୁଛି ।

ଧନୁପାଲି, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



କୁନାଲ ମଲ୍ଲିକ

ସଭିଏଁ କୁହନ୍ତି ଗରବରେ ଆମେ ସ୍ୱାଧୀନ ଦେଶର ସନ୍ତାନ
କୁହ ଦେଖି କାଇଁ ପାଇଁ ଆଜି ନାରୀ ହୋଇନାହିଁ ସ୍ୱାଧୀନ ।
ଆଜି ବି ତ ନାରୀ ଭାରତ ଦେଶରେ ଏକା ଚାଲି ପାରେନାହିଁ
ସୁରକ୍ଷିତ ଭାବେ ରହିବାକୁ ଟିକେ ସାହାରା ଖୋଜି ବୁଲଇ ।
ମଣିଷ ଭିତରେ ରାକ୍ଷସ ସ୍ୱଭାବ କରେ ତାକୁ ହନ୍ତସନ୍ତ
ମରି ମରି ଆଜି ବଞ୍ଚେ ଦୁନିଆରେ ତା ସ୍ୱପ୍ନ କରିବାକୁ ସତ ।
ନାରୀ ପାଇଁ ଯଦି ସମ୍ମାନ ରହିବ ସଭିଙ୍କର ମନ ତଳେ
ପ୍ରଗତିର ପଥେ ସଭ୍ୟତା ଆମ ଆଗେଇବ ଧରା ତଳେ ।
ନାରୀ ନୁହେଁ କେବେ ବିଳାସ ସମାଗ୍ରୀ ଭୋଗ୍ୟ ବସ୍ତୁଟିଏ
ସେଇ ହୋଇଥାଏ ବିଶ୍ୱ ବିଜୟୀ ଯିଏ ନାରୀକୁ ସମ୍ମାନ ଦିଏ ।
ସେଇ ନାରୀ ପରା ଜନନୀ ଭଗିନି କେବେ ସାଜେ ପୁଣି ନନ୍ଦିନୀ
ମମତା ଖିଅରେ ସଂସାର ବାନ୍ଧିଛି ସାଜି ପୁଣି ସହଧର୍ମିଣୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏ ମନ ଦର୍ପଣେ



ନିରଞ୍ଜନ ସାହୁ

ମୋ ମନରେ ତୁମେ ସର୍ବଦା ରହିଛ
ତୁମ ମନେ ମୁଁ କି ଅଛି
କହିବ କି ମୋତେ ହୃଦୟ ଖୋଲିକି
ସତ କଥାଟିକୁ ବାଛି ।

ମୋ ମନ ବୁଝିବା ଭଳିଆ ନ କହି
ଅନ୍ତରକୁ ଖୋଲି ଦିଅ
ସତ କଥା ଆଜି କହିବି ନିଶ୍ଚୟ
ମନରେ ସାହସ ନିଅ
ଅନ୍ତରକୁ ଖୋଲି ନିର୍ମଳ ମନରେ
କଥା କୁହ ପଛେ ନାଛି ।

ତୁମରି ମୁହଁରୁ ସତ ମୁଁ ଶୁଣିଲେ
ନିଜକୁ ସାନ୍ତ୍ୱନା ଦେବି
ସତ କଥା ଶୁଣି ନିଜକୁ ନିଜେ ମୁଁ
ଟିକିଏ ପରଖି ନେବି
ମୋ ରାଣ ତ ମୋତେ ଖୁସିକଲା ପରି
କହିବନି କିଛିକିଛି ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୦୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରିୟା



ଦିବାକର ନାୟକ

ମୋତେ ଲାଗେ ସବୁ ରାତି
ନିତି ନୂଆ ନୂଆ
ପାଉଥିଲେ ମୋ ପ୍ରିୟାର
ଯାଦୁକରୀ ଛୁଆଁ (୦)

ସଜଫୁଟା ଫୁଲ ପରି
ସୁକୋମଳ ତନୁ
ପ୍ରଣୟର ତୀର ମୁଁଯେ
ସିଏ କାମଧନୁ;

ମୋ ମନ-ସରଗପୁରେ
କାମଧେନୁ ସିଏ
ଇଛା-ଇନ୍ଦ୍ରପୁରୀରେ ମୋ
ସେ ମେନକାଟିଏ;

ସେ ମନ୍ଥରା-ନୀର ହେଲେ
ମୁଁ କାମନା-ନିଆଁ..
ମୋତେ ଲାଗେ ସବୁ ରାତି
ନିତି ନୂଆ ନୂଆ (୧)

ମୋ ଦିନର ଲାଜକୁଳୀ
ସିଏ କୁଳବଧୂ
ସବୁ ରାତି ମୋ ବାସର
ଢାଳେ ଯେବେ ମଧୁ;

କଥା କ୍ଷୀର ସର ମହୁ
ଓଠ-ପାରିଜାତ
ସବୁ ବିଜୟରେ ମୋର
ତାର ପୂରା ହାତ;

ତା ପ୍ରୀତି ମୋ ପାଇଁ ସଦା
ଅମୃତ କୁଡୁଆ..
ମୋତେ ଲାଗେ ସବୁ ରାତି
ନିତି ନୂଆ ନୂଆ (୨)

ଆକାଶବାଣୀ ଗୀତିକାର
ପାଟପୁର, କନିସି, ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୃତ୍ୟୁ



ଲକ୍ଷ୍ମଣ ଭୋଇ

ଜୀବନ, ଡ଼ରେ ନାହିଁ କାହାକୁ
ଡ଼ରେ ତ କେବଳ ମୃତ୍ୟୁକୁ ।
ମଣିଷ ଜୀବନରେ ସବୁ ଖୋଜେ
ହେଲେ ଖୋଜେ ନାହିଁ କେବେ ମୃତ୍ୟୁକୁ ।

ଦେଖେ ନାହିଁ ଧନୀ ଦେଖେ ନାହିଁ ଦାରିଦ୍ର୍ୟ
ଆସିଲେ ଏକାଥରକେ ମାଡ଼ି ଆସେ,
ତାରି ନାମ ମୃତ୍ୟୁ ।

କାହିଁ କେତେ କରିଚାଲେ ପାପ
ରଖେ ନାହିଁ ହିସାବ ।
କେତେ ଗର୍ବ କେତେ ଅହଙ୍କାର
ସୀମା ଟପି କରେ ଅତ୍ୟାଚାର ।

ଦେଖେ ନାହିଁ ବୟସ
କିଏ ଛୋଟ କିଏ ବଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଲେ ଏକାଥରକେ ମାଡ଼ି ଆସେ,

ତାରି ନାମ ମୃତ୍ୟୁ ।

ମୁଁ ଧନୀ ମୁଁ ବଡ଼ ମୁଁ ସର୍ବସ୍ୱ

କହି କରିଚାଲେ ସବୁ ଦିନ ଗର୍ବ

ବଡ଼ ଜାତି ବୋଲି ରଖେ ସ୍ୱାଭିମାନ

ଭାବେ ନାହିଁ କେବେ ଯେ ,

ମୃତ୍ୟୁ ସମସ୍ତଙ୍କ ପାଇଁ ସମାନ ।

ସାଧୁ ହଉ ସନ୍ଥ ହଉ, ହଉ ଅତ୍ୟାଚାରୀ

ସମୟ ଆସିଲେ ସମସ୍ତଙ୍କ ପାଇଁ ମୃତ୍ୟୁ ହିଁ ସମାନ ।

ରେ ଜୀବନ ଯେତେଦିନ ଅଛୁ ଏ ଧରାପୃଷ୍ଠେ

କରି ଦେ ଟିକିଏ ସମସ୍ତଙ୍କର କଲ୍ୟାଣ ।

ଛାଡ଼ି ଗର୍ବ ଛାଡ଼ି ଅହଙ୍କାର

ମିଳିମିଶି ରହ ସମସ୍ତଙ୍କ ପାଖେ ।

କେତେ ଦିନ ଯେ ଏ ଜୀବନ

କରୁଅଛୁ ଏତେ ମାନ ଅଭିମାନ ,

ଆଜି ଅଛୁ କାଲିକୁ ନାହିଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁ ଯେ ତୋର ଏତେ ସ୍ୱାଭିମାନ ।

ଚିହ୍ନେଁ ନାହିଁ ଜାତି , ଚିହ୍ନେଁ ନାହିଁ ଧର୍ମ

ଚିହ୍ନେଁ ନାହିଁ ରକ୍ତ , ଚିହ୍ନେଁ ନାହିଁ ସଂପର୍କ

ଆସିଲେ ଏକାଥରକେ ମାଡ଼ି ଆସେ,

ତାରି ନାମ ମୃତ୍ୟୁ ।।


ଠିକଣା - ଠାକୁର ମାଳ, ସମ୍ବଲପୁର

ମୋ - ୭୩୮୯୮୫୬୮୪୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଜ୍ଞାପନ



ମୃତ୍ୟୁଞ୍ଜୟ ପାତ୍ର

ତା ମୁନିଆ
ଦାନ୍ତରେ
କାଠକଣ୍ଢେଇ ର
ଉଷୁମ ରକ୍ତର ସୁଆଦ
ପଞ୍ଜୁରୀ ନିସ୍ତବ୍ଧ
ଚଢେଇ ନିସ୍ତେଜ

କଳଙ୍କି ଘଷିଘଷି
ପାପୁଲି ଦୁଇଟା
ଲହୁଲୁହାଣ
ହେଲେ ସକାଳ ସୁଧା
ସବୁ ପାଶୋରିଦବାକୁ
ଆସିଛି ବରାଦ

ଚିହିକିବା ମନା
ଚମକିବା ନିଷେଦ୍ଧ
ମନ ତକିଆତଳେ
ଚାରିଚଉଡା ହେଇ ଷ୍ଟାପଲର ମରା

ରୁମାଲ ଭିତରେ
ଯଉଟା ଗଲାସନ
ଗାଁ ଯାତରେ ହଜିଯାଇଛି ବୋଲି
ବ୍ୟାପିଛି ଖବର

ଖବରକାଗଜରେ
ଗୋଟେ ସ୍ତ୍ରୀଲୋକର
ଧଳାକଳା ଫଟୋ
ମୁହଁ ଫାଳକରେ
ରକ୍ତଛିଟା
ଆଉ
ତା ପାଖ ଫର୍ଦ୍ଦରେ ଲେଖା
ବିଜ୍ଞାପନ
ଗାଁ ହାଟକୁ କୁଆଡେ
ବିକିରି ଆସିବ
ରଙ୍ଗ ବେରଙ୍ଗି ଜନ୍ତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି



ଜ୍ୟୋତି ରଞ୍ଜନ
ଯତି

ନୀରବତା ଭିରେ

ଏକାନ୍ତର କୋଳେ

ତୁମେ ମନକୁ ଆନ୍ଦୋଳିତ କର କିଆଁ ?

"ସ୍ମୃତି" ତୁମେ ପାଉଁଶ ତଳର ନିଆଁ !!

ସମୟ ଜାଏ ଅପସରି,

ଦୁନିଆ ଦିଏ ପାସୋରି

ତୁମେ ଅତୀତର କିମ୍ବଦନ୍ତୀ ପୁନରାବୃତ୍ତି କର କିଆଁ ??

"ସ୍ମୃତି" ତୁମେ ପାଉଁଶ ତଳର ନିଆଁ !!

କବିର କବିତ୍ୱ

ଲେଖନୀରୁ ନିଶୃତ

ଶବ୍ଦ ମାଳାରେ ଆବେଗର ଚିର ସ୍ରୋତ

ହେଲେ ବେଳେ ବେଳେ ତୁମେ ବିଦ୍ରୋହ କର କିଆଁ ?

"ସ୍ମୃତି" ତୁମେ ଏତେ ସ୍ୱାର୍ଥପର କିଆଁ ??

ତୁମେ ପାଉଁଶ ତଳର ନିଆଁ !!

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ସଂସ୍କୃତି,

ତୁମେ ହିଁ ପ୍ରକୃତୀ

ତୁମେ ପ୍ରେମିକାର ନୀରବ ପ୍ରତିଶ୍ରୁତି

ହେଲେ ବେଳେ ବେଳେ ତୁମେ ଆବେଗର

ସ୍ରୋତସ୍ୱିନୀ ହୁଅ କିଆଁ ??

ତୁମେ ଏତେ ଅଭିମାନିନୀ କିଆଁ ??

ସ୍ମୃତି" ତୁମେ ପାଉଁଶ ତଳର ନିଆଁ !!

ଶରୀର ନସ୍ୱର

ରଚୟୀତା ଈଶ୍ୱର

ମିଛ ମାୟା ସବୁ ଦୁଇଦିନିଆ

ପୁଣି କାହିଁ ସାତ ଜନ୍ମ ପାଇଁ ପ୍ରେମ ବନ୍ଧନେ...

ବାନ୍ଧିଦିଏ ହୋମୋ ନିଆଁ ???

ସ୍ମୃତି..... ତୁମେ ଏତେ ମୟବିନୀ କିଆଁ ??

"ସ୍ମୃତି".... ତୁମେ ପାଉଁଶ ତଳର ନିଆଁ !!

ଯୋଗାଯୋଗ - ୮୨୪୯୩୦୧୨୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରିବୁ ନାହିଁ ଅନର୍ଥ



ନରେନ୍ଦ୍ର ପ୍ରସାଦ ବେହେରା

କରିବନି ରାଗ    ମୋ ସୁନା ଭଉଣୀ
କରିବନି ମନ ଉଣା
ବରଷକେ ଥରେ    ଦେଖି ମୁଁ ପାରୁନି
ତୋହରି ଘର ଅଗଣା  ।୧ ।

କାଗଜରେ ଲେଖି    ଥିଲି ତୋ ଠିକଣା
ଲୁହରେ ପଡୁନି ଜଣା
କି ଆଉ କହିବି    ମୋ ଦୁଃଖ କାହାଣୀ
କାନ୍ଦୁଛି ବସି କାନ୍ଦଣା  ।୨ ।

ସ୍ନେହ ମମତାର    ପବିତ୍ର ବନ୍ଧନ
କିଏ ବା ପାରିବ ଭୁଲି
ସତ୍ୟ ଦୟା ଧର୍ମ    ହୃଦୟରେ ଥିଲେ
ଆଗକୁ ପାରିବା ଚାଲି  ।୩ ।

ମନରେ ରହିଲେ    ନିର୍ମଳ ଭାବନା
ହୃଦୟକୁ ଯିବା ଜିଣି
ଧନ୍ୟ ମହାପ୍ରଭୁ    ବିଚିତ୍ର ଦୁନିଆ
ଗଢିଅଛ ଜାଣିଶୁଣି  ।୪ ।

କର୍ମମୟ ଏହି    ଜୀବନଟା ମୋର
ଜଞ୍ଜାଳରେ ଭରି ଅଛି
ଆଗକୁ ଯିବାକୁ    ନାହିଁ ଅର୍ଥବଳ
କିପରି ଯିବି ଭାବୁଛି  ।୫ ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଇଚ୍ଛାଥିଲେ ମଧ୍ୟ ଯାଇ ମୁଁ ପାରୁନି
ବାଧକ ସାଜୁଛି ଅର୍ଥ
ତଥାପି କରୁଛି ଚେଷ୍ଟା ମୁଁ ଅନେକ
କରିବୁ ନାହିଁ ଅନର୍ଥ ।୬ ।

ମନ ହୃଦୟରେ ରଖିଛି ସାଇତି
ଲିଭିବ ନାହିଁ ଠିକଣା
ସମୟ ଆସିଲେ ଯିବାକୁ ତୋଘର
ହେବି ନାହିଁ ବାଟବଣା ।୭ ।

ପୋଛି ଦେବୁ ନାହିଁ ମନ ମଧୁ୍ୟ କେବେ
ଦୁଃଖି ଭାଇଟିଏ ତୋର
ଠିକଣା ସମୟେ ପହଞ୍ଚି ପାରୁନି
ମୋ ଘର ଅନେକ ଦୂର ।୮ ।

ଭାଇ ସିନା ଜାଣେ ଭଉଣୀ ବେଦନା
ପାରେନି ସହି କାନ୍ଦଣା
ସମୟକୁ ସାମ୍ନା ପାରୁନାହିଁ କରି
ପାଉଛି ଖାଲି ଯନ୍ତ୍ରଣା ।୯ ।

କରୁଛି ପ୍ରାର୍ଥନା ଜଗତ ଠାକୁର
ଅଭାବକୁ ଦୂରକର
ଫୁଟିଉଠୁ ହସ ଭଉଣୀ ମୁହଁରେ
ସୁଖରେ କରୁ ସେ ଘର । ।୧୦ । ।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା, ସମ୍ପାଦକ -
ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର,
ମୋ- ୯୮୫୩୦୪୨୫୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋର କଣ ହେବ



ବନବିହାରୀ ମିଶ୍ର

ଭାଇ ଭଉଣୀ ସବୁ ଛୋଟ ଥିଲୁ,
ଅଭାବ ଅନାଟନ ରେ ଚଳୁଥିଲୁ,
ଆମେ ସବୁ ନୂଆ ପିନ୍ଧିଲୁ, ବୋଉର ନୂଆ ଖୋଜିଲୁ,
ହେଲେ ବୋଉ କହେ, ମୋର କ'ଣ ହେବ । ।
ଭଲମନ୍ଦ ସବୁ ହୁଏ,ଆମେ ମନ ଭରି ଖାଇଲୁ,
ସମସ୍ତେ ଖୁସି ଗପ କଲୁ, କିଛି ବୁଲାବୁଲି ବି କଲୁ,
ବୋଉ କୁ ପଚାରିଲୁ,
ବୁଲିବାକୁ ଯିବୁ, ବୋଉର ସେଇ ଉତ୍ତର, ମୋର କଣ ହେବ । ।
ଆମ ପାଠ ପଢ଼ା ହେଲା,
ଆମେ ପଢ଼ିଲୁ, ବୋଉ ଢୁଳେଇ ବସିଲା,
ଆମକୁ ସାରା ରାତି ଜଗିଲା, ଆମେ କହିଲୁ ଶୋଉନୁ,
ସେ କହେ, ମୋର କ'ଣ ହେବ । ।

ଧିରେ ଧିରେ ସମୟ ଗଡିଲା,
ଆମେ ରୋଜଗାରିଆ ହେଲୁ,
ଭଲ ଜିନିଷ ଆଣିଲୁ, ଭଲ ଖାଇବା ଖାଇଲୁ,
ବୋଉ ପାଇଁ କିଛି ଆଣିଲୁ,
ବୋଉ କିନ୍ତୁ କହେ, ମୋର କ'ଣ ହେବ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ଦିହାତ ରୁ ଚାରିହାତ ହେଲୁ,
ନୂଆ ଘର, ନୂଆ ସଂସାର କଲୁ,
ବୋଉକୁ ଡାକିଲୁ,
ବୋଉ ବୋଧେ ଆମ ଲୋଭର ପରସ ପାଇଲା,
ବୋଉ କହିଲା, ମୋର କ'ଣ ହେବ । ।

ସେଇ ଗୋଟିଏ ଲୁଗାରେ,
ଠାକୁର ଘରକୁ ରୋଷେଇ ଘର ଏପଟ ସେପଟ ହେଉଥାଏ,
କଣ ଦିଟା ଫୁଟେଇ, ବାପାଙ୍କୁ ଖାଇବାକୁ ଦିଏ,
ନିଜେ ବି କଣ ଟିକେ ଖାଇନିଏ,
ଆମେ ଭଲମନ୍ଦ ଯାଚିଲେ,
ଏବେ ଦୁହେଁ କୁହନ୍ତି, ଆମର କଣ ହେବ । ।

ବାପା ବୋଉଙ୍କ ସ୍ଥାନ କିଏ ନେବ,
ଏମିତି ନିଃସ୍ୱାର୍ଥପର,
ସ୍ୱାଭିମାନୀ କିଏ ହେବ,
ଭୟ ହୁଏ ଭାବିଲେ,
ସେମାନେ ନଥିଲେ, ଆମର କଣ ହେବ ?

ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ,
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶ୍ୱ କଲ୍ୟାଣ



ମନୋରଞ୍ଜନ
ସୁରୁଜାଳ

ଜୀବନଟା ଚୋରାବାଲି
ଖେଳେ ସିନା ଲୁଚକାଳି
ବର୍ଷ ଦିନ ଦଣ୍ଡ ମାପ
କାହିଁ ସୁଜନ ?
ମର ମଧୁପୁରେ ଯାହା
କ୍ଷଣିକ ଜୀବନ ଆହା
ପାଣି ଫୋଟକାଏ ଗାଥା
ଏଇ ସଦନ ।

ପାଇବାର ଅଭିଳାଷ
ତୃଷ୍ଣାରେ କାହକୁ ଆଶ
ବେଢିଛି ମାୟାର ଫାଶ
ଦେଖରେ ଦେଖ,
ଯେଉଁ କାମ କରି ଗଲେ
ଝୁରିବେ ମରଣ ବେଳେ
ସେ ବ୍ରତରେ ବ୍ରତୀ ହୋଇ
ପିଉଷ ଚାଖ ।

କ୍ଷଣସ୍ଥାୟୀ ପଛେ ହେଉ
ବିଶ୍ୱ ପ୍ରାଣେ ମନ ଥାଉ
ପର ଉପକାର ସଦା
ସାଧିବା ଜନ,
ଜନ୍ମ ଜୀବନର ଅର୍ଥ
ଆରେକ ଅଟଇ ବ୍ୟର୍ଥ
ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟ
ମଣିଷ ପଣ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାମ ଯଜ୍ଞ ସଂକୀର୍ତ୍ତନ

ମୋକ୍ଷ ଗତି ମୁଖ୍ୟ ଦାନ

କରିବା ସରବେ ମିଳି

ମହତ କର୍ମ,

ମରିବି ଅମର ହେବା

ନିହିତ ମାଧବ ସେବା

ସେ ସ୍ରୋତ ରେ ଭାସି ଯିବା

ମାନବ ଧର୍ମ ।

ମନୁଷ୍ୟ ଜୀବନ ଲାଭ

ପ୍ରଭୁ ସଙ୍ଗେ ଯେତ୍ନେ ଭାବ

ସେ ନାମକୁ ନିତ୍ୟ ଭଜି

କର ଜଣାଣ,

ଅନୁସରି ସେହି ପଥ

ଗଡିଯାଉ ଜୀବ ରଥ

ଲକ୍ଷ୍ୟ ଲାଗି ରହୁ ସଦା

ବିଶ୍ୱ କଲ୍ୟାଣ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବେଳାଭୂମି ଚିହ୍ନ



ଆଶୁତୋଷ
ମେହେର

ବେଳାଭୂମି ଦେହେ କାହା ପାଦ ଚିହ୍ନ
ଖୋଜି ଖୋଜି ହୁଏ ବାଇ,
ଅବୁଝା ଢେଉ ଟା ଆସି ଧୋଇ ଯାଏ
ଆତାପତା ମିଳେ ନାହିଁ...... । ।୦ । ।

ସାଗର ବେଳାରେ ହାତ ଧରାଧରି
ସାଉଁଟି ସୂରୁଯ ରେଣୁ,
ବାଲି ଘର ତୋଳି ପ୍ରେମେ ସଜାଇ ତା'
ରଙ୍ଗ ଢାଳୁଥିଲୁ ମନୁ,
ରଙ୍ଗ ଧୋଇ ହେଲା ଧୂସର ଗାଲିଚା
ଆଖି ତରଟିଲା ଚାହିଁ...... । ।୧ । ।


ଏକେଲା ଏ ମନ ଖୋଜି ବୁଲେ ସଦା
ପ୍ରିୟାର ହଜିଲା ଘର,
କେଉଁ ଇଲାକାରେ କହା ବାହୁ ଛନ୍ଦେ
ହୋଇଗଲା ଏତେ ପର,
ସ୍ମୃତି ଇଲାକାରେ ପ୍ରେମ ଜାଳିଥାଏ
ଯାତନା ର ଅନ୍ତ କାହିଁ.... । ।୨ । ।

୫୪, ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ, ଭୁବନେଶ୍ୱର, ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ହିଁ ଏକ ବ୍ୟାକରଣ



ରଞ୍ଜିତା ରାଉଳ

ଅକ୍ଷର ମିଳନ ଅର୍ଥ ପ୍ରକାଶରେ
ଶବ୍ଦଟି ଗଠନ ହୁଏ
ଶବ୍ଦ ଗଠନର ସଂଯୋଗ ଭିତ୍ତିରେ
ପଦ ପ୍ରକରଣ ଥାଏ ।।

ଶବ୍ଦ ଓ ଶବ୍ଦର ମିଳନରେ ଯେବେ
ପୂର୍ଣ୍ଣଭାବ ଆସୁଥାଏ
ସେଇ ଭାବଅର୍ଥ ପୂର୍ଣ୍ଣତା ପାଇକି
ବାକ୍ୟ ରୂପାନ୍ତର ହୁଏ ।।

ମାନବ ଜୀବନେ ବାକ୍ୟର ସୂଚନା
ଧ୍ୱନୀ ପ୍ରକମ୍ପିତ ହେଲେ
ସେହି ଧ୍ୱନୀ ହୁଏ ସରସ ସୁନ୍ଦର
ସମ୍ବନ୍ଧ ତତ୍ତ୍ୱ ରଖିଲେ ।।

ପ୍ରତ୍ୟେକ ପଦ ଯେ, ବାକ୍ୟଟିରେ ଥାଏ
ଗୋଟିଏ ଗୋଟିଏ ଅଂଶ
ସେ ଅଂଶ ମହତ୍ତ୍ୱ ମାନବ ଜୀବନେ
ଗଢଇ ମୂଖ୍ୟ ବିଶେଷ ।।

ଶବ୍ଦର ଚାଳନା ଶୁଦ୍ଧ ହୋଇଗଲେ
ମହତ ମଣିଷେ ଗଢା
ଶବ୍ଦ ଚାଳନାରେ ଅଶୁଦ୍ଧି ଆସିଲେ
କେହି ଜଣେ ନାହିଁ ଲୋଡ଼ା ।।

ପାଣି ସୁଅ ପରି ଶବ୍ଦଟି ଖସଡା
ଚାଲିଗଲେ ଫେରେନାହିଁ
ଅପଶବଦରେ ବନ୍ଧୁତା ଜୀବନ
ଶୋଭା କେବେ ପାଏନାହିଁ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରଳ, ଯୌଗିକ, ଜଟିଳ ମାର୍ଗରେ
ବାକ୍ୟର ଦିଗ ସୂଚାଏ
ସତ୍ତ୍ୱ, ରଜ, ତମ ଏହି ତିନି ଗୁଣ
ତା ସାଥିରେ ଶୋଭାପାଏ ।।

ଜୀବନଟା ଗଢା ଶବ୍ଦ ଗନ୍ତାଘର
ଜ୍ଞାନର ନିଳୟ ହୋଇ
ଭାବାର୍ଥ ବାକ୍ୟରେ ପଦଟି ଗଢିଲେ
ସମାସଟି ହେଉଥାଇ ।।

ମାନବ ଜୀବନ ନୁହଁଇ ସହଜ
ଜୀବନ ହିଁ ବ୍ୟାକରଣ
ବାକ୍ୟ ଉଚ୍ଚାରଣ ଶୁଦ୍ଧ କରୁଥିଲେ
ଶତ୍ରୁର ଜିତିବ ମନ ।।

ରାଜ୍ୟ ସହ ସଂପାଦିକା, ଓଡ଼ିଶା ସାହିତ୍ୟିକ ସଂଗଠନ, ଭୁବନେଶ୍ୱର (ଓଡ଼ିଶା)
ଅନୁଗୋଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ଦର୍ପଣ



ସୁନନ୍ଦା ମହାନ୍ତି

ସ୍କୁଲରେ କବିତା ଲେଖି ଦ୍ୱିତୀୟ ହେଲା ପରେ
ସମ୍ବିତ ଚକୋଲେଟ ବାଣ୍ଟିଥିଲା ଖୁବ ଖୁସିରେ
ଫାଜିଲ ବିନୟ ପଚାରୁଥିଲା କୋଉ ଖୁସିରେ ?
ସମ୍ବିତ କହିଥିଲା ଶିଖା କବିତା ଲେଖି ଦ୍ୱିତୀୟ ସ୍ଥାନରେ
ସେଇ ଖୁସି ଓ ଆନନ୍ଦରେ
ବଗୁଲିଆ ଅସିତ କହିଥିଲା ସେ ତୋର କିଏ ?
ତା ପାଇଁ ତୋ ପକେଟ ଖର୍ଚ୍ଚରୁ ସାରୁଛୁ
ଉତ୍ତର ଥିଲା ସମ୍ବିତର ସେ ମୋ ଭଉଣୀ
ତୋର ଆଉ ବିଜୟର ବି
ଶିଖାର ପ୍ରେମ ଦର୍ପଣ ଭିତରେ
ବନ୍ଦି ହୋଇଗଲା ଜଣେ କେହି

କଲେଜରେ ଡ୍ରାମାଟିକ ସେକ୍ରେଟାରୀ ପାଇଁ
ଗୀତ ଟିଏ ଗାଇଦେଇ ଶିଖା ଅନେକ ତାଳି ଗଲା ପାଇ
ଡ୍ରାମାଟିକ ସେକ୍ରେଟାରି ଦିଲ୍ଲୀପ ଯେବେ
ଶିଖା ହାତରେ ଫୁଲତୋଡ଼ା ଦେଲା ନେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଙ୍ଗମାନେ ଚିଡ଼ାଇଲେ ଅନେକ

ସେ ତୋର କିଏ ବୋଲି କହି

ଶିଖା ଉତ୍ତର ଦେଲା ଆମ କଲେଜର

ମୋର ତୋର ସଭିଙ୍କର ଭାଇ

ଦର୍ପଣରେ ଆଉ ଗୋଟେ ମୁହଁ ଯୋଡି ହେଲା ଯାଇ

ସବୁ ସ୍ୱାମୀ ମାନେ ଏମିତି ନା କେବଳ ଶିଖାର ?

ପଣତରେ ବାନ୍ଧି ରଖିପାରେ ନାହିଁ

ଶୀତୁଆ ସଂଜରେ ସାଙ୍ଗ ମେଳରେ ବୁଲିଯିବା ପାଇଁ

ବ୍ୟାଗ ଓ ସୁଟ ସଜାଡି ଦେଇସାରିଲା ପରେ

ଶିଖା ଭାବୁଥିଲା କହିବାକୁ ମତେ ନିଅନ୍ତ ନାହିଁ !

ନକହି ଦର୍ପଣ ଦେଖୁଥିଲା ମୁହଁ ସାରା କଳାଦାଗ ଛାଇ

ଦର୍ପଣ କହୁଥିଲା ସମ୍ବିତ, ଦିଲ୍ଲୀପ ମାନେ

ସ୍ୱାମୀ ହେଲା ପରେ ଯାଇଥିବେକି ତା ସ୍ୱାମୀପରି ହୋଇ !

ସାକ୍ଷୀଗୋପାଳ, ପୁରୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମରି ମହିମା...



ରାମ ପ୍ରସାଦ ସିଂହ

ତୁମରି ମହିମା କେମିତି ଗାଇବି
କାଳିଆ ବଡଠାକୁର,
ସବୁକିଛି ଦେଇଛି ମୁଁହି ସମର୍ପି
ଭାବି ତୁମକୁ ନିଜର ।।

ପାଇଛି ନୂଆ ପରିଚୟ ଠିକଣା
ତୁମରି ନାମକୁ ଆବୁରି,
ଧନ୍ୟବାଦ ଅଶେଷ ତୁମକୁ ଦିଅଁ
ଆହେ ଭାବ ଗିରିଧାରୀ ।।

ନ ଥିଲେ ତ କେହି ବନ୍ଧୁ ପରିଜନ
ଥିଲି ମୁଁହି ପରା ଏକା
ଏ ମାୟା ସଂସାରେ ତୁମେ ହିଁ ସାଜିଲ
ମୋ ବିପଦ ସ୍ୱୟଂ ସଖା ।।

ବଳକା ଜୀବନ ଗାଇବି ତୁମକୁ
ଭୁଲିବି ଏ ସ୍ୱାର୍ଥ ସଂସାର
ନେବି ଆଶ୍ରୟ ତୁମରି ଶ୍ରୀଚରଣେ
ତୁମେ ମୋର ଆପଣାର ।।

ଈଶ୍ୱରଙ୍କ ମହିମା କରୁଣା ଜରୁରୀ
ପ୍ରତ୍ୟେକ କର୍ମ ପ୍ରାରମ୍ଭେ
ଅସମ୍ଭବ ସାଜିବ ପୂର୍ଣ୍ଣ ସମ୍ଭବ
କଳିଯୁଗ ପ୍ରତି ପାଦେ ।।

ସୁକରପଡା, କଟକ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସନ୍ଦେହର ନୀଡ଼



ଆଦରମଣି ପ୍ରଧାନ

ଅସରନ୍ତି ଆଶା ମଉଳି ଯାଉଛି
ଅଭିଯୋଗ କରୁ ନାହିଁ
ଅମାନିଆ ମନ ପଚାରି ବୁଝୁଛି
ଅଭିମାନ କାହାପାଇଁ,,,, ।

ଆଶା ଅସୁମାରୀ ମରମେ ମରୁଛି
କୋହରେ ଫାଟୁଛି ଛାତି
କାହା  ଦୋଷ ଗୁଣ କେମିତି କହିବି
କିଏ ବା ବୁଝିବ ଏଠି,,,, ।

କେଉଁ ଅପରାଧେ ଶାସ୍ତି ଦିଅ ମୋତେ
ପଚାରିବି ନାହିଁ କେବେ
ପୁଣ୍ୟର ପାଉଣା ଭରିବାକୁ ମୋର
ବାକି ଅଛି କୁହ କେତେ,,,, ।

ସତେ କି ଭାଗ୍ୟ ବିଡମ୍ବନା ସାଜେ
ପାପର  କି ବୋଝ ଭାର
ନିତି ମରି ନିତି ଜିଉଁଛି ମୁଁ ଏଠି
ସହିବାର ସୀମା ପାର,,,, ।

ଶୁଷ୍କ ଭାବନାର ସମ୍ପର୍କରେ ଆଜି
ସମୁଦ୍ର ଯାଇଛି ମାଡି
ସତ ଚରିତ୍ରରେ  ସନ୍ଦେହର ନୀଡ଼
ଗଳା ମୋ ଦେଇଛି ମୋଡି,,,, ।

ଢଳ ଢଳ ଆଖି ଖୋଜୁଥାଏ ନିତି
ପାନ୍ଥ ଶାଳାରେ ବସି
ଶୁନ୍ୟ ପସରା ମୋ ଭରିବାକୁ ନାହିଁ
ଦର୍ଶନ ମୁଁ ଅଭିଳାଷୀ,,,, ।

ଚାନ୍ଦବାଲି, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦେଖାଦିଅ ଚନ୍ଦ୍ରମୁଖୀ



ବାଲାଜୀ ସେଠୀ

କଳା ମେଘ ପଛେ  ଜହ୍ନ ଯେବେ ଲୁଚେ
ଝୁରି ମରେ ସରେ କଇଁ
ଚାରୁ ଚନ୍ଦ୍ର ଜିଣା    ତୁମ ମୁଖ ବିନା
ବିରହେ ଜଳୁଛି ମୁହିଁ  ।।

ତୁମଠାରୁ ମୋର    ଦିବସ ଆରମ୍ଭ
ତୁମଠି ରଜନୀ ଶେଷ
ମୁହୂର୍ତ୍ତଟା ଲାଗେ    ଯୁଗଟିଏ ପରି
ଜୀବନର ଅବଶେଷ  ।।

ତୁମ ସରୁ ଓଠ    ହସ ଉର୍ମୀ ଛିଟ
କୁସୁମ ପାଖୁଡା ସମ
ସେହି ହସ ଧାରେ  ପ୍ରିୟା ପ୍ରୀତି ଝରେ
କିଣି ନିଏ ମୋର ମନ  ।।

ଝରା ଶ୍ରାବଣର    ଉନ୍ମତ୍ତ ଝରଣା
କଳାମେଘି କୁଞ୍ଚ ବେଣୀ
ଉଦଣ୍ଡ ନୃତ୍ୟରେ    ଓଲଟି ବହୁଛି
ସଜ ଭିଜା କେଶ ପାଣି  ।।

ଦେଖା ଦିଅ ସଖୀ   ସଂଶୟ ଉପେକ୍ଷି
ସ୍ପନ୍ଦନ ହେଉଛି କ୍ଷୀଣ
ପ୍ରତୀକ୍ଷାର ବେଳ   ହୋଇଲେ ଉଛୁର
ପିଣ୍ଡୁ ଯିବ ଛାଡି ପ୍ରାଣ  ।।

କେଉଁ ଉହାଡରେ   ଯାଇଛ ଗୋ ଲୁଚି
ଖୋଜି ତ ପାଉନି ଆଖି
ନିରିମାଖୀ ମୋର    ହୃଦୟ ଅଧିର
କର ନାହିଁ ଚନ୍ଦ୍ରମୁଖୀ  ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୁହ



ବର୍ଷାରାଣୀ
ମହାମଲ୍ଲିକ

ଲୁହ, ତୁମେ ହିଁ ତ ମୋର ବାସ୍ତବ ବନ୍ଧୁ
ଏକାକୀତ୍ୱ ଯେବେ ମୋର ଚତୁର୍ଦ୍ଦିଗ କୁ ଛୁଇଯାଏ
ନିରୋଳା ଜାଗାରେ ଯେବେ ମୋର ନିରୀହ ଚାହାଣୀ ଥାଏ,
ସେତେବେଳେ ତୁମେ ଥାଅ ଉପସ୍ଥିତ,
ଚେତନ ମନରେ ଯେବେ ପହଁରି ଯାଏ ପୁରୁଣା ଅତୀତ
ତୁମେ ସୁଖର ବନ୍ଧୁ, ତୁମେ ଦୁଃଖର ବନ୍ଧୁ
ସମସ୍ତେ ଦୁରେଇଗଲେ ଆସ ତୁମେ
କିଏ ଯଦି ଗାଳିଦେଇଗଲା ତ ବି ସମବେଦନା ଦିଅ ତୁମେ
ବିଶ୍ୱାସ କର ତୁମକୁ ଛାଡିଦେଲେ ଏଠାରେ ସମସ୍ତେ ନିଷ୍ଠୁର
ତୁମ ସହ ମୁଁ ଖୁସି ପାଏ, ତୁମେ ହିଁ ମୋ ଆତ୍ମୀୟ, ଅନ୍ତରଙ୍ଗ
ତୁମେ କରନା ଛଳନା, ଜାଣନା ପ୍ରତାରଣା.....
ତୁମେ କରନା ବାହାନା, ପ୍ରହସନ କରନା.....
ତୁମ ସଙ୍ଗେ ମିଳିତ ହେବା ପରେ ମୁଁ ପାଏ ସୁଖ
ନିଜକୁ ମଜବୁତ୍ କରେ ଜ୍ଞାତ ହୁଏ ଲକ୍ଷ୍ୟ,
ତୁମ ଅବୟବରେ ପାଣି କମ୍ ଭାବନା ବେଶୀ
ଭାବିଦେଲେ ତତକ୍ଷଣ ଦେଖା ଦିଅ ଆସି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଦ କୋଠାରୀର ଘନ ଅନ୍ଧାର କାଳିମାରେ,

ଅତିବାହିତ ହୁଏ ସମୟ ତୁମରି ସାଥିରେ

ତୁମ ହାତର ଗରମ ସ୍ପର୍ଶରେ,

ଛୁଇ ଚାଲିଯାଅ ମୋରି ଗାଲକୁ

ବୁଝିଯାଏ ଅନ୍ତରର ମନ...........

ସେଥିପାଇଁ ତ, କ୍ଷଣେ ଏକଲା ହୋଇଗଲେ ମୁଁ  ଖୋଜିବୁଲେ ତୁମ ପରଶକୁ.........

ସ୍ନାତକୋତ୍ତର ପ୍ରଥମ ବର୍ଷ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମନର ମଣିଷ



ସରୋଜ କୁମାର ସାହୁ

ଭଲପାଅ ଯଦି ସତରେ ଆଜିବି
ଆସିବ ଗୋ ତୁମେ ଫେରି
ସେଦିନ ଯେମିତି ମନ ହୃଦୟକୁ
କରି ନେଇଥିଲ ଚୋରି ।

ବାନ୍ଧିଥିଲ ବେଣୀ ତାସାଥେ ଗଜରା
କରି ପ୍ରେମ ନିବେଦନ
ଭୁଲି ଯିବନାହିଁ ଦେଇଥିଲ ରାଣ
ସାଇତିବ ଚିର ଦିନ ।

ଭୁଲିକି ପାରୁଛି ସେଇ ମୁହୂର୍ତ୍ତ କୁ
ନିରୋଳାରେ ଥିଲେ ବସି
ଆଖି ପଲକରେ ଝଲସି ଉଠଇ
ସେଦିନଠୁ ଆଜି ବେଶୀ ।

ଦୂରେ ଥିଲାବେଳେ ଆନମନା କରି
କାହିଁ ବେଶୀବେଶୀ ଖୋଜ
ମନର ମଣିଷ ମନତଳେ ରହି
ଭରି ଦେଉଥାଅ ଲାଜ ।

ଲାଜରେ ଲାଜରେ ଅତି ସରାଗରେ
ଭରିଯାଏ ଯେଉଁ ଛୁଆଁ
ଅନୁଭବ ବିନା କହି ସେ ହୁଏନା
ପ୍ରତିଥର ଲାଗେ ନୁଆ ।

ପ୍ରୀତିର ପରସେ ଭିଜିଗଲା ପରେ
ପୁଲକିତ ହୁଏ ଦେହ
ଜନ୍ମ ସାଥେ କଇଁ ଯେମିତି ବନ୍ଧନ
ସେ ପରା ଆମର ନୁହଁ ।

ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଦେ ଭାରତ ମାତା



ସରୋଜିନୀ ମିଶ୍ର

ଶିରେ ରଜତ ମୁକୁଟ
ଫେନୀଳ ଲହରୀ ଧୌତ
ନୈସର୍ଗିକ ଶୋଭାଯୁକ୍ତ
ଅହିଂସା ମନ୍ତ୍ରରେ ଅବିଭୂତା
ବନ୍ଦେ ଭାରତ ମାତା ।

ପୂତ ପବିତ୍ର ଦେଶ
ଜଗତ୍ ପିତାଙ୍କ ନିବାସ
ଅମୃତ ସନ୍ତାନ ବାସ
ଶ୍ରଦ୍ଧା ସୁମନ ବିତରୀତା
ବନ୍ଦେ ଭାରତ ମାତା ।

ଶୁରବୀର ପ୍ରସବିନୀ
ପୂତ ପତିତପାବନୀ
ଗତିମୁକ୍ତି ପ୍ରଦାୟିନୀ
ଶାନ୍ତି ମୈତ୍ରୀ ସ୍ୱର ଉଦ୍ଗାତା
ବନ୍ଦେ ଭାରତ ମାତା ।

ମନ ଉଡ଼ନ୍ତା ବିହଙ୍ଗ
ତୁଙ୍ଗ ଶିଖରୀ ଶିଖ
ବିବିଧତା ଏକ ରଙ୍ଗ
ଉଜ୍ଜ୍ୱଳ ନକ୍ଷତ୍ର ଜ୍ଞାନ ସ୍ନାତା
ବନ୍ଦେ ଭାରତ ମାତା ।

ପ୍ରଶାନ୍ତି ତଟିନୀ ହୃଦ
ସୁକର୍ମ ସୁଜ୍ଞାନ ଯୁକ୍ତ
ସଦା ଶୀର୍ଷରେ ବୀରତ୍ୱ
ଅନ୍ୟାୟ ଅନୀତି ବିବର୍ଜିତା
ବନ୍ଦେ ଭାରତ ମାତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକତାର ଆବାହକ

ସତ୍ୟ ଅହିଂସା ପୂଜକ

ସ୍ୱପ୍ନ ସାକାର କାରକ

ସୁକର୍ମ, ସୁଜ୍ଞାନେ ବିଭୂଷିତା

ବନ୍ଦେ ଭାରତ ମାତା ।

ପୂର୍ଣ୍ଣ ଉଦିତ ତପନ

ସ୍ୱର୍ଣ୍ଣାଭ କିରଣେ ସ୍ନାନ

ବିଶ୍ୱ ଶାନ୍ତି ଆଭୂଷଣ

ସୌମ୍ୟ, ଶାନ୍ତ, ସ୍ନିଗ୍ଧା ଜଗତ୍ ଜିତା

ବନ୍ଦେ ଭାରତ ମାତା

ଆଲୋକ ନଗର, ଆମ୍ବପୁଆ

ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟ ଭାଷ - ୯୯୩୮୪୭୫୨୦୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳଙ୍କ



ପ୍ରଶାନ୍ତ କୁମାର ନାଥ

କିଏ ସେ ବୋଲିଲା କଳଙ୍କ କାଳିମା
ତୋଫା ଜହ୍ନ ଦେହେ ଆଣି
ତା ମନରେ ନାହିଁ ଟିକିଏ ତ ମ୍ଳାନ
ସ୍ୱଚ୍ଛ ଜ୍ୟୋତ୍ସ୍ନା ଦିଏବୁଣି ।

ନିଜେ କଳଙ୍କିତ ତଥାପି ସେ ସ୍ୱଚ୍ଛ
ରାତି ଅନ୍ଧାରକୁ ଜିଣି
ସରଳ ସ୍ୱାଭାବେ ପରସି ଦିଏ ସେ
ମିଠା ମିଠା ଜ୍ୟୋତ୍ସ୍ନା ଛାଣି ।

କିଏ ସେ କିଣୁଛୁ କଳଙ୍କ କାଳିମା
ଦେହ ବଜାରରେ ନିତି
ସତେ କ'ଣ ଇଏ ମନ ଦିଆ ନିଆ
ହୃଦୟରେ ଥାଏ ପ୍ରିତି ।

ସମାଜକୁ ସୁସ୍ଥ କରିବାକୁ ବେଶ୍ୟା
କଳଙ୍କକୁ ହୁଏ ବୋଲି
ନିନ୍ଦା ଅପବାଦ ସମାଜ ମୁଖରେ
ଭରି ରହିଥାଏ ଗାଳି ।

ପଙ୍କିଳରୁ ଜାତ ପଙ୍କଜକୁ ଦେଖ
କେଡେ ସୁନ୍ଦର ତା ରୂପ
ନୁହେଁ କଳଙ୍କିତ କିବା ଅଭିଶାପ
ନାହିଁ ତା'ର ଅନୁତାପ ।

ପଙ୍କରେ ରହି ସେ ପଷ୍ଫୁଟିତ ହୁଏ
ଦେହକୁ ଯତନେ ଧରି
ଦେହ ମନ ତା'ର ପବିତ୍ରତା ଥାଏ
ଆପଣାକୁ ଦୃଢ଼ କରି ।

ଗଙ୍ଗା ଗୋଦାବରୀ କେତେ ପାପ ଧୋଇ
ଅଛନ୍ତି ପବିତ୍ର ହୋଇ
ପାରିନି କଳଙ୍କ ତା ଦେହକୁ ଛୁଇଁ
ପ୍ରତିକ୍ଷଣେ ବୁଡ଼ ଦେଇ ।।

(ଜୁଣଗଡି) ରାଜନଗର କେନ୍ଦ୍ରାପଡ଼ା ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୀବନ ସାଥୀ



ରାକେଶ ଭୋକ୍ତା

ଫୁଲ ପାଇଁ ଦେଲ ଭଅଁର ସାଥୀ ଟେ
ଶ୍ରୀକୃଷ୍ଣ ଙ୍କ ପାଇଁ ରାଇ ,
ରାଜ ପାଇଁ ରାଣୀ ଯୁଗଯୁଗାନ୍ତର
ମୋ ଜୀବନ ସାଥି କାହିଁ ?

ଅରୁଣ କୁ ଦେଲ ସୁନୀଲ ଅମ୍ବର
ଦୁଃଖ ର ସପନ ନାହିଁ ,
ଶଇଳ ପାଇଁକି ଚିର ସ୍ରୋତସିନୀ
ମୋ ଜୀବନ ସାଥି କାହିଁ ?

କଇଁ ଫୁଲ ପାଇଁ ଚନ୍ଦ୍ରମାକୁ ଦେଲ
ସୀତା ପାଇଁ ରଘୁସାଇଁ
ପୁସ୍ତକ କୁ ଦେଲା କଲମ ସାଥି ଟେ
ମୋ ଜୀବନ ସାଥି କାହିଁ ?

ପ୍ରତି ମୁହୂର୍ତ୍ତର ପ୍ରତିସମୟରେ
ପଚାରେ ଜଗତ ସାଇଁ ,
ସମସ୍ତଙ୍କ ସାଥି ତୁମରି ଆଶିଷେ
ମୋ ଜୀବନ ସାଥି କାହିଁ ?
ମୋ ଜୀବନ ସାଥି କାହିଁ ?

ବୌଦ୍ଧ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂସାରକୁ ମୋର ତମେ ହିଁ ଭରସା



ପଙ୍କଜ କୁମାର
ମଙ୍ଗଳ

ସ୍ୱପ୍ନଟିଏ ମୁଁ ଆଖିରେ ସାଇତି ନିଇତି ପ୍ରସ୍ତୁତ ଦେଶ ପାଇଁ,
ଅନ୍ୟ କେଉଁଥିରେ ରୁଚି ନାହିଁ ମୋର ହେବାକୁ ଇଚ୍ଛା ସିପାହୀ ।
ପ୍ରତିଦିନ ମୁଁ ପ୍ରସ୍ତୁତ ହେଉଛି ଅପେକ୍ଷା ସେ ସୁଯୋଗକୁ,
ଶ୍ରେଷ୍ଠତା ଦେଖିଲେ ସ୍ୱପ୍ନ ପୂର୍ତ୍ତି ହେବ ନିଯୁକ୍ତି ମିଳିବ ଆମକୁ ।
ସିପାହୀ ହୋଇନି ପରିବାର ପାଇଁ ନାହିଁ ମୋପାଖରେ ସମୟ,
ତଥାପି ସଭିଏଁ ସମର୍ଥନ କରନ୍ତି ଛାତିରେ ଲୁଚାଇ କୋହ ।
ଇଶ୍ୱର ଦେଖିନି ଇଶ୍ୱର ମାନୁଛି ମୋ ଦେଶବାସୀଙ୍କ ଉପରେ ଆଶା,
ଦେଶ ସେବା ପାଇଁ ଦୂର ଚାଲିଗଲେ ସଂସାରକୁ ମୋର ତମେ ହିଁ ଭରସା ।

ମିଳିଲା ସୁଯୋଗ ସ୍ୱପ୍ନ ହେଲା ସତ ହେଲି ମୁଁ ଆଜି ସିପାହୀ,
ପରିବାର ମୋର ଖୁସି ବାଣ୍ଟୁ ଥାନ୍ତି ଅନ୍ତରରେ ଭୟ ନେଇ ।
ବାପା ଭାଇ ମୋର ନିଜକୁ ସମ୍ଭାଳି ବୁଝାଉଛନ୍ତି ଜନନୀକୁ,
ଆଗପରି ଆଉ ଯୁଦ୍ଧ ହୁଏନାହିଁ ଯିବ ଅନୁମତି ଦିଅ କୁମରକୁ ।
ଭଗିନୀ ମୋର କାନେ କାନେ କହେ ରାକ୍ଷୀ ବାନ୍ଧି ହାତରେ,
ଆଜିଠାରୁ ତୁ ସବୁ ଭଉଣୀର ଭାଇ ହେଲେ ମୋତେ ଭୁଲିବୁନି ରାକ୍ଷୀରେ ।

କଣ କହିବି ପ୍ରେମ ବନ୍ଦିନୀକୁ ତା ପ୍ରେମରେ ବି ତ୍ୟାଗ ଅଛି,
ନୀରବେ ହସି ବିଦାୟ ଦେଉଛି ହସରେ ବି ଲୁହ ଲୁଚିଛି ।

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗୁରୁ, ସହୋଦର, ସାଙ୍ଗ ପାଇଁ ଉଲ୍ଲାସ ଦିନଟେ ଆଜି,
ଆଶିର୍ବାଦ କିଏ ଶୁଭେଚ୍ଛା ଦେଇ କହେ ଶତୃ ଦମନିବୁ ବୀର ଯୋଦ୍ଧାଟେ ସାଜି ।
ସେନା ଶିବୀର କୁ ବାହାରିଲି ମୁଁ ରଖି ଦେଶ ବାସୀଙ୍କ ଉପରେ ଆଶା,
ଦେଶ ସେବା ପାଇଁ ଦୂର ଚାଲିଗଲେ ସଂସାରକୁ ମୋର ତମେ ହିଁ ଭରସା ।

ଜାଣିନି ମୋପାଇଁ ଶତୃ କେ ମିତ୍ର ମୋ ଧର୍ମ ଏତିକି କହେ,
ସମ୍ବିଧାନ ବିରୋଧରେ କର୍ମ ଯେ କରିବ ତାପାଇଁ ମୁଁ ଶତୃ ଟିଏ ।
ବିଦେଶୀ ଶତୃକୁ ଚିହ୍ନିବା ସହଜ ଯେବେ ସୀମା ପାଖେ ଜଗି ଥାଏ,
ହେଲେ କେମିତି ଚିହ୍ନିବା ଦେଶ ଭିତରେ ଯେତେ ଗୁପ୍ତ ଶତୃ ଛଦ୍ମବେଶେ ବୁଲୁଥାଏ ।
ପଡ଼ୋଶୀ ଶତୃଠାରୁ ସୁରକ୍ଷା ପାଇଁ ସଦା ତତ୍ପର ମୁଁ ଅଛି,
ଏକ ପରିବାର ପାଇଁ ନୁହଁ ଦେଶକୁ ମୋର ପରିବାର ଭାବି ସୀମା ପାଖେ ଜଗିଛି ।
ଇଶ୍ୱର ଦେଖିନି ଇଶ୍ୱର ମାନୁଛି ମୋ ଦେଶ ବାସୀଙ୍କ ଉପରେ ଆଶା,
ଦେଶ ସେବା ପାଇଁ ଦୂର ଚାଲିଗଲେ ସଂସାରକୁ ମୋର ତମେ ହିଁ ଭରସା ।

ଆଦେଶ ଆସିଛି ଯିବାକୁ ପଡ଼ିବ ଅନ୍ୟତ୍ର ସୀମା ଜଗିବା ପାଇଁ,
ଏଇ ଗୋଟିଏ ସମୟ ବିନା ପ୍ରସ୍ତୁତିରେ ଯାତ୍ରା କରନ୍ତି ସିପାହୀ ।
କର୍ମ କ୍ଷେତ୍ରରେ ସଦା ତତ୍ପର ଟିକିଏ ସମୟ ମିଳିଛି,
ଆତ୍ମୀୟଙ୍କ ସହ ଉଲ୍ଲାସ ଆଳାପେ ଯାନ ଆଗକୁ ଚାଲିଛି ।
ଘରେ ଯେମନ୍ତ ନିରାପଦ ବ୍ୟକ୍ତି ସେମନ୍ତ ନିଜକୁ ସୁରକ୍ଷା ମଣି,
ବାହାରି ଥିଲେ ଗନ୍ତବ୍ୟ ସ୍ଥଳକୁ ଏମିତି ଘଟିବ କେ ଥିଲା ଜାଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୁହ ଶତ୍ରୁକୁ କେମିତି ଚିହ୍ନିବ ସେ ଦୃଷ୍ଟି କା'ଠାରେ ଅଛି,
ଚିହ୍ନିଥିଲେ ଆଜି ପୁଲୱାମା ସହୀଦ ଜୀବିତ ଥାନ୍ତେ ସ୍ମୃତିରେ ନ ବଞ୍ଚି ।
କୁହନ୍ତି ସଭିଏଁ ଓମ୍ ଶାନ୍ତି ସହିଦ୍ ସିପାହୀ ଅମର ରହେ,
ବୁଝନ୍ତିନି କେହି ସହିଦ୍ ପରିବାର ଏ ବିପଦ କେମିତି ସହେ ।
କୋଠର ହୋଇ ବାପା ମାଆଙ୍କୁ ବୁଝାନ୍ତି ପୁଅ ମୋର ବୀର ପ୍ରମାଣିତ,
ମାଆ ଏକା ବୁଝିନ୍ତି ଯେମିତି ବି ପୁଅ ମୋପାଇଁ ବୀର ଯଦି ଅଛି ଜୀବିତ ।

ଭାଇ ଭଉଣୀଙ୍କ ବେଦନା କେ ସହେ ପ୍ରତି କ୍ଷଣରେ ଝୁରୁଥାଏ,
ବୀରତ୍ୱର ଗାଥା ଯେତେ କହିଲେ ବି ଆଖିରୁ ଲୋତକ ବହେ ।
ସର୍ବସ୍ୱ ହରାଏ ତା ପ୍ରେମ ବନ୍ଦିନୀ ଯେବେ ଏ ଖବର ଶୁଣେ,
ପ୍ରତିଟି କ୍ଷଣରେ ଏକା ଜଳୁଥାଏ ସ୍ୱାମୀ ବିରହ ବେଦନାରେ ।
ସବୁ ଜାଣିବି ଦେଶ ସେବା ବ୍ରତୀ ହୋଇ ବୀର ପଛ ଘୁଞ୍ଚା ଦିଏନାହିଁ,
ଉଲ୍ଲାସ ମନରେ ପ୍ରାଣ ବଳି ଦିଏ ଦେଶର ବିପଦ ନିଜ ଉପରକୁ ନେଇ ।
ଇଶ୍ୱର ଦେଖିନି ଇଶ୍ୱର ମାନୁଛି ଏ ଦେଶ ବାସୀଙ୍କ ଉପରେ ଆଶା,
ଦେଶ ସେବା ପାଇଁ ଦୂର ଚାଲିଗଲେ ସଂସାରକୁ ମୋର ତମେ ହିଁ ଭରସା ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।
ଦୂରଭାଷ-୭୭୪୯୯୩୭୬୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ



ଦିନେଶ୍ ମେହେର

କି ଦୋଷ କରିଥିଲି ମୁଁ !

କେବଳ,

ସ୍ୱପ୍ନ କୁ ସାଉଁଟି ଚାଲୁଥିଲି ତ

ହାତ ମୁଠାରେ;

ଆଉ ଟିକିଏ ଅଭିମାନ କରି ଦେଇଥିଲି

ତୁମ ଉପରେ ।

ହେଲେ,

ସତ କହୁଛି ତମ ରାଣ

ସେଦିନ ତୁମେ ହିଁ ତ

ମୋତେ ହସିବା ଶିଖେଇଥିଲ,

ଭଙ୍ଗା ମନକୁ ତୁମେ ହିଁ ତ

ସଜାଡି ଦେଇଥିଲ ।

ଆଉ କଣ ଯେ,

ତୁମର ମନେ ଅଛି ନା

ସେଦିନ ରାତିରେ ମୋ କାନ୍ଧରେ କାନ୍ଧ

ମିଳାଇ

ତମେ ତାରା ଗଣିବା ଶିଖଉ ଥିଲ,

ତମର କଣ ମନେ ନାହିଁ ?

କେତେ ଅଜବ ତମେ ବି,

ସେଦିନ ତାରା ଗଣିବା ଶିଖେଇ ଦେଇ

ଆଜି ନିଜେ ତାରା ଟିଏ ହେଇଗଲ,

ମୋ କଥା ଟିକେ

ଭାବିବାକୁ ସମୟ ପାଇଲନି !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଧୁ ନୁହେଁ ବଡ଼ ଭାଇ ଟେ ପରି

ତମ ଠୁ ଢେର୍ ପାଇଛି

ସ୍ନେହ ଭଲପାଇବା,

କେବେ ଊଣା କରିନ ସ୍ନେହ କି ପ୍ରେମ,

କାନ୍ଦୁଥିଲେ ହସେଇଛ,

ହସୁଥିଲେ ତାଳ ଦେଇ ନିଜେ ହସିଛ,

କେମିତି ଭୁଲିଯିବି ମୁଁ

ତୁମକୁ ,

ତୁମେ କହ

କେମିତି ମାନି ନେବି

ତୁମେ ନାହଁ ବୋଲି ?


ଜୁନାଗଡ଼, କଳାହାଣ୍ଡି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିକଳାଙ୍ଗ



ଆୟୁଷ ବଢ଼ାଇ

ରେ ମଣିଷ

ବିକଳାଙ୍ଗ ସାଜି ଆଛୁ ତୁହି ଆଜି

ମନ, କର୍ମ ଆଉ ବ୍ୟବହାରରୁ ବିକଳାଙ୍ଗରେ ମଣିଷ

ଭାଷା, ଆଚାର ବିଚାରରୁ ତୁ ବିକଳାଙ୍ଗ

ମା'କୁ ମା ନାହିଁ ବାପାକୁ ନାହିଁ ବାପ,

ପ୍ରଣୟ ଲାଳସା ମେଣ୍ଟି ନାହିଁକି ତୋର

ସବୁ ଜାଣି ଶୁଣି ବୁଝି ପୁଣି କରୁ ପାପ ।।

କଣ ନିଜ ରକ୍ତର ଭଉଣୀ, ଭଉଣୀ

ଆଉ ବାକି ସବୁ କଣ ଖେଳନା,

କହି ଦେ ଆଜିରେ ମଣିଷ ଆଜି ତୁ

କାହିଁ ଜାଣି ଶୁଣି ବୁଝି କରୁଛୁ ଅଳଣା ।।

ହାତ ଗୋଡ ଥାଇ ମଧ୍ୟ ସାଜିଲୁ ବିକଳାଙ୍ଗ

ନିଜ ଜନ୍ମ ଦାତାଙ୍କର କଲୁ ନାହିଁ ତ ସମ୍ମାନ,

ନିଜ ଦୋଷ ତକୁ ଢାଙ୍କିବାକୁ ଯାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପର ମାନଙ୍କୁ ଡାକି କି ଖୁଆଉଛୁ ମିଷ୍ଟାନ୍ନ ।।

କ୍ଷମତା କଣ ହାତକୁ ଆସିଗଲା
ବୋଲି ରେ ମଣିଷ କରୁଛୁ ଅଭିମାନ,
ରେ ମଣିଷ ଭୁଲ ନା ରେ ତୁ କେତେବଳେ
ବି ପଛ ଗୋଡ ମାଡ଼ି ଆସିବ ଆଗକୁ ।।

ଶରୀରର ସବୁ ଅଙ୍ଗ କାମ କରୁଛି ସତ
ହେଲେ ମନ ଭିତରେ ପୂରିଛି ପଙ୍କ,
ଯାହାର ମନେ ଭରିଅଛି ଦ୍ୱେଶ, କଳଙ୍କ
ସେ ହିଁ ପ୍ରକୃତରେ ବିକଳାଙ୍ଗ ।।

ସ୍ନାତକ ୨ୟ ବର୍ଷ (ବାଣିଜ୍ୟ ବିଭାଗ),
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ମେଲ୍ - ayushbadhai191@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭୁଲା ପ୍ରେମ



ସତ୍ୟବ୍ରତ ବାରିକ

ପ୍ରେମ ହୁଏ ଯେବେ ପ୍ରଥମ ଦେଖାରେ ।
ହୃଦୟ ଚମକିଯାଏ ତୁମରି ହସରେ ।

ଚାଲି ତୋର ଲାଗେ ରାଜହଂସୀ ପରି ।
ବିନା ହୋଲିରେ ରଙ୍ଗ ଦେଲୁ ଭରି ।

ଆଇନା କହୁଛି ତୁ ଜହ୍ନ ଠାରୁ ଅଧିକ ସୁନ୍ଦର
ହୃଦୟ ବଗିଚାରେ କରିଲୁ ପ୍ରେମର ଘର

ତୋ ପାଇଁ ଲେଖେ ଅନେକ କାହାଣୀ
ସେହି କାହାଣୀରେ ମୁଁ ରାଜା ତୁ ରାଣୀ

ସପନେ ଆସି କହିଯାଉ କେତେ କଥା
କେବେ ତୁ ଆସିବୁ ସାଜି ମୋ ପ୍ରେମିକା

ତୋ ଲାଜକୁଳୀ ହସରେ ପ୍ରେମର ନଜର
ଚୋରା ଚାହାଣିରେ କରିଲୁ ମୋତେ ନିଜର

କାଗଜ ଡଙ୍ଗାରେ ଲେଖା ଦୁହିଁଙ୍କର ନାମ
ଯୁଗେ ଯୁଗେ ରହିଥିବ ଆମ ଅଭୁଲା ପ୍ରେମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମିତ ହାସ୍ୟ



ପ୍ରଗନ୍ କୁମାର
ପାତ୍ର

ତୁମେ ଭାବନି ଯେ ମୁଁ ଅଜଣା
ଠିକ୍ ଜାଣି ପାରୁଛି ତୁମ ସ୍ମିତ ହସର ରହସ୍ୟ
ଭୁଲିନି ସେ ହସ ତୁମର.....
ଯେଉଁ ହସରେ ଥିଲା ପ୍ରେରଣାର ଅମୃତଧାର
ବାସ୍...ଏବେ ତ ତାହା ନାହିଁ
ତାହା ତ ଏବେ ବିଷାଦର ଲହର ।

କେବେ କେବେ ଅଧର ଚାପି ବି ହସୁଥିଲ
ସେଇ ସ୍ମିତ ହାସ୍ୟରେ ବି ଥିଲା ସତେ କି କୁହୁକ
କେମିତି ଭୁଲିବି......
ସେ ଯେ ଦିନ ଦିନର କ୍ଳାନ୍ତିକୁ ଉଭେଇ ଦେଉଥିଲା
କିନ୍ତୁ...କିନ୍ତୁ ଏବେ ତ ତାହା .......

ମୁଁ ବି ଦିନେ ହସୁଥିଲି ମନ ଖୋଲି
ଦ୍ରବୀଭୂତ ହେଉଥିଲା ମନ ଆନନ୍ଦରେ
କିନ୍ତୁ....ଏବେ....
ସହି ପାରୁନି ସେ ତାତ୍ସଲ୍ୟର ହାସ୍ୟ
ପ୍ରତି ମୁହୂର୍ତ୍ତରେ ଯାହା ମୋତେ ଜଳାଉଛି ।

ବୌଦ୍ଧ, ଓଡ଼ିଶା, ୭୬୨୦୧୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମ ପ୍ରତୀକ୍ଷାରେ



ସିଦ୍ଧେଶ୍ୱର ତ୍ରିପାଠୀ

ବସନ୍ତ ସାଥିରେ ଫଗୁଣ ଆସିଛି
ଦେଖ ମଳୟକୁ ଛୁଇଁ
ଗାଅନ୍ତକି ଥରେ ଆମ ଅଗଣାରେ
ଗୀତ ପଦେ ମୋ ପାଇଁ ।

ଆସନ୍ତ ବା ଯଦି ନବବଧୂ ସାଜି
ଡେଇଁ ମୋ ଏରୁଣ୍ଡି ବନ୍ଧ
ବିଭୋର ବେଳାରେ ସଜେଇ ଦିଅନ୍ତ
ତୋଳି ସୁର ତାଳ ଛନ୍ଦ ।

ଫେରିବା ବାଟକୁ ଅନେଇଁ ମୋର
ନିଅନ୍ତ ମୋତେ କୋଳେଇ
ବସନ୍ତ ସାଥିରେ ଫଗୁଣ ଆସିଛି
ଦେଖ ମଳୟକୁ ଛୁଇଁ ।

ମଧୁବନ ସାରା କୋଇଲି ଗାଉଛି
ମଧୁଝରା ପରିବେଶ
ଏଇ ଯେ ସମୟ ସରିବା ଆଗରୁ
ବାହୁ ବନ୍ଧନକୁ ଆସ ।

ମଧୁର ଯନ୍ତ୍ରଣା ଦୁହେଁ ପାଉଥିବା
ଓଠରେ ଓଠ ମିଶେଇ
ବସନ୍ତ ସାଥିରେ ଫଗୁଣ ଆସିଛି
ଦେଖ ମଳୟକୁ ଛୁଇଁ ।

କବିର ଘର, କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
୭୫୨୦୫୭ (ଓଡ଼ିଶା) ୭୦୦୮୩୧୫୦୪୦,
୮୦୧୮୨୪୬୭୦୪

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଦିବ୍ୟ ସୃଜନୀ



କିଷାନ ମହାକୁର

ଫୁଲରେ ଫୁଲରେ ମଧୁର ସୁବାସ
ସୌନ୍ଦର୍ଯ୍ୟ ଦେଇଛ ଭରି,
ମଧୁପର ବେଶେ ଫୁଲରୁ ଫୁଲକୁ
ଭ୍ରମୁଅଛ ଆହେ ହରି ।

ଉଷା ଆଗମନେ ସୁନୀଳ ଗଗନେ
ସୂର୍ଯ୍ୟ ରୂପେ ବିଜେ କରି,
ବିଚ୍ଛିଦିଅ ତବ ଶୁଭ୍ର ଜ୍ୟୋତିଧାରା
ପୃଥ୍ୱୀ ଆଲୋକିତ କରି ।

ନିହାରର ବିନ୍ଦୁ ତୁମେ କୃପା ସିନ୍ଧୁ
ପୁଷ୍ପ ପରେ ଯାଅ ଝରି,
ସବୁଜ କ୍ଷେତ୍ରର ତୁମେ ସବୁଜିମା
ପକ୍ୱ ଫଳେ ମଧୁ ଭରି ।

ବିହଙ୍ଗ ରାଜିଙ୍କ ମଧୁର ସଙ୍ଗୀତେ
ମଧୁର ସୁର ମାଧୁରୀ,
ଆନନ୍ଦେ ଶୁଣୁଛ କୋଇଲିର କୁହୁ
ଋତୁ ରାଜ ରୂପ ଧରି ।

ନିର୍ଝରିଣୀ ରୂପେ ଝରି ଝରି ଯାଅ
ପର୍ବତର ବୁକୁ ଚିରି,
ମହୋଦଧି ରୂପେ ଚିର ପ୍ରତିକ୍ଷିତ
ତରଙ୍ଗରେ ପ୍ରେମ ଭରି ।

ସର୍ବ ଘଟେ ତୁମେ ବିରାଜିତ ପ୍ରଭୁ
ସୃଜନୀ ଦିବ୍ୟ ତୁମରି,
ଭାବର ଭକ୍ତିର ଦିଅ ହେ ଆଶୀଷ
ଅକିଞ୍ଚନେ କୃପା କରି ।

ନୂଆଁପାଲି, ବୀରମହାରାଜପୁର, ସୋନପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାଷା ଆନ୍ଦୋଳନ



ସୁରେଶ୍ ଚନ୍ଦ୍ର
ପାଢ଼ୀ

ଆସ ଭାଇ ଭାଷା ଆନ୍ଦୋଳନ କରିବା
ଆମ ଭାଷା ପାଇଁ ଆମେ ସ୍ୱର ଉଠାଇ ଦେବା
ଉତ୍କଳ ଗୌରବ ଦିନେ ଭାଷା ପାଇଁ ଲଢ଼ିଥିଲେ
ଗୋଦାବରୀଶ, ଗୋପବନ୍ଧୁ ପରି ଭାଷାପ୍ରେମୀ ତାଙ୍କ ସାଥିରେ ଥିଲେ
ଆମ ଉତ୍କଳର ସରଳା ଦାସ ଭାଷା ପାଇଁ କାନ୍ଦିଥିଲେ
ମା ସାରଳାଙ୍କ ପାଖେ ଅଧିଆ ପଡି ମା'ଙ୍କ କୃପା ଲାଭ କଲେ
ଯେବେ ଆମ ଭାଷା ଅନ୍ୟ ଭାଷାରେ ମିଶିବାକୁ ବସିଥିଲା
ଆମ ଭାଷା ପାଇଁ ଲଢ଼ି ଆମ ଭାଷାର ସୁରକ୍ଷା ହୋଇଥିଲା
ଏବେ ବି ଆମ ଭାଷା ସଙ୍କଟରେ ଅଛି
ଘରେ ଘରେ ଇଂରାଜୀ ଭାଷାର ଆଦର ରହିଛି
ଏବେ ବି କିଛି ସ୍ଥାନରେ ଓଡ଼ିଆ ଭାଷା ସଙ୍କଟରେ ଅଛି
ଆସ ଭାଇ ଭାଷା ବଞ୍ଚାଇବା ସେ ବେଳ ଆସିଛି
ଆମେ ନିଜ ଘରୁ ଆମ ଭାଷାକୁ ସୁରକ୍ଷା କରିବା
ଆମ ନିଜ ପିଲାଙ୍କୁ ଓଡ଼ିଆ କହିବା ଲେଖିବା ଶିଖାଇ ଦେବା
ଆମ ଭାଷାର ମହାନତାକୁ ଆମେ ଜାଣିବା
ଆମ ଶାସ୍ତ୍ରୀୟ ଭାଷା ଓଡ଼ିଆକୁ କେବେ ଛୋଟ ନ ମାନିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସ ସବୁଠି ଆମ ଓଡ଼ିଆର ବହୁଳ ପ୍ରଚାର କରିବା

ବିଦ୍ୟାଳୟ ହେଉ ଅବା କାଯ୍ୟାଳୟ ସବୁଠି ଓଡ଼ିଆକୁ ବାଧ୍ୟତାମୂଳକ କରିବା

ଆମ ଭାଷାକୁ ଆମେ ଜାତୀୟ ସ୍ତରରେ ଆଗକୁ ନେବା

ଆମ ଓଡ଼ିଆ କେତେ ବଢିଆ ସଭିଙ୍କୁ ଗର୍ବରେ ଆସ କହିବା

ବୁଗୁଡ଼ା, ଗଞ୍ଜାମ

୮୧୪୪୮୭୩୭୯୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କେ ବୁଝିବ ଚାଷୀ ଦୁଃଖ



ଶାନ୍ତନୁ କୁମାର ରାଉତ

ଚାଷୀଟିଏ ଆଜି ସବୁଠି ପଛରେ
    ନାହିଁ ତାର ଭେକ ଭିକ
ଆହୁରି ବଢିବ ଚାଷୀ ଆତ୍ମହତ୍ୟା
    କେ ବୁଝିବ ତାର ଦୁଃଖ
ଗମେଣ୍ଟ ଖାତାରେ ଚଢି ଚାଲିଛି ତ
    ଚାଷୀଙ୍କ ଧାନ ଟୁକନ
ବିଲରୁ ଆସିକି ଖଳାରେ ଚାଷିର
    ଗଜା ହୋଇଲାଣି ଧାନ
ଚାଷୀର ଦୁଃଖକୁ ବୁଝିବାକୁ ଏଠି
    ସମୟ ନାହିଁ କାହାରି
ଚାଷୀର ଦୁଃଖରେ ଫାଇଦା ନିଅନ୍ତି
    ଗାଉଁଲି ଧାନ ବେପାରୀ

ସରକାରଙ୍କର ଚାଷୀ ପାଇଁ ଏଠି
    ବଢ଼ି ଚାଲିଛି ବଜେଟ
ଚାଷୀ ପଚାରିଲେ ପ୍ରତିଉତ୍ତର ମିଳେ
    ନାହିଁ ତ ଆଉ ଟାର୍ଗେଟ
ଟାର୍ଗେଟ ଆସୁନି ଟୁକନ ଆସୁଛି
    କିଏ ସେ ଶୁଣିବ ଦୁଃଖ
ନିଜ ସ୍ୱାର୍ଥ ଲାଗି ସଭିଏଁ ବିବ୍ରତ
    ସବୁ ଏକକୁ ଆରକ

ପାଟରଙ୍ଗା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଆ ବୀଣାପାଣି



ପ୍ରହ୍ଲାଦ ସାହୁ

ମାଆ ଗୋ ବିଦ୍ୟା ଦାତ୍ରୀ
ଜ୍ଞାନ ପ୍ରଦାୟିନୀ
ମାଆ ଗୋ ବାଗଦେବୀ
ଜୟ ବୀଣାପାଣି ।।

ମାଆ ଗୋ ବର ଦାୟିନୀ
ଜଗତ ପାଳିନୀ
ମାଆ ଗୋ ବୁଦ୍ଧି ଦାୟିନୀ
ପୁସ୍ତକ ଧାରଣୀ ।।

ମାଆ ଗୋ ମରାଳ ବାହିନୀ
କଳା ଠାକୁରାଣୀ
ମାଆ ଗୋ ଅଭୟ ଦାୟିନୀ
ଦୁଃଖ ବିନାଶିନୀ ।।

ମାଆ ଗୋ ଅଯୋନୀ ସମ୍ଭୁତା
ମଙ୍ଗଳ କାରିଣୀ
ମାଆ ଗୋ ତ୍ରିଗୁଣ ସମ୍ଭୂତା
ଆଦ୍ୟ ସନାତନି ।।

ମାଆ ଗୋ ଭାରତ ଭାରତୀ
ସୃଜନୀ କାରିଣୀ
ମାଆ ଗୋ ଶାରଦା ଶାଶ୍ୱତୀ
ପାଳନ କାରିଣୀ ।।

ମାଆ ଗୋ ସୌଭାଗ୍ୟବର୍ଦ୍ଧିନୀ
କମଳଲୋଚନୀ
ମାଆ ଗୋ କଳାକଲ୍ଲୋଳିନୀ
ସଙ୍ଗୀତରସିନୀ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଆ ଗୋ ଜ୍ଞାନମନ୍ଦାକିନୀ
ଜଗତ ମୋହିନୀ
ମାଆ ଗୋ ବୁଦ୍ଧିସ୍ରୋତସ୍ୱିନୀ
ତମିସ୍ରା ନାଶିନୀ ।।

ମାଆ ଗୋ ବରଦା ପ୍ରସନ୍ନୀ
ପ୍ରଳୟ କାରୀଣୀ
ମାଆ ଗୋ ଜଗତୀ କରଣୀ
ପ୍ରକୃତି ରୂପିଣୀ ।।

ମାଆ ଗୋ କମଳ ଲୋଚନୀ
ଶୁଭ ପ୍ରଦାୟିନୀ
ମାଆ ଗୋ ଜଗତ ଧାରଣୀ
ମୋକ୍ଷ ପ୍ରଦାୟିନୀ ।।

ମାଆ ଗୋ ଶ୍ୱେତ ପଦ୍ମାସିନୀ
ଶଙ୍କଟ ତାରିଣୀ
ମାଆ ଗୋ ବ୍ରହ୍ମ ସ୍ୱରୂପିଣୀ
ଅଜ୍ଞାନ ନାଶିନୀ ।।

ମାଆ ଗୋ ମେଧାସ୍ୱି ମଧୁସ୍ୱୀ
ଜୟ କାଦମ୍ବରୀ
ମାଆ ଗୋ ସଂସ୍କୃତି ସମ୍ପନ୍ନୀ
ଜୟ ମାହେଶ୍ୱରୀ ।।

ମାଆ ଗୋ ଭକ୍ତି ପ୍ରଦାୟନୀ
ସନ୍ତାପ ନାଶିନୀ
ମାଆ ଗୋ ମୁକ୍ତି ପ୍ରଦାୟନୀ
ଜଗତ ଜନନୀ ।।

ମାଆ ଗୋ ବିଦ୍ୟା ପ୍ରଦାୟିନୀ
୪ ବେଦ ଧାରିଣୀ
ମାଆ ଗୋ ଜ୍ଞାନ ପ୍ରଦାୟିନୀ
ମୋହ ବିନାଶିନୀ ।।

ମାଆ ଗୋ ବ୍ରହ୍ମାଙ୍କ ନନ୍ଦିନୀ
ଶୁଭ୍ର ବସ୍ତ୍ର ପରିହିତା
ମାଆ ଗୋ ଓଁକାର ରୂପିଣୀ
ସର୍ବ ରୂପେ ବିରାଜିତା ।।

ନିୟୂଦିଲ୍ଲୀ, ୯୫୪୦୫୩୧୨୭୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଖି



କଲ୍ୟାଣୀ ଦାଶ

ଆଖିର ତାରାଟ..

କାହା ଆଖି ଚାନ୍ଦ ହେଇପାର ତୁମେ

କାହା ପାଇଁ ଟାଣ ଖରା

ମୁଁ ତ କହିବି ଛୋଟ ହେଲେ ହଉ

ତୁମେ ମୋ ଆଖିର ତାରା

ଛୁଇଁ ସିନା ହବ ନାହିଁ କିନ୍ତୁ

ଦୂରରୁ ହବ ତ ଦେଖି

ହାତ ସିନା ମାନିଯାଏ କିନ୍ତୁ

ଝୁରୁଥାଏ ମୋର ଆଖି

ମନ ତଳ ଏଇ ଛୋଟିଆ ଜାଗାରେ

ବିଛେଇ ହେଇଚ ତୁମେ

ଶୀତଳ ଭାବନା ସ୍ୱର୍ଶରେ ତୁମରି

ମନର ଦରଜ କମେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତମ ଦେହ



ଡା ନୀଳମାଧବ କର

ତମ ଦେହ ଭିତର ଦେଇ

ତମକୁ ପାଇ ହୁଏନା

.

ବଜାରରେ ବିକ୍ରି ହେଉଥିବା

ଦେହଠୁ କଣ ଅଲଗା

ତମ ଦେହ ?

.

ଅନ୍ଧାରରେ କଣ ବାରି ହୁଏ !

ନିବିଡ଼ କରି ପାଇ ହୁଏ ଖାଲି

ଦେହ ଆଉ ଦେହ

ତୃଷା ମେଣ୍ଟେଇ ହୁଏ

.

ମୁଁ ତମ ଭିତରେ ହଜିବାକୁ ଚାହୁଁଥିଲି

ହଜି ପୁଣି ଖୋଜିବାକୁ ଚାହୁଁଥିଲି ନିଜକୁ, ତମଠି

.

ମୁଁ ତମ ଥରଥର ଇଙ୍ଗିତରେ ଖୋଜୁଥିଲି

ମୁଁ ତମକୁ ପାଇବାକୁ ଚାହୁଁଥିଲି

.

ତମେ କିନ୍ତୁ ଖାଲି ତମ

ଦେହ ବାଢ଼ି ଦେଲ

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମାଗଣା ଖିଆଙ୍କୁ ଦୂରୁ ଜୁହାର



ରାଧାମୋହନ
ପୂଜାହାରୀ

କି ଗୁଣ ଗାଇବି କି ଦେଇ ବନ୍ଦିବି
କେମିତି ପୂଜିବି ତୋତେ ?
ଦେଖିଲେ ତୋ ମୁଖ ବଢ଼େ ମୋର ଦୁଃଖ
ବୁଦ୍ଧି ଦିଶେ ନାହିଁ ମୋତେ । (୧)

ଦେଖିଲେ ତୋ ଚନ୍ଦ୍ରବଦନ ଶରୀର
ଶିଥିଳ ମୋ ପଡ଼ିଯାଏ,
ତୋର 'ବନ୍ଧୁ' ଡାକେ ଭୟେ ହୃଦୟର
ସ୍ପନ୍ଦନ ମୋ ବଢ଼ିଯାଏ । (୨)

ଧନ୍ୟ ସେ ବିଧାତା ଗଢ଼ିଅଛି ତୋତେ
କାହିଁ ଏତେ କଷ୍ଟ କରି !
ଦେଇଛି ତୋ ରକ୍ତମାଂସ ଦେହେ କୂଟ
କପଟ ଗୁଣକୁ ଭରି । (୩)

ବିପଦ ସମୟେ ଧାଇଁ ଆସୁ ତୁହି
ଟଙ୍କା ଧାର ନେବା ପାଇଁ,
ଟଙ୍କା ପାଇଁ କେତେ ପ୍ରହସନ କରୁ
ନ ଦେଇ ମୋ ବାଟ କାହିଁ ? (୪)

ଟଙ୍କା ପାଇଁ କେତେ ମିଛସତ ଗପ
ମୋ ପାଖେ ତୁ ଗପିଯାଉ,
କୁମ୍ଭୀର କାନ୍ଦଣା କାନ୍ଦରେ ତୁ ମୋର
ବିଶ୍ୱାସକୁ ଲଭିଯାଉ । (୫)

କପଟାଚରଣେ ବିଶ୍ୱାସର ପାଠ
ମୋତେ ତୁ ଦେଉ ପଢ଼ାଇ,
ସେହି ବିଶ୍ୱାସରେ କିଛି ଅର୍ଥ ମୁଁ ତୋ
ହାତକୁ ଦିଏ ବଢ଼ାଇ । (୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ଦେଇଯାଉ ମାସକ ଭିତରେ
ଫେରାଇବୁ ଟଙ୍କା ମୋର,
କିନ୍ତୁ ମାସ ପରେ ମାସ ଗଡ଼ିଚାଲେ
ଦେଖା ନ ମିଳଇ ତୋର । (୭)

ଅକସ୍ମାତ୍ ଦେଖା ହେଇଗଲେ କେବେ
କହିଥାଉ 'କାଲି ନେବୁ',
କହୁ ସୁଧମୂଳ ହିସାବ କରିକି
ସବୁତକ ଦେଇଦେବୁ । (୮)

କିନ୍ତୁ ମୋ ଜୀବନେ ସେ 'ଆସନ୍ତାକାଲି'
ଆଉ ନ ଆସଇ କେବେ,
ଏ କଥାକୁ ମୋତେ ଭାବିବାର ଥିଲା
ଟଙ୍କା ଦେଉଥିଲି ଯେବେ । (୯)

କେବେ କହୁ ପାଖେ 'ପଇସା ନାହିଁ' ତ
କେବେ କହୁ 'କାଲି ଦେବି',
ମୋ ନିଜ ଟଙ୍କାକୁ ପାଇବାକୁ ଆଉ
କେତେ ଲୋକହସା ହେବି ? (୧୦)

ମୋହରି ଟଙ୍କାରେ ମଉଜ କରୁ ତୁ
ସାଙ୍ଗସାଥୀ ମେଳେ ବସି,
ପଇସା ମାଗନ୍ତେ ଦେଉ ତୁ ଧମକ
ମୋ ଘର ଦୁଆରେ ପଶି । (୧୧)

ଧାର ଦେଲା ଟଙ୍କା ପାଇବା ପାଇଁ ମୁଁ
ହେଉଥାଏ କଲବଲ,
ଏ ଗଳି ସେ ଗଳି ଧାଇଁ-ଧାଇଁ ଛିଣ୍ଡି
ଯାଉଥାଏ ମୋ ଚପଲ ।(୧୨)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖି ପାରେନି କି ଦେଖେଇ ପାରେନି
ଅଜାଗା ଘା' କୁ ମୋର,
ଟଙ୍କା ପାଇ କିନ୍ତୁ ତୁହିରେ ନିର୍ଲଜ୍ଜ
ରୂପ ବଦଳାଉ ତୋର ।(୧୩)

ଆଜିର ମିଛୁଆ ଚୋର ଠକ ତୁ ତ
ମାଗିଖିଆ କଲେକ୍ଟର,
ପର ଧନେ ତୁହି ବିକ୍ରମ ରଜା ମୁଁ
ସାଜେ ତୋ ବୁଲା ଚାକର !! (୧୪)

ମିଛ କହି ଛଳ କପଟ କରି ତୁ
ଯାହା ମନେ ଦେବୁ କଷ୍ଟ,
ଜୀବନେ ଦିନେ ନା ଦିନେ ହେବ ତୋର
ଅଭାବେ ସ୍ୱଭାବ ନଷ୍ଟ ।(୧୫)

କୁକୁର ବୁଝଇ ବିଶ୍ୱାସର ମୂଲ୍ୟ
ହୋଇ ବି ବିବେକହୀନ,
ନର ରୂପେ କିନ୍ତୁ ବିଶ୍ୱାସଘାତକ
କୁକୁର ଠାରୁ ତୁ ହୀନ ।(୧୬)

ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତାଳଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାତା ପ୍ରଣୋଦେବୀ ସରସ୍ୱତୀ !



ଦଣ୍ଡାସି ପ୍ରଧାନ

ମା' ଶାରଦ ! ତୁମେ ପରା ଶୁଭ୍ରରୂପା/ ଶ୍ୱେତ ରୂପା /
ଆପାଦ ମସ୍ତକ ଶ୍ୱେତ ଭୂଷଣ ଭୂଷିତା ।
ଅକ୍ଷର, ଶବ୍ଦ ଓ ଶାସ୍ତ୍ରରେ ବ୍ରହ୍ମ ସ୍ୱରୂପ ସୃଜନ ସ୍ଥାପନ କରି
ତମେ ବ୍ରହ୍ମାଣୀ ମଧ୍ୟ ।
ହେ ମା' ସରସ୍ୱତୀ ! ମୋର ଅପାରଗ ପଣ ଏହି ପାଇଁ/
ଏ ସନ ସଂଗ୍ରହ କରିପାରୁନାହିଁ/
ନବନୀତ ନୂତନ ପାଟ ଶାଢୀ ହଲେ କି'ବା ପଟେ/
ଶୁକ୍ଳ ବସ୍ତ୍ରାବୃତ୍ତ ଉପଢୌକନ ନିମିତ୍ତ ,
ଆସନ୍ନ ପ୍ରାୟ ତୁମ ଜନ୍ମ ତିଥି ଶ୍ରୀପଞ୍ଚମୀ ଦିନକୁ ।
ମୋର ବାଣୀରେ/ସ୍ୱଲିଖିତ ଚିଠିରେ/କି'ବା ସିଧା ସଳଖ
ତୁମ ପସନ୍ଦର ଶାଢୀ ପଟେ ଯନ୍ତ୍ରରେ ଯନ୍ତ୍ରରେ ଗୃହ ପୈଠ ଦେବାକୁ,
କେବଳ ଫରମାସିବା ସାର ହେଲା ସିନା/
କିନ୍ତୁ, ମା'ଗୋ ତୁଷାରହାର ଧବଳେ ଜନନୀ !
ଚନ୍ଦ୍ରାଂଶୁ ପୂର୍ଣ୍ଣ ସଫେଦ ବସ୍ତ୍ର ବରାଦକୁ
ସବୁଠୁଁ ଆସୁଛି ନାହିଁ ନାସ୍ତିର ଉତ୍ତରରେ ।
ମାତା ପ୍ରଣୋଦେବୀ ସରସ୍ୱତୀ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ତନ୍ତ ଯନ୍ତ୍ରୀର ତନ୍ତ୍ର ଘରଘର୍ ଶବ୍ଦରେ ପର୍ଣ୍ଣୂଛି ସତ/

କିନ୍ତୁ, ତନ୍ତ ଶଯ୍ୟାରେ ଧବଳ ପାଟ ସୁତାର କଣ୍ଡା ,

ପାଦର ତାଳରେ ତାଳଦେଇ ଅତିକ୍ରମ କରୁନାହିଁ

ଏପଟରୁ ସେପଟକୁ, ଛନ୍ଦିଲ ତାସନରେ ।

ଆଜିର ବଜାର, ବିପଣୀ ସମୂହ ଅସମର୍ଥ, ତୁମ ପସନ୍ଦର/

ତୁମ ଶ୍ରଦ୍ଧା ସଉକର /

ମନଲାଖି ଧୋବ ଧବଳିତ ଶାରଦୀୟ ମେଘବର୍ଣ୍ଣି ପ୍ରସାଧନୀ

ଶାଢ଼ୀ ଖଣ୍ଡେ ଯୋଗାଡି ଦେବାରେ ।

ଆମ ସଲ୍ପ ମିଆଦୀ ଅଜବ କାଇଦା/

ସେବା, ସୃଜନ, ସାଧନର ଗୁଣବତା ମହାଅର୍ଘ୍ୟ ଅର୍ପଣକୁ

ଆଜି ଏଠି ରାହୁ କେତୁ ଗ୍ରାସି, ପରାଗ ସୃଜିଅଛି ,

ସ୍ୱଚ୍ଛତାକୁ ଆବୋରି ନେବାରେ ।

ଗାଁ ' ରୁ ନଗର, ପୁରୀ ପର୍ଯ୍ୟନ୍ତ ,

ଆମେ ପ୍ରାୟ ସମସ୍ତେ ଅସମର୍ଥ,ନାହିଁ ନାସ୍ତିର କାଙ୍ଗାଳ,

ବିଷୁଦ୍ଧ ବର୍ଣ୍ଣକୁ ନେଇ ।

ମୋର ଅପ୍ରସ୍ତୁତ ପଣିଆ ଅପ୍ରୀତିକର କଟୁ ଉକ୍ତି

ଅତ୍ୟନ୍ତ ସାଙ୍ଘାତିକ ପ୍ରସଙ୍ଗ ଜନନୀ ।

ପରିବର୍ତ୍ତନଶୀଳ ଢାଞ୍ଚାରେ ଏବେ ଏବେ ସମୟ ବଦଳି ବଦଳି ଯାଉଛି,

ବେବାଗରେ । ପୁଣି, ଗାଁ'ଶୁକ୍ଳ ଘର ଖୁଡି ଏ ସନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଫା ସଫା ମନା କରି, କହି ଦେଇ ଯାଇଛି,

କୁଳ ପାଇଟି କରିବି ନାହିଁ ବୋଲି ,

ତା'ର ଭାଷାରେ, ମୋ ବୋଉକୁ ।

ଏ ବୟସରେ ବୁଢୀଟିଏ ବା କରିବ କ'ଣ ?

ତା'ର ନବ ବିବାହିତା ବୋହୂ 'ରଙ୍ଗରାଣୀ' ପାଦରେ

ଅଳତା ଗାର ନ ଲିଭୁଣୁ ଗିରସ୍ତକୁ ଧରି ଦରିଆ କୂଳ

ଆରପଟକୁ ଉଡିଛି ଯେ, ବୁଢୀ କେତେ ବାହୁନି ହେଉଛି

କେନ୍ଦରା ବୋଲା 'ଟୀକା ଗୋବିନ୍ଦ ଚନ୍ଦ୍ର' ଗୀତର ଛାନ୍ଦରୁ

ପଦେ ଶୁଣା ଗୀତକୁ ଗାଇ ଗାଇ, ଛଳ ଛଳ ଆଖିରେ ।

ମୋ ପାଖରେ ପୁରୁଣା ଶୁଭ୍ରବସ୍ତ୍ର ଯାହା ଖଣ୍ଡେ ପଟେ

ରହିଛି, ଓ୍ୱାସିଂ ମସିନ୍, ଡ୍ରାଇ ଓ୍ୱାସ୍ ଧାସରେ

ତା'ର ତୋଫା ରଙ୍ଗ ବଦଳି, ସମ୍ପୂର୍ଣ୍ଣ ବିବର୍ଣ୍ଣ ।

ତୁମେ ଯେ ଏକ ଶୃଙ୍ଖଳାରେ ବନ୍ଧା ମୁଁ ତା'କୁ ଗ୍ରହଣ

କରିପାରୁ ନାହିଁ କି ସ୍ୱୀକାର ମନସ୍କ ବି ନୁହେଁ ।

ଏଣୁ ନିବେଦନ ଜନନୀ, ତୁମେ ଅନ୍ତତଃ କେଇ ବର୍ଷ ପାଇଁ

ଶୁଭ୍ର ବସ୍ତ୍ରାବୃତ୍ତା ନ ହୋଇ

କୃଷ୍ଣ ଶ୍ୟାମଳ ବର୍ଣ୍ଣ ବିଭା ଆଭୂଷଣକୁ ଆବୋରି ନିଅନ୍ତୁ,

ଆମର ଇଚ୍ଛା ମୁତାବକ । ଶ୍ୱେତ ପଦ୍ମାସନା ନ ହୋଇ

ନୀଳୋତ୍ପଳାସନା ବୋଲାଇ ନିଅନ୍ତୁ, ସମୟ ଆଦରି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୀଣାଦଣ୍ଡ ବିମଣ୍ଡିତା ନ ହୋଇ,

ଡିଜିଟାଲ୍ ଗିଟାର୍ ସ୍ୱର ଶବ୍ଦରେ ଶ୍ରଦ୍ଧା ରଖନ୍ତ, ବିବର୍ତ୍ତନରେ ।

ମୋର ଅସାମର୍ଥ୍ୟ ନିମିତ୍ତ ମୁଁ

ସର୍ବାଧିକ କ୍ଷ୍ୟୁବଧ୍ ଜନନୀ, ନିରୁପାୟ ମଧ୍ୟ ।

ଏଣୁ ପ୍ରାର୍ଥନା ଏତିକି, ମା'ଗୋ ପଞ୍ଚମ ସ୍ୱରର ବେଦ ବାଦନ

ନାଦରେ ବୀଣା ଝଙ୍କୃତ ହେଉ, ସେ'ଯାଏ,

ଭୂତର ଚିତ୍ତ ଓ ଚେତନରେ ଶୁଦ୍ଧ ବୁଦ୍ଧି ସୁଧୀ

ସଞ୍ଚରଣ ପର୍ଯ୍ୟନ୍ତ ।

ତୁମେ ଯେ କୀର୍ତ୍ତି, ଶ୍ରୀ, ବାକ୍, ମେଧା ଚ ଦେବୀଣାଂ;

ଧୃତି, ସ୍ମୃତି, କ୍ଷମା ଏବ ଚ ।

ବ୍ରହ୍ମାଚ୍ୟୁତ ଶଙ୍କର ପ୍ରଭୃତିଭିଃ ସଦା ବନ୍ଦିତା ।

ମୋର ଏହି ଉକ୍ତି

ଅପରାଧ ନିମିତ୍ତ ମୁଁ କ୍ଷମା ପ୍ରାର୍ଥୀ, ତୁମ ସମୀପରେ ।

ମାମ୍ ଯଥା ଯୋଗ୍ୟମ୍ ତଥା କୁରୁ ।

ସାହିତ୍ୟ ସମ୍ପାଦକ, ଉପାନ୍ତ ସାହିତ୍ୟ ସାଂସ୍କୃତି ସେବା ସଂସଦ, ପାତ୍ରପୁର, ଗଞ୍ଜାମ,

ପିନ୍ -୭୬୧୦୦୪, ଦୂରଭାଷ-୯୪୩୯୪୦୦୬୪୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ମୋ ଜନ୍ମଦିନ



ରାକେଶ ମୁଦୁଲି

ଜୀବନର ୨୦ ବର୍ଷ ବିତି ଗଲା ପରେ
ବୋଧ ହୁଏ ଜନ୍ମ ଦିନର ଅର୍ଥ କିଞ୍ଚିତ ପରିଭାଷାରେ
ବୁଝିବାରେ ସମର୍ଥ ହୋଇଛି,
ହେଲେ ବି ବହୁତ ବାକି ଅଛି ।
ପ୍ରଥମେ ଏହା ଚିନ୍ତା କରିବା ଦରକାର ଯେ କେତେ ବର୍ଷ ହୋଇଗଲା,
ଆଉ କେତେ ବର୍ଷର ପ୍ରତ୍ୟାଭୂତି ମୁଁ ବା ଦେଇପାରିବି....
ଆଉ ଏତିକି ଦିବସ ମଧ୍ୟରେ ମୁଁ କରିଛି କ'ଣ,
ମୋର ଜନ୍ମର ଉଦ୍ଦେଶ୍ୟ କ'ଣ ?
କେବଳ କ'ଣ ଖାଇବା, ପିନ୍ଧିବା, ବୁଲିବା, ପଢିବାରେ ଏହା ସୀମିତ ?
ମୋର କର୍ତ୍ତବ୍ୟ କାହା ପାଇଁ ଅଛି ?
କେବଳ ପିତା ମାତାରେ କ'ଣ ସର୍ବସ୍ୱ ପ୍ରାପ୍ତି ?
ମୋ ସ୍ୱପ୍ନ ସ୍ୱାର୍ଥ ପାଇଁ ନା ପରମାର୍ଥ ପାଇଁ ?
ଯେଉଁ ପାଣି, ପବନ ଖାଇ ବଞ୍ଚିଲି ତା'ପାଇଁ
କେବେ କିଛି ହାତ ଉଠେଇ ଦେବା ପାଇଁ ଭାବିଚି କି ନା ?
ଜନ୍ମଦିନର ପ୍ରକୃତ ଅର୍ଥ କ'ଣ କେକ୍, କ୍ୟାଣ୍ଡେଲ୍, ଟ୍ରିଟ୍....
ଏମିତି କିଛି ପ୍ରଶ୍ନର ଉତ୍ତର ଖୋଜି ଚାଲିଛି ।
କିଛି ଉତ୍ତର ପାଇଛି ଆଉ କିଛି ପାଇଁ ବୋଧ ହୁଏ ବୟସ ବାକି ଅଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋକଭାଷା

# ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ଷ୍ମୀ ପୁରାନ୍



ସତ୍ୟ ନାରାୟଣ ମିଶ୍ର

କୋଶଲି/ସମଲପୁରୀ – ଲକ୍ଷ୍ମୀ ପୁରାନ୍

ବିଶ୍ୱରୂପସ୍ୟ ଭାର୍ଯ୍ୟାସିପଦ୍ମେପଦ୍ମଳୟେ ଶୁଭେ
ସର୍ବତଃ ତ୍ରାହିମାଂ ଦେବୀ ମହାଲକ୍ଷ୍ମୀ ନମୋସ୍ତୁତେ

( ଜଏ ମା ମହାଲଁଖୀ)

( ୧)

ଧୁଇ କରି ନୂଆଁ ମାନ୍ ଟେ ବସାବ ଖଟଲି ଉପୁରେ
ନୂଆଁ ଧୋବ୍ ଧାନ ଖେଡେ ଥୁଇବୁ ଅତି ଯତନରେ ।
ମାନେ ଭରବୁ ପୁରେଇଧାନ୍ ଉପୁରେ ତିନ୍ ଟାଗୁଆ
ରଖିକରି ପୂଜା କର୍ବୁ ଧୂପ ଦୀପେ ମହା ମାୟା ।
ପହେଲା ଦେବୁ ବାଲ୍ ଭୁଗ ଆରୁ ପଛେ ଲଗାବୁଲିତା
ମନ ଦେଇକରି ପୂଜା କଲେ କୁର୍ପା କର୍ବେ ମାତା ।
ଉଜଲ୍ ପଖେ ଦଶମୀ ଦିନେ ଗୁର୍ବାର୍ ଯେଭେଁ ହେବା
ସେ ଦିନେ ବି ଲକ୍ଷ୍ମୀମା ର୍ ସୁଦଶା ବରତ୍ ପଡବା ।
ହେ ଦିନେ ବି ଖଟଲି ବସେଇ ମା ର୍ ପୂଜା କର୍ବ
ଦଶ କେରା ସୁତା ଧରି କରି ବରତ୍ ଗୁଟେ ବନାବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରମା ର୍ ଦଶ  ନାଁ ଧରି  ପକାବ  ଗଏଁଟ୍ ଦସ୍ ଟା

ଦସ୍ ଟା ଦୁବ୍ ଗୁରେହି କରି ରଖବ ବର୍ତ ସୁତା  ।

ଅଲୁଆ ଚଉଲ ଚୁନା ପାଗି ବନାବ ମଡା ଦସ୍ ଟା

ପୁର୍ ଭରବ  କଦଲି ନଡ଼ିଆ ଛେନା ଖନ୍ ଖିର୍ଷା  ।

ସେ ପର୍ସାଦ୍ ପାଇ କରି ରହେବ ସୁଖେ ଦିନେ

ପୂଜାଭୋଗ୍ କେ ନାଇଁ ବାଆଁଟିବ ପରା ପାଟ୍ ଠାନେ,

ବିହା କରିଥିଲା ଟୁକେଲ୍ କେ ବି ଖୁଆବାର୍ ଟା ମନା

ମନେ ରଖିଥା ସାଧବନୀ ଗୋ ତତେ କହୁଁଛେ ସିନା ,

ମନେ ରଖିଥା ଗୁର୍ବାର୍ ଥି ନାଇଁ ଭାଜବୁ ଲିଆ

ନାଇଁ ଖଏବୁ ଝୁରି ଶିକାର୍ ,ଖେଲବୁ ନାଇଁ ଜୁଆ  ।

ନାଇଁ ଛଡା ବୁ ମୁଡକାନ୍ ମାଖବୁ ନାଇଁ ତେଲ୍

ସୁଇବୁ ନାଇଁ ମୁନୁସ ର୍ ସଂଗେ ରାତି ହେଇ ଗେଲ୍  ।

ଖଟ  ଛାଏଁ ନେ ନାଇଁ ସୁଇବୁ ନାଇଁ ଫିକିବ ଅରନ୍

ରାତି ର୍ ବେଲେ ଦହି ପିତା ନାଇଁ କର୍ବୁ ଭୋଜନ୍  ।

ଏତେ ସବୁ କଲା ଲୋକ୍ ନାଇଁ ପାଏ ଲକ୍ଷ୍ମୀ କେ

ପଡୁଥିସି ଅଭାବ ଦୁଃଖ୍ ମରିଯିବ ଭୁଖେ  ।

ସଂଜ୍ ବହଲା ଉତୁରୁ ଆରୁ ନାଇଁ ଦେବ ସଂଜବତୀ

ଗୁର୍ବାର ଦିନେ ଛୁଆକେ ପିଟିଲେ ଅତି ହି ବିପତି  ।

ଗୁରୁବାର୍ ଥି ପୁଡା ଦରବ୍ ନାଇଁ ଖାଏବ  କେଭେଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାସ ସସୁର୍ କେ ନାଇଁ ମାନେ ଜେନ୍ ବହ ଜେଭେ ।

ଗୁସିଆ ର୍ ମନେ ଦୁଃଖ ଦେସି ନାଇଁ ମାନେ କଥା

ସେ ହେବା ଯେ ଲଖି ଛଡା ଘାରିଦେବା ଚିନ୍ତା ।

ହାତ୍ ପାହା କେ ନାଇଁ ଧୁଇ ଯେ ବସବା ଖାଇ

ଖିଅର ହେବା ଗୁରୁବାର୍ ଥି ଜେନ୍ ଲୋକ ଯାଇ ।

ସଭା ଠାନେ ମିଛ କହେସି ନାଇଁ କରେ ଦାନଧରମ୍

ସେ ଲୋକ କେ ଲଖିମି ର୍ ରିସ୍ ଫାଟି ଯିବା କରମ୍,

ଗୁର୍ବାର୍ ନାରୀ ଯଦି ପିନ୍ଧବା ଦୁବୁଲା କପ୍ଟା

ହେବା ସେ ନାରୀ ସୁଭାଗ୍ୟବତୀ ସତ ଇ କଥା ।

ନାଇଁ ମାନଲେ ଉଁଆସ୍ ସଂକ୍ରାନ୍ତୀ, ଜମି ଗଲେ ଜୁତି

ସ୍ତ୍ରୀରି ପୁରୁଷ ଗୁଟେ ହେଲେ ପଡ଼ବା ଯେ ବିପତି ।

କ୍ରମଶଃ...

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆଁ ସକାଲ୍



ସତ୍ୟ ନାରାୟଣ ମିଶ୍ର

"ହଏ ଗୋ ! ସୁନୁଛ କେଁ, ସୁନ ତ !" କାଁ ବଲୁଛୁରେ ବାବୁର୍ ମା ! କହ । ଉମେହି ଉପୁରୁ ପଛରା ହଟେଇ କରି ଖୁଁ ଖୁ ଖାସଲା ଆରୁ ବୁଢ଼ୀ ହେମକେ ପଚାରଲା ଭୀମ ବୁଢା । ବୁଢ଼ୀ କହେଲା " ବାବୁ କେ ଗଲା କାଏଲ୍ ସେ ଡାକ ବାବୁ କେଁ ପର୍ଛି ଗୁଟେ ଆନି ଦେଇକରି ଗଲା ଯେ ବାବୁ ତାକେ ପଢି କରି ବଡା ଖୁଲୁର୍ ମୁଲୁର୍ ହଉଛେ । ଆଝି ତାର୍ ମୁହୁଁ ଟା ଟିକେ ଦର୍ପନ ବାଗିର୍ ଝକୁଚେ । ଖିଅର ଭଦର୍ ହେଲା । ନୂଆ କୁର୍ତା ପିନ୍ଧିକରି ବାହାରିଲା ନ ଖୁଲି ଆଡେ । ଜେନ୍ ପୁଓ ମହାପୁରୁ ଘର୍କେ ଡୁଙ୍ଗି ନି ଦେଖୁଥାଇ ସେ ଆଝି ମୁଡ଼ିଆ ମାରୁଛେ ଢୋ ଢୋ । କାଁ ହେଲାରେ ବାବୁ କାଁ ପର୍ଛି ଆସିଛେ ବୋଲି ପଚାରଲି ଯେ କହେଲା "ର ଗୋ ମା, ନୂଆଁ ବଛର୍ ଆସୁ ତୁଇ ଜାନବୁ ରହ" ।

ବୁଢା କହେଲା "ହେଟା ବାବୁ କେ ଚାକିରୀ ହେଇଥିବା ର୍ କାଗଜ୍ ଆସିଛେ ବେଡି । ହେତିର୍ କାଁ ଯେ ଉସତ୍ ହଉଛେ । ବୁଢ଼ୀ ହାତ କେ ଜୁରି କରି କହି ପକଲା "ତମର କଥା ସତ ହଉ ଗୋ ! ହେ ମା ମଙ୍ଗଳା, ସମଲେଇ, ବୁଡ଼ାପାଟ୍ ଛତ୍ରମାଉଲି, ତତେ ମୋର୍ ପୋ କେ ଚାକିରୀ ମିଳି ଥାଉ ମା । ହେତେ ପଢ଼ାଲି ଗୁନାଲି । ସୁନା ବୁନା ସବୁ ବିକିଦେଲି ମୁଇ, ହେଲେ, ହେତେ ବରସ୍ ହେଲା ଚାକିରୀ ନି ପାଇ କରି ବାବୁ ବ ଅ ରା ବିଛୋ ହେଇ ଯାଉଥିଲା ନ ।

ଖିଆ ପିଆ ସବୁ କେ ପାସିରି ଦେଇଥିଲା, ତମର ଉପୁରେ ମୁଇ ବୁଝା ହେଇଗଲି ବୋଲି

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମର ଆଘେ ରଶୋ ରଶୋ କାନ୍ଦୁଥିଲା । ଆଜି ତାର ମୁହେଁ ହସି ଗୁଟେ ଦେଖିଲି କେ ଜାନି ପାର୍ଲି ଇ ଥର ଆଜି ଇ ନୂଆଁ ସକାଲ୍ ନାଇଁ ଠକି ଦିଏ । କହତେ କହତେ ତାର୍ ପୁଓ ହସି ହସି ପାସକେ ଆସଲା ଆରୁ କହେଲା " ନାଇଁ ଗୋ ମା ! ଇ ଥର ନୂଆଁ ସକାଲ୍ ନି ଠକି । ବା ଗୋ ! ମତେ ଚାକିରୀ ମିଲି ଯେଇଛେ । କାଲ୍ କେ କାମ ନେ ଜଏନ୍ କର୍ମି । ଇ ନୂଆଁ ସକାଲ୍ ମତେ ଜେନ୍ ଉସତ୍ ଆନି ଦେଲା ମୋର୍ ଇନ୍ତି ସବୁ ଶିକ୍ଷିତ ବେକାରୀ ଭାଇ ବହେନ୍ ମନକୁ ସାହାରା ଦଉ ନିଜର ଗୁଡ଼େ ଠିଆ ହେବା କେ । ମା ସମଲେଇ ପାଖେ ଗୁହାରି ମୋର୍ ।

ସିଂଧେକେଲା, ବଲାଙ୍ଗୀର

ମୋ : ୯୫୮୩୬୦୫୯୧୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁନୁଷ୍ ଜୀବନର୍ ନିଦାନ୍



ସୁନୀଲ କୁମାର
ଅଗସ୍ତି

ସମକିରର୍ ନୁ' ଅଲଗ୍

ସମକିରର୍ ନୁ' ଭିନେ

ଇ' ମୁନୁଷ୍ ଜୀବନ୍,

କେନ୍ ମୁନୁଷ୍ କେନ୍ କିସମର୍

'ରାମ୍' କି' ରାଖସ୍

କାହାର୍ ମନ୍ ଭିତରେ

କାଏଁଟା ଚାଲିଛେ ନି' ହୁଏ କହି ଗମି,

ଉପରେ ହଁସି ଦଗଦଗା ମୁଁହୁଁ

ଭିତରେ ଭାଏଲ୍ ମନ୍ କୁହୁଲୁଛେ

ତମେ ଆମେ କାହିଁ ପାରମା କହି,

ଇ' ସଂସାରେ କେନ୍ ନି'ସେ କାହାର୍

ମୋର୍ ପୁତେ ଜାନି ଥା' ହୁସିଆର୍,

ସଭେଁ ମୁନୁଷ୍ ଗୁଟେ ଖେତର୍ ଢେଲ୍

ସଭେଁ ସମକିରର୍ ସ୍ୱାର୍ଥର୍ ହଲିଆ

ଇ' କଥାକେ  ଗୁରସ୍ ଭାତ୍ କରି

ହଁସଲା ମୁଁହେଁ ଯା' ଆଗକେ ବଢି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେନ୍ ଗଲା ସେ' ଗଲା

କାଏଁ ଅସଲି ଆର୍ କାଏଁ ନକଲି,

ଦୁଇ ଦିନିଆ ନକଲି କାନ୍ଦି

କାଁ'ଯେ ଆମେ ମନ୍ ଯବରେନ୍

ନି',ବଚମା ବିନ୍ ହୁରଗୁନେଇ,,

ଟିଟିଲାଗଡି,ବଲାଙ୍ଗୀର

ମୋ/୭୭୩୫୮୭୬୬୪୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୋର୍ ଲାଗୁଛେ ମୋର୍ ଗାଁ



ବର୍ଷାରାଣୀ
ମହାମଲ୍ଲିକ

ଦୁରିଆ ଆସି ରହୁଛେ ମୁଇଁ
ଲାଗୁଛେ ବଡାଁ ଦୁଖ୍,
ଘରର୍ ବାଗିର୍ ସଜ୍ ବତର୍
କାହିଁ ପାଏଲୁ ସୁଖ୍
ନାଇଁ ଲାଗିବାର୍ ବୋଧ୍ ଇନୁ
ନାଇଁ ଲାଗିବାର୍ ମନ୍
ହଜିଯାଇଛେ କେନେ ଆସିକରି
ତଡପୁଛେ ଗା ଜୀବନ୍
ଭିଡ୍ ଭିତରେ ବି ଲାଗୁଛେ ଖାଁ ଖାଁ
ଆଏଜ୍ ସୋର୍ ଲାଗୁଛେ ମୋର୍ ଗାଁ । ।

ଝରି ଯାଉଛେ ଆଖିଁଲ୍ ଯେତେ ଝର୍ ଝର୍ ହେଇକରି
ଲାଗୁଛେ ସବୁ ଉନା,
ମାଁ ର୍ ପନତ୍ କାନି ସରଗ୍ ର ସୁଖ୍ ବାପାର୍ ଗେଲ
ଶୁନା ସବୁ ତାକର୍ ବିନା ।
ଯେ ରହୁଛେ ସେ ଜାନବା
ହୁରୁଦ୍ ର ମରମ୍ କଥା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇନୁ ନାଇଁ ନ ସେ ମହକ୍
ଲାଗୁଛେ ସବୁ ସିଠା
ଛୋଟ୍ ହେଲେ ବି ଭୁଲି ନାଇଁ ପାରେ ମନୁ ମୁଇଁ ତାର୍ ନାଁ
ଆଏଜ୍ ସୋର୍ ଲାଗୁଛେ ମୋର୍ ଗାଁ ।।

ସେ ଆମ୍ ବୁରେଇ, ଜାମ୍ ବୁରେଇ
ଜଙ୍ଗଲ୍ ପାହାଡ଼ ଯେତେ
ଗୁଟ୍ ଗୁଟ୍ ହେଇ ସୋର୍ ପଡୁଛେ
ମନେ ହାଏ ସତେ
ଗାଁ ର ବନ୍ଧ୍, ଲୁଭ୍ ଲୁଭାନି ଜନ୍
ଦିଶି ଯାଉଛେ ଆଖି
କ୍ଷେତ୍ ଖଲା ଡଙ୍ଗର୍ ଝରନ୍
ଯାଇଛେ ସତେ ଲାଖି
ଗାଁ ମାଟିର୍ ପାଏନ୍, ପବନ୍, ମାଏଟ୍
ହଉଛେ ମନ୍ ପାଏବାର୍ କେ ତାର୍ ଛୁଆଁ
ଆଏଜ୍ ସୋର୍ ପଡୁଛେ ମୋର୍ ଗାଁ...

ଗାଁ ର୍ ଗଛ୍ ପତର୍ ଶାଗୁଆ ସୁନ୍ଦର୍
ମନ୍ କେ ନେସି ଘିନି
ଶରିର୍ ଟା ମୋର୍ ଗଢି ଉଠିଛେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେ ଗାଁ ର୍ ମାଟି ପାନି

ଗାଁ ର୍ ଲୋକ୍ ବାକ୍ ସିଆନି କଥା

ଝୁରୁଛେ ମୋର୍ ମନ୍

ଡାକିଦଉଛେ ଗାଁ ମାଏଟ୍ ମୋର୍

ଯିବାର୍ କେ ମୁଇଁ ଛନଛନ୍

ଯାହା ହେଲେ ବି ମୋର୍ ଲାଗି ସୁନ୍ଦର୍ ଆଏ ତ ମୋର୍ ଗାଁ

ଆଏଜ୍ ସୋର୍ ପଡୁଛେ ମୋର୍ ଗାଁ

କୁଇଲୀ ର୍ ସୁର୍ ଶୁଭୁଥିସି କାନେ

ଲାଗସି ମିଠା ବନେ

ପାହାଡ୍, ପର୍ବତ୍ ଦୂରୁ ସୁନ୍ଦର୍

ରସେଇ ଦେସି ମନେ

ଗାଁ ବରଗଛ୍, ଭାଗବତ୍ ଟୁଙ୍ଗି

ଲାଗସି ମତେ ସୋର୍,

ଭାବେ ବନ୍ଧନେ ଜୁଡ଼ି ହେଇଥିସୁ

ନାଇଁ ଛିଡେ ଆମର୍ ଡୋର୍

ନଇଁ କରି ମୁଇଁ ଜୁହାର୍ କରୁଛେ

ନାଚି ଉଠୁଛେ ଆଖି ମୋର୍ ଗାଁ

ଆଏଜ୍ ସୋର୍ ଲାଗୁଛେ ମୋର୍ ଗାଁ ।।

ସ୍ନାତକୋତ୍ତର ପ୍ରଥମ ବର୍ଷ , ସମ୍ବଲପୁର ବିଶ୍ୱବିଦ୍ୟାଳୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା
aahwaan.com

https://www.youtube.com/@aahwaan

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଘ ସପ୍ତମୀ



ପ୍ରହ୍ଲାଦ ସାହୁ

ମାଘ ସପ୍ତମୀ ଦିନଟି ସୂର୍ଯ୍ୟଙ୍କର ଜନ୍ମତିଥି ଦୃଷ୍ଟିରୁ ଏକ ଧାର୍ମିକ ଗୁରୁତ୍ୱପୂର୍ଣ୍ଣ ଦିବସ ଅଟେ । ମହାଭାରତରେ ବର୍ଣ୍ଣିତ ଅଛି ଯେ କୋଣାର୍କରେ ମାଘ ସପ୍ତମୀ ତିଥିରେ ରାତ୍ରୀ ଉଜାଗର ରହି ସକାଳୁ ସୂର୍ଯ୍ୟଦର୍ଶନ ପୂର୍ବକ ସ୍ନାନ, ଦାନ ଓ ଧର୍ମ ଯିଏ କରେ, ତା'ପରି ପୁଣ୍ୟାତ୍ମା ସଂସାରେ କେହି ନାହିଁ ।

ପଦ୍ମ ପୁରାଣରେ କୋଣାର୍କ ତୀର୍ଥର ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି :-

ଲବଣସ୍ୟଧି ତୀରେ ପବିତ୍ର ସୁ ମନୋହର ।
ସର୍ବତ୍ର ବାଲୁକାକିର୍ଣ୍ଣେ ଦେଶେ ସର୍ବ ଗୁଣାନ୍ୱିତେ । ।
ଆସ୍ତେ ଯତ୍ର ସ୍ୱୟଂଦେବ ସହସ୍ରାଂଶୁ ଦିଵାକରଃ ।
କୋଣାଦିତ୍ୟଇତି କ୍ଷାତୋ ଭକ୍ତିମୁକ୍ତି ଫଳପ୍ରଦଃ । ।

ମାଘମାସ ଶୁକ୍ଳପକ୍ଷ ସପ୍ତମୀ ଦିନ ଚନ୍ଦ୍ରଭାଗା କୂଳରେ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟ ଉପାସନା କରି ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ଥାଆନ୍ତି । ଉକ୍ତ ଦିବସରେ ସେଠାରେ ବିଶାଳ ମେଳାର ଆୟୋଜନ କରାଯାଇଥାଏ । ଏ ପବିତ୍ର ତିଥିରେ ପାବନ ଚନ୍ଦ୍ରଭାଗାରେ ସ୍ନାନ କରି ଦାନପୁଣ୍ୟ କଲେ ଅନେକ ଦୁରାରୋଗ୍ୟରୁ ମୁକ୍ତି ମିଳିବା ସହିତ ଜୀବନ ସୁଖମୟ ହୋଇଥାଏ ।

କୋଣାର୍କ ସୂର୍ଯ୍ୟ ଉପାସନାର ଏକ ଶ୍ରେଷ୍ଠ ସ୍ଥାନ । ଏହି କ୍ଷେତ୍ରଟି ଏକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପବିତ୍ର କ୍ଷେତ୍ର । ଓଡ଼ିଆମାନଙ୍କର ଧର୍ମ ଓ ବିଶ୍ୱାସର ପରମ୍ପରାକୁ ନେଇ ତ୍ରୟୋଦଶ ଶତାବ୍ଦୀରେ ଲାଙ୍ଗୁଳା ନରସିଂହଦେବ ଏଠାରେ ସୂର୍ଯ୍ୟମନ୍ଦିର ସ୍ଥାପନ କରିଥିଲେ । ସୂର୍ଯ୍ୟ ପୂଜା ଉଦ୍ଦେଶ୍ୟର ଲାଙ୍ଗୁଳା ନରସିଂହ ଦେବ ୧୨ବର୍ଷ କାଳ ୧୨ଶହ ବଢ଼େଇ ଏକତ୍ରୀତ କରି ସୂର୍ଯ୍ୟ ମନ୍ଦିର ପ୍ରତିଷ୍ଠା କରିଥିଲେ । ଯେଉଁଦିନ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା ସେଦିନ ମାଘମାସ ଶୁକ୍ଳପକ୍ଷ ସପ୍ତମୀ ତିଥି ଥିଲା ।

ମୂଖ୍ୟ ସୂର୍ଯ୍ୟ ମନ୍ଦିର ୧୬୨୧ ରୁ ୧୬୨୬ ମସିହା ମଧ୍ୟରେ ସାମୁଦ୍ରିକ ଝଡ଼ ପ୍ରଭାବରୁ ଭାଙ୍ଗି ଯାଇଥିଲା । ଆଉ କେତେକ ଐତିହାସିକ ମାନଙ୍କ ମତରେ ଏହାକୁ କଳା ପାହାଡ଼ ଷୋଡଶ ଶତାବ୍ଦୀରେ ଭାଙ୍ଗି ଦେଇଥିଲା ବୋଲି କୁହାଯାଏ । କେହି କେହି କୁହନ୍ତି ବ୍ରିଟିଶ ପଣ୍ୟବାହୀ ଜାହଜର ଚୁମ୍ବକୀୟ ପ୍ରଭାବରୁ ଏହା ଭାଙ୍ଗି ଯାଇଥିଲା ।

କୋଣାର୍କ ସୂର୍ଯ୍ୟମନ୍ଦିର ହେଉଛି ପୃଥିବୀର ସପ୍ତାଷ୍ଟର୍ଯ୍ୟ ମଧ୍ୟରୁ ଅନ୍ୟତମ । ଏହାକୁ ଅର୍କକ୍ଷେତ୍ର ବୋଲି କୁହାଯାଏ । ଏହା ସୂର୍ଯ୍ୟଙ୍କର ପୂଜାସ୍ଥଳୀ । “ଅର୍କ” ନାମରେ ଗୋଟିଏ ଦୈତ୍ୟ ଥିଲା । ସେ ଅର୍କ ଦୈତ୍ୟକୁ ସୂର୍ଯ୍ୟ ଏହି ସ୍ଥାନରେ ବଧ କରିଥିଲେ । ଏ ସ୍ଥାନଟି ଅଗ୍ନିକୋଣରେ ଅବସ୍ଥିତ । ଏଥିପାଇଁ ଅଗ୍ନିକୋଣର ସୂର୍ଯ୍ୟଦେବତା ଅର୍କ ଦୈତ୍ୟକୁ ମାରିଥିବାରୁ ଏହାର ନାମ କୋଣାର୍କ ନାମରେ ନାମିତ ହୋଇଅଛି । ଏହାକୁ ଅର୍କକ୍ଷେତ୍ର ବୋଲି ମଧ୍ୟ ଲୋକେ କୁହନ୍ତି । ଏହି କ୍ଷେତ୍ରର ଉତ୍ତରରେ ମହୋଦଧି ବା ସମୁଦ୍ର ଅବସ୍ଥିତ । ଦକ୍ଷିଣରେ ବିଖ୍ୟାତ ଚନ୍ଦ୍ରଭାଗା ନଦୀ । ଏମାନଙ୍କର ମଧ୍ୟବର୍ତ୍ତୀ ସ୍ଥାନ ହିଁ କୋଣାର୍କ । ଏହା ଜମ୍ବୁଦ୍ୱୀପର ଅଗ୍ନିକୋଣରେ ଅବସ୍ଥିତ ।

ମହାଭାରତର ଶାନ୍ତି ପର୍ବରେ ଲେଖାଅଛି :

ପୃଥ୍ୱୀ ଅଗ୍ନିକୋଣେ ଯହୁଁ ଦୈତ୍ୟ ହେଲା ହତ

ତେଣୁ ସେ କୋଣାର୍କ ନାମେ ହୋଇଛି ବିଖ୍ୟାତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠାରେ ଗଙ୍ଗା କୋଟିତୀର୍ଥ ଧରି ପ୍ରବାହିତ ହୁଅନ୍ତି । ଏଠାରେ ସ୍ନାନକରି ଯିଏ ସୂର୍ଯ୍ୟଙ୍କ ଦର୍ଶନ କରନ୍ତି, ସେମାନଙ୍କର କୋଟି ପାପ ନାଶ ହୁଏ ଓ ମନସ୍କାମନା ପୂର୍ଣ୍ଣ ହୁଏ ।

ଶାମ୍ବ ପୁରାଣ ବର୍ଣ୍ଣନା ଅନୁଯାୟୀ ପୌରାଣିକ ମତରେ ଏକଦା ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ । ପରବର୍ତ୍ତୀ ସମୟରେ ଋଷି ମୁନୀଙ୍କ ପରାମର୍ଶ କ୍ରମେ ପବିତ୍ର ଚନ୍ଦ୍ରଭାଗା କୂଳରେ ଭଗବାନ ସୂର୍ଯ୍ୟଦେବଙ୍କୁ ଆରାଧନା କରି କୁଷ୍ଠ ବ୍ୟାଧିରୁ ମୁକ୍ତି ପାଇବା ପାଇଁ ବାର ବର୍ଷ ତପସ୍ୟା କରିଥିଲେ । କଠିନ ସୂର୍ଯ୍ୟ ଉପାସନା ପରେ ମାଘ ଶୁକ୍ଳ ସପ୍ତମୀ ଦିନ ଚନ୍ଦ୍ରଭାଗାରେ ବୁଡ଼ପକାଇ ସେ ଶାପମୁକ୍ତ ହୋଇଥିଲେ ।

ନାରଦ କହିଲେ ଶାମ୍ବ ଚାଲ ଏହି କ୍ଷଣ ।<br>
ଚନ୍ଦ୍ରଭାଗା କୁଳେ ସେବ ସୂର୍ଯ୍ୟନାରାୟଣ । ।<br>
ଭକ୍ତିଛଳେ ଅର୍କ ଦୈତ୍ୟ ମାରି ନିରଞ୍ଜନ ।<br>
ରଖିଲେ ସେହି ତୀର୍ଥର କୋଣାରକ ନାମ । ।

ଶ୍ରୀକୃଷ୍ଣ ପୁତ୍ର ଶାମ୍ବ ପରିକ୍ଷୀତ ମହାରାଜଙ୍କ ସମ ସାମୟିକ ଥିଲେ ଓ ଏହି ସମୟ ପ୍ରାୟ ଖ୍ରୀଷ୍ଟପୂର୍ବ ଊନବିଂଶ ଶତାବ୍ଦୀ ହେବ । ଏଥିରୁ ଅନୁମାନ କରାଯାଏ କୋଣାର୍କର ସୂର୍ଯ୍ୟ ପୂଜାର ପରମ୍ପରା ପ୍ରାୟ ଚାରି ହଜାର ବର୍ଷ ପୁରୁଣା ହୋଇପାରେ ବୋଲି ।

ପରମ୍ପରା ଅନୁଯାୟୀ ନିକଟସ୍ଥ ଗ୍ରାମର ତିନି ମହାଦେବ ଚନ୍ଦ୍ରଭାଗାରେ ସ୍ନାନ କରି ସାରିବାପରେ ଶ୍ରଦ୍ଧାଳୁମାନେ ବୁଡ଼ କାର୍ଯ୍ୟ ସମ୍ପାଦିତ କରିଥାନ୍ତି । ସେହିଦିନ ଠାରୁ ଧାର୍ମିକ ବିଶ୍ୱାସର ସହିତ ଏଯାବତ୍ ଏଠାରେ ମାଘମେଳା ପାଳନ କରାଯାଉଛି, ଲୋକମାନେ ବୁଡ଼ ବି ପକାଉଛନ୍ତି ଏବଂ କୃତ କର୍ମର ପାପରୁ ମୁକ୍ତି ପାଉଛନ୍ତି ।

ସୂର୍ଯ୍ୟ, ଶିବଙ୍କୁ ଅର୍କତୀର୍ଥର ମାହାତ୍ମ୍ୟ ବର୍ଣ୍ଣନା କରି ପଦ୍ମପୁରାଣ ପ୍ରାଚୀ ମାହାତ୍ମ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଛନ୍ତି :-

ଅର୍କ ତୀର୍ଥରେ ଯେତେ ପୁଣ୍ୟ ।
ମୁଁ କହିବାକୁ ନୁହେଁ କ୍ଷମ ।।
ମାଘ ମାସର ଶୁକ୍ଳ ପକ୍ଷ ।
ସପ୍ତମୀ ହୋଇଲେ ପ୍ରତ୍ୟକ୍ଷ ।।
ତିଳ ଲଗାଇ କଲେ ସ୍ନାନ ।
ତିଳେ ଦେଲେ ଦାନ ଭୋଜନ ।।
କୋଟି ଗୋଦାନ ଫଳ ପାଇ ।
ତା ଦେହେ ବ୍ୟାଧି ଯେ ନଥାଇ ।।

ସ୍ୱୟଂ ଦେବଦେବ ମହାଦେବ ଅର୍କତୀର୍ଥରେ ସ୍ନାନ କରି ବ୍ରହ୍ମଶିର ଛେଦନ ଜନିତ ମହା ପାପରୁ ମୁକ୍ତି ଲାଭ କରି ଶ୍ରୀ ଶୋଭନେଶ୍ୱର ମହାଦେବ ଭାବେ ପ୍ରତିଷ୍ଠିତ ହୋଇଥିଲେ ।

ଏହି ଦିନ ମା' ବାରଭୂଜାଙ୍କ ପାଖେ ଖଣ୍ଡଖିରି ଭୋଗ ଲାଗି ହୁଏ । ମଧ୍ୟାହ୍ନ ପରେ ହୋମକୁଣ୍ଡରେ ଅଗ୍ନି ସ୍ଥାପନ ହେବା ସହିତ ଏହି ଅଖଣ୍ଡ ହୋମକୁଣ୍ଡ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରଜ୍ୱଳିତ ହୋଇ ରହିଥାଏ ।

ଏହି ପବିତ୍ର ମାଘ ସପ୍ତମୀରେ ଭୂବନେଶ୍ୱର ଖଣ୍ଡଗିରି ଠାରେ କୁମ୍ଭମେଳା ଆରମ୍ଭ ହୋଇଥାଏ । ୯ ଦିନ ଧରି ଏହି ମେଳା ଲାଗିରହେ । ଏଥିପାଇଁ ଖଣ୍ଡଗିରିରେ ସାଧୁସନ୍ଥ ମାନଙ୍କ ଭିଡ଼ ଜମିବା ସହିତ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ । ସୂର୍ଯ୍ୟ ଉପାସନା ସାଙ୍ଗକୁ ସାଧୁସନ୍ଥ ମାନେ ହୋମଯଜ୍ଞ, ଜପତପ ଓ ପୂଜାର୍ଚ୍ଚନା କରନ୍ତି । ଖଣ୍ଡଗିରିରେ ସୃଷ୍ଟି ହୁଏ ସୁନ୍ଦର ଆଧ୍ୟାତ୍ମିକ ବାତାବରଣ ।

ନୂଆଦିଲ୍ଲୀ, ଦୂରବାର୍ତ୍ତା – ୮୧୩୮୭୪୨୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାମ୍ପ୍ରତିକ ସମୟବୋଧ



ଡ ମନୋରଞ୍ଜନ ବିଷୋୟୀ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି ।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ  ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆତ୍ମମଗ୍ନ ହୋଇଉଠିଛି । ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି ।

ଏ ପରିପ୍ରେକ୍ଷୀରେ କହି ରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ । ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ ।

ଏଠାରେ କହି ରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି । ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି ।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ । ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ । ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭
ସଂପର୍କ: ୮୮୯୫୦୪୧୭୨୭

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜାତୀୟ ଯୁବ ଦିବସ



ଅସିତ ମହାନ୍ତି

ମୁଁ ସେହି ଧର୍ମର ହୋଇଥିବାରୁ ଗର୍ବିତ, ଯାହା ସହନଶୀଳତା ଏବଂ ସାର୍ବଭୌମିକ ସ୍ୱୀକୃତି ଗ୍ରହଣ ବିଷୟରେ ବିଶ୍ୱକୁ ଶିକ୍ଷା ଦିଏ । ଆମେ କେବଳ ସାର୍ବଭୌମିକ ସହନଶୀଳତା ଉପରେ ବିଶ୍ୱାସ କରୁନାହୁଁ, ବରଂ ସମସ୍ତ ଧର୍ମକୁ ସତ୍ୟ ବୋଲି ଗ୍ରହଣ କରୁ । ସମସ୍ତ ଧର୍ମକୁ କେବଳ ବରଦାସ୍ତ କରନ୍ତି ନାହିଁ ବରଂ ସେମାନଙ୍କୁ ଗ୍ରହଣ କରନ୍ତି ।

- ସ୍ୱାମୀ ବିବେକାନନ୍ଦ

ଦେଶ ଏଭଳି ଏକ ସମୟରେ ଜାତୀୟ ଯୁବ ଦିବସ ପାଳନ କରୁଛି, ଯେତେବେଳେ ଯୁବ ବର୍ଗ ଦିଗହରା ହୋଇ ଭୁଲ ରାସ୍ତାରେ ପରିଚାଳିତ ହେଉଛନ୍ତି । ଚାରିତ୍ରିକ ପତନ ସେମାନଙ୍କର ଦୈନନ୍ଦିନ ଜୀବନର ଏକ ଅଙ୍ଗ ହୋଇଯାଇଛି । ଏଭଳି ସମୟରେ ବିବେକାନନ୍ଦଙ୍କର ଆଦର୍ଶ ଏବଂ ଉନ୍ନତ ଚରିତ୍ର ଯୁବ ସମାଜକୁ ନୂତନ ଦିଗ ପ୍ରଦର୍ଶିତ କରିବ । ପ୍ରତିବର୍ଷ ଜାନୁଆରୀ ୧୨ ତାରିଖରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ ଯାହା ଦେଶର ଯୁବକମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଏବଂ ଆଦର୍ଶ ପ୍ରତି ପ୍ରେରଣା ଯୋଗାଇଥାଏ । ବାସ୍ତବରେ, ମିଳିତ ଜାତିସଂଘ ଦ୍ୱାରା ୧୯୮୫ ମସିହାରେ "ଆନ୍ତର୍ଜାତୀୟ ଯୁବ ବର୍ଷ" ଭାବରେ ଘୋଷଣା କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଘୋଷଣା କରିଥିଲେ ଯେ ପ୍ରତିବର୍ଷ ୧୯୮୫, ଜାନୁଆରୀ ୧୨ ଅର୍ଥାତ୍ ସ୍ୱାମୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିବେକାନନ୍ଦଙ୍କ ଜନ୍ମଦିନ ସାରା ଦେଶରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯିବା ଉଚିତ୍ । ଏହି ପରିପ୍ରେକ୍ଷୀରେ ଭାରତ ସରକାର ଭାବିଥିଲେ ଯେ ବିବେକାନନ୍ଦଙ୍କ ଦର୍ଶନ, ତାଙ୍କ ଜୀବନ ଏବଂ କାର୍ଯ୍ୟ ଏବଂ ତାଙ୍କର ଆଦର୍ଶ ଭାରତୀୟ ଯୁବକମାନଙ୍କ ପାଇଁ ପ୍ରେରଣା ଉତ୍ସ ହୋଇପାରେ । ୧୯୮୪ ମସିହାରେ ପ୍ରଥମ ଥର ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ଯୁବ ଦିବସ ଘୋଷଣା କରାଯାଇଥିଲା ଏବଂ ସେହି ଦିନଠାରୁ ପ୍ରତିବର୍ଷ ଏହି ଦିନ ଯୁବ ଦିବସ ସାରା ଦେଶରେ ପାଳନ କରାଯାଏ । ସ୍ୱାମୀ ବିବେକାନନ୍ଦ ତାଙ୍କ ଚିନ୍ତାଧାରା ଏବଂ ଆଦର୍ଶ ପାଇଁ ସାରା ବିଶ୍ୱରେ ଜଣାଶୁଣା । ଖୁବ୍ କମ୍ ବୟସରେ ସେ ଦୁନିଆରେ ନିଜର ମତ ହେତୁ ନିଜ ପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ । ୧୮୯୩ ମସିହା ଚିକାଗୋରେ ଏକ ସର୍ବଧର୍ମ ସମ୍ମିଳନୀ ହୋଇଥିଲା, ଯେଉଁଥିରେ ବିବେକାନନ୍ଦ, ଭାରତର ଜଣେ ଯୁବ ସନ୍ୟାସୀ ଭାବରେ, ସେଠାରେ ଉପସ୍ଥିତ ଥିବା ସମସ୍ତ ପ୍ରତିନିଧୀଙ୍କୁ ତାଙ୍କର କ୍ଷୁଦ୍ର କିନ୍ତୁ ସାରଗର୍ଭ ସମ୍ବୋଧନ ଦ୍ୱାରା ପ୍ରଭାବିତ କରିଥିଲେ । ସେହି ସମ୍ବୋଧନ ପରେ, ତାଙ୍କର ଖ୍ୟାତି ଦ୍ରୁତ ଗତିରେ ବଢିଥିଲା । ବିବେକାନନ୍ଦ ପ୍ରସଙ୍ଗରେ ଆଜିର ପ୍ରକୃତ ଆଲୋଚନା ତାଙ୍କ ଆଧ୍ୟାତ୍ମିକତା, ଭାରତୀୟ ସମାଜ ତଥା ରାଷ୍ଟ୍ର ବିଷୟରେ ତାଙ୍କର ଚିନ୍ତାଧାରା, ଧର୍ମ ପ୍ରତି ଧାରଣା ଏବଂ ସଭ୍ୟତା ଏବଂ ସଂସ୍କୃତି ଉପରେ ଧ୍ୟାନ ଦେବା ଉଚିତ୍ । ୧୮୬୩ ମସିହାରେ କୋଲକାତା ସହରର ଏକ ଧନୀ ପରିବାରରେ ସ୍ୱାମୀ ବିବେକାନନ୍ଦ ଜନ୍ମଗ୍ରହଣ କରିଥିବା ବିବେକାନନ୍ଦଙ୍କ ଶିକ୍ଷକଙ୍କ ନାମ ଶ୍ରୀ ରାମକୃଷ୍ଣ ଥିଲା । ବିବେକାନନ୍ଦ ତାଙ୍କ ଗୁରୁଙ୍କଠାରୁ ଆଧ୍ୟାତ୍ମିକ ଶିକ୍ଷା ଗ୍ରହଣ କରିଥିଲେ ଏବଂ ହିନ୍ଦୁତ୍ୱ ଏବଂ ତାଙ୍କ ଗୁରୁଙ୍କ ଧାରଣାକୁ ସାରା ବିଶ୍ୱରେ ବିସ୍ତାର କରିଥିଲେ । ୧୮୯୩ ମସିହାରେ ଆମେରିକାରେ ଆୟୋଜିତ ବିଶ୍ୱ ସଂସଦରେ ତାଙ୍କ ଦ୍ୱାରା ଦିଆଯାଇଥିବା ଭାଷଣକୁ ଲୋକମାନେ ଆଜି ମଧ୍ୟ ମନେ ରଖିଛନ୍ତି । ସେ ତାଙ୍କ ଅଭିଭାଷଣରେ ଭାରତ, ହିନ୍ଦୁ ଧର୍ମ ଏବଂ ତାଙ୍କର ଗୁରୁ ଶ୍ରୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ରାମକୃଷ୍ଣଙ୍କ ଧାରଣାକୁ ବିଶ୍ୱ ସାମ୍ନାରେ ରଖିଥିଲେ । ବିବେକାନନ୍ଦ ତାଙ୍କ ଜୀବନ କାଳରେ ଦୁନିଆର ଅନେକ ଦେଶ ପରିଦର୍ଶନ କରିଥିଲେ ଏବଂ ଯୋଗ ଏବଂ ବେଦାନ୍ତକୁ ସାରା ବିଶ୍ୱରେ ଲୋକପ୍ରିୟ କରିଥିଲେ । କେବଳ ଏତିକି ନୁହେଁ, ପାଶ୍ଚାତ୍ୟ ସଂସ୍କୃତି ଏବଂ ଭାରତୀୟ ସଂସ୍କୃତି ମଧ୍ୟରେ ଦୂରତା ହ୍ରାସ କରିବାରେ ସେ ଅନେକ ଅବଦାନ ଦେଇଛନ୍ତି । ବିବେକାନନ୍ଦ ନିଜ ଜୀବନକୁ ସାମାଜିକ କାର୍ଯ୍ୟରେ ଉତ୍ସର୍ଗ କରିଥିଲେ ଏବଂ ସେ ଜଣେ ସାଧୁର ଜୀବନ ବିତାଇଥିଲେ । ୧୯୦୨ ମସିହାରେ ସେ ତାଙ୍କର ଶେଷ ନିଶ୍ୱାସ ନେଇଥିଲେ । ଏଥି ସହିତ, ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ଆଜି ସାରା ବିଶ୍ୱରେ ଜଣାଶୁଣା ଏବଂ ଏହି ଭାରତୀୟ ସାମାଜିକ-ଧାର୍ମିକ ସଂଗଠନ ମାଧ୍ୟମରେ କର୍ମ  ଯୋଗ, ଧାର୍ମିକ ଅଧ୍ୟୟନ ଏବଂ ଆଧ୍ୟାତ୍ମିକତା ଭଳି ଜିନିଷର ଜ୍ଞାନ ଲୋକମାନଙ୍କୁ ବଣ୍ଟନ କରାଯାଇଛି । ଏହି ସଂଗଠନ ତାଙ୍କ ଦ୍ୱାରା ୧୮୯୭ ମସିହାରେ ଭାରତର କୋଲକାତା ସହରରେ ପ୍ରତିଷ୍ଠିତ ହୋଇଥିଲା । ବିବେକାନନ୍ଦଙ୍କ ଆଦର୍ଶ କଣ ଥିଲା ଯାହା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଏକ ଉଚ୍ଚ ଆସନ ଦେଇଥଲା ତାହା ଜାଣିବା ଅତ୍ୟନ୍ତ ଜରୁରୀ । ଏହା ନଜାଣି ଯୁବ ଦିବସ ପାଳନ କରିବା ନିଃସନ୍ଦେହ ନିରର୍ଥକ ହେବ । ତାଙ୍କର ଆଦର୍ଶ ଏବଂ ସଂସ୍କୃତି ଚିକାଗୋ ସମ୍ମିଳନୀର ଉଦବୋଧନରେ ନିହିତ ଅଛି । ଏ ବିଷୟରେ ଜାଣିପାରିଲେ, ଆମେ ଅବଗତ ହେବା ଯେ, ତାଙ୍କର ବିଚାର ଏବଂ ଆଦର୍ଶ କେତେ ଉଚ୍ଚ କୋଟିର ! ୧୮୯୩ ମସିହାରେ, ଚିକାଗୋରେ ଏକ ସର୍ବଧର୍ମ ସମ୍ମିଳନୀ ହୋଇଥିଲା, ଯେଉଁଥିରେ ବିବେକାନନ୍ଦ, ଭାରତର ଜଣେ ଯୁବ ସନ୍ୟାସୀ ଭାବରେ, ସେଠାରେ ଉପସ୍ଥିତ ଥିବା ସମସ୍ତ ପ୍ରତିନିଧୀଙ୍କୁ ତାଙ୍କର କ୍ଷୁଦ୍ର କିନ୍ତୁ ସାରଗର୍ଭକ ଭାଷଣ  ଦ୍ୱାରା ପ୍ରଭାବିତ କରିଥିଲେ । ସେହି ଠିକଣା ପରେ, ତାଙ୍କର ଖ୍ୟାତି ଦ୍ରୁତ ଗତିରେ ବଢିଥିଲା । ବିବେକାନନ୍ଦ ପ୍ରସଙ୍ଗରେ ଆଜିର ପ୍ରକୃତ ଆଲୋଚନା ତାଙ୍କ ଆଧ୍ୟାତ୍ମିକତା, ଭାରତୀୟ ସମାଜ ତଥା ରାଷ୍ଟ୍ର ବିଷୟରେ ତାଙ୍କର ଚିନ୍ତାଧାରା, ଧର୍ମ ପ୍ରତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧାରଣା ଏବଂ ସଭ୍ୟତା ଏବଂ ସଂସ୍କୃତି ଉପରେ ଧ୍ୟାନ ଦେବା ଉଚିତ୍ । ବିବେକାନନ୍ଦଙ୍କର ଧର୍ମ, ସମାଜ ଏବଂ ସର୍ବୋପରି ଭାରତ ଉପରେ ମତ କ'ଣ ଥିଲା ? ବର୍ତ୍ତମାନ ଶାସକଦଳ ଏବଂ ସମଗ୍ର ଭାରତୀୟ ସମାଜ ଆଜି ସଚ୍ଚୋଟ ଭାବରେ ଏହା ବିଷୟରେ ଚିନ୍ତା କରିବା ଉଚିତ୍ । ବିବେକାନନ୍ଦ ଏବଂ ତାଙ୍କର ଐତିହାସିକ ଚିକାଗୋ ସମ୍ବୋଧନକୁ ମନେ ରଖିବା ପାଇଁ ଏହା ବୋଧହୁଏ ସର୍ବୋତ୍ତମ ଉପାୟ ଅଟେ । ବିବେକାନନ୍ଦ ଚିକାଗୋ ସମ୍ମିଳନୀକୁ ସମ୍ବୋଧିତ କରି ବିଶ୍ୱର ସମସ୍ତ ଧର୍ମର ନେତା ତଥା ପ୍ରତିନିଧୀଙ୍କୁ ତାଙ୍କ ସମ୍ବୋଧନରେ ଉପସ୍ଥାପନ କରିଥିଲେ ତାହା ହେଉଛି ଆଜିର ହିନ୍ଦୁ ଧର୍ମର କେବଳ 'ହିନ୍ଦୁତ୍ୱ'ଠାରୁ ଭିନ୍ନ ନୁହେଁ, ଏହା ସମ୍ପୂର୍ଣ୍ଣ ବିପରୀତ ଥିଲା । ସ୍ୱାମୀ  ବିବେକାନନ୍ଦ ହିନ୍ଦୁ ଧର୍ମକୁ ବିଶ୍ୱରେ ପରିଚିତ କରାଇଲେ ଏବଂ ଏହାର ଧାର୍ମିକ- ବୈଚାରିକ ସହନଶୀଳତାକୁ ବିଶ୍ୱ ସମକ୍ଷରେ ରଖିଥିଲେ, 'ମୁଁ ଏକ ଧର୍ମର ଅନୁଗାମୀ ହୋଇ ଗର୍ବିତ ଅନୁଭବ କରେ, ଯାହା ଜଗତକୁ ସହନଶୀଳତା ଏବଂ ସର୍ବଭାରତୀୟ ସ୍ୱୀକୃତି ଦେଇଛି ... ମୁଁ ଏପରି ଏକ ଧର୍ମର ଅନୁଗାମୀ ବୋଲି ଗର୍ବିତ । ସମସ୍ତ ଧର୍ମର ତଥା ପୃଥିବୀର ସମସ୍ତ ଦେଶର ଦଳିତ ତଥା ଶରଣାର୍ଥୀଙ୍କୁ ଆଶ୍ରୟ ଦିଆଯାଇଛି । ଏହା ସହିତ ସେ ନିଜ ସମ୍ବୋଧନରେ ଧାର୍ମିକ ନେତା ତଥା ବିଶ୍ୱର ଅନ୍ୟମାନଙ୍କୁ ଚେତାବନୀ ଦେଇ ଦେଇଥିଲେ ଯେ 'ସାମ୍ପ୍ରଦାୟିକତା, କୁସଂସ୍କାର ଏବଂ ଏହାର କୁତ୍ସିତ ବଂଶାନୁକ୍ରମିକ ଉପାଦାନ ଏହି ସୁନ୍ଦର ପୃଥିବୀକୁ ଦୀର୍ଘ ଦିନଧରି ଶାସନ କରିଆସୁଛି । ସେମାନେ ପୃଥିବୀକୁ ହିଂସାରେ ପରିପୂର୍ଣ୍ଣ କରି ମାନବିକତାକୁ ରକ୍ତରେ ସ୍ନାନ କରୁଛନ୍ତି । ସଭ୍ୟତାକୁ ନଷ୍ଟ କରୁଥିବାବେଳେ ସେମାନେ ସମଗ୍ର ଦେଶକୁ ନିରାଶାର ଗର୍ତ୍ତରେ ରଖିଛନ୍ତି । ଶିକାଗୋ ସମ୍ବୋଧନର ପ୍ରତ୍ୟେକ ପ୍ରମୁଖ ବିଷୟ ଆଜିର ଆକ୍ରମଣାତ୍ମକ ହିନ୍ଦୁତ୍ୱ, ଗୋରକ୍ଷକଙ୍କ ବ୍ୟକ୍ତିଗତ ଗ୍ୟାଙ୍ଗ, ବଜରଙ୍ଗୀଙ୍କ ଅସମ୍ମାନ ଏବଂ ପ୍ରେମ-ଜିହାଦର ହିଂସାତ୍ମକ ପତାକା ଉତ୍ତୋଳନକାରୀଙ୍କ ଧାର୍ମିକତା ଏବଂ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛି । ଏହା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com


ଆଶ୍ଚର୍ଯ୍ୟଜନକ ଯେ ସ୍ୱାମୀ ବିବେକାନନ୍ଦ ଏହି ଭାଷଣ ପ୍ରଦାନ କରିଥିଲେ ୧୨୪ ବହୁ ବର୍ଷ ପୁର୍ବେ । କିନ୍ତୁ ଆଜି ବି ଦୁନିଆର ଅନେକ ଭାଗ ସେହି ମହା-ବ୍ୟାଧିରେ ପୀଡିତ, ଯାହା ସେହି ମହାନ ଭାରତୀୟ ସ୍ୱାମୀ ସେତେବେଳେ ଆଲୋଚନା କରିଥିଲେ । ଯୁବ ସମାଜକୁ ଉଦ୍ବୋଧନ ଦେଇ ବିବେକାନନ୍ଦ କହିଥିଲେ - ମନୁଷ୍ୟର ସଂଘର୍ଷ ଯେତେ କଷ୍ଟସାଧ୍ୟ ହେବ, ତା'ର ବିଜୟ ସେତେ ଅଧିକ । ଅର୍ଥାତ, ସମସ୍ତଙ୍କୁ କିଛି ହାସଲ କରିବାକୁ ସଂଘର୍ଷ କରିବାକୁ ପଡିବ ଏବଂ ତୁମର ଲକ୍ଷ୍ୟ ଯେତେ ବଡ଼ ହେବ, ତୁମର ସଂଗ୍ରାମ ମଧ୍ୟ ସେତେ ବଡ ହେବ । ତାଙ୍କର ଅନ୍ୟ ଏକ ଐତିହାସିକ ଚର୍ଚ୍ଚାରୁ ତାଙ୍କର ଚରିତ୍ର ଏବଂ ବଳିଷ୍ଠ ବ୍ୟକ୍ତିତ୍ୱ ବିଷୟରେ ଯୁବ ସମାଜକୁ ଶିକ୍ଷା ମିଳିବ । ଥରେ ଯେତେବେଳେ ସ୍ୱାମୀ ବିବେକାନନ୍ଦ ବିଦେଶ ଯାଇଥିଲେ, ତାଙ୍କର ଭଗୁଆ ପୋଷାକ ଏବଂ ପଗଡି ଦେଖି ଲୋକମାନେ ପଚାରିଥିଲେ, ଆପଣଙ୍କର ଅବଶିଷ୍ଟ ଜିନିଷ କେଉଁଠାରେ ଅଛି ? ଏହା ଉପରେ ସ୍ୱାମୀଜୀ କହିଥିଲେ, ଏହା ହିଁ ହେଉଛି ଏକମାତ୍ର ଜିନିଷ । ଏହା ଉପରେ କିଛି ଲୋକ ବ୍ୟଙ୍ଗାତ୍ମକ ଭାବରେ କହିଥିଲେ, ହେ ! ତୁମର ଏହି ସଂସ୍କୃତି କ'ଣ ? ଶରୀରରେ କେବଳ ଏକ ଭଗୁଆ ଚାଦର ଗୁଡ଼ାଇ ରହିଛ । କୋଟ-ଟ୍ରାଉଜର ପୋଷାକ ପରି କିଛି ନାହିଁ? ସ୍ୱାମୀ ବିବେକାନନ୍ଦ ସ୍ମିତା ହାସ୍ୟ ସହିତ ଉତ୍ତର ଦେଲେ, "ଆମର ସଂସ୍କୃତି ତୁମର ସଂସ୍କୃତିଠାରୁ ଭିନ୍ନ ଅଟେ । ତୁମର ଟେଲର୍ ତୁମର ସଂସ୍କୃତି ଗଠନ କରୁଥିବାବେଳେ ଆମର ଚରିତ୍ର ଆମ ସଂସ୍କୃତି ଗଢିଥାଏ ।" ଏଭଳି ମହାନ ବ୍ୟକ୍ତିତ୍ୱଙ୍କର ଜନ୍ମଦିନରେ ତାଙ୍କୁ କୋଟି କୋଟି ନମନ ।

ସୁଜନପୁର , ଯାଜପୁର
୯୯୩୪୮୭୭୮୧୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଉତ୍କଳମଣୀ ଗୋପବନ୍ଧୁ



ପବିତ୍ରା ଧଳ ମଲ୍ଲିକ

ପରମ କାରୁଣିକ ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଥିବା ମଣିଷର ଜୀବନ କ୍ଷଣିକ ଆଉ ଓଲିକ ମଧ୍ୟ ।

ସେହି କ୍ଷଣିକ ଜୀବନ କାହାକୁ କାହାକୁ ମଧ୍ୟ ମନିଷୀରୁ ମହାମନିଷୀ ବନାଇ ଯୁଗ ଯୁଗକୁ ମଣିଷ ସମାଜ ପାଇଁ ସୃଷ୍ଟି କରିଥାଏ ଏକ ଆବାହନୀ କୋଣାର୍କର ସ୍ମୃତି ଲିପି ।

ଦ୍ୱିପଟିଏ ଜଳିଥାଏ । ତାର ଶିଖାରେ ଚତୁର୍ଦିଗ ଆଲୋକିତ ହୋଇଥାଏ । ତାର ସେହି ଜ୍ୟୋତିର ଶିଖାଟି କେଉଁ ଏକ ଘନ ତମିସ୍ରାରେ ପଥଭ୍ରାନ୍ତ ପଥିକକୁ ନୂଆ ରାହାଦେଇ ତାର ଦିପ୍ତି ଓ ସ୍ମୃତିକୁ ଚିର ଜାଜ୍ୱଲ୍ୟମାନ କରି ଲିଭିଯିବା ପରେ ବି ସ୍ମୃତିର ତାଜମହଲଟିଏ ସୃଷ୍ଟି କରିଥାଏ ଓ ସହସ୍ର ଅନ୍ଧକାରକୁ ଦୂରିଭୂତ କରିଥାଏ । ତାହା ହିଁ ଦିଗହଜା ପଥିକର ହୃଦୟ ତନ୍ତ୍ରୀରେ ନିନାଦିତ ଝଙ୍କାର ହିଁ ଜ୍ୱଳନ୍ତ ଉଦାହରଣ ହୋଇଥାଏ ।

ଜୀବନ ଯୌବନର ବେଳାଭୂମିରେ ଉଠାଣି ଗଡାଣି, ମରୁ, ମରିଚିକା, ମରୁଦ୍ୟାନ, କର୍ଦମାକ୍ତ, ଶୁଷ୍କ, ଧୂଷର ବର୍ଣାଳୀର ଲମ୍ବା ତେଲ ଲୁଣର ସଂସାର ଟିଏ । ସେହି ତେଲ ଲୁଣର ସଂସାର ଦେଇ ପ୍ରତ୍ୟେକ ମଣିଷକୁ ଯିବାକୁ ପଡିଥାଏ । ଏହା ତ ସତ୍ୟ, ମାତ୍ର ଏହାର ବହୁ ଉର୍ଦ୍ଧ୍ୱକୁ ଯାଇ କେହି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହି ସମାଜର ପ୍ରତ୍ୟେକ ସ୍ତରରେ ନିଜର ଜୀବନକୁ ବାଜି ଲଗେଇ ଅନ୍ୟର ସୁଖ ଦୁଃଖକୁ ନିଜର ଭାବି ସୁଖ ସ୍ବାଛନ୍ଦ୍ୟକୁ ପାଦରେ ଆଡେଇ ଦେଇ ମାନବ ସମାଜର ସେବାରେ ନିଜକୁ ଉତ୍ସର୍ଗ କରି ସମସ୍ତଙ୍କ ଆଗରେ ମାନବରୁ ମହାମାନବ ରୂପରେ ପ୍ରତିପାଦିତ ହୁଅନ୍ତି ।

ତାଙ୍କର ତ୍ୟାଗ ତିତିକ୍ଷା ହିଁ ସମସ୍ତଙ୍କ ପାଇଁ ପ୍ରେରଣା ହୁଏ । ଜାତି ହୁଏ ଧନ୍ୟ, ମାଟି ମାଆ ହୁଏ ପୂର୍ଣ୍ଣ ମାତୃକା । ସେମାନଙ୍କ ତ୍ୟାଗର ଯାଦୁରେ କେତେ ହୃଦୟରେ ଶ୍ରାବଣ ଗୁଞ୍ଜରିତ ହୁଏ, ମଧୁମଳୟର ସମାବର୍ତ୍ତନରେ ।

ମାଟି ହୁଏ ଧନ୍ୟା, ଜାତି ହୁଏ ବରେଣ୍ୟା, ସମାଜ ହୁଏ କାଳିମାହୀନ ସ୍ବୟଂ ସଂପୂର୍ଣ୍ଣ ସଂମ୍ଭ୍ରାନ୍ତ ଜାତିଟିଏ । ଇତିହାସ ହୁଏ ପୃଷ୍ଠ,ଅତୀତ ବହେ ସ୍ବାକ୍ଷର, ବର୍ତ୍ତମାନ ହୁଏ ଉଜାଗର, ଭବିଷ୍ୟତ ହୁଏ ଆବାହନୀ ଅରୁଣର ପୂର୍ଣ ଅବୟବରେ ପରିପୂର୍ଣ୍ଣ ଜାତିଟିଏ । ଯେଉଁ ଜାତିର ଲଲାଟରେ ବୀର ଖାରବେଳଙ୍କ ସ୍ବାକ୍ଷର ଲିପିବଦ୍ଧ, କୋଣାର୍କ, ପୁରୀ ଓ ଲିଙ୍ଗରାଜର ଶିଳାଲିପିରେ ଯେଉଁ ଜାତିର ଭାସ୍କର୍ଯ୍ୟ ଖୋଦିତ ସେହି ଜାତି ତ ଯୁଗେ ଯୁଗେ ଧନ୍ୟ ଆଉ ବରେଣ୍ୟ ହୋଇଥାଏ । ସେହି ମାଟି ମାଆର ଧ୍ଵଜାକୁ ପୂର୍ଣ ଉଡ୍ଡୀୟମାନ ରଖିବାକୁ ଯେଉଁ କେତେଜଣ ଯୁଗଜନ୍ମା ମହାପୁରୁଷ ଏ ମହିମଣ୍ଡଳରେ ଆବିର୍ଭୂତ ହୋଇଥିଲେ ସେମାନଙ୍କ ମଧ୍ୟରୁ *ଉତ୍କଳମଣି ଗୋପବନ୍ଧୁ* ଥିଲେ ଅନ୍ୟତମ ।

ପୁରୀ ଜିଲ୍ଲାର ଭାର୍ଗବୀ ନଦୀକୂଳରେ ସୁଆଣ୍ଡୋ ଗ୍ରାମରେ ୧୮୭୭ ମସିହା ଅକ୍ଟୋବର ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ ଉତ୍କଳମଣି ଗୋପବନ୍ଧୁ । କୈଶୋର ଯୌବନରେ କର୍ମଭୂମି ଥିଲା ବୃନ୍ଦାବନ ବିହାରୀଙ୍କ ସ୍ମାରକୀ ତୀର୍ଥ ସାକ୍ଷୀଗୋପାଳ । ଜୀବନ ଯୌବନର ବେଳାଭୂମିରେ ସେ ଶିଖିଥିଲେ ସଂସ୍କାରର ମୂଳମନ୍ତ୍ର । ଜୀବନର ଆଦ୍ୟ ଓଂକାରରୁ ବିଧି ପ୍ରେରିତ ଦେବଦୁତ ସାଜି ସେ ଶିଖିଥିଲେ ଅହିଂସା, ନିତି ନୈତିକତା ଓ ସମାଜ ଗଠନର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେଦମନ୍ତ୍ର । ଏହି ସୁସ୍ୱାଦୁ ବ୍ୟଞ୍ଜନ ହିଁ ତାଙ୍କୁ ଗଢି ତୋଳି ପାରିଥିଲା ଏକ ବିଚକ୍ଷଣ ମାନସିକ ମହାପୁରୁଷ ଭାବରେ ।

ତାଙ୍କର ଜନ୍ମ ସମୟ ଥିଲା ଏକ ଘଡିସନ୍ଧି ମୁହୁର୍ତ୍ତ । ଓଡ଼ିଶାରେ *ନ ଅଙ୍କ* ସରିଥାଏ । କରଭାରରେ ଭାରାକ୍ରାନ୍ତ ଓଡ଼ିଶାର ଜନ ସମୂହ । ହାକିମ, ପୋଲିସ, ରାଜା, ଜମିଦାର ଓ ସାହୁକାରର ନାଲିଆଖିରେ ଥରହର ଓଡ଼ିଆ ଜାତି । ନିରକ୍ଷରତାର ବ୍ୟାଧି ଯେମିତି ଦଂଶନ କରିଛି ଓଡ଼ିଶାର କୋଣ ଅନୁକୋଣରେ । ମଦ, ଗଞ୍ଜେଇ ଓ ଅଫିମର ନିଶାରେ ଅଶିକ୍ଷିତ ଲୋକେ ଉବୁଟୁବୁ । ଏ ଘଡିସନ୍ଧି ମୁହୁର୍ତ୍ତ ତ ଅତି ଦାରୁଣ ଓ କରୁଣ ମଧ୍ୟ ।

ଜୀବନ ରାସ୍ତା ଯେତେବେଳେ ବାଟବଣା ହୁଏ ଜଗତ ଉଦ୍ଧାର ପାଇଁ ଭଗୀରଥ ସାଜି ଗଂଗା ମାତାଙ୍କୁ ପୃଥିବୀକୁ ଅବତରଣ ହେଉ, ଅହଲ୍ୟା ତାରଣ ପାଇଁ ରାମଙ୍କୁ ଧରାବତରଣ ହେଉ ଅବା ଜଗତ ତଥା ଦେବକୀର କଷ୍ଟ ନିବାରଣ ପାଇଁ କୃଷ୍ଣଙ୍କୁ ତ ଧରାବତରଣ କରିବାକୁ ପଡିଥିଲା । ତ ଠିକ୍ ସେହିଭଳି ଜାତି ଯେତେବେଳେ ଦାବାନଳରେ ଦଗ୍ଧୀଭୂତ ଓଡିଶା ବୋଇଲେ ଓଡିଶା ବୁଝାଏ ନାହିଁ ମିଶ୍ରଣ ପର୍ବରେ ପଞ୍ଜିକୃତ ସେତେବେଳେ ବିଧି ପ୍ରେରିତ ହୋଇ ଉତ୍କଳ ଜନନୀର ଲୋତକ ଧାରାକୁ ପୋଛିବାକୁ ଉତ୍କଳମଣୀ ହୋଇଥିଲେ ଉତ୍କଳ ନାବର କର୍ଣ୍ଣଧାର । ୧୯୦୪ ଠାରୁ ୧୯୨୮ ମସିହା ଦୀର୍ଘ ୨୪ ବର୍ଷ ଧରି ଦେଶସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ । ସତ୍ୟବାଦୀର ସେହି ମଣିଷ ଗଢା କାରାଖାନାରେ ପଞ୍ଚସଖା, ନୀଳକଣ୍ଠ, ଗୋଦାବରୀଶ, ହରିହର, କୃପାସିନ୍ଧୁଙ୍କ ଗହଣରେ ସେ ଦେଖିଥିଲେ ସୁଦୂର ଭବିଷ୍ୟତର ଆବାହନୀ ଅରୁଣର ସୁନେଲି କିରଣ । ଜୀବନର ଆଦ୍ୟ ଓଂକାରରୁ ଦୁଃଖର ଘନଘଟା ମଧ୍ୟରେ ବିତିଥିଲା ଜୀବନର ଚଲାପଥ । ପ୍ରାଥମିକ ଛାତ୍ର ଥିବା ବେଳେ ବାଲ୍ୟ ବିବାହ, ଗଡାଣି ଉଠାଣି ରାସ୍ତାରେ ଗତି କଲାବେଳେ ଦୁଇ ପୁଅଙ୍କର ବିଦାୟ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ୟା ବିପ୍ଳାବରୁ ବେସାହାରା ଲୋକଙ୍କୁ ଉଦ୍ଧାର କରି ଆସିବାବେଳେ ପୁଅର ମୃତ୍ୟୁ ସମ୍ବାଦ, ଓ ତାଙ୍କର "ଲ" ପାସ୍ ସମୟରେ ସହଧର୍ମିଣୀ ମୋତିଦେବୀଙ୍କର ଦେହାନ୍ତ ହାତ ଧରାଧରି ହୋଇ ସବୁ ବିପଦ ତାଙ୍କୁ ପରୀକ୍ଷା କରି ଚାଲିଥିଲା । ପରଖୁ ଥିଲା ତାଙ୍କ ଧୈର୍ଯ୍ୟର ବାଲିବନ୍ଧ । ଅସଜଡା ପଥକୁ ସଜାଡିବାକୁ ଯାହାର ଜନ୍ମ ସଜଡା ପଥର ପଥିକର କଷ୍ଟର ଗ୍ଲାନି ତାଙ୍କୁ ପଥହରା ବା କେମିତି କରିବ । ଧୈର୍ଯ୍ୟର ବର୍ତିକା ଧରି ସମାଜର ପ୍ରତ୍ୟେକ ମଣିଷକୁ ନିଜର ଭାବୁଥିବା ମଣିଷ ବି କେମିତି ଭାଙ୍ଗିପଡିବ ନିଜର ଦୁଃଖକୁ ନେଇ । ଅନେଇଛି ଜାତି, ଅନେଇଛି ଦେଶ, ଅନେଇଛି ତାର ବଣବିଲ । କେଦାର ପ୍ରାନ୍ତର ବିଖଣ୍ଡିତ ଓଡ଼ିଶାର ସ୍ୱାକ୍ଷର ଉତ୍କଳ ଜନନୀ । ଦୁଃଖର କଳାବାଦଲକୁ ସେ ସ୍ଥିତପ୍ରଜ୍ଞ ତାର ମଶାଲରେ ଆହୂତି ଦେଇ ହେଲେ ଖୋଲା ଆକାଶର ପକ୍ଷୀ । ସଂସାରର କାହାଣୀର ସବୁ ଅଧ୍ୟାୟ ଶେଷ । ସେ ଏବେ ମୁକ୍ତ ଆକାଶର ବିହଙ୍ଗ । ମନକୁ ପଥର କରି ସେ ହେଲେ ଦୁଃଖୀ ଦରିଦ୍ରର ବନ୍ଧୁ । ୧୯୦୬ରେ ସେ ହେଲେ ନୀଳଗିରି ହାଇସ୍କୁଲର ପ୍ରଧାନ ଶିକ୍ଷକ । ସେହି ବର୍ଷର ଶେଷ ବେଳକୁ ଗୋକୁଳାନନ୍ଦ ଚୌଧୁରୀଙ୍କର ଜୁନିୟର ଭାବରେ ଓକିଲାତି ଆରମ୍ଭ କଲେ । ୧୯୦୩ରେ ଉତ୍କଳ ସମ୍ମିଳନୀରେ ମୟୂରଭଞ୍ଜ ମହାରାଜାଙ୍କ ସହିତ ସାକ୍ଷାତ ଓ ଓକିଲାତିର ପ୍ରଥମ ପାହାଚରେ ମଧୁବାବୁଙ୍କର ପ୍ରରୋଚନାରେ ଓଡ଼ିଆ ଓକିଲ ଭାବରେ ମୟୂରଭଞ୍ଜର ଯୋଗଦାନ, ତାଙ୍କ କଥାରେ ଯେମିତି କୁହୁକ ଭରିରହିଥିଲା । ପ୍ରତ୍ୟେକ ଲୋକଙ୍କୁ ସେ କଥାରେ ବାନ୍ଧି ମନରେ ଘର କରିପାରୁଥିଲେ । ୧୯୧୬ରେ ସେ ହୋଇଥିଲେ ବିହାର ଓଡିଶା କାଉନସିଲର ସଭ୍ୟ । ତାଙ୍କର ଓଜସିନି ଭାଷଣରେ ସେ ଓଡିଶାର ଦୁଃଖ ଦାରିଦ୍ର୍ୟତା ବିଷୟରେ ଇଂରେଜ ସରକାରଙ୍କୁ ଅବଗତ କରିପାରିଥିଲେ । ବିଖଣ୍ଡିତ ଓଡ଼ିଶାର ନଥିପତ୍ର, ଉତ୍କଳ ସମ୍ମିଳନୀରେ ୧୯୧୯ରେ ସେ ହୋଇଥିଲେ ସଭାପତି । ବିଖଣ୍ଡିତ ଓଡ଼ିଶାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ହୃତ ଗୌରବକୁ ଚିର ଜାଜ୍ୱଲ୍ୟମାନ କରିବାକୁ ଲୋକମାନଙ୍କ ମଧ୍ୟରେ ସେ ସୃଷ୍ଟି କରିଥିଲେ ଜାଗରଣ । ଓଡ଼ିଶାର କୋଣ ଅନୁକୋଣ ଓ ପାରିପାର୍ଶ୍ୱିକ ଅବସ୍ଥାର ରୂପରେଖ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ଯେଉଁ ହୋମାଗ୍ନିର ଶିଖାଟି ପଞ୍ଚସଖା ତଥା ମଧୁବାବୁଙ୍କ ମନରେ ଅଙ୍କୁରୋଦ୍ଗମ ହୋଇଥିଲା ତାର ପୂର୍ଣ ଅବୟବଟି ୧୯୧୯ ମସିହା ଅକ୍ଟୋବର ୪ ରେ ପ୍ରକାଶ ପାଇଥିଲା "ସମାଜ" ରୂପରେ । ଯାହାର ମୂଲ୍ୟ ଥିଲା ୨ ପଇସା । ଭାଷା ଥିଲା ବୋଧଗମ୍ୟ ଓ ସରଳ । ସାତଦିନରେ ଏହା ଥରେ ପ୍ରକାଶ ପାଉଥିଲା । ଯାହାକି ଓଡ଼ିଶାର ଜନସାଧାରଣଙ୍କୁ ଉଦବୋଧନ କରୁଥିଲା ଗୋଟିଏ କୁଙ୍କୁମିତ ଅରୁଣର ଦିଗବଳୟ ତଳୁ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ ।

୧୯୨୦ ମସିହାରେ ଗୋପବନ୍ଧୁ କଲିକତାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଲେ । ୧୯୨୧ରେ କଂଗ୍ରେସ ଓ ଉତ୍କଳ ସମ୍ମିଳନୀର ଲକ୍ଷ୍ୟ ଗୋଟିଏ ହେଲା ଓ ସେ ହେଲେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି । ୧୯୨୧ରେ ଗାନ୍ଧୀ ଓଡିଶା ଆସିଥିଲେ । ପୁରୀ ଶରଧା ବାଲିରେ ସଭାକଲେ । ଓଡ଼ିଶାର ହାଡ କଙ୍କାଳ ସାର ଲୋକଙ୍କର ବସ୍ତ୍ର ଭୂଷଣ ଦେଖି ଚକିତ ହୋଇଥିଲେ । ଓଡ଼ିଶାର ଲୋକଙ୍କ ଦୁଃଖ ଦାରିଦ୍ର୍ୟ ଥିଲା ସହଚର । ସେଥିରେ ମର୍ମାହତ ହୋଇ ଗାନ୍ଧୀଜୀ ଓଡ଼ିଆଙ୍କ ଭଳି ଦରଲଙ୍ଗଳା ପୋଷାକ ପିନ୍ଧିଲେ । ସେହି ଦିନରୁ ଗାନ୍ଧିଜୀ ହେଲେ ଦରଲଙ୍ଗଳା ଫକୀର । ଗାନ୍ଧୀଜୀଙ୍କର ଏହି କାଉଁରୀ ସ୍ପର୍ଶ ଓ ଗୋପବନ୍ଧୁଙ୍କର ଦେଶ ସେବା ବହୁ ଲୋକଙ୍କୁ ଉଦବୁଦ୍ଧ କଲା । ଗାନ୍ଧୀ ଗୋପବନ୍ଧୁଙ୍କ ବାଣୀରେ ଲୋକମାନେ ହେଲେ ପ୍ଲାବିତ । ଗୋପବନ୍ଧୁଙ୍କ କଥାରେ ନୀଳକଣ୍ଠ କଲିକତାରେ ଅଧ୍ୟାପକ ପଦବୀ ଛାଡି ସମ୍ବଲପୁର ଆସିଲେ ।

ଭାଷା ଆନ୍ଦୋଳନର ରୂପ ବ୍ୟାପକ ହେଲା । କର ଭାରରେ ନିଷ୍ପେସିତ ଓଡିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ ସ୍ରୋତରେ ସାମିଲ ହେଲେ ଗୋପବନ୍ଧୁଙ୍କ ବାଣୀରେ କି ଯାଦୁ ଥିଲା କେଜାଣି ଶତଶତ ଓଡିଆଙ୍କୁ ସେ ଗୋଟିଏ ମାଳାର ହାର ଗୁନ୍ଥି ପାରୁଥିଲେ । ସେଥିରେ ଇଂରେଜ ସରକାର କ୍ଷିପ୍ତ ହୋଇ ଜେଲଦଣ୍ଡ ଦେଲେ । ଏହା ଶତଶତ ଓଡିଆଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା । ତେଣୁ ଲୋକମାନଙ୍କୁ ଗୋଟିଏ ହେବାପାଇଁ "ବନ୍ଦୀର ଆତ୍ମକଥା" ରେ ଲେଖିଥିଲେ;

" ଦେଶବାସୀ ବନ୍ଧୁ

ଆତ୍ମୀୟ ସ୍ୱଦର

କାରାଦଣ୍ଡେ ମୋର

ହେଲ କି କାତର ।

ଥିଲା ଏହା ଆଗୁ

ଜଣାଶୁଣା କଥା

ସେଥିପାଇଁ ତେବେ

ମନେ କିଆଁ ବ୍ୟଥା ।

ଏଥିରେ ପ୍ରଥମ

ଫଳ କାରାଦଣ୍ଡ

ପଛେ ହୋଇପାରେ

ଦେହ ଖଣ୍ଡ ଖଣ୍ଡ ।

ବୁଝି ଏହା ମୁହିଁ

ପଶିଛି ସଂଗ୍ରାମେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ମୋ ବିଚାର

ମାନ ଅପମାନ ।

ମିଶୁ ମୋରଦେହ

ଏ ଦେଶ ମାଟିରେ

ଦେଶ ବାସୀ ଚାଲି

ଯାଆନ୍ତୁ ପିଠିରେ ।

ଦେଶର ସ୍ୱରାଜ୍ୟ

ପଥେ ଯେତେ ଗାଡ

ପୁରୁ ତହିଁ ପଡି

ମୋର ମାଂସ ହାଡ ।

ସ୍ୱାଧୀନତା ପଥେ

ତିଳେ ହେଲେ ନର

ମୋ ଜୀବନ ଦାନେ

ହେଉ ଅଗ୍ରସର ।"

ଗୋପବନ୍ଧୁଙ୍କର ଏହି ମର୍ମସ୍ପର୍ଶୀ ବାଣୀ ସବୁ ବର୍ଗର ଲୋକଙ୍କୁ ଉଦବୁଦ୍ଧ କରିଥିଲା । ଲୋକମାନେ ଜୀବନକୁ ବାଜି ଲଗାଇ ପ୍ରିୟ ନେତାଙ୍କ ପଦାଙ୍କ ଅନୁସରଣ କରି ସଂଗ୍ରାମ ଜାରି ରଖିଥିଲେ । ୧୯୨୪ ଜୁନ ୨ ରେ ଗୋପବନ୍ଧୁ ହଜାରିବାଗ ଜେଲରୁ ମୁକ୍ତ ହୋଇଥିଲେ । କଟକରେ ପ୍ରାଦେଶିକ ସମ୍ମିଳନୀରେ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସଭାପତି ହୋଇଥାନ୍ତି । ଘନ ତମିସ୍ରାରେ ଦିପଟିଏ ପରି ମଧୁବାବୁଙ୍କର ବାଣୀ ଲୋକମାନଙ୍କ ମଧ୍ୟରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋକବର୍ତ୍ତିକା ସୃଷ୍ଟି କରିବାର ଯେଉଁ ଭାବ୍ ତରଙ୍ଗିଣୀଟି ସୃଷ୍ଟି କରିଥିଲା ସେଥିରେ ଉଦବୁଦ୍ଧ ହୋଇ ସେ ଗୋପବନ୍ଧୁଙ୍କୁ "ଉତ୍କଳ ମଣି" ବୋଲି ସମ୍ବୋଧନ କରିଥିଲେ । ସେହି ଦିନ ଠାରୁ ସେ ହେଲେ ଉତ୍କଳମଣି ଗୋପବନ୍ଧୁ । ସେ କେବଳ ଓଡିଶା କଥା ଭାବୁନଥିଲେ । ଓଡିଶା ବାହାରେ ଥିବା ଓଡ଼ିଆ ତଥା ଦେଶର କୋଣ ଅନୁକୋଣରେ ଥିବା ଦୁଃଖୀ ଦରିଦ୍ରଙ୍କ ସେବା ହିଁ ତାଙ୍କ ଜୀବନର ମୂଳମନ୍ତ୍ର ।

ଅସ୍ତମିତ ସୂର୍ଯ୍ୟର ସ୍ତିମିତ ଗୋଧୂଳି ଭଳି ତାଙ୍କର ଆଜନ୍ମ କର୍ମମୟ ଜୀବନ ଲୋକଙ୍କୁ ଦେଉଥିଲା ଭରପୁର ତ୍ୟାଗ ଆଉ ଆଦର୍ଶର ବାର୍ତ୍ତା । ଯାହାର ଉଦାମତାରେ ଜାତି ହୋଇଥିଲା ଧନ୍ୟ । ଏମିତି ଏକ ସଜଫୁଟା ଫୁଲର ମଉଳା ରୂପ ୧୯୨୮ ଜୁନ ୧୭ ତାରିଖ ସଂଧ୍ୟା୭ଟା ୨୫ ମିନିଟରେ ସମସ୍ତଙ୍କୁ ହତଚକିତ କରି ଦେଇଥିଲା । ଭାଙ୍ଗି ପଡିଥିଲେ ଓଡ଼ିଆ, ଭାଙ୍ଗି ଯାଇଥିଲା ଓଡ଼ିଆର ମନୋବଳ ଓ ମେରୁଦଣ୍ଡ । ଏଇ ଦୁଖରେ ଭାଙ୍ଗି ପଡି କବି ମାୟାଧର ମାନସିଂ ଲେଖିଥିଲେ :-

"ସେନାପତି କିଆଁ
  ନୁଆଁଇଲା ତରବାରୀ
ପ୍ରତିଜ୍ଞା ତାର ଶେଷ ନ
  କରି ହେଲା ଗୃହ ଅଭିସାରୀ
ଦେଶେ ତ ଲିଭିନି
  ଚିରଦିନ ଲାଗି
ଅନ୍ନର ହାହାକାର ।
ସେକିମ୍ପା ଚଳିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନକରି ତାହାର

ସମୁଚିତ ପ୍ରତିକାର ।

ଗରୁଡର ପଛେ

କେ ଅଛ ଭକ୍ତ

ଆଡ ହୋଇଯାଅ ଭାଇ

ଭକ୍ତ ର ରାଜା

ଯାଉଅଛି ପରା

ଦେବତା ପୂଜିବା ପାଇଁ ।"

ଏମିତି ଏକ କିମ୍ବଦନ୍ତୀ ପୁରୁଷଙ୍କୁ ଜାତି ଝୁରୁଛି ଏ ଦେଶ ଝୁରୁଛି । ଅଲିଭା ଦିପଟିଏ । ହୋମକୁଣ୍ଡର ଦାବାଗ୍ନି ପରି ଜାଜ୍ୱଲ୍ୟମାନ । ଆବାହନୀ ଅରୁଣର ଶତ ଦିଧିଚି ବିକିରଣ କରୁଥିବା ପ୍ରାଚୀ ଦିଗବଳୟ । ଶତ ଅରୁଣିତରେ ଆଲୋକିତ ତାଙ୍କ ଦିପ୍ତି କାନ୍ତି । ପୁଷ୍ୟା ନକ୍ଷତ୍ରର ଶାମୁକା ଗର୍ଭରେ ମୁକ୍ତାଭଳି ସଞ୍ଚିତ ତାଙ୍କର କାର୍ଯାବଳୀ ।

ଆଟଲାଣ୍ଟିକ୍ ର ପଥହରା ପଥିକର ଶେଷ ଆଶା ସଦୃଶ ଓଡିଶା ବାସୀଙ୍କ ପ୍ରାଣରେ ଝଙ୍କୁରିତ ତାଙ୍କ କାର୍ଯାବଳୀ । ତାଙ୍କର ତ୍ୟାଗ ଓ ଆଦର୍ଶ ଜାତି ଓ ବ୍ୟକ୍ତିକୁ ଯୁଗ ଯୁଗକୁ ଦେବ ଶାନ୍ତି ଓ ତିତିକ୍ଷାର ମହାମନ୍ତ୍ର । ଜୀବନ ଜିଇଁବାର ସଞ୍ଜୀବନୀ ଅଗ୍ରସର ହେବାକୁ ପ୍ରେରଣା । ସାକ୍ଷୀଗୋପାଳର ଦିଅଁ ଦର୍ଶନ କଲାବେଳେ ନିଥର ପାଦଟି ରହିଯିବ ଗୋପବନ୍ଧୁଙ୍କର ସମାଧି ପୀଠରେ । ଯେଉଁ ସମାଧି ପୀଠରେ ପ୍ରତିଟି ଓଡ଼ିଆ । ନୈରାଶ୍ୟ ନୁହେଁ ପାଇବ ଆବାହନର ପୂର୍ଣ ପ୍ରତିବିମ୍ବ । ହତୋତ୍ସାହିତ ନୁହେଁ ପ୍ରେରଣାର ଭରପୂର ଉପାଦାନ, ଭୋଗ ନୁହେଁ ତ୍ୟାଗର ସ୍ମାରକୀ । ମୁଁ ନୁହେଁ ଆମେର ବାର୍ତ୍ତାବହ । ଏକାକାର ହୋଇଯିବ ଓଡ଼ିଆ ଓ ଓଡ଼ିଶାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନଚିତ୍ର । ବଦଳିଯିବ ମାନସାଙ୍କ । ମନ ହେବ ମହୋଦଧି । ତିଳ ତର୍ପଣ ହେବ ମନ ଓ ମହାତ୍ମା ମଧ୍ୟରେ । ମନ ହଜିଯିବ କେଉଁ ଏକ ଅପସରା ଭବନର ଭୂବନ ମୋହିନୀ ଭାବାବେଗରେ । ଓଡ଼ିଆ ଜାତିକୁ ଏକ ସ୍ୱତନ୍ତ୍ର ଜାତିର ମାନ୍ୟତା ଦେବାବେଳେ ଓଡିଆର ମନ ଗହନରେ ଅଙ୍କୁରିତ ହେବ ସେହି ମହାତ୍ମାଙ୍କର ଆଜନ୍ମ ବଳିଦାନର ଅଲିଭା କାହାଣୀ । ନତଜାନୁ ଶିରରେ ଥରେ ନୁହେଁ ଶତ ସହସ୍ର ଥର ଓଡ଼ିଆ ପ୍ରଣାମ କରିବ ସେହି ମହାମାନବଙ୍କୁ । ଶେଷରେ ଏତିକି ।

"ଦିପଟିଏ ହୋଇ

ଜଳିଗଲା ପରେ

ବାସନା ହଜେନି କାହିଁ,

ତୁମ ବଳି ଦାନ ହେ

ଉତ୍କଳ ମଣୀ

ଏ ଜାତି ଭୂଲିବ ନାହିଁ ।"

ଜୟ ଜଗନ୍ନାଥ,

ସା ଚାନ୍ଦକୁଡା, ପୋ:ଅ:- ଓରାସାହି

ଭାୟା :ଚାନ୍ଦବାଲି, ଜିଲ୍ଲା :ଭଦ୍ରକ

ପିନ୍ : ୭୫୬୧୩୩

ମୋ-୯୦୯୦୬୩୬୬୦୧

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିପ୍ଳବୀ ଭଗତ ସିଂ



ଅକ୍ଷୟ କୁମାର ରାଉତ

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୁଣ୍ୟଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତ୍ତି । ଦେଶପ୍ରେମ ଏକ ଦିବ୍ୟଚେତନା । ଯେଉଁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ । ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତ୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ ।

ଭଗତ୍ ସିଂ'ଙ୍କ ଜେଜେ ବାପା ଅର୍ଜ୍ଜୁର୍ନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା । ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ । ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ । ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ । ସେହି ସ୍କୁଲରେ ମାଟ୍ରିକୁଲେଶନ୍ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ । ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଚୟ ହେଲା ।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ । ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଲବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ । ସେ କହୁଥିଲେ 'ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହି କଲେଜର ଉଦ୍ଦେଶ୍ୟ ଥିଲା । ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ ।

ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ । ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା । ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢ଼ିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା । ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା ।

ପରାଧୀନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି 'କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ । ଏହି ନିଟକରେ ଇଂରେଜମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା । ଏହି ନାଟକଟି ସରକାରଙ୍କ ବିରୋଧି ହେଲା । ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ । ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣୀରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଲବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି ।

ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା । ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ଥ କରିଥିଲେ । କିନ୍ତୁ ତାହା ହୋଇପାରିଲା ନାହିଁ । ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି । ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ । କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକ ଚିଠି ଲେଖିଲେ । ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ୍ୟ କରାଯିବ ନାହିଁ । ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ । ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁରଠାରେ ସାକ୍ଷାତହେଲା । ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା । ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା ? ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ । ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା । ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ । ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ । ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ । ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୯୨୮ମସିହାରେ "ସାଇମନ କମିଶନ" ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ । ଭାରତୀୟମାନେ ଏହାକୁ ବିରୋଧ କଲେ । ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀ ମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ । ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ । ଦେଶରେ ଶୋକର ଛାୟା ଖେଳିଗଲା । ଭଗତ୍ ସିଂ କାନ୍ଦି ଉଠିଲେ । ପ୍ରତିଶୋଧ ନେବା ପାଇଁ "ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲିକାନ୍ ଆର୍ମି" ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଲବୀ ଯୋଗଦେଲେ । ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା । ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ । ରାଜଗୁରୁ, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆ ଶ୍ରମିକ ମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତ ହେଲା । ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଳବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ । ଗୋରା ସାହେବମାନେ ଜୀବନ ବିକଳରେ ପଳାଇଗଲେ । ବିପ୍ଳବୀମାନଙ୍କ "ଇନ୍‌କିଲାବ ଜିନ୍ଦାବାଦ୍" ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା । ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଳବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ । ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର ।

ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ । ୧୯୩୦ ମସିହାରେ ତିନି ବିପ୍ଳବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ । ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ "ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ । ଜଣେ ବିପ୍ଳବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ ।" ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ । ଭଗତ୍ ସିଂ କହିଲେ-"ମାଜିଷ୍ଟ୍ରେଟ ସାହେବ । ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଳବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି । ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି ।" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ । ଫାଶୀ ଦଉଡିକୁ ଚୁମ୍ବନଦେଇ "ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ" । ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ, "ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ ।" ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ । ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ ।

ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ । ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍ସିଂହପୁର

ମୋ-୯୯୩୭୨୯୧୪୭୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସତ୍ୟ ହୋଇଥିଲେ ସାଂଘାତିକ



ଶଙ୍କର ବିଶ୍ୱାଳ

ଆଜି ପ୍ରତ୍ୟେକ ବ୍ୟକ୍ତି ଯେପରି ସମୟର ଆଗରେ ନିଜକୁ ହରାଇବାକୁ ବସିଛନ୍ତି । ଲୋକମାନେ ଟିକେ ଟିକେ କଥାରେ ଆତ୍ମହତ୍ୟାକୁ ଆପଣାଇ ନିଅନ୍ତି କେଜାଣି କେମିତି ଆତ୍ମହତ୍ୟା ଏହା ସମସ୍ତଙ୍କୁ କି ପ୍ରେରଣା ଦେଉଛି କେଜାଣି ?

ଗାଁଠୁ ଆରମ୍ଭ କରି ସବୁ ଧିରେ ଧିରେ ଟିକେ ଟିକେ କଥାରେ ଦୋହରି ଯାହାନ୍ତି ।

କାହାର ସଂସାଂରିକ ଜୀବନକୁ ବ୍ୟାଖ୍ୟା କରିବାକୁ ଯାଇ ଶେଷରେ ଯେବେ ମଣିଷକୁ କିଛି ରାସ୍ତା ନ ମିଳେ ସେତେବେଳେ ଆତ୍ମହତ୍ୟାକୁ ଆପଣାଇଥାଏ ।

ଖାଲି ପାରିବାରିକରୁ ନୁହଁ ସାମାଜିକ ପ୍ରଥା, ଯୌନ ଦୁଷ୍କର୍ମ ଭଳି ଏହି ଭଳି ବିଭିନ୍ନ ଆଜିକାଲିର କାର୍ଯ୍ୟକଳାପ ପାଇଁ କିଛି କିଛି ସାଧାରଣର କଥାବାର୍ତ୍ତକୁ ଆକ୍ଷେପ କରି ସାଧାରଣତଃ ଭାବରେ ମଣିଷର ଜୀବନ୍ତ ଏବଂ ମୃତ୍ୟୁରୂପକ ଆବଶ୍ୟକତାକୁ ଆପଣେଇ ସେ ତାର ସବୁକିଛି ସମ୍ପର୍କକୁ ମନେ ରଖିଥାଏ । ଏହି ଭଳି କାର୍ଯ୍ୟକଳାପ ସାରା ଭାରତ ବର୍ଷରେ ଧିରେ ଧିରେ ଦିନକୁ ଦିନ ବଢିବା ସହ ଏହା ମାତ୍ରା ସହକାରେ ଦୁର୍ନିତିଗ୍ରସ୍ତ ହେବା ସରକାରୀବାବୁ ମାନଙ୍କୁ ଆକ୍ଷେପ କରୁଛି ଯାହା ଦ୍ୱାରା ଏହା ସମାଜକୁ ଅନେକ ପ୍ରକାର ବିଭିନ୍ନ ନକରାତ୍ମକ ଭାବନା ସୃଷ୍ଟି କରୁଛନ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାହା ଦ୍ୱାରା ପ୍ରତିବର୍ଷ ୭,୦୩,୦୦୦ ଲୋକ ନିଜ ଜୀବନ ନିଅନ୍ତି ଏବଂ ଆହୁରି ଅନେକ ଲୋକ ଆତ୍ମହତ୍ୟା କରିବାକୁ ଚେଷ୍ଟା କରନ୍ତି । ପ୍ରତ୍ୟେକ ଆତ୍ମହତ୍ୟା ଏକ ଦୁଃଖଦ ଘଟଣା ଯାହା ପରିବାର, ସମ୍ପ୍ରଦାୟ ଏବଂ ସମଗ୍ର ଦେଶକୁ ପ୍ରଭାବିତ କରିଥାଏ ଏବଂ ପଛରେ ରହିଯାଇଥିବା ଲୋକଙ୍କ ଉପରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ । ଆତ୍ମହତ୍ୟା ଜୀବନସାରା ଘଟିଥାଏ ଏବଂ ୨୦୧୯ରେ ସର୍ବଭାରତୀୟ ସ୍ତରରେ ୧୫ ରୁ ୨୯ ବର୍ଷ ବୟସ୍କଙ୍କ ମଧ୍ୟରେ ମୃତ୍ୟୁର ଚତୁର୍ଥ ପ୍ରମୁଖ କାରଣ ଥିଲା ।

ଆତ୍ମହତ୍ୟା କେବଳ ଉଚ୍ଚ ଆୟକାରୀ ଦେଶରେ ନୁହେଁ, ବରଂ ବିଶ୍ୱର ସମସ୍ତ ଅଞ୍ଚଳରେ ଏହା ଏକ ବିଶ୍ୱସ୍ତରୀୟ ଘଟଣା । ବାସ୍ତବରେ, ବିଶ୍ୱ% ର ୭୭% ରୁ ଅଧିକ ଆତ୍ମହତ୍ୟା ୨୦୧୯ ରେ ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶରେ ଘଟିଥିଲା ।

ଆତ୍ମହତ୍ୟା ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା; ତଥାପି, ସମୟାନୁବର୍ତ୍ତୀ, ପ୍ରମାଣ-ଆଧାରିତ ଏବଂ ପ୍ରାୟତଃ ସ୍ୱଳ୍ପ ମୂଲ୍ୟର ହସ୍ତକ୍ଷେପ ସହିତ ଆତ୍ମହତ୍ୟାକୁ ରୋକାଯାଇ ପାରିବ । ଜାତୀୟ ପ୍ରତିକ୍ରିୟା ପ୍ରଭାବଶାଳୀ ହେବା ପାଇଁ ଏକ ବ୍ୟାପକ ବହୁମୁଖୀ ଆତ୍ମହତ୍ୟା ରୋକିବା ରଣନୀତି ଆବଶ୍ୟକ ।

କିଏ ବିପଦରେ ?

ଆତ୍ମହତ୍ୟା ଏବଂ ମାନସିକ ବିକୃତି (ବିଶେଷତଃ, ଉଦାସୀନତା ଏବଂ ମଦ୍ୟପାନର ବ୍ୟାଧି) ମଧ୍ୟରେ ଲିଙ୍କ୍ । ଉଚ୍ଚ ଆୟକାରୀ ଦେଶମାନଙ୍କରେ ଭଲ ଭାବରେ ପ୍ରତିଷ୍ଠିତ ହୋଇଥିବା ବେଳେ ଅନେକ ଆତ୍ମହତ୍ୟା ସଙ୍କଟ ମୂହୁର୍ତ୍ତରେ ଘଟିଥାଏ ଯେପରି ଜୀବନ ଭଳି ଚାପକୁ ମୁକାବିଲା କରିବାର କ୍ଷମତା ଭାଙ୍ଗିଯାଏ । ସମସ୍ୟା, ସମ୍ପର୍କ ଭାଙ୍ଗିବା କିମ୍ବା କ୍ରନିକ ଯନ୍ତ୍ରଣା ଏବଂ ଅସୁସ୍ଥତା ।.

ଏଥିସହ ଦ୍ୱନ୍ଦ୍ୱ, ବିପର୍ଯ୍ୟୟ, ହିଂସା, ଅପବ୍ୟବହାର, କିମ୍ବା କ୍ଷତି ଏବଂ ବିଚ୍ଛିନ୍ନତାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁଭବ ଆତ୍ମହତ୍ୟା ଆଚରଣ ସହିତ ଦୃଢ଼ ଭାବରେ ଜଡିତ । ଦୁର୍ବଳ ଗୋଷ୍ଠୀ ମଧ୍ୟରେ ଆତ୍ମହତ୍ୟାହାର ମଧ୍ୟ ଅଧିକ, ଯେଉଁମାନେ ଭେଦଭାବ ଅନୁଭବ କରନ୍ତି, ଯେପରିକି ଶରଣାର୍ଥୀ ଏବଂ ପ୍ରବାସୀ; ଆଦିବାସୀ; ସମଲିଙ୍ଗୀ, ବାଇସେକ୍ସୁଆଲ୍, ଟ୍ରାନ୍ସଜେଣ୍ଡର, ଇଣ୍ଟରସେକ୍ସ ବ୍ୟକ୍ତି; ଏବଂ ବନ୍ଦୀମାନେ ଆତ୍ମହତ୍ୟା ପାଇଁ ଏପର୍ଯ୍ୟନ୍ତ ସବୁଠାରୁ ବିପଦପୂର୍ଣ୍ଣ କାରଣ ହେଉଛି ପୂର୍ବ ଆତ୍ମହତ୍ୟା ଉଦ୍ୟମ ।

ଆତ୍ମହତ୍ୟା କରିବାର ପଦ୍ଧତି ।

ଅନୁମାନ କରାଯାଏ ଯେ ବିଶ୍ୱର ପ୍ରାୟ ୨୦% ଆତ୍ମହତ୍ୟା କୀଟନାଶକ ଆତ୍ମ-ବିଷାକ୍ତ କାରଣରୁ ହୋଇଥାଏ, ଯାହା ମଧ୍ୟରୁ ଅଧିକାଂଶ ସ୍ୱଳ୍ପ ଏବଂ ମଧ୍ୟମ ଆୟ ଦେଶରେ ଗ୍ରାମାଞ୍ଚଳର କୃଷି କ୍ଷେତ୍ରରେ ଘଟିଥାଏ । ଆତ୍ମହତ୍ୟାର ଅନ୍ୟ ସାଧାରଣ ପଦ୍ଧତିଗୁଡ଼ିକ ଫାଶୀ ଏବଂ ଅସ୍ତ୍ରଶସ୍ତ୍ର ।

ସାଧାରଣତଃ ବ୍ୟବହୃତ ଆତ୍ମହତ୍ୟା ପଦ୍ଧତି ବିଷୟରେ ଜ୍ଞାନ ପ୍ରତିରୋଧ ରଣନୀତି ପ୍ରସ୍ତୁତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହାକି ପ୍ରଭାବଶାଳୀ ବୋଲି ଦର୍ଶାଯାଇଛି, ଯେପରିକି ଆତ୍ମହତ୍ୟାର ପ୍ରବେଶ ଉପରେ ପ୍ରତିବନ୍ଧକ ।

ପ୍ରତିରୋଧ ଏବଂ ନିୟନ୍ତ୍ରଣ ।

ଆତ୍ମହତ୍ୟାକୁ ରୋକାଯାଇପାରିବ । ଆତ୍ମହତ୍ୟା ଏବଂ ଆତ୍ମହତ୍ୟା ଉଦ୍ୟମକୁ ରୋକିବା ପାଇଁ ଜନସଂଖ୍ୟା, ଉପ-ଜନସଂଖ୍ୟା ଏବଂ ବ୍ୟକ୍ତିଗତ ସ୍ତରରେ ଅନେକ ପଦକ୍ଷେପ ନିଆଯାଇପାରେ । ଜୀବନ୍ତ ଜୀବନ, ଆତ୍ମହତ୍ୟା ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଭିମୁଖ୍ୟ, ନିମ୍ନଲିଖିତ ପ୍ରମୁଖ ପ୍ରଭାବଶାଳୀ ପ୍ରମାଣ-ଆଧାରିତ ହସ୍ତକ୍ଷେପକୁ ସୁପାରିଶ କରେ ।

ଗୁଡିଆଳୀ, କବିସୂର୍ଯ୍ୟନଗର, ଗଞ୍ଜାମ, +୨ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଠଗଡ ପଟ୍ଟଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମେ କଣ ସତରେ ସ୍ୱାଧୀନ ?



ଅନନ୍ତ କୁମାର

ଭାରତରେ ଆଜି ବି କୋଣ ଅନୁକୋଣରେ ସ୍ୱାଧୀନ ବୋଲି ମନେ ହୁଏ ନାହିଁ ବେଳେ ବେଳେ ଅନୁଭବ ହୁଏ ଯେମିତି ଆମେ ଇଂରେଜ କବଳରେ ଅଛୁ, ଆଉ ତାଙ୍କ ଇସାରାରେ ନାଚୁଛୁ ଏବେ ବି । ଏମିତି ଏ ଭାରତବର୍ଷ ରାଜନେତାଙ୍କ କବଳରେ ଚାଲିଛି ଏ ସମ୍ବିଧାନ ଆଉ ନିୟମ କାନୁନ ସବୁ ଯେପରି ସେହି ସମ୍ବିଧାନ ପୋଥିରେ ଲିପିବଦ୍ଧ ହେଇ ରହିଯାଇଛି । ଏଠି ନେତାଙ୍କ ଇସାରାରେ ଏ ଆଇନ କାନୁନ ଚାଲିଛି ପ୍ରତ୍ୟେକ ସାଧାରଣ ଲୋକ ଏଠି ନିର୍ଯାତନାର ଶିକାର ହେଉଛି ନ୍ୟାୟ ନ ପାଇ ଯେମିତି ତା ପାଇଁ ନ୍ୟାୟ ନାହିଁ, ତା'ର ବଞ୍ଚିବାର ଅଧିକାର ନାହିଁ, ଆଉ ଯଦି ବଡ ବଡ ନେତାଙ୍କ କଥା ଉଠେ ତାଙ୍କ ପାଇଁ ଏ ଆଇନ କାନୁନ ସବୁ ଠିକ୍ ଅଛି । ଆଜି ବି ସାଧାରଣ ଲୋକଟିଏ ଥାନାକୁ ଯଦି ନ୍ୟାୟ ପାଇଁ ଯାଉଛି ତାକୁ ଡର ଲାଗୁଛି, ଆଉ ଥାନାରେ ଥିବା ଅଧିକାରୀ ଏମିତି ନିର୍ଯାତନା ଦେଉଛନ୍ତି ଲୋକ ମୋକଦ୍ଦମା କରିବା ଡରୁଛନ୍ତି । ଆଜି ଏମିତି ଏ ଥାନା କୋର୍ଟ କଚେରୀ ଚାଲିଛି । ଆପଣମାନେ ଜାଣିଛନ୍ତି କାର୍ଯ୍ୟାଳୟ ଭିତରେ ଭାରତୀୟ ପତାକା ସବୁ ମହାପୁରୁଷମାନଙ୍କ ଫୋଟୋ ଲାଗିଛି ହେଲେ ସାଧାରଣ ଲୋକଙ୍କ ଟିକସରେ ଚାକିରି କରିଥିବା ବାବୁମାନଙ୍କ କାର୍ଯ୍ୟ କିନ୍ତୁ ଅଲଗା, ସାଧାରଣ ଲୋକଟିଏ କେସ ଦେବାକୁ ଗଲେ ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରୁ ଏହି ବଡ ବଡ ରାଜ ନେତା ଏବଂ ମନ୍ତ୍ରୀଙ୍କ ଫୋନ ସେ ଥାନାକୁ ଯାଇ ସାରିଥିବ ଆଉ ତା ପରେ ଯାହା ହେବ ସମସ୍ତେ ଜାଣନ୍ତି । ଏଠି ଅପରାଧୀକୁ ବାନ୍ଧିବାକୁ ହେଲେ ରାଜ ନେତାଙ୍କ ଅନୁମତି ପୋଲିସ ବାବୁଙ୍କୁ ଦରକାର ପଡୁଛି ଯଦି ବି କେହି ସଚ୍ଚୋଟ ପୋଲିସ୍ ବାବୁ ଅପରାଧୀଙ୍କୁ ବାନ୍ଧିବାକୁ ଚେଷ୍ଟା କରୁଛି, ତାହା ହେଲେ ୨ ଦିନ ଭିତରେ ଅନ୍ୟ ଯାଗାକୁ ବଦଳି କରି ଦିଆଯାଉଛି । ନ ହେଲେ ହତ୍ୟାର ଧମକ, ଏହା କଣ ଆମ ସମ୍ବିଧାନରେ ଲେଖା ଅଛି ?

ଆମ ଦେଶର ଗଣମାଧ୍ୟମ ଆଉ ସାମ୍ବାଦିକ ପ୍ରାୟତଃ ସେମାନେ ନେତାଙ୍କ ଇସାରାରେ ଖବର ପ୍ରସାରଣ କରୁଛନ୍ତି ସାଧାରଣ ଲୋକଙ୍କର ଦୁଃଖ ଏବଂ ଅସୁବିଧା ଖବର ବହୁତ କମ ପ୍ରସାରଣ କରା ଯାଉଛି କିନ୍ତୁ ନେତାଙ୍କ କଥା ଅଧିକ, ଯଦି କୌଣସି ଗଣ ମାଧ୍ୟମ ସଚ୍ଚୋଟ ଭାବେ ଖବର ପ୍ରସାରଣ କରୁଛି ତାହା ହେଲେ ତାକୁ ଦିନ ଦ୍ୱିପହରେ ଆକ୍ରମଣ ସହ ହତ୍ୟା ବି କରା ଯାଉଛି । ଏହା କଣ ସମ୍ବିଧାନର ୪ର୍ଥ ସ୍ତମ୍ଭରେ ଉଲ୍ଲେଖ ଅଛି ? ଆଜି ବି ସଂଧ୍ୟା ପରେ ଡର ଲାଗୁଛି ନାରୀମାନଙ୍କୁ ବାହାରକୁ ଯିବାକୁ କଣ ପାଇଁ ? ବଡ ବଡ ରାଜନେତାଙ୍କ ଝିଅ ବୋହୂ ରାତିରେ ବୁଲି ପାରିବେ ହେଲେ ସାଧାରଣ ଲୋକ ବୁଲିବା ରାତିରେ ବହୁତ କଷ୍ଟ ସାଧ୍ୟ କିନ୍ତୁ ରାଜନେତାଙ୍କ ଝିଅ ବୋହୂ ଏଠି ସୁରକ୍ଷିତ, କିନ୍ତୁ ସାଧାରଣ ଝିଅ ବୋହୂ ସୁରକ୍ଷିତ ନୁହଁନ୍ତି । ଦିନରାତି ପ୍ରତ୍ୟେକ ଦିନ ନା ବାଳିକାଠାରୁ ଆରମ୍ଭ କରି ସାବାଳିକା ପର୍ଯ୍ୟନ୍ତ ସମସ୍ତେ ଧର୍ଷଣ ହେଉଛନ୍ତି କାହାକୁ କେତେ ନ୍ୟାୟ ମିଳୁଛି ? ଏ ବଡ ବଡ ସରକାରୀ ଅଫିସରେମାନେ ସତରେ ନ୍ୟାୟ ଦେଉଛନ୍ତି ନା ବରଂ କଥାକୁ ଚାପି ଦେବାକୁ ଚେଷ୍ଟା କରୁଛନ୍ତି କାରଣ ଏ ଥାନା କୋର୍ଟ କଚେରୀ ରାଜ ନେତାଙ୍କ ଅଙ୍ଗୁଠା ନିର୍ଦ୍ଦେଶରେ ଚାଲିଛି । ଆଉ ଏ ପୋଲିସ୍ ପ୍ରଶାସନ ହାତ ବାନ୍ଧି ବସିଛି ଏମିତି ଚାଲିଛି ଏ ଶାସନ । ଅନୁଭୂତ ହେଉଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ଇଂରେଜମାନେ ଆମକୁ ଶାସନ କରୁଛନ୍ତି ସାଧାରଣ ଲୋକଟିଏ ନ୍ୟାୟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛି କିନ୍ତୁ ଯଦି ବଡ ବଡ ବାବୁଙ୍କ ନେତାଙ୍କ ନ୍ୟାୟ ଥିବ କେସ ହେବା ପୂର୍ବରୁ ନ୍ୟାୟ ମିଳୁଛି ଏହା କଣ ସମ୍ବିଧାନରେ ଲେଖା ଅଛି ? ରାଷ୍ଟ୍ରୀୟ ପତାକା ଛୁଇଁ ବଡ ବଡ ଅଫିସର କୁହନ୍ତି ଆମେ ନ୍ୟାୟ ପାଇଁ ଲଢିବୁ, ସାଧାରଣ ଲୋକଙ୍କ ପାଇଁ ଦିନ ରାତି କାମ କରିବୁ ଆଉ ଦେଶ ପାଇଁ କାମ କରିବୁ, ଏ ସବୁ ମିଛ ଶପଥ କରି ଆସୁଛନ୍ତି ଏମାନେ ସମସ୍ତେ ନେତାଙ୍କ ପାଇଁ କାମ କରୁଛନ୍ତି, ଏଇଟା କଣ ଆମ ସମ୍ବିଧାନରେ ଉଲ୍ଲେଖ ଅଛି ଶପଥ କରିବୁ ହେଲେ କାର୍ଯ୍ୟ କରିବୁ ନାହିଁ ? ତାହା ହେଲେ କେମିତି କହିବୁ ଆଜି ଆମେ ସ୍ୱାଧୀନ ବୋଲି ଦେଶର ନ୍ୟାୟ ବ୍ୟବସ୍ଥା କେବେଠୁ ଖତ ଖାଇ ଗଲାଣି ଆଉ ମଣିଷ ପଣିଆବି ସବୁ ଏଠି ଜାଲିଆତି ସବୁ ଖାଲି ପ୍ରହସନ, ସବୁ ବେଳେ ଗୋଟିଏ ଶବ୍ଦ ନେତା ଏବଂ ବଡ ବଡ ସରକାରୀ ଅଫିସର ମାନଙ୍କ ମୁହଁରେ ତଦନ୍ତ ଚାଲୁଅଛି ଆଇନ ତା ବାଟରେ ଯିବ । ଆଇନ କେଉଁ ବାଟରେ ଯାଉଛି ସମସ୍ତେ ଜାଣନ୍ତି ଏଠି ଆଇନ ନେତାମାନଙ୍କ ବାଟରେ ଯାଉଛି ଏହା କଣ ଆମ ସମ୍ବିଧାନରେ ଲେଖା ଅଛି ? କେବଳ ଏଠି ନେତାମାନଙ୍କ ମିଛ ଭାଷଣ ପ୍ରତ୍ୟେକ ବର୍ଷ ୨୬ ସାଧାରଣତନ୍ତ୍ର ଦିବସ ଆଉ ୧୫ ଅଗଷ୍ଟରେ ଜାତୀୟ ପତାକା ତଳେ ଛିଡା ହେଇ । କେମିତି ଆମେ କହିବୁ ଆମେ ସ୍ୱାଧୀନ ବୋଲି, ସବୁ ମିଛ, ପ୍ରହସନ, ଆଜି ୭୪ ବର୍ଷ ପରେ ଅନୁଭବ ହେଉଛି ଆମ ଭାରତର ଜନସାଧାରଣ ପରାଧୀନ ।

ତିହିଡି, ଭଦ୍ରକ, ଯୋଗାଯୋଗ-୮୩୩୯୮୩୯୯୭୮

କାର୍ଯ୍ୟକାରୀ ସମ୍ପାଦକ, ଜାତୀୟ କବି ଲେଖକ ସଂଗଠନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରହସ୍ୟମୟ ଇତିହାସ



ସୁଧାଂଶୁ ଶେଖର ଦ୍ୱିବେଦୀ

ସିନ୍ଧୁ ଘାଟି:- ହଜାର ବର୍ଷ ପୂର୍ବରୁ ସିନ୍ଧୁ ଘାଟିର ସଭ୍ୟତା ବିଲୁପ୍ତ ହୋଇସାରିଛି । କିନ୍ତୁ ତା'ର ଅବଶେଷ ଆଜି ବି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ଏହି ସଭ୍ୟତା କେମିତି ଶେଷ ହେଲା ? ତା'ର କାରଣ କଣ ଥିଲା ? ଏହି ପ୍ରଶ୍ନର ଉତ୍ତର ଆଜିଯାଏ କାହାକୁ ମିଳିନାହିଁ ।

ରକ ପେଣ୍ଟିଂ:- ଛତିଶଗଡ଼ ରାଜ୍ୟର ଚରମା ସ୍ଥାନରେ ୯ ହଜାର ବର୍ଷ ପୁରୁଣା ରକ ପେଣ୍ଟିଂ ମିଳିଛି । ଯେଉଁଥିରେ ୟୁ ଫ ଓ ଏବଂ ଏଲିୟାନର ଚିତ୍ର ଅଙ୍କିତ ଅଛି । ଏହି ରକରେ ଏଲିୟାନର ଚିତ୍ର କଣପାଇଁ ଅଛି ? ସତରେ କଣ ଏଲିୟାନ ଧରିତ୍ରୀ ପୃଷ୍ଠକୁ ଆସି ଥିଲେ ? ଏପର୍ଯ୍ୟନ୍ତ ଏହା ରହସ୍ୟାବୃତ୍ତ ହୋଇ ରହିଛି ।

ସୁନା ଭଣ୍ଡାର ଗୁମ୍ଫା- ବିହାର ପ୍ରଦେଶର ରାଜଗିର ସହରରେ ସୁନା ଭଣ୍ଡାରର ଗୁମ୍ଫା ଅବସ୍ଥିତ । ଶୁଣାଯାଏ ମହାରାଜା ବିମ୍ବିସାର ଏକ ଲକ୍ଷ ଟନ ସୁନା ଏହି ଗୁମ୍ଫାରେ ଲୁଚାଇ ରଖିଥିଲେ । କିନ୍ତୁ ସେସବୁ ସୁନା ଆଜିଯାଏ କାହାକୁ ମିଳିନାହିଁ । ଥରେ ଇଂରେଜମାନେ ବାରୁଦ ଲଗାଇ ଗୁମ୍ଫାକୁ ଭାଙ୍ଗିବାକୁ ପ୍ରୟାସ କରିଥିଲେ । ହେଲେ ସେମାନଙ୍କ ପ୍ରୟାସ ବିଫଳ ହୋଇଥିଲା ।

ଅଶୋକଙ୍କ ନବରତ୍ନ:- ଲୋକକଥାରୁ ଶୁଣାଯାଏ ସମ୍ରାଟ ଅଶୋକ ୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣ ବିଜ୍ଞ ଜନଙ୍କୁ ନେଇ ନବରତ୍ନ ସିକ୍ରେଟ ସୋସାଇଟି ଗଢ଼ି ଥିଲେ । ତାଙ୍କ ରାଜକାର୍ଯ୍ୟ ସୁଚାରୁ ରୂପେ ଚଳେଇବା ସକାଶେ ସନ୍ନ୍ୟାସ ଗ୍ରହଣ କରିବା ପୂର୍ବରୁ ତାହା ସେ ଆରମ୍ଭ କରିଥିଲେ । ଏହି ୯ ଜଣ ବିଜ୍ଞ ଜନ କିଏ ଥିଲେ ତାହା ଆଜି ବି ରହସ୍ୟ ଘେରରେ ଅଛି ।

ଜୟଗଡ଼ କିଲ୍ଲା:- ରାଜସ୍ଥାନ ଜୟପୁରର ମହାରାଜା ଜୟ ସିଂହ ଜୟଗଡ଼ କିଲ୍ଲା ନିର୍ମାଣ କରିଥିଲେ । ଉକ୍ତ କିଲ୍ଲା ମଧ୍ୟରେ କୋଟି କୋଟି ଟଙ୍କାର ଆଭୂଷଣ ଗଚ୍ଛିତ ଅଛି ବୋଲି ଶୁଣାଯାଏ । ଦେଶରେ ଆପାତକାଳୀନ ପରିସ୍ଥିତିରେ ତତ୍କାଳୀନ ସରକାର ସେସବୁ ଆଭୂଷଣ ଖୋଜିବାରେ ପ୍ରୟାସ କରିଥିଲା । ପରନ୍ତୁ ବହୁ ପ୍ରୟାସ ପରେ ମଧ୍ୟ କିଲ୍ଲାରୁ କିଛି ମିଳି ନଥିଲା ।

କୂଳଧରା ଗାଁ:- ରାଜସ୍ଥାନର ଜୈସେଲମର ଜିଲ୍ଲାରେ ଆଜିଠାରୁ ୨୦୦ ବର୍ଷ ପୂର୍ବେ ଗୋଟେ ଗାଁ ଥିଲା କୂଳଧରା । ଏଠାକାର ଲୋକମାନେ ରାତାରାତି ଗାଁ ଖାଲି କରିଦେଲେ । ସେବେଠାରୁ ଗାଁଟି ଶୂନଶାନ ପଡିଛି । ଏହି ଗାଁର ଲୋକମାନେ କୁଆଡେ ଗଲେ ? ସେମାନେ ରାତାରାତି କଣାପାଇଁ ଚାଲିଗଲେ ? ଆଜିଯାଏ ରହସ୍ୟବୃତ୍ତ ।

ପ୍ରହଲ୍ଲାଦ ଜାନୀ:- ଗୁଜୁରାଟର ମେହସାଣା ଜିଲ୍ଲାରେ ୮୩ ବର୍ଷୀୟ ପ୍ରହଲ୍ଲାଦ ଜାନୀ ରହନ୍ତି । ତାଙ୍କ କହିବା ଅନୁସାରେ ଦୀର୍ଘ ୮୦ ବର୍ଷ ଯାଏ ସେ କିଛି ବି ଖାଇ ନାହାନ୍ତି । କେବଳ ସୂର୍ଯ୍ୟ ରଶ୍ମି ଏବଂ ପବନ ଦ୍ୱାରା ଜୀବିତ ଅଛନ୍ତି । ତାଙ୍କ କଥନକୁ ସ୍ୱୀକାର କରି ଗବେଷଣା କରା ହେଲା । ସତକୁସତ ସେ ୮୦ ବର୍ଷ ଧରି କିଛି ଖାଇ ନାହାନ୍ତି ବୋଲି ନିଷ୍କର୍ଷ ବାହାରିଲା । କିନ୍ତୁ ଆଶ୍ଚର୍ଯ୍ୟ କଥା ଏତେବର୍ଷ ଯାଏ କିଛି ଖିଆ ପିଆ ନ କରି କେମିତି ଜୀବିତ ଅଛନ୍ତି ତାହା ରହସ୍ୟ ଅଟେ ।

ମୀର ଉସମାନ ଖାଁଙ୍କ ଖଜଣା:- ହୈଦରାବାଦରେ ନିଜାମ ମୀର ଉସମାନ ଖାଁଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୯୩୭ ମସିହାରେ ଟାଇମ ମେଗାଜିନ ଦୁନିଆର ସବୁଠୁ ଧନୀ ବ୍ୟକ୍ତି ବୋଲି ଘୋଷିତ କରିଥିଲା । ସେ ଅମାପ ଧନ ସମ୍ପତ୍ତିର ଅଧିକାରୀ ଥିଲେ । କିନ୍ତୁ ତାଙ୍କ ମୃତ୍ୟୁ ପରେ ବିପୁଳ ଧନ ସମ୍ପତ୍ତିର କୌଣସି ଖୋଜ ଖବର ମିଳି ନଥିଲା ।

୫୫୦ ବର୍ଷର ପୁରୁଣା ମମି:- ହିମାଚଳ ପ୍ରଦେଶର ସ୍ପୀତି ଅଞ୍ଚଳରେ ୫୫୦ ବର୍ଷ ପୁରୁଣା ସଂଘା ତେନଜିନଙ୍କ ମମି ଅବସ୍ଥିତ । ସେବେଠାରୁ ଆଜିଯାଏ ତାଙ୍କ ନଖ ଏବଂ ଚୁଳ ବଢି ଚାଲିଛି । ଏମିତି କଣପାଇଁ ହେଉଛି ଏଭଳି ରହସ୍ୟ ଆଜି ପର୍ଯ୍ୟନ୍ତ କେହି ବି ଖୋଜି ପାଇ ନାହାନ୍ତି ।

ବିସି-୭୪,ସଲଟ ଲେକ,କଲକାତା- ୬୪

ମୋ-୯୬୮୧୩୭୩୫୧୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମାର୍ଚ୍ଚ ୨୦୨୩

ଲେଖା ପଠାଇବାର ଶେଷ ତାରିଖ : ୩ ମାର୍ଚ୍ଚ ୨୦୨୩

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


## aahwaan@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan